# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୮/୨୦୨୨ (୧୬ ପୃଷ୍ଠା) | Sambalpur, Wednesday, September 28/2022 Page 16 ₹ 7.00 ★★

୧୮ଶ ଭାଗ ୨୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 282 | ମୂଲ୍ୟ ₹୭/-




## ଗାଭାସ୍କରଙ୍କୁ ଏସ୍‌ଜେଏଫ୍‌ଆଇ ପଦକ
ସୁନୀଲ ଗାଭାସ୍କରଙ୍କୁ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସଜେଏଫ୍‌ଆଇ) ପଦକରେ ସମ୍ମାନିତ କରାଯାଇଛି।

୧୬

୧୨

## ଐଶ୍ୱର୍ଯ୍ୟାଙ୍କ ଗୁରୁଭକ୍ତି
'ପୋନିୟିନ ସେଲଭାନ:୧' ଫିଲ୍ମର ପ୍ରମୋଶନ ବେଳେ ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଫିଲ୍ମ ନିର୍ମାତା ମଣି ରତ୍ନମଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଛନ୍ତି।





ଇନ୍‌ଭେଷ୍ଟର୍ସ ମିଟ୍ ପାଇଁ ବେଙ୍ଗାଲୁରୁ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ୱିପ୍ରୋ ଲିମିଟେଡ୍‌ର ପୂର୍ବତନ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ ସାକ୍ଷାତ କରିଛନ୍ତି।

## ଆଜି ବେଙ୍ଗାଲୁରୁ ଇନ୍‌ଭେଷ୍ଟର୍ସ ମିଟ୍

### ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଦିଲ୍ଲୀ, ମୁମ୍ବାଇ ପରେ ବେଙ୍ଗାଲୁରୁଠାରେ ବୁଧବାର ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଏକ ପ୍ରତିନିଧି ଦଳ ସହ ମଙ୍ଗଳବାର ବେଙ୍ଗାଲୁରୁରେ ପହଞ୍ଚିଛନ୍ତି। ବୁଧବାର ସନ୍ଧ୍ୟାରେ ଓଡ଼ିଶା ସରକାର ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ସହଯୋଗରେ ତାଜ ୱେଷ୍ଟ ଏଣ୍ଡ ☞ପୃଷ୍ଠା-୪






# ଯୋଜନାବଦ୍ଧ ପିଲାଚୋରି

## ଏସ୍‌ସିବିରୁ ଶିଶୁକନ୍ୟା ନେଇଥିବା ଦମ୍ପତି ଗିରଫ

କଟକ ଅଫିସ,୨୭।୯

ପିଲା ଚୋରିକୁ ନେଇ ଏବେ ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ବିଶ୍ୱସ୍ତରୀୟ ହେବାକୁ ଯାଉଥିବା କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ। ସୋମବାର ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହେଉଥିବା ଏକ ନବଜାତ ଶିଶୁ କନ୍ୟା ଚୋରି ଘଟଣା ଏଠାକାର ସୁରକ୍ଷା ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏସ୍‌ଏନ୍‌ସିୟୁ ଭଳି କଡ଼ା ସୁରକ୍ଷା ବଳୟ ସ୍ଥାନରୁ ଶିଶୁ କନ୍ୟାକୁ କିଭଳି ଆଉ ଏକ ଦମ୍ପତି ନେଇଗଲେ ତାକୁ ନେଇ ଉଠିଛି ପ୍ରଶ୍ନ। ଏଠାରେ ପିଲା ଚୋରି ର୍ୟାକେଟ ସକ୍ରିୟ ଭାବେ କାମ କରିବା ସହ ସେମାନଙ୍କୁ ହସ୍ପିଟାଲର କିଛି କର୍ମଚାରୀ ସହଯୋଗ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଅପରପକ୍ଷରେ ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରାଯାଇଛି। ସେମାନଙ୍କ ସମ୍ପର୍କରେ ତଦନ୍ତ ଜାରି ରହିଛି। ସେ କିପରି ଏସ୍‌ଏନ୍‌ସିୟୁ ମଧ୍ୟକୁ ପ୍ରବେଶ କଲେ, ଅନ୍ୟ କେଉଁମାନଙ୍କ ଏଥିରେ ସମ୍ପୃକ୍ତି ରହିଛି ଏବଂ ବ୍ୟବସ୍ଥାରେ କ'ଣ ସବୁ ତ୍ରୁଟି ରହିଛି ସେ ନେଇ ମଧ୍ୟ ତଦନ୍ତ ଚାଲିଛି। ଆମ ପାଖରେ ସିସିଟିଭିର ସମ୍ପୂର୍ଣ୍ଣ ଫୁଟେଜ ଅଛି। ତାର ଆଧାରରେ ଆମେ ପୋଲିସକୁ ସମସ୍ତ ତଥ୍ୟ ଦେଇଛୁ। ଯେଉଁମାନେ ଏଥିରେ ସମ୍ପୃକ୍ତ ରହିଛନ୍ତି ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମେଡିକାଲ ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ କହିଛନ୍ତି। ସେହିପରି କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଏହା ଏକ ସୁଚିନ୍ତିତ ଏବଂ ଯୋଜନାବଦ୍ଧ କାର୍ଯ୍ୟ। ନକଲି ପ୍ରମାଣ ପତ୍ର ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିବା ପରେ ଶିଶୁକନ୍ୟାକୁ ନେଇଥିବା ଦମ୍ପତିଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ଆଇପିସି ଦଫା ୩୬୩, ୩୭୦(ଏ), ୪୫୫, ୪୬୭, ୪୬୮, ୪୭୧/୩୪ରେ ଏକ ମାମଲା (ନଂ.୨୪୫/୨୦୨୨) ରୁଜୁ କରାଯାଇଛି। ଏଥିସହ ଦମ୍ପତି ବବଲୁ ବେହେରା(୨୬) ଏବଂ ସୁଇଟି ରାଉତ(୨୧)ଙ୍କୁ ଗିରଫ କରାଯାଇଛି ବୋଲି ମିଶ୍ର କହିଛନ୍ତି।

ସୂଚନା ଅନୁଯାୟୀ ପୁରୀ ଜିଲା ଚନ୍ଦନପୁର ଥାନା ଅଧୀନ ତୋଫାନ କୁମାର ଜେନାଙ୍କ ୫ଦିନ ପୂର୍ବରୁ ଯାଆଁଳା ଶିଶୁ କନ୍ୟା ଜନ୍ମ ହୋଇଥିଲେ। ସେଥିମଧ୍ୟରୁ ସାନ କନ୍ୟାକୁ ଏସ୍‌ଏନ୍‌ସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିଲା। ତେବେ ସୋମବାର ଅପରାହ୍ନ ୩ଟା ବେଳେ ତୋଫାନ ଏସ୍‌ଏନ୍‌ସିୟୁରେ ଥିବା ତାଙ୍କ ଶିଶୁ କନ୍ୟା ଚୋରି ହୋଇଯାଇଥିବା ଜାଣିବା ପରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ☞ପୃଷ୍ଠା-୪






## ଆଶା ପାରେଖଙ୍କୁ ଦାଦା ସାହେବ ଫାଲ୍‌କେ



ନୂଆଦିଲ୍ଲୀ,୨୭।୯: ଖ୍ୟାତନାମା ଅଭିନେତ୍ରୀ ଆଶା ପାରେଖଙ୍କୁ ବର୍ଷ ୨୦୨୦ ପାଇଁ ମର୍ଯ୍ୟାଦାଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦିଆଯିବ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ଅନୁରାଗ କହିଛନ୍ତି, ବର୍ଷୀୟାନ ଅଭିନେତ୍ରୀ ଆଶା ପ୍ରାୟ ୯୫ ଫିଲ୍ମରେ ଅଭିନୟ କରିଛନ୍ତି। ସେ ୧୯୯୮ରୁ ୨୦୦୧ ପର୍ଯ୍ୟନ୍ତ ସେନ୍ସର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଏପଟ ନା ସେପଟ**

## ହକି ବିଶ୍ୱକପ୍ ପାଇଁ କାର୍ଯ୍ୟସୂଚୀ ଘୋଷିତ

ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)




- ଆର୍ଜେଣ୍ଟିନା-ଦକ୍ଷିଣ ଆଫ୍ରିକା ଉଦ୍‌ଘାଟନୀ ମ୍ୟାଚ
- ଭାରତ ପ୍ରଥମେ ସ୍ପେନ୍‌କୁ ଭେଟିବ
- କଳିଙ୍ଗ ଷ୍ଟାଡିୟମରେ ସେମିଫାଇନାଲ ଓ ଫାଇନାଲ

ଓଡ଼ିଶାରେ ଦ୍ୱିତୀୟ ଥର ପାଇଁ ହେବାକୁ ଯାଉଥିବା ହକି ବିଶ୍ୱକପ୍‌ର ଆଗାମୀ ସଂସ୍କରଣ ପାଇଁ ମଙ୍ଗଳବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଭୁବନେଶ୍ୱର ଓ ରାଉରକେଲାରେ ଏହି ପ୍ରତିଯୋଗିତା ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୪୪ଟି ମ୍ୟାଚ ଖେଳାଯିବ। ଭୁବନେଶ୍ୱରରେ ୨୪ଟି ଓ ରାଉରକେଲାରେ ୨୦ଟି ମ୍ୟାଚ ଅନୁଷ୍ଠିତ ହେବ। ୧୩ ତାରିଖ ଅପରାହ୍ନ ୧ଟାରେ ୨୦୧୬ ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଆର୍ଜେଣ୍ଟିନା ଓ ଆଫ୍ରିକାର ସର୍ବୋଚ୍ଚ ର୍ୟାଙ୍କ୍‌ପ୍ରାପ୍ତ ଦଳ ଦକ୍ଷିଣ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଦ୍ୱିତୀୟ ମ୍ୟାଚ ସେହିଦିନ ଅପରାହ୍ନ ୩ଟାରେ ବିଶ୍ୱର ନମ୍ବରୱାନ ଦଳ ଅଷ୍ଟ୍ରେଲିଆ ଓ ଫ୍ରାନ୍ସ ମଧ୍ୟରେ ଖେଳାଯିବ। ୨୦୧୮ ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମ ଥର ପାଇଁ ଏଫ୍‌ଆଇଏଚ୍ ବିଶ୍ୱକପ୍ ମ୍ୟାଚ ଆୟୋଜନ କରିବାକୁ ଯାଉଥିବା ରାଉରକେଲାର ନବନିର୍ମିତ ବିର୍ସାମୁଣ୍ଡା ଷ୍ଟାଡିୟମରେ ୧୩ ତାରିଖ ଅପରାହ୍ନ ୫ଟାରେ ଇଂଲଣ୍ଡ-ୱେଲ୍ସ ଏବଂ ରାତି ୭ଟାରେ ଭାରତ ଏହାର ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ଭେଟିବ। କାର୍ଯ୍ୟସୂଚୀ ଅନୁସାରେ ପ୍ରତି ଦଳ ଉଭୟ ଭେନ୍ୟୁରେ ଖେଳିବ। ☞ପୃଷ୍ଠା-୪

# ଆଷ୍ଟରଏଡ୍‌କୁ ଧକ୍କାଦେଲା ସ୍ପେସ୍‌କ୍ରାଫ୍ଟ

କେପ୍ କାନାଭେରାଲ, ୨୭।୯

ପୃଥିବୀକୁ ବାହ୍ୟ ବିପଦରୁ ରକ୍ଷା ପାଇଁ ଆମେରିକୀୟ ମହାକାଶ ଏଜେନ୍ସି ନାସାର ପରୀକ୍ଷଣ ମଙ୍ଗଳବାର ସଫଳ ହୋଇଛି। ଡାର୍ଟ (ଡବଲ ଆଷ୍ଟରଏଡ ରିଡିରେକ୍ସନ୍ ଟେଷ୍ଟ) ମିଶନରେ ମହାକାଶକୁ ପଠାଯାଇଥିବା ସ୍ପେସ୍‌କ୍ରାଫ୍ଟ ସଫଳତାର ସହ ଡାଇମୋର୍ଫସ୍ ଆଷ୍ଟରଏଡ୍‌କୁ ଧକ୍କା ଦେଇଛି। ଡାର୍ଟ ସ୍ପେସ୍‌କ୍ରାଫ୍ଟ ୨୨,୫୦୦ କିମି ପ୍ରତି ଘଣ୍ଟାରେ ଯାଇ ୧୬୦ ମିଟର ବ୍ୟାସ ବିଶିଷ୍ଟ ଏହି ଛୋଟ ଗ୍ରହାଣୁପୁଞ୍ଜକୁ ସିଧାସଳଖ ଧକ୍କା ଦେଇଥିଲା। ଏହି ସ୍ପେସ୍ ମିଶନକୁ ବିଭିନ୍ନ ପଏଣ୍ଟରେ ଟେଲିସ୍କୋପ୍ ମାଧ୍ୟମରେ ବୈଜ୍ଞାନିକମାନେ ନିରୀକ୍ଷଣ କରିଥିଲେ। କୌଣସି ଆଷ୍ଟରଏଡ୍‌କୁ ଏପରି ଧକ୍କା ଦେଇ ତାହକୁ ପୃଥିବୀ ନିକଟତର ହେବାରୁ ଦୂରେଇ ରଖିବା ଏବଂ ତାହାର ଦିଗ ବଦଳାଇବାରେ ଏପ୍ରକାର ମିଶନ ପ୍ରଥମ। ଡିଡିମୋସ୍‌ର ଚନ୍ଦ୍ରମା ଡାଇମୋରଫୋସ୍ ପୃଥିବୀ ପ୍ରତି ବିପଦ ସୃଷ୍ଟି କରି ନ ଥିଲେ ହେଁ ନାସା ପରୀକ୍ଷଣ ପାଇଁ ଏହାକୁ ଟାର୍ଗେଟ କରିଥିଲା। ପୃଥିବୀରେ ପ୍ରାୟ ୧୬୫ ନିୟୁତ ବର୍ଷ ଧରି ପୃଥିବୀରେ ରାଜ୍ କରୁଥିବା ଡାଇନୋସରର ବିଲୁପ୍ତି ପାଇଁ ଆଷ୍ଟରଏଡ୍‌କୁ ଦାୟୀ କରାଯାଏ। ଏହା ବ୍ୟାସ ପ୍ରାୟ ୧୦ କିଲୋମିଟର ବ୍ୟାସ ଥିଲା ବୋଲି ବୈଜ୍ଞାନିକମାନେ ଦାବି କରନ୍ତି।






# ମୋବାଇଲରେ ଦେଖିହେବ ସୁପ୍ରିମକୋର୍ଟ ଶୁଣାଣି

**ନୂଆଦିଲ୍ଲୀ,୨୭।୯**

ସୁପ୍ରିମକୋର୍ଟ ଇତିହାସରେ ମଙ୍ଗଳବାର ନୂଆ ଅଧ୍ୟାୟ ଯୋଡ଼ିହୋଇଛି। ଏକ ସାମ୍ବିଧାନିକ ପୀଠରେ ଶିବସେନା ମାମଲାର ବିଚାର ଚାଲିଥିବାବେଳେ ପ୍ରଥମ ଥର ପାଇଁ ଏହାର ସିଧା ପ୍ରସାରଣ (ଲାଇଭ୍ ଷ୍ଟ୍ରିମିଂ) କରାଯାଇଛି। ଆଗକୁ ମଧ୍ୟ ସାମ୍ବିଧାନିକ ପୀଠର ଶୁଣାଣି web-cast.Gov.In/scindia/ରେ ଉପଲବ୍ଧ ହେବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

୨୦୧୮ ସେପ୍ଟେମ୍ବର ୨୭ରେ ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ସାମ୍ବିଧାନିକ ମହତ୍ତ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଶୁଣାଣି ବେଳେ ଲାଇଭ୍ ଟେଲିକାଷ୍ଟ ବା ୱେବ୍‌କାଷ୍ଟ କରାଯିବା ନେଇ ଐତିହାସିକ

### ସିଧା ପ୍ରସାରଣ ଆରମ୍ଭ



ରାୟ ଦେଇଥିଲେ। ଜଷ୍ଟିସ୍ ମିଶ୍ର କହିଥିଲେ, ସୂର୍ଯ୍ୟାଲୋକ ହେଉଛି ସର୍ବୋତ୍ତମ ଜୀବାଣୁନାଶକ। ଜଷ୍ଟିସ୍ ମିଶ୍ରଙ୍କ ଘୋଷଣାର ୪ ବର୍ଷ ପରେ ବର୍ତ୍ତମାନର ସିଜେଆଇ ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ନିକଟରେ ଅନୁଷ୍ଠିତ ଏକ ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିଲା। ଜଷ୍ଟିସ୍ ଲଳିତ ଗତ ସୋମବାର କହିଥିଲେ, ସର୍ବୋଚ୍ଚ ଅଦାଲତ ୟୁଟ୍ୟୁବ୍ ପରିବର୍ତ୍ତେ ଖୁବ୍‌ଶୀଘ୍ର ନିଜସ୍ୱ ଲାଇଭ୍ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ଶୁଣାଣିଗୁଡ଼ିକର ସିଧା ପ୍ରସାରଣ କରିବେ। ପ୍ରଥମେ ୟୁଟ୍ୟୁବ୍‌ରେ ଲାଇଭ୍ ଷ୍ଟ୍ରିମିଂ କରାଯିବ ଓ ପରେ ସୁପ୍ରିମକୋର୍ଟଙ୍କ ସର୍ଭରରେ ଲୋକେ ନିଜ ଫୋନ୍, ଲାପ୍‌ଟପ୍ ଓ କମ୍ପ୍ୟୁଟରଗୁଡ଼ିକରେ ଅନାୟାସରେ ଦେଖିପାରିବେ। ପ୍ରକାଶ ଯେ, ଗତ ଅଗଷ୍ଟ ୨୬ରେ ତତ୍କାଳୀନ ସିଜେଆଇ ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠରେ ଶୁଣାଣି ଚାଲିଥିବାବେଳେ ୱେବ୍‌କାଷ୍ଟ ଜରିଆରେ ଏହାର ପ୍ରଥମ ସିଧା ପ୍ରସାରଣ କରାଯାଇଥିଲା। ଜଷ୍ଟିସ୍ ରମନା ଅବସର ନେବାକୁ ଥିବାବେଳେ ଏହା ଥିଲା ଏକ ବିଧିସମ୍ମତ ପ୍ରଣାଳୀ।

# ରତ୍ନଭଣ୍ଡାର ପ୍ରସଙ୍ଗକୁ ପୁଣି ଅଣଦେଖା

- ■ ପରିଚାଳନା କମିଟି ବୈଠକରେ ପ୍ରସଙ୍ଗ ଉଠିଲା
- ■ ଏଜେଣ୍ଡାରେ ନ ଥିବା କହି ଏଡ଼ାଇ ଦିଆଗଲା

**ପୁରୀ ଅଫିସ,୨୭।୯**

ଶ୍ରୀମନ୍ଦିରସ୍ଥିତ ନୀଳାଦ୍ରି ଭକ୍ତ ନିବାସଠାରେ ମଙ୍ଗଳବାର ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରୀମନ୍ଦିର ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଉପରେ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିବା ବେଳେ ବହୁ ପ୍ରତୀକ୍ଷିତ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗକୁ ପୁଣିଥରେ ଅଣଦେଖା କରାଯାଇଛି। ପୂର୍ବରୁ ପରିଚାଳନା କମିଟି ବୈଠକରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ହେବା ନେଇ ଚର୍ଚ୍ଚା ହୋଇଥିଲା। ଏପରି କି ହାଇକୋର୍ଟ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ନଗେନ୍ଦ୍ର କୁମାର ମହାନ୍ତି ମଧ୍ୟ ରତ୍ନଭଣ୍ଡାର ଖୋଲିବା ପ୍ରସଙ୍ଗରେ ବୈଠକରେ ଆଲୋଚନା ହେବ ବୋଲି ଗଣମାଧ୍ୟମରେ କହିଥିଲେ। ହେଲେ ବାସ୍ତବରେ ସେଭଳି କିଛି ହେଲା ନାହିଁ। ରତ୍ନଭଣ୍ଡାର ମରାମତି ଓ ରତ୍ନ ଅଳଙ୍କାର ଗଣନା ପାଇଁ ଦାବି ହେଉଥିଲେ ମଧ୍ୟ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଆଦୌ ଗୁରୁତ୍ୱ ଦେଉ ନ ଥିବା ଚର୍ଚ୍ଚା ହେଉଛି।

ପରିଚାଳନା କମିଟି ସଦସ୍ୟ ତଥା ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଥମେ ପରିଚାଳନା କମିଟି ବୈଠକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଆରମ୍ଭରୁ ହିଁ ସେ ରତ୍ନଭଣ୍ଡାର ପ୍ରସଙ୍ଗ ଉଠାଇ ରତ୍ନଭଣ୍ଡାରର ସାମ୍ପ୍ରତିକ ସ୍ଥିତି ଓ ମରାମତି ସମ୍ପର୍କରେ ଆଲୋଚନା କରାଯିବା ପାଇଁ କମିଟି ଅଧ୍ୟକ୍ଷଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ମାତ୍ର କମିଟି ଏହି ପ୍ରସ୍ତାବକୁ କର୍ଣ୍ଣପାତ କରି ନ ଥିଲା। ରତ୍ନଭଣ୍ଡାର ପ୍ରସଙ୍ଗ ଏଜେଣ୍ଡାରେ ନ ଥିବା କହି ଏଡ଼ାଇ ଦିଆଯାଇଥିଲା। ଜମିଜମା, ଗୁରୁକୁଳ ଓ କାର୍ତ୍ତିକ ନୀତିକାନ୍ତି ଭଳି ପ୍ରସଙ୍ଗରେ ଆଲୋଚନା କରାଯାଇ ବୈଠକ ଶେଷ କରାଗଲା। ଅନ୍ୟପକ୍ଷେ ନିକଟ ଅତୀତରେ ପରିଚାଳନା କମିଟି ଅଧ୍ୟକ୍ଷ ତଥା ସ୍ଥାୟୀ ସଦସ୍ୟ ମହାରାଜ ଗଜପତି ଦିବ୍ୟସିଂହଦେବ ରତ୍ନ ଅଳଙ୍କାର ଗଣନା ଓ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିଲେ। ରତ୍ନଭଣ୍ଡାର ସ୍ଥିତି ଭଲ ନ ଥିବା କଥା କହିଥିଲେ। ଏହାସତ୍ତ୍ୱେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗ ଉପରେ ଆଲୋଚନା ହୋଇପାରି ନାହିଁ। ସେହିଭଳି ଅଗଷ୍ଟ ୮ରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ଶ୍ରୀମନ୍ଦିର ପ୍ରଶାସନକୁ ଚିଠିଲେଖି ରତ୍ନଭଣ୍ଡାର ମରାମତି ଦାବି କରିଥିଲେ। ଏତେ ସବୁପରେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ପାଇଁ ପରିଚାଳନା କମିଟି କାହିଁକି ପ୍ରସ୍ତୁତ ନୁହେଁ, ତାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପରିଚାଳନା କମିଟିର ପ୍ରତି ମାସରେ ବୈଠକ ବସୁଥିଲେ ମଧ୍ୟ ରତ୍ନଭଣ୍ଡାର ପ୍ରସଙ୍ଗ କେବେହେଲେ ଆଲୋଚନା ବିଷୟସୂଚୀରେ ସାମିଲ ହେଉନାହିଁ। ଅନ୍ୟପକ୍ଷେ ଗତ ପରିଚାଳନା କମିଟି ବୈଠକରେ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ ମଲ୍ଲିକଙ୍କୁ ଏଏସ୍‌ଆଇ କାର୍ଯ୍ୟଧାରା ସମ୍ପର୍କିତ ତଥ୍ୟ ଦାଖଲ



କରିବା ପାଇଁ ପରିଚାଳନା କମିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଅରୁଣ ମଲ୍ଲିକ ରତ୍ନଭଣ୍ଡାର ସମ୍ପର୍କିତ ସମସ୍ତ କାର୍ଯ୍ୟଧାରା ଓ ତଥ୍ୟ ଧରି ମଙ୍ଗଳବାର ବୈଠକରେ ଉପସ୍ଥିତ ଥିଲେ ମଧ୍ୟ କେହି ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନା ପାଇଁ ଚାହିଁ ନ ଥିଲେ।

ରତ୍ନଭଣ୍ଡାର ପ୍ରସଙ୍ଗ ପରିଚାଳନା କମିଟି ବୈଠକର ଏଜେଣ୍ଡାରେ ସାମିଲ ନ ଥିଲା। ଏଜେଣ୍ଡାରେ ସାମିଲ ହୋଇ ଆଲୋଚନା ହେଲେ ସବିଶେଷ ସୂଚନା ଦେବୁ।

**– ବୀର ବିକ୍ରମ ଯାଦବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ବୈଠକରେ କ'ଣ ଆଲୋଚନା ହୋଇଛି ତାହା ସାର୍ବଜନୀନ କରିପାରୁବୁ ନାହିଁ। ପରିଚାଳନା କମିଟିର ନିର୍ଦ୍ଦେଶ, ପରିଚାଳନା କମିଟି ସଦସ୍ୟମାନେ ବୈଠକର ଗୋପନୀୟତା ରକ୍ଷା କରିବେ ଓ କେବଳ କର୍ତ୍ତୃପକ୍ଷ ବୈଠକ ସମ୍ପର୍କରେ ପ୍ରତିକ୍ରିୟା ରଖିବେ। ଏଣୁ ସମ୍ପ୍ରତି ଏହି ସ୍ଥାନରେ ରତ୍ନଭଣ୍ଡାର ପ୍ରସଙ୍ଗରେ କିଛି ବି କହିବା ଠିକ୍ ହେବକ ନାହିଁ।

**– ସୁଦର୍ଶନ ପଟ୍ଟନାୟକ, ପରିଚାଳନା କମିଟି ସଦସ୍ୟ**

ରାଜ୍ୟରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସ୍ୱାର୍ଥରେ ନିର୍ମିତ ପରିଚାଳନା କମିଟି ସାଧାରଣ ଆଲୋଚନାଟିଏ ପାଇଁ ମଧ୍ୟ ପ୍ରସ୍ତୁତ ନୁହେଁ। ଏହାର ପଛର ରହସ୍ୟ କ'ଣ ତାହା ସବୁଠାରୁ ବଡ଼ ପ୍ରଶ୍ନ। ରତ୍ନଭଣ୍ଡାର ସୁରକ୍ଷା ଦିଗରେ ପଦକ୍ଷେପ ନେଲେ ପରିଚାଳନା କମିଟି ଓ ରାଜ୍ୟ ସରକାର ଅସୁରକ୍ଷିତ ହୋଇପଡ଼ିବେ।

**– ଦିଲୀପ ବରାଳ, ସୂଚନା ଅଧିକାର କର୍ମୀ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆଙ୍କ ଅସ୍ମିତା ସହ ଜଡ଼ିତ। ଏଣୁ ଏହାକୁ ତୁରନ୍ତ ଖୋଲାଯାଉ। ରତ୍ନ ଅଳଙ୍କାର ଗଣନା କରାଯିବା ସହ ମରାମତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ।

**– ପ୍ରଭଞ୍ଜନ ମହାପାତ୍ର, ଭାଜପା ନେତା**

# ଆଇନଜୀବୀଙ୍କ ଆତ୍ମହତ୍ୟା

### ରାଉରକେଲାର ପୂର୍ବତନ ନଗରପାଳ ଥିଲେ



ରମେଶ ବଳ

**ରାଉରକେଲା ଅଫିସ,୨୭।୯**

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଡେଲିମାର୍କେଟ ଅଞ୍ଚଳରେ ରହୁଥିବା ରାଉରକେଲା ବାର୍ ଆସୋସିଏଶନର ପୂର୍ବତନ ସଭାପତି, ପୂର୍ବତନ ନଗରପାଳ ତଥା ବରିଷ୍ଠ ଆଇନଜୀବୀ ରମେଶ ବଳ(୬୨) ସୋମବାର ବିଳମ୍ବିତ ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୨।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୋଲିସ ସୂଚନା ଅନୁସାରେ, ରମେଶ ବଳ ପେଷାରେ ଜଣେ ଆଇନଜୀବୀ। ସେ ନିଜ ଘରେ ଏକ ଅଫିସ୍ କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ସେ ନିଜ ଅଫିସ ପଙ୍ଖାରେ ଏକ ପ୍ଲାଷ୍ଟିକ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକେ ରମେଶଙ୍କ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତାଙ୍କ ଅଫିସ୍ ଟେବୁଲ ଉପରେ ଥିବା ଏକ ସୁଇସାଇଡ୍ ନୋଟ୍‌କୁ ପୋଲିସ ଜବତ କରିଛି। ଏହି ସୁଇସାଇଡ୍ ନୋଟ୍‌ରେ ଆତ୍ମହତ୍ୟାର ବିଭିନ୍ନ କାରଣ ଉଲ୍ଲେଖ ରହିଛି। ରମେଶ ମାନସିକ ଅବସାଦରେ ରହୁଥିଲେ। ତାଙ୍କର ଭୁଲ୍ ନିଷ୍ପତ୍ତି ଯୋଗୁ ଛେଣ୍ଡ୍ ସ୍ଥିତ କଳିଙ୍ଗ ବିହାର ଘର ତାଙ୍କ ହାତରୁ ଖସି ଯାଇଥିଲା ଏବଂ ପୁଅ ବୋହୂ ତାଙ୍କଠାରୁ ଦୂରେଇ ଯାଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଶାଶୁ, ଦେଢ଼ଶାଶୁ ଓ ସ୍ତ୍ରୀ ବହୁ ହଇରାଣ ହେଉଥିଲେ। ବିଭିନ୍ନ ସମୟରେ ତାଙ୍କ ପାଖରେ କେହି ରହୁ ନ ଥିବା ଏବଂ ମୃତ୍ୟୁ ପାଇଁ ସେ କାହାକୁ ଦାୟୀ କରି ନ ଥିବା ଉକ୍ତ ସୁଇସାଇଡ୍ ନୋଟରେ ଉଲ୍ଲେଖ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସହରରେ ଶୋକର ଛାୟା ଖେଳିଯାଇଛି। ବହୁ ଆଇନଜୀବୀ, ସମାଜସେବୀ, ରାଜନେତା ଓ ସମ୍ପର୍କୀୟ ତାଙ୍କ ଘରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଆଇନଜୀବୀ ରମେଶ ବଳଙ୍କ ମୃତ୍ୟୁକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଓ ବହୁ ବୁଦ୍ଧିଜୀବୀଗଣ ଶୋକବ୍ୟକ୍ତ କରିଛନ୍ତି। ରମେଶ ୧୨ ବର୍ଷ ଧରି ରାଉରକେଲା ଓକିଲ ସଂଘ ସଭାପତି ଭାବେ କାର୍ଯ୍ୟ କରିଥିବାବେଳେ ରାଉରକେଲାର ନଗରପାଳ ମଧ୍ୟ ଥିଲେ।

# ଆପୋସ ବୁଝାମଣାକୁ ଅନୁଭବଙ୍କ ନା

**କଟକ ଅଫିସ,୨୭।୯**

ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଚାଲିଥିବା ବିବାହ ବିଚ୍ଛେଦ ମାମଲାରେ କଟକ ପରିବାର ଅଦାଲତରେ ଚାଲିଥିବା ବୁଝାମଣା (କନ୍‌ସିଲିଏଶନ) ପ୍ରକ୍ରିୟାରେ ଏକ ପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ମାମଲାର ଶୁଣାଣି ହୋଇଥିଲା। ଉଭୟଙ୍କୁ ବିଚାରପତି ଆପୋସ ବୁଝାମଣା ପାଇଁ ନିଜ ଚ୍ୟାମ୍ବରରେ କାଉନସେଲିଂ କରିଥିଲେ। ହେଲେ ଆପୋସ ବୁଝାମଣା ପାଇଁ ଅନୁଭବ ମନା କରିବା ସହ ମାମଲା ଆଗକୁ ବଢ଼ାଇବାକୁ ନିବେଦନ କରିଥିଲେ। ଅପରପକ୍ଷରେ ବର୍ଷା ପ୍ରିୟଦର୍ଶିନୀ କୌଣସି ମତ ଉପସ୍ଥାପନ କରି ନ ଥିବା ସହ କୋର୍ଟ ଯାହା ନିଷ୍ପତ୍ତି ନେବେ ବୋଲି କହିଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ ଯେ, ଅନୁଭବଙ୍କ ପକ୍ଷରୁ କଟକ ପରିବାର ଅଦାଲତରେ ଦାଏର ଛାଡ଼ପତ୍ର ମାମଲାରେ ବର୍ଷା କୋର୍ଟ କାର୍ଯ୍ୟକୁ ଜାଣିଶୁଣି ବିଳମ୍ବ କରୁଥିବା ଓ ଅନୁଭବ ବିବାହ ସ୍ଥାନ ସମ୍ପର୍କିତ ଭୁଲ ତଥ୍ୟ ଦେଇଥିବା କାରଣରୁ ଅଦାଲତ ଉଭୟଙ୍କୁ ୫ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅନୁଭବ ଓ ବର୍ଷା ଗତ ୧୪ ତାରିଖଦିନ ଅଦାଲତରେ ପହଞ୍ଚିବା ପରେ ଜରିମାନା ଅର୍ଥ ଦାଖଲ କରିଥିଲେ। ଏଥିସହ ବର୍ଷା ଅଦାଲତରେ ସତ୍ୟପାଠ ଦାଖଲ କରି ଅଯଥା ଅଦାଲତଙ୍କ ସମୟ ନଷ୍ଟ କରିବେ ନାହିଁ ଓ ବିଚାର ପ୍ରକ୍ରିୟାରେ ସହଯୋଗ କରିବେ ବୋଲି ଉଲ୍ଲେଖ କରିଥିଲେ।

### ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା



ଉକ୍ତ ଦିନ ବିଚାରପତି ନିଜ ଚ୍ୟାମ୍ବରରେ ଉଭୟଙ୍କୁ ଦୀର୍ଘ ୨ ଘଣ୍ଟା କାଳ ଆପୋସ ବୁଝାମଣା ନିମନ୍ତେ ବୁଝାଶୁଝା କରିଥିଲେ। ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣାର ସମ୍ଭାବନା ଥିବା ଅନୁଭବ କରିବା ପରେ ଅଦାଲତ ଆଉ ଥରେ କାଉନ୍‌ସେଲିଂ କରିବା ଉଦ୍ଦେଶ୍ୟରେ ମଙ୍ଗଳବାରକୁ ଦିନ ଧାର୍ଯ୍ୟ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ଅଦାଲତରେ ପହଞ୍ଚିଥିଲେ। ହେଲେ ଅନୁଭବ ଏକ ପିଟିଶନ ଦାଖଲ କରିବା ସହ ବୁଝାମଣା ନୁହେଁ ବରଂ ବିଚାର ପ୍ରକ୍ରିୟା ପାଇଁ ଶୁଣାଣି କରିବାକୁ ପ୍ରାର୍ଥନା କରିଥିଲେ। ଫଳରେ ଅଦାଲତ ବୁଝାମଣାକୁ ବନ୍ଦ କରି ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଅନୁଭବଙ୍କ ପକ୍ଷରୁ ଆଇନଜୀବୀ ଲଳିତେନ୍ଦୁ ମିଶ୍ର ଓ ଶାଶ୍ୱତ ଆଚାର୍ଯ୍ୟ ଏବଂ ବର୍ଷାଙ୍କ ପକ୍ଷରୁ ସିଦ୍ଧାର୍ଥ ଦାସ ଓ ରାମକୃଷ୍ଣ ରଥ ମାମଲା ପରିଚାଳନା କରୁଛନ୍ତି।






**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୦୮,୯୫,୬୫୦ | ୬୫,୪୨,୦୪୯ | ୬୦,୧୧,୮୬,୩୭୨ |
| ଭାରତ | ୪,୪୫,୭୫,୪୭୩ | ୫,୨୮,୫୬୨ | ୪,୪୦,୦୪,୫୫୩ |
| ଓଡ଼ିଶା | ୧୩,୩୩,୪୯୯ | ୯୧୯୨(+୫୩) | ୧୩,୨୩,୦୩୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଆପାର୍ଟମେଣ୍ଟ କ୍ରେତାଙ୍କୁ ମିଳିବ ସୁରକ୍ଷା

ଭୁବନେଶ୍ୱର,୨୭।୯(ବ୍ୟୁରୋ)

## ପଞ୍ଜୀକରଣ ଉପରୁ କଟକଣା ହଟିଲା



- ସଂଶୋଧିତ ରୁଲ୍ସ ଆଧାରରେ ହେବ ପଞ୍ଜୀକରଣ
- ଖୁବ୍‌ଶୀଘ୍ର ଆପାର୍ଟମେଣ୍ଟ ମାଲିକାନା ଆଇନ
- କମନ ଏରିଆକୁ ଭାଗ କରିପାରିବେନି କ୍ରେତା

ଆପାର୍ଟମେଣ୍ଟ କିଣୁଥିବା କ୍ରେତାଙ୍କୁ ମିଳିବ ସୁରକ୍ଷା। ରାଜ୍ୟ ସରକାର ଓଡ଼ିଶା ରିୟଲ ଇଷ୍ଟେଟ (ରେଗୁଲେଶନ ଆଣ୍ଡ ଡେଭଲପ୍‌ମେଣ୍ଟ) ରୁଲ୍‌ସ-୨୦୧୭ର ସଂଶୋଧନ କରିଛନ୍ତି। ଓଡ଼ିଶା ରିୟଲ ଇଷ୍ଟେଟ(ରେଗୁଲେଶନ ଆଣ୍ଡ ଡେଭଲପ୍‌ମେଣ୍ଟ) ସଂଶୋଧିତ ରୁଲ୍‌ସ-୨୦୨୨ କାର୍ଯ୍ୟକାରୀ ହେବ। ସଂଶୋଧନ ରୁଲ୍‌ସ ଅନୁଯାୟୀ ନିର୍ମାତା ପ୍ରକଳ୍ପ ଶେଷ ହେବାର ଧାର୍ଯ୍ୟ ତାରିଖ ପରେ କ୍ରେତାଙ୍କଠାରୁ କୌଣସି ଅତିରିକ୍ତ ଦେୟ ନେଇପାରିବେ ନାହିଁ। ଆପାର୍ଟମେଣ୍ଟରେ ଥିବା କମନ ଏରିଆକୁ କୌଣସି କ୍ରେତା ଭାଗ କରି ନିଜ ଦଖଲରେ ରଖିପାରିବେ ନାହିଁ। ସ୍ୱୀକୃତିପ୍ରାପ୍ତ କର୍ତ୍ତୃପକ୍ଷଙ୍କଠାରୁ ଆକୁପାନ୍ସି ସାର୍ଟିଫିକେଟ ପାଇବା ପରେ ପ୍ରମୋଟର ଆପାର୍ଟମେଣ୍ଟ ଆସୋସିଏଶନକୁ ଉକ୍ତ କମନ ଏରିଆ ପ୍ରଦାନ କରିବେ। ଘର କିଣିବାକୁ ପଞ୍ଜୀକରଣ କରିଥିବା ବ୍ୟକ୍ତି ନିର୍ମାଣ ସମୟରେ ପ୍ରକଳ୍ପ ପରିଦର୍ଶନ କରିପାରିବେ। ପ୍ରମୋଟରମାନେ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ଶେଷ କରିବେ। ଘର ନେବା ପରେ କ୍ରେତାମାନେ କମନ ଏରିଆ ପରିଚାଳନା ଫି’ ପ୍ରମୋଟର କିମ୍ବା ଆପାର୍ଟମେଣ୍ଟ ଆସୋସିଏଶନକୁ ପ୍ରଦାନ କରିବା ନେଇ ସଂଶୋଧିତ ରୁଲ୍ସରେ ବ୍ୟବସ୍ଥା ରହିଛି। ଏହି ସଂଶୋଧିତ ରୁଲ୍‌ସ ଅନୁଯାୟୀ ଘର ବିକିବା ପାଇଁ ଆପାର୍ଟମେଣ୍ଟ ନିର୍ମାଣ କରୁଥିବା ପ୍ରମୋଟରମାନେ କ୍ରେତାଙ୍କ ସହ ଏଗ୍ରିମେଣ୍ଟ କରିବେ। ମଙ୍ଗଳବାର ରାଜ୍ୟ ସରକାର ରେଜିଷ୍ଟ୍ରେଶନକୁ ନେଇ ଦାଏର ହୋଇଥିବା ମାମଲାର ଶୁଣାଣି ବେଳେ ହାଇକୋର୍ଟଙ୍କୁ ଏ ବିଷୟରେ ଅବଗତ କରାଇଛନ୍ତି। ସର୍ବୋଚ୍ଚ ଅଦାଲତ ନୂତନ ନିୟମ ଅନୁସାରେ ଗ୍ରାହକଙ୍କୁ ଘର ବିକିବା ପୂର୍ବରୁ ପଞ୍ଜୀକରଣ କରିବାକୁ ଓରେରାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୬ ମାସ ଧରି ଆପାର୍ଟମେଣ୍ଟ ବିକ୍ରି ଉପରେ ଲାଗିଥିବା ରୋକ ହଟିଯାଇଛି। ଏଣିକି ଆପାର୍ଟମେଣ୍ଟ ବିକ୍ରି ନେଇ ପଞ୍ଜୀକରଣ ହୋଇପାରିବ। ଉଲ୍ଲେଖଯୋଗ୍ୟ ପଞ୍ଜୀକରଣକୁ ନେଇ ହାଇକୋର୍ଟରେ ୨୦୨୨ ମେ’ ୧୨ରେ ଏକ ମାମଲା ଦାଏର ହୋଇଥିଲା। ସେବେଠାରୁ ଆପାର୍ଟମେଣ୍ଟ ବିକ୍ରି ପାଇଁ ଏଗ୍ରିମେଣ୍ଟ ଫର୍ ସେଲ୍ ହୋଇପାରୁ ନ ଥିଲା।

ସେହିପରି ସେଲ୍‌ଡିଡ୍ ବା ରେକର୍ଡ ଅଫ୍ ରାଇଟସକୁ ନେଇ ମଧ୍ୟ ହାଇକୋର୍ଟରେ ମାମଲା ଚାଲିଛି। ସେଲ୍‌ଡିଡ୍ କିପରି ହେବ ସେ ନେଇ ଚିଠା ପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ(ଆଇଜିଆର୍)ଙ୍କ ସହ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଚୂଡ଼ାନ୍ତ କରାଯିବ ବୋଲି ସରକାର କୋର୍ଟଙ୍କୁ ଅବଗତ କରାଇଛନ୍ତି। ଏଥିସହିତ ଆପାର୍ଟମେଣ୍ଟ ସଂଘ ଗଠନ ନେଇ ରାଜ୍ୟ ସରକାର ଏକ ବାଇ-ଲ ପ୍ରସ୍ତୁତ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାକୁ ଓରେରାକୁ ଦାୟିତ୍ୱ ଦିଆଯାଇଛି। ଆପାର୍ଟମେଣ୍ଟ ମାଲିକାନା ଆଇନ ଖୁବ୍‌ଶୀଘ୍ର ଆସିବ। ଏ ନେଇ ଚିଠା ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ସୂଚନା ଦିଆଯାଇଛି। ଆସନ୍ତା ନଭେମ୍ବର ୨୭ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ବେଳେ ରାଜ୍ୟ ସରକାର ସତ୍ୟପାଠ ଆକାରରେ ତାହା ପ୍ରଦାନ କରିବେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି।

# ଚୋରି କରିବାକୁ ଆସି ଘର ମାଲିକଙ୍କୁ ହତ୍ୟା

- ଜଣେ ଅଟକ, ପୋଲିସ ତଦନ୍ତ ଜାରି
- ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ପି

ବରୀ,୨୭।୯(ଡି.ଏନ.ଏ.)

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା ଭଅଁରା ପଞ୍ଚାୟତ ଚଟୁମାରି ଗ୍ରାମରେ ସୋମବାର ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ଚୋରି କରିବାକୁ ଆସିଥିବା ଦୁର୍ବୃତ୍ତ ଘର ମାଲିକଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଗ୍ରାମର ବିଶ୍ୱରଞ୍ଜନ ବିଶ୍ୱାଳ(୪୩)। ଏହି ଘଟଣାରେ ପୋଲିସ ଗ୍ରାମର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ଖୋଳତାଡ଼ ଆରମ୍ଭ କରିଛନ୍ତି।

ସୂଚନା ମୁତାବକ, ବିଶ୍ୱରଞ୍ଜନଙ୍କ ଘରେ ୨ ଜଣ ଦୁର୍ବୃତ୍ତ ଚୋରି କରିବାକୁ ପଶିଥିଲେ। ତାଙ୍କ ସ୍ତ୍ରୀ ବନଲତା ବିଶ୍ୱାଳ ଉଠିପଡ଼ି ଚିତ୍କାର କରିଥିଲେ। ଏହାଶୁଣି ବିଶ୍ୱରଞ୍ଜନ ଦୁର୍ବୃତ୍ତଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଏକ ଲୁହା ରଡ଼ରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ବିଶ୍ୱରଞ୍ଜନ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ବରୀ ରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

ମଙ୍ଗଳବାର ସକାଳେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ୍ ପି.ଆର୍., ଡିଏସ୍‌ପି ସରୋଜ କୁମାର ଉପାଧ୍ୟାୟ, ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ ସନ୍ଧାନୀ କୁକୁର ଓ ବୈଷୟିକ ଟିମ୍ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ବରୀ ବିଧାୟିକା ସୁନନ୍ଦା ଦାସ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସେମାନଙ୍କୁ ସମବେଦନା ଜଣାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଶେଷକୃତ୍ୟ ବେଳେ ସରପଞ୍ଚ ପ୍ରଭାତୀ ପଲାଇଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ଏନେଇ ଥାନାରେ ନଂ.୩୦୨/୨୨ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଉକ୍ତ ରାତିରେ ସେହି ଗ୍ରାମର ଅନ୍ୟ ୩ ଜଣଙ୍କ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।







# ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ

ବାଲେଶ୍ୱର ଅଫିସ, ୨୭।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଦ୍ୱାରା ଅତି ସ୍ୱଳ୍ପ ଦୂରତା ବିଶିଷ୍ଟ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍) କ୍ଷେପଣାସ୍ତ୍ରର ଦୁଇଟି ପରୀକ୍ଷଣ ସଫଳ ହୋଇଛି। ମଙ୍ଗଳବାର ଚାନ୍ଦିପୁରସ୍ଥିତ ଲଞ୍ଚପ୍ୟାଡ୍‌ରୁ ଭୂପୃଷ୍ଠରେ ରଖାଯାଇଥିବା ଏକ ପୋର୍ଟେବଲ ଲଞ୍ଚରରୁ ଏହି କ୍ଷେପଣାସ୍ତ୍ରର ଫ୍ଲାଇଟ ଟେଷ୍ଟ କରାଯାଇଥିଲା। ଭିଏସ୍‌ଏଚଓଆରଏଡିଏସ୍ ଏକ ପୋର୍ଟେବଲ ମାନବବାହିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ମ୍ୟାନପାଡ) ଯାହାକୁ ହାଇଦ୍ରାବାଦସ୍ଥିତ ଡିଆରଡିଓର ଗବେଷଣା କେନ୍ଦ୍ର ଇମାରତ (ଆରସିଆଇ) ଦ୍ୱାରା ଡିଜାଇନ କରାଯାଇଛି।


ଉତ୍‌କ୍ଷେପଣ ହେଉଥିବା କ୍ଷେପଣାସ୍ତ୍ର।

ଡିଆରଡିଓ ଲାବରୋଟୋରୀ ଏବଂ ଉଦ୍ୟୋଗ ଜଗତର ସହଭାଗିତାରେ ଏହି ସ୍ୱଦେଶୀ କ୍ଷେପଣାସ୍ତ୍ର ନିର୍ମିତ ହୋଇଛି।

ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ରେ ରହିଛି କ୍ଷୁଦ୍ର ଆକୃତିର ପ୍ରତିକ୍ରିୟା ନିୟନ୍ତ୍ରଣ ପ୍ରଣାଳୀ (ଆରସିଏସ) ଏବଂ ସମନ୍ୱିତ ଆଭିଓନିକ୍ସ ଭଳି ବହୁ ନୂଆ ଜ୍ଞାନକୌଶଳ। ଏସବୁ ଅତ୍ୟାଧୁନିକ ବ୍ୟବସ୍ଥା ଆଜିର ପରୀକ୍ଷଣ ସମୟରେ ସଫଳତା ପୂର୍ବକ ପ୍ରମାଣିତ ହୋଇଥିଲା। ଏହି କ୍ଷେପଣାସ୍ତ୍ରରେ ଥିବା ଦୁଇଟିକିଆ ସଲିଡ୍ ମୋଟର କ୍ଷମତା ଯାହାକି ଆକାଶମାର୍ଗରୁ ଆସୁଥିବା କମ ଉଚ୍ଚତା ବିଶିଷ୍ଟ ବିପଦକୁ ଅଳ୍ପ ଦୂରତାରେ ଧ୍ୱଂସ କରିବାରେ ସକ୍ଷମ ହୋଇପାରିବ। ସହଜରେ ପରିବହନ କରିବା ଲାଗି ଏହି କ୍ଷେପଣାସ୍ତ୍ର ଓ ଏହାର ଲଞ୍ଚରକୁ ଅଧିକ ସଙ୍ଗଠିତ କରାଯାଇଛି। ତେବେ ଏହି ଦୁଇଟି ଯାକ ଆକାଶମାର୍ଗ ପରୀକ୍ଷଣ ମିଶନର ସମସ୍ତ ଲକ୍ଷ୍ୟ ହାସଲ କରିଥିବା ନେଇ ଡିଆରଡ଼ିଓ ପକ୍ଷରୁ ସୂଚିତ କରାଯାଇଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଏବଂ ଏହାର ଉଦ୍ୟୋଗ ସହଯୋଗୀଙ୍କୁ ଉଚ୍ଚ ପ୍ରଶଂସା କରି କହିଛନ୍ତି, ଉକ୍ତ ନୂଆ କ୍ଷେପଣାସ୍ତ୍ରରେ ଆଧୁନିକ ପ୍ରଯୁକ୍ତି ରହିଛି ଯାହାକି, ସେନାବାହିନୀର ପ୍ରଯୁକ୍ତିଗତ ସାମର୍ଥ୍ୟକୁ ବୃଦ୍ଧି କରିବ। ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମ୍ପୂର୍ଣ୍ଣ ଭିଏସ୍‌ଏଚଓଆରଏଡିଏସ୍ ଟିମ୍‌କୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡିଆରଡିଓ ଅଧ୍ୟକ୍ଷ ଜି. ସତୀଶ ରେଡ୍ଡୀ ଅଭିନନ୍ଦନ ଜଣାଇଛନ୍ତି।



**ଆଜିର ମନ୍ତବ୍ୟ**

ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କ କିପରି ଅଛି ତାହା ଆମେ ଦେଖୁନାହୁଁ। ଉଭୟ ଦେଶ ଆମେରିକାର ସହଯୋଗୀ। ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କରେ ସକରାତ୍ମକତା ଆଣିବା ପାଇଁ ୱାଶିଂଟନ୍ ସବୁ ପ୍ରକାର ଉଦ୍ୟମ କରିବାକୁ ଚାହେଁ।

–ନେଡ୍ ପ୍ରାଇସ୍, ଆମେରିକା ପରରାଷ୍ଟ୍ର ବିଭାଗ ମୁଖପାତ୍ର


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ମାମୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିସୋଡ଼ିଆଙ୍କ ସହଯୋଗୀ ଗିରଫ

**ଅବକାରୀ ନୀତି ମାମଲା**

ନୂଆଦିଲ୍ଲୀ,୨୭।୯: ଦିଲ୍ଲୀର ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାର ଆଣିଥିବା ଅବକାରୀ ନୀତିରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡ଼ିଆଙ୍କ ଘନିଷ୍ଠ ସହଯୋଗୀ ବିଜୟ ନାୟାରଙ୍କୁ ଗିରଫ କରିଛି। ଏକଦା ଏକ ଇଭେଣ୍ଟ କମ୍ପାନୀ ମୁଖ୍ୟ ଥିବା ନାୟାର କିଛିଦିନ ପାଇଁ ବିଦେଶରେ ଥିଲେ। ଦେଶ ଛାଡ଼ି ପଳାଇଯାଇଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ମଙ୍ଗଳବାର ତାଙ୍କୁ ଜେରା ପାଇଁ ସିବିଆଇ କାର୍ଯ୍ୟାଳୟକୁ ଡକାଯାଇଥିଲା। ଦିଲ୍ଲୀରେ ମଦ ଲାଇସେନ୍ସ ପ୍ରଦାନ ଅନିୟମିତତାରେ ଷଡ଼ଯନ୍ତ୍ର ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ମୁମ୍ବାଇର ଇଭେଣ୍ଟ ମ୍ୟାନେଜମେଣ୍ଟ କମ୍ପାନୀ 'ଓନ୍ଲି ମଚ୍ ଲାଉଡର'ର ପୂର୍ବତନ ସିଇଓ ନାୟାର ମଦ କମ୍ପାନୀ ମାଲିକଙ୍କଠାରୁ ଉତ୍କୋଚ ସଂଗ୍ରହ କରୁଥିଲେ ବୋଲି ସିବିଆଇ କହିଛି। ମଦ ଲାଇସେନ୍ସ ପ୍ରଦାନ ଅନିୟମିତତାରେ ସିବିଆଇ ମନୀଷ ସିସୋଡିଆଙ୍କ ସମେତ ୧୫ ଜଣଙ୍କ ବିରୋଧରେ ତଦନ୍ତ ଚଳାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବରଷା ରାତି ଶୀତ ପାହାନ୍ତି
ଦି'ପହରର ଖରା
ଏତିକି ବେଳେ ଯେ ବାଡ଼ି କୁ ଗଲା
ଜିଇ ଥାଉଁ ଥାଉଁ ମଲା।**

ବର୍ଷା ରାତିରେ ଘରୁ ପଦାକୁ ଗୋଡ଼ କାଢ଼ିବା ନିରାପଦ ହୋଇ ନ ଥାଏ। ସେହିପରି ଶୀତ ଦିନ ଭୋର ସମୟରେ ଏବଂ ଦିପ୍ରହର ଖରା ବେଳରେ ବାହାରକୁ ଶୌଚ କରିବାକୁ ଯାଉଥିବା ବ୍ୟକ୍ତି ହଇରାଣ ବା ହୀନସ୍ତା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବାର ଘଇତାରେ ଘର
ମୁଁ କାହାକୁ କରିବି ପର।**

ବ୍ୟକ୍ତିର ବହୁ ଆପଣାର ଲୋକ ଥିଲେ ସେ କାହାକୁ ସନ୍ତୁଷ୍ଟ କରିବ ସେନେଇ କିଛି ବୁଦ୍ଧିବାଟ ପାଇନଥାଏ। କାହାକୁ ପର ବା ଆପଣାର କରିବା ନେଇ ମନରେ ଦ୍ୱନ୍ଦ୍ୱ ଉପୁଜିବା ସହ ହରଡ଼ଘଣାରେ ପଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି଼:

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ଆଜିର ଚନ୍ଦ୍ର ପାପଗ୍ରହ କବଳରେ ଅବସ୍ଥାନ କରୁଥିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଅଟକି ରହିଥିବା ସବୁ କାମ ସୁବିଧାରେ ହେବା ଦୁରୂହ ହେବ । ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ଦ୍ୱିଜା ନକ୍ଷତ୍ରର ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଅସଫଳତା ମନରେ ଲଘୁ କ୍ରୋଧ ସୃଷ୍ଟି କରିପାରେ। ସଭାସମିତିରେ, ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଦୁର୍ବଳ ରବିଙ୍କ କୁପ୍ରଭାବରୁ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ରୋହିଣୀ ନକ୍ଷତ୍ର ପୁରୁଣା ସମ୍ପର୍କ, ଜମିଜମା, ଗାଡି ମୋଟରରୁ ଭଲ ଲାଭ ପାଇବେ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ତଥାପି ବୃହସ୍ପତିଙ୍କ ଶୁଭ ସଂସ୍ଥାନରୁ ଆଜି ନୂତନ କର୍ମସସ୍ଥାନ ପାଇଁ ମନ ବଳିବ। ଶିଳ୍ପ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ ଖଳ ଲୋକ କଳହକୁ ବଢ଼ାଇଦେଇ ପାରନ୍ତି ।

**କର୍କଟ** ଆଜି ଯାହା କଲେ ସଫଳତା ନିଶ୍ଚିତ ପାଇବେ, କିନ୍ତୁ ଶନିଙ୍କ ପ୍ରଭାବରୁ ବିଳମ୍ବ ହେବ। ଦୂରଯାତ୍ରା ଓ ବନ୍ଧୁ ମିଳନରୁ ଆନନ୍ଦ ଅନୁଭବ କରିବେ । ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ପୁଷ୍ୟା ନକ୍ଷତ୍ର ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ବହୁତ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବ ରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । ମଘା ନକ୍ଷତ୍ର ସକାଶେ ସହକର୍ମୀମାନେ ଆବଶ୍ୟକ ସହଯୋଗ କରିବେ।

**କନ୍ୟା** ଶୁକ୍ରଙ୍କ ପ୍ରଭାବରୁ କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ଶନିଙ୍କ ସୁପ୍ରଭାବରୁ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ମିଳିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ନେଇ ବ୍ୟସ୍ତ ହେବେ। ସ୍ୱାତୀ ନକ୍ଷତ୍ର କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବିଛା** ମଙ୍ଗଳଙ୍କ ମଙ୍ଗଳମୟ ସୁଦୃଷ୍ଟିରୁ ଶାରୀରିକ ସୁସ୍ଥତା ମାନସିକ ସୁସ୍ଥତାକୁ ବୃଦ୍ଧି କରିବ। ଆଜିର କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇଦେବ। ଯିବା ଆସିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହୋଇ ନ ପାରେ । ମନୋରଞ୍ଜନ କାର୍ଯ୍ୟରେ ସାମିଲ୍ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ । ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ଯେତେ ସତର୍କରେ ଚଳିଲେ ମଧ୍ୟ ଅନ୍ୟର ଶ୍ରଦ୍ଧାଭାଜନ ହୋଇପାରିବେ ନାହିଁ। ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାରର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ରାହୁଙ୍କ କୁପ୍ରଭାବରୁ ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟାଇବେ ।

**କୁମ୍ଭ** ସମସ୍ୟା ମଧ୍ୟରେ ଯୋଜନା ବିଗିଡି ଯାଉଥିବାରୁ ପ୍ରତ୍ୟେକ କାମରେ କିଛି ଅଭାବ ଅସୁବିଧା ରହିଥିବା ଅନୁଭବ କରିବେ। କେତୁଙ୍କ କୁପ୍ରଭାବରୁ କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯଦ୍ୱାରାକି ଆପଣଙ୍କୁ କଟୁକ୍ତି ଶୁଣିବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକମାନଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପୂର୍ବଭାଦ୍ରବ ନକ୍ଷତ୍ର ସୌଖୀନ ଦ୍ରବ୍ୟ ବ୍ୟବସାୟରୁ ଲାଭବାନ ହେବେ।

## ଆଜି ବେଙ୍ଗାଲୁରୁ...

ହୋଟେଲରେ ହେବାକୁ ଥିବା ଏହି ଇନ୍‌ଭେଷ୍ଟର୍ସ ମିଟ୍‌ରେ ୫୦୦ରୁ ଊର୍ଦ୍ଧ୍ୱ ଶିଳ୍ପପତି, ବ୍ୟବସାୟୀ ଏବଂ ପୁଞ୍ଜିନିବେଶକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଇନ୍‌ଭେଷ୍ଟର୍ସ ମିଟ୍‌କୁ ସମ୍ବୋଧନ କରିବା ସହ ଆସନ୍ତା ନଭେମ୍ବର ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ–୨୦୨୨ରେ ଯୋଗଦେବାକୁ ପୁଞ୍ଜିପତିଙ୍କୁ ଆମନ୍ତ୍ରଣ କରିବେ। ରାଜ୍ୟରେ ପୁଞ୍ଜିନିବେଶ ପାଇଁ ଶିଳ୍ପପତିଙ୍କ ସହ ନବୀନ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ରାଜ୍ୟରେ ବ୍ୟବସାୟ ଓ ପୁଞ୍ଜିନିବେଶ ଲାଗି ଅନୁକୂଳ ବାତାବରଣ ସୃଷ୍ଟି କରିବା ଇନ୍‌ଭେଷ୍ଟର୍ସ ମିଟ୍‌ର ମୁଖ୍ୟ ଲକ୍ଷ୍ୟ। ମୁଖ୍ୟମନ୍ତ୍ରୀ ବରିଷ୍ଠ ଶିଳ୍ପପତିଙ୍କ ସହ ଓଡ଼ିଶାକୁ ନେଇ ସେମାନଙ୍କର ଯୋଜନା ସମ୍ପର୍କରେ ଆଲୋଚନା କରିବେ।

ଏଥିସହିତ ରାଜ୍ୟ ସରକାର ବୃହତ୍ ବ୍ୟବସାୟିକ ବାତାବରଣ ପାଇଁ ନେଇଥିବା ସଂସ୍କାର ବିଷୟରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିବେ। ରାଜ୍ୟ ସରକାର ଘରୋଇ ଏବଂ ରପ୍ତାନି ମାର୍କେଟ ପାଇଁ କି ପ୍ରକାର ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି ସେ ନେଇ ଆଲୋଚନା ହେବ। ଏଥିସହିତ ଆଇବିଏମ୍ ଇଣ୍ଡିଆର ଅମିତ ଶର୍ମା, ୱିପ୍ରୋ– ଜିଇ ହେଲ୍‌ଥ କେୟାରର ଶ୍ରବଣ ସୁବ୍ରମନ୍ୟମ, ଏବିବି ଲିମିଟେଡର ଟି.କେ. ଶ୍ରୀଧର, ଟିଟିକେ ପ୍ରେଷ୍ଟିଜର ସରନ୍ୟାୟନ ପି. ପ୍ରମୁଖ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବେ। ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ହେମନ୍ତ ଶର୍ମା, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍ମେଶନ ଟେକ୍ନୋଲୋଜି ସଚିବ ମନୋଜ ମିଶ୍ର, ଷ୍ଟାର୍ଟଅପ୍ ଓଡ଼ିଶାର ଏକ୍‌ଜିକ୍ୟୁଟିଭ ଚେୟାରମ୍ୟାନ ଓମ୍‌କାର ରାୟ ପ୍ରମୁଖ ବେଙ୍ଗାଲୁରୁ ଗସ୍ତ କରିଛନ୍ତି।

ମଙ୍ଗଳବାର ଅନୁଷ୍ଠିତ ଗଭର୍ନମେଣ୍ଟ ଟୁ ବିଜ୍‌ନେସ( ଜି–୨ ବି) ବୈଠକରେ ଖାଦ୍ୟ ପ୍ରକ୍ରିୟାକରଣ, ଏରୋସ୍ପେସ୍, ପ୍ରତିରକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ପୁଞ୍ଜିନିବେଶକାରୀଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଶିଳ୍ପର ଅଭିବୃଦ୍ଧି ପାଇଁ ରାଜ୍ୟ ସରକାର ବ୍ୟବସାୟ ଅନୁକୂଳ ବାତାବରଣ ସୃଷ୍ଟି କରିବା ସହ କେତେକ ବୃହତ୍ ବ୍ୟବସାୟିକ ସଂସ୍କାର ଆଣିଛନ୍ତି। ଏଥିସହିତ ରାଜ୍ୟରେ ଶିଳ୍ପକୁ ଖାପ ଖୁଆଇଲା ଭଳି ବ୍ୟବସ୍ଥା କରିଥିବା ବୈଠକରେ ସୂଚନା ଦେଇଥିଲେ। ଏହି ଅବସରରେ ୱିପ୍ରୋ ଲିମିଟେଡ୍‌ର ପୂର୍ବତନ ଅଧ୍ୟକ୍ଷ ଅଜିମ୍ ପ୍ରେମ୍‌ଜୀ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିଥିଲେ। ଏଥିସହିତ ଗୋଲ୍‌ଡେନ ହାଚେରୀ ଲିମିଟେଡର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସଏଦ ଫାହାଦ, ସ୍ପ୍ରିଙ୍ଗବୋର୍ଡର କୋ ପ୍ରତିଷ୍ଠାତା ବରୁଣ ଚାୱାଲା ଏବଂ ପ୍ରଣୟ ଗୁପ୍ତା, ଡୋଡଲା ଡାଏରୀ ନିର୍ଦ୍ଦେଶକ ଏଏମ୍‌ଏସ୍ ରେଡ୍ଡୀ, ନନ୍ଦୀ ପାୱାରଟ୍ରୋନିକ୍ସ ପରିଚାଳନା ନିର୍ଦ୍ଦେଶକ ଏଚ୍.ଏନ୍. ଆମକ୍ରିଷ୍ଣାୟା, ନେଷ୍ଟୱେର ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦ୍ର ସାହୁ, ମେରଲିନ ହକ୍ ଏରୋସ୍ପେସର ଡାଇରେକ୍ଟର ଜେବି ଜୋଶେଫ ଆନଡ୍ରୋଥ, ଏମ୍‌ଭିଏମ୍ ଇଣ୍ଡଷ୍ଟ୍ରିଜର ପ୍ରତିଷ୍ଠାତା ଓ ପରିଚାଳନା ନିର୍ଦ୍ଦେଶକ ନନ୍ଦ ଭେଙ୍କଟରାଓ, ଶ୍ରାବଣୀ ଏନର୍ଜିର ପରିଚାଳନା ନିର୍ଦ୍ଦେଶକ ଏନ.ପ୍ରଶାନ୍ତରାଓ ଜି–୨ବି ବୈଠକରେ ଯୋଗ ଦେଇଥିଲେ।

## ହକି ବିଶ୍ୱକପ୍ ପାଇଁ...

ସୁଯୋଗ ପାଇବେ। କଳିଙ୍ଗ ଷ୍ଟାଡିୟମରେ ସେମିଫାଇନାଲ ଓ ଫାଇନାଲ ଅନୁଷ୍ଠିତ ହେବ। ଏହି ମେଗା ପ୍ରତିଯୋଗିତା ପାଇଁ ଟିକେଟ ବିକ୍ରି ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ସୂଚନା ଦିଆଯାଇଛି। ଦର୍ଶକଙ୍କୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଟିକେଟ ପାଇଁ ଦର୍ଶକମାନେ https://fih.form-stack.com/forms/world_cup_tickets_pre_registration ରେ ରେଜିଷ୍ଟର କରିପାରିବେ। ସେପ୍ଟେମ୍ବର ୮ରେ ଭୁବନେଶ୍ୱରରେ ପ୍ରତିଯୋଗିତାର ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡ୍ର' ଅନୁସାରେ ପୁଲ୍ 'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ପୁଲ୍ 'ବି'ରେ ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ, ପୁଲ୍ 'ସି'ରେ ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲି ଏବଂ ପୁଲ୍ 'ଡି'ରେ ଭାରତ, ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ ସ୍ଥାନ ପାଇଛନ୍ତି। ଚିଲି ଓ ୱେଲ୍ସ ପ୍ରଥମଥର ପାଇଁ ପୁରୁଷ ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବେଲ୍‌ଜିୟମ ହେଉଛି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ। ୨୦୧୮ ଫାଇନାଲରେ ଏହି ଦଳ ନେଦରଲାଣ୍ଡ୍ସକୁ ପରାସ୍ତ କରି ଟାଇଟଲ ହାସଲ କରିଥିଲା।

## ଯୋଜନାବଦ୍ଧ...

ପ୍ରସାରିତ ହେବା ପରେ କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀର ଏକ ଦମ୍ପତି ମେଡିକାଲରୁ ଚୋରି କରିଥିବା ଶିଶୁ କନ୍ୟାକୁ ଫେରାଇ ଆଣିଥିଲେ। ସେମାନେ ଭୁଲ୍‌ବଶତଃ ସେମାନଙ୍କ ଶିଶୁ ପୁତ୍ର ବଦଳରେ ଶିଶୁ କନ୍ୟାକୁ ନେଇଯାଇଥିବା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାସକ ତଳେ ଉକ୍ତ ଦମ୍ପତିଙ୍କ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମାତ୍ର ତା'ର ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ସୋମବାର ଶିଶୁପୁତ୍ରକୁ ଡିସ୍‌ଚାର୍ଜ କରାଯିବା ପରେ ତାକୁ ନେବା ପରିବର୍ତ୍ତେ ଶିଶୁ କନ୍ୟାକୁ ନେଇଯାଇଥିଲେ ବୋଲି କହିବା ସହ ଶିଶୁପୁତ୍ରକୁ ଦେବାକୁ କହିଥିଲେ। ଏପରି କି ସେମାନଙ୍କ କଥାକୁ ଯେପରି ସମସ୍ତେ ବିଶ୍ୱାସ କରିବେ ସେଥିପାଇଁ ଡିସ୍‌ଚାର୍ଜ ସାର୍ଟିଫିକେଟ ଏବଂ ଆଉଟଡୋର ଟିକେଟ ମଧ୍ୟ ଦେଖାଇଥିଲେ। ତେବେ ସେମାନଙ୍କ କଥାରେ ସନ୍ଦେହ ହେବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ଉଭୟଙ୍କୁ ଅଟକ ରଖିବା ସହ କାଗଜପତ୍ର ଏବଂ ହସ୍ପିଟାଲ ରେକର୍ଡ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଦମ୍ପତି ଦେଖାଇଥିବା ଡିସ୍‌ଚାର୍ଜ ସାର୍ଟିଫିକେଟ ଏବଂ ଆଉଟଡୋର ଟିକେଟ ନକଲି ବୋଲି ଜଣାପଡ଼ିଥିଲା। ଦମ୍ପତିଙ୍କ କୌଣସି ପୁତ୍ର ସନ୍ତାନ ଜନ୍ମ ହୋଇନାହିଁ ବରଂ ଏହା ଏକ ସୁଚିନ୍ତିତ ଏବଂ ଯୋଜନାବଦ୍ଧ କାର୍ଯ୍ୟ ବୋଲି ଜଣାପଡ଼ିବା ପରେ ଉଭୟଙ୍କୁ ପୋଲିସ ଗିରଫ କରିଛି। ତେବେ ଏହି ଶିଶୁ କନ୍ୟା ଚୋରି ଘଟଣାରେ ଦମ୍ପତିଙ୍କୁ ମେଡିକାଲର କେଉଁ କର୍ମଚାରୀ ସହଯୋଗ କରିଛନ୍ତି, କାହା ସହଯୋଗରେ ଏସ୍‌ଏନ୍‌ସିୟୁର କଡ଼ା ସୁରକ୍ଷା ବଳୟରୁ ଶିଶୁକନ୍ୟାକୁ ନିଆଯାଇପାରିଲା, ଏହି ଘଟଣାରେ ଏସ୍‌ଏନ୍‌ସିୟୁ ଦାୟିତ୍ୱରେ ଥିବା ଡାକ୍ତରଙ୍କ ଭୂମିକାକୁ ନେଇ ତଦନ୍ତ ଚାଲିଛି।

### ଶିଶୁ ଚୋରି ରାକେଟ ସକ୍ରିୟ

ସମ୍ପୃକ୍ତ ଦମ୍ପତି ଶିଶୁ କନ୍ୟା ଅପହରଣ କରିବା ପାଇଁ ବେଶ୍ କିଛି ଦିନ ପୂର୍ବରୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ପ୍ରଥମେ ମେଡିକାଲ ଯାଇ ପ୍ରସୂତି ବିଭାଗରେ ଥିବା ଗର୍ଭବତୀଙ୍କୁ ଅନୁଧ୍ୟାନ କରିଥିଲେ। ଏହାପରେ ସେ ଟାର୍ଗେଟ କରି ତୋଫାନଙ୍କ ଯାଆଁଳା କନ୍ୟାଙ୍କ ମଧ୍ୟରୁ ଜଣଙ୍କୁ ସେ ଏସ୍‌ଏନ୍‌ସିୟୁରୁ ନେଇଯାଇଥିଲେ। ତେବେ ଏହି ଚୋରି ରାକେଟ ମେଡିକାଲ କର୍ମଚାରୀଙ୍କ ସମ୍ପୃକ୍ତିରେ ଚାଲିଥିବା କୁହାଯାଉଛି। କାରଣ ବିନା ମେଡିକାଲ କର୍ମଚାରୀଙ୍କ ସମ୍ପୃକ୍ତିରେ ଉକ୍ତ ଦମ୍ପତି ଏଭଳି କାଣ୍ଡ ରଚାଇବା ସାଧାରଣରେ ସମ୍ଭବ ମନେ ହେଉନାହିଁ।

### କାର୍ଯ୍ୟ ପ୍ରଣାଳୀ, ସୁରକ୍ଷା ବ୍ୟବସ୍ଥା ନେଇ ଉଠିଲା ପ୍ରଶ୍ନ

ଏସ୍‌ସିବି ମେଡିକାଲର ସ୍ତ୍ରୀ ପ୍ରସୂତି ବିଭାଗରେ ଭର୍ତ୍ତି ହେଉଥିବା ଗର୍ଭବତୀ ମେଡିକାଲରୁ ଡିସ୍‌ଚାର୍ଜ ହେବା ପାଇଁ ଏକ ପ୍ରଣାଳୀ ରହିଛି। ନବଜାତକ ଏବଂ ମା'ର ସ୍ୱାସ୍ଥ୍ୟାବସ୍ଥା ଠିକ ଥିଲେ ହିଁ ଡାକ୍ତର ତାଙ୍କୁ ସେଠାରୁ ଡିସଚାର୍ଜ କରିଥାନ୍ତି। ଏହାପରେ ବିଭାଗରୁ ବାହରିବା ସମୟରେ ଉପସ୍ଥିତ ସୁରକ୍ଷା କର୍ମଚାରୀ କାଗଜ ପତ୍ର ସହ ଶିଶୁକୁ ଯାଞ୍ଚ କରି ବାହାରକୁ ଛାଡିଥାନ୍ତି। ତେବେ ସମ୍ପୃକ୍ତ ଦମ୍ପତି ପ୍ରସୂତି ବିଭାଗ ମୁଖ୍ୟ ଫାଟକ ଦେଇ ଶିଶୁ କନ୍ୟାକୁ ନେଇ ଯାଉଥିବା ସିସି ଟିଭିରେ ରେକର୍ଡ ହୋଇଛି। ହେଲେ ସେମାନେ ଉକ୍ତ ଶିଶୁ କନ୍ୟାର ପ୍ରକୃତ ମାତାପିତା ନୁହନ୍ତି ବୋଲି ମେଡିକାଲର କୌଣସି କର୍ମଚାରୀ କିପରି ଜାଣି ପାରି ନ ଥିଲେ। ଏପରିକି ଦମ୍ପତି ଶିଶୁ ପୁତ୍ର ଜାଲ କାଗଜ ପତ୍ର ପ୍ରସ୍ତୁତ କରିଥିବାବେଳେ ପ୍ରକୃତରେ ସେ ପୁଅ କି ଝିଅ ଶିଶୁ ନେଇ ଯାଉଛନ୍ତି ତାହା ମଧ୍ୟ ସୁରକ୍ଷା କର୍ମଚାରୀ ଯାଞ୍ଚ କରି ନ ଥିଲେ। ଯେଉଁଥିପାଇଁ ସୋମବାର ଏଭଳି ଏକ ଅଭାବନୀୟ ଘଟଣା ମେଡିକାଲ ପରିସରରେ ଘଟଯାଇଛି। ଏପରି କି ଗାଇନିଂ ୱାର୍ଡ ମଧ୍ୟରେ ପ୍ରବେଶ ପାଇଁ ପାସ୍ ବ୍ୟବସ୍ଥା କରାଯାଇଛି। ସେଠାରେ ଦାୟିତ୍ୱରତ ପାରାମେଡିକାଲ ଷ୍ଟାଫ, ନର୍ସ ଏବଂ ଅନ୍ୟ ମେଡିକାଲ କର୍ମଚାରୀ ଯଦି ଠିକ୍‌ଭାବେ ସେମାନଙ୍କ ଦାୟିତ୍ୱ କରିଥାନ୍ତେ ତେବେ ଏଭଳି ଘଟଣା ଉପୁଜି ନ ଥାନ୍ତା ବୋଲି କୁହାଯାଉଛି।

### ଏସ୍‌ସିବି ରିପୋର୍ଟ ଜାଲିଆତି

ମେଡିକାଲ ଆସିଲେ, ଜାଲ୍ କାଗପତ୍ର ଦେଖାଇଲେ ଏବଂ ଶିଶୁ କନ୍ୟାକୁ ନେଇ ଚାଲିଗଲେ। ଏହାପରେ ଆମର ଝିଅ ନୁହଁ ପୁଅ ହୋଇଛି। ଭୁଲରେ ଝିଅ ନେଇଯାଇଛୁ କହି ଶିଶୁ କନ୍ୟାକୁ ଫେରାଇବା ସହ ପୁଅକୁ ନେବା ପାଇଁ ସୁଜନ ବେହେରା, ତାଙ୍କ ପୁଅ ଏବଂ ବୋହୂ ଦାବି କରିଥିଲେ। ତେବେ ଏହି ଘଟଣାର ପ୍ରକୃତ ସତ୍ୟତା ଜାଣିବା ପାଇଁ ସୋମବାର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମେଡିକାଲ୍ କର୍ତ୍ତୃପକ୍ଷଙ୍କୁ ନାକେଦମ ହେବାକୁ ପଡ଼ିଥିଲା। କାରଣ ସମ୍ପୃକ୍ତ ଦମ୍ପତି ମେଡିକାଲର ଅବିକଳ ଜାଲ କାଗଜପତ୍ର ସାଙ୍ଗରେ ଧରି ଆସିଥିଲେ। ଯେଉଁଥିରେ ଏସ୍‌ସିବିରେ ତାଙ୍କର ଶିଶୁ ପୁତ୍ର ହୋଇଥିବା ଉଲ୍ଲେଖ ରହିଛି। ଦୀର୍ଘ ସମୟ ତଦନ୍ତ ପରେ ତାହା ଜାଲ୍ ବୋଲି ଜଣା ପଡ଼ିଥିଲା। ତେବେ କିପରି ଜଣେ ସାଧାରଣ ବ୍ୟକ୍ତି ମେଡିକାଲର ତମାମ କାଗଜପତ୍ରର ଜାଲ ପ୍ରସ୍ତୁତି କରି ପାରୁଛନ୍ତି, ତେବେ ପୂର୍ବରୁ ମଧ୍ୟ ଏଭଳି ଅନେକ ଘଟଣା ଘଟିଥାଇପାରେ ବୋଲି କୁହାଯାଉଛି।

## ଆଶା ପାରେଖଙ୍କୁ ଦାଦା...

ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ (ସିବିଏଫ୍‌ସି) ଅଧ୍ୟକ୍ଷା ଥିଲେ। ସେପ୍ଟେମ୍ବର ୩୦ରେ ହେବାକୁ ଥିବା ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ତାଙ୍କୁ ଏହି ସମ୍ମାନ ଦିଆଯିବ। ହେମା ମାଳିନୀ, ପୁନମ ଧିଲୋନ୍, ଟି.ଏସ୍. ନାଗବରଣ, ଉଦିତ୍ ନାରାୟଣ ଓ ଆଶା ଭୋଁସଲେଙ୍କୁ ନେଇ ଗଠିତ ୫ ଜଣିଆ ବିଚାରକ ମଣ୍ଡଳୀ ୭୯ ବର୍ଷୀୟା ଆଶା ପାରେଖଙ୍କୁ ୫୨ତମ ଦାଦା ସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ କରିଛନ୍ତି। ୧୯୬୦–୭୦ ଦଶକରେ ଆଶା ପାରେଖଙ୍କୁ 'ହିଟ୍ ଗର୍ଲ' କୁହାଯାଉଥିଲା। କାରଣ ତାଙ୍କ ଅଭିନୀତ ଫିଲ୍ମଗୁଡ଼ିକ ଲଗାତର ଭାବେ ୨୫–୫୦ ସପ୍ତାହ ଧରି ପ୍ରେକ୍ଷାଳୟଗୁଡ଼ିକରେ ହିଟ୍ ହେଉଥିଲା। ସିନେମା ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଆଶାଙ୍କୁ ୧୯୯୨ରେ କେନ୍ଦ୍ର ସରକାର ପଦ୍ମଶ୍ରୀ ଉପାଧି ଦେଇଥିଲେ। ୧୯୬୯ ମସିହାରୁ ଭାରତୀୟ ସିନେମା ଜଗତର ସର୍ବୋଚ୍ଚ ସମ୍ମାନ ଦାଦା ସାହେବ ଫାଲ୍‌କେ ପୁରସ୍କାର ଦିଆଯାଉଛି। ରାଜ କପୁର, ଯଶ ଚୋପ୍ରା, ଲତା ମଙ୍ଗେସ୍‌କର, ମୃଣାଳ ସେନ, ଅମିତାଭ ବଚ୍ଚନ, ବିନୋଦ ଖାନ୍ନାଙ୍କ ଭଳି ସିନେ ବ୍ୟକ୍ତିତ୍ୱମାନେ ଏହି ପୁରସ୍କାର ଲାଭ କରିଛନ୍ତି। ଅଭିନେତ୍ରୀ ଦେବୀକା ରାଣୀ ପ୍ରଥମେ ଏହି ସମ୍ମାନର ଅଧିକାରିଣୀ ହୋଇଥିବାବେଳେ ସୁପରଷ୍ଟାର ରଜନୀକାନ୍ତଙ୍କୁ ଶେଷ ଥର ଲାଗି ଦାଦା ସାହେବ ଫାଲ୍‌କେ ପୁରସ୍କାର ପ୍ରଦାନ କରାଯାଇଥିଲା।


# classifieds

**Everyday 0674-2580101, 2549302**



MATRIMONIAL

GROOM WANTED

Govt. ଚାକିରିଆ 33 ବୟସ୍କ କରଣ Divorce ଝିଅଙ୍କ any caste ଘରଜ୍ୱାଇଁ ଆବଶ୍ୟକ। 9124023134. D-1616



real estate

SALE

Land with building for sale at Cuttack Alisha Bazar. 7978751719. D-71356

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number- 9238315816. D-73976

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

Duplex sale at Bhubaneswar @45 lakhs and apartment @63lakhs. 9439206202. D-74129

5.700 Acres gharabari projects, 30' road Single Owner, 95 plots immediate registration. sqft.- 1050/-. Contact: 9040045759. D-74125

ପାହାଳ ଜଗନ୍ନାଥ ମନ୍ଦିର କଡ଼ରେ ଘରବାରି ପାଚେରି yellowzone North, East corner plot sqft.- 2450/-. 9938558169. D-74128

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । Mob.- 9827119799 D-1580

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ OD GROUP. 9437033320. D-74112

Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828. D-1520

ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520. D-74126

Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452. D-73967

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1539

Readymade 2/3 BHK flat sale at Acharyavihar. Contact: 7978209277. D-1537



construction

Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332. D-73295



to-let

Tolet for Shop infront of Bijupattanaik College mainroad Bhubaneswar. 7008296802. D-1647



healthcare

Ashirvaad Saloon and SPA getgood massage for your health tha best therapy. 7077181074. D-73973

Relax, Refresh your body, Mind at Saikrupa Spa with best therapies. 8984068077. D-1543

Newly open full body massage ladies and gents. 9040171280. D-73977

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

Hearbal full body relax massage by trend ledy therapist. 6371676208. D-73644

Newly open Spa positively health benefit with expert. Contact: 7749976301. D-73873

Newly opened full body massage center by expert therapist. 7381172169. D-73648

AFFIDAVIT

Affidavit before Executive Magistrate, Dhenkanal, my name has changed from Jhunurani Sethy to Jhunarani Sethy. Henceforth, I shall be known as Jhunarani Sethy, W/o. Dr. Raj Kishore Sethy, D/o. Dharmu@Dharmananda Sethy, At-Marutinagar, Karigarsahi, PS- Town, Dist.- Dhenkanal for all purposes. D-74017

ନିରୁଦ୍ଦିଷ୍ଟ



ରାଜେନ୍ଦ୍ର ନାୟକ, ୫୪ବର୍ଷ, ୫ଫୁଟ୍ ୩ ଇଞ୍ଚ, ଶ୍ୟାମଳ ବର୍ଣ୍ଣ, ୦୯।୦୯।୨୦୨୨ ଓଲଡ୍ ଟାଉନ୍ ଭୁବନେଶ୍ୱରରୁ କେଉଁଆଡ଼େ ଚାଲି ଯାଇଛନ୍ତି। ସେ ନୀଳ ଟି–ଶାର୍ଟ ଓ କଳା ହାଫ୍ ପ୍ୟାଣ୍ଟ ପିନ୍ଧିଥିଲେ। ଯେକୌଣସି ବ୍ୟକ୍ତି ଏହାଙ୍କ ସନ୍ଧାନ ପାଇଲେ ଏଇ ନମ୍ବରକୁ ଯୋଗାଯୋଗ କରନ୍ତୁ। 9861084502, 9337330630. D-1640

ଷଷ୍ଠ ଜନ୍ମଦିନ ଶୁଭେଚ୍ଛା




(ମାମୁନି)

ସଂଘମିତ୍ରା ପାତ୍ର

୪୨ ମୌଜା, କଟକ

ଆଜି ତୋର ଶୁଭ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ତୋର ବାପା, ବୋଉ, ଅଜା, ଆଇ, ନନା, ପାପା, ତିତ୍‌ଲି, ପାପା, ମାମା, ଭାଇ ଓ ଛୁଆପାପା।

ଧ–୧୬୩୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପାର୍ବଣରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୭।୯(ବ୍ୟୁରୋ): ଆସନ୍ତା ୧ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ଦୁର୍ଗା ପୂଜା ଆରମ୍ଭ ହେଉଥିବାରୁ ବର୍ଷା ଯୋଗୁ ପୂଜା ବଜାର ଫିକାପଡ଼ିବା ଆଶଙ୍କା ଦୃଢ଼ୀଭୂତ ହୋଇଛି। ସମ୍ଭାବ୍ୟ ଲଘୁଚାପକୁ ଦେଖି ଆୟୋଜକମାନେ ନିରାଶ ହୋଇଛନ୍ତି। ଝାରପଡ଼ା ଦୁର୍ଗାପୂଜା ସମିତି ଆବାହକ ଶ୍ରୀଧର ଜେନା କହିଛନ୍ତି, ଦୈବ ଦୁର୍ବିପାକ କାହା ହାତର କଥା ନୁହେଁ। ପବନ ନ ହୋଇ କେବଳ ବର୍ଷା ହେଲେ କିଛି ଅସୁବିଧା ନାହିଁ। ଆମର ଯେଉଁ ତୋରଣ କରାଯାଇଛି ଯେତେ ବର୍ଷା ହେଲେ ବି କ୍ଷତି ହେବନାହିଁ। ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସଙ୍କ କହିବା ଅନୁଯାୟୀ, ଆସନ୍ତା ୧ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। କେତେକ ଜିଲାରେ ମଙ୍ଗଳବାରଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ସମ୍ଭାବନା ରହିଛି।

# ଛୁଆ ହାତୀ ମୃତଦେହ ଜବତ

ବାରିପଦା ଅଫିସ/ବାଙ୍ଗିରିପୋଷି, ୨୭।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳର ନଟୋ ସଂରକ୍ଷିତ ଜଙ୍ଗଲରୁ ୩ଦିନ ତଳେ ଏକ ଛୁଆ ହାତୀର ମୃତଦେହ ମିଳିଥିବା ବେଳେ ମଙ୍ଗଳବାର ବାଙ୍ଗିରିପୋଷି ରେଞ୍ଜ ନାମ୍ପି ଗ୍ରାମ୍ୟ ଜଙ୍ଗଲରୁ ପୁଣି ହାତୀ ଶାବକର ମୃତଦେହକୁ ବନବିଭାଗ ଜବତ କରିଛି। ବାରିପଦା ଡିଏଫ୍ଓ ସନ୍ତୋଷ କୁମାର ଯୋଶୀଙ୍କ ସମେତ ବନ କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ମୃତ୍ୟୁର ତଦନ୍ତ ଜାରି ରଖିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ହାତୀପଲରେ ଲଢ଼େଇ କିମ୍ବା ଆନ୍ଥ୍ରାକ୍ସ ରୋଗ ଯୋଗୁ ଉକ୍ତ ଶାବକର ମୃତ୍ୟୁ ହୋଇଥିବା ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବନବିଭାଗ ସୂଚନା ଦେଇଛି।


ମୃତ ହାତୀ ଶାବକ।

ସୂଚନାଯୋଗ୍ୟ, କିଛି ଦିନ ହେଲା ନାମ୍ପି ଗ୍ରାମ୍ୟ ଜଙ୍ଗଲରେ ହାତୀପଲ ରହିଆସୁଛନ୍ତି। ୨/୩ଦିନ ପୂର୍ବରୁ ଗାଁ ଲୋକେ ଜଙ୍ଗଲକୁ ଯାଇ ମୃତ ହାତୀ ଶାବକକୁ ଠାବ କରି ବନବିଭାଗକୁ ଖବର ଦେଇଥିଲେ। ସ୍ଥାନୀୟ ରେଞ୍ଜରଙ୍କ ସହ ବନ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିଥିଲେ। ବିଦ୍ୟୁତ୍ ଓ ଶିକାରୀଙ୍କ ଯୋଗୁ ହାତୀ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଖାଦ୍ୟାଭାବରୁ ହାତୀମାନେ ଜଙ୍ଗଲ ଛାଡ଼ି ଗାଁ ଓ ସହରମୁହାଁ ହେଉଛନ୍ତି। ଏ ଦିଗରେ ସରକାର କିମ୍ବା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫଳରେ ହାତୀ ମଣିଷ ଲଢ଼େଇରେ ଧନଜୀବନ ନଷ୍ଟ ହେଉଥିବା ବେଳେ ସରକାର ଅନୁକମ୍ପା ମୂଳକ ସହାୟତା ଯୋଗାଇ ଦେଇ ଚୁପ୍ ହୋଇ ବସୁଛନ୍ତି। ଖାଲି ପଡ଼ିଥିବା କର୍ମଚାରୀ ପଦବୀଗୁଡ଼ିକ ପୂରଣ କରିବା ଓ ହାତୀର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖି ଜନସଚେତନତା ସୃଷ୍ଟି କରାଗଲେ ସାମାନ୍ୟ ସୁଧାର ଆସିପାରନ୍ତା ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିଶା ସେବନ ଭିଡିଓ ଭାଇରାଲ

ବ୍ରହ୍ମପୁର ଅଫିସ,୨୭।୯: ସରକାର ହସ୍ପିଟାଲରେ ରୋଗୀଙ୍କୁ ଉତ୍ତମ ସେବା ଯୋଗାଇ ଦେବା ପାଇଁ ଅନେକ ବିଭାଗ ଖୋଲିଛନ୍ତି। ହେଲେ ହସ୍ପିଟାଲରେ ଥିବା ନିଜ କାର୍ଯ୍ୟାଳୟରେ ଜଣେ ସ୍ୱାସ୍ଥ୍ୟ ଅଧିକାରୀ ନିଶା ସେବନ କରୁଥିବା ଭିଡିଓ ଭାଇରାଲ ହୋଇଛି। ପରେ ଜଣେ ମହିଳା କର୍ମଚାରୀଙ୍କୁ ମଧ୍ୟ ଦୁର୍ବ୍ୟବହାର କରିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲା ବ୍ରହ୍ମପୁର ସିଟି ହସ୍ପିଟାଲରେ ଥିବା ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍କେ) କାର୍ଯ୍ୟାଳୟରେ ମଙ୍ଗଳବାର ଏହା ଦେଖିବାକୁ ମିଳିଛି। ଆର୍‌ବିଏସ୍‌କେ ସହକାରୀ ମ୍ୟାନେଜର ସନ୍ଦୀପ ତ୍ରିପାଠୀ ନିଜ ଅଫିସ ଭିତରେ ଫିଲ୍ମ ଷ୍ଟାଇଲରେ ନିଶାପାନ କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର ଜାଣିବାକୁ ପାଇଥିଲେ। ପରେ ସେ ତ୍ରିପାଠୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏହି ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର/କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ ଓ ସିଟି ହସ୍ପିଟାଲ ଅଧୀକ୍ଷକ ଡା. ବିଶ୍ୱମ୍ଭର ବେହେରାଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ମଙ୍ଗଳବାର ଘଟଣାର ତଦନ୍ତ ସରିଛି ବୋଲି ସିଡିଏମ୍ଓ ମିଶ୍ର କହିଛନ୍ତି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ସହକାରୀ ମ୍ୟାନେଜର ସନ୍ଦୀପ ତ୍ରିପାଠୀଙ୍କୁ ପଚାରିବାରୁ ମୋ ବିରୋଧରେ ଷଡ଼ଯନ୍ତ୍ର କରାଯାଇଛି। ମୁଁ ଅଫିସ ଭିତରେ ନିଶାପାନ କରିନାହିଁ। ମୋ ବିରୋଧରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦୃଶ୍ୟଟି ଭିତ୍ତିହୀନ ବୋଲି ସେ କହିଛନ୍ତି।




## ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ ନିଯୁକ୍ତ

ଭୁବନେଶ୍ୱର୨୭,୯(ବ୍ୟୁରୋ)

ଆସନ୍ତା ୨ ବର୍ଷ ପାଇଁ ରାଜ୍ୟ ସରକାର ମଙ୍ଗଳବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ(ଏସ୍‌ଡିସି) ପାଇଁ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ନିଯୁକ୍ତ କରିଛନ୍ତି। ଏ ନେଇ ଏସ୍‌ସି,ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମୟୂରଭଞ୍ଜ ଜିଲାରେ ଦେବାଶିଷ ମାରାଣ୍ଡିଙ୍କୁ ଏସ୍‌ଡିସି ଅଧ୍ୟକ୍ଷ ଓ କମଳା ତିରିଆଙ୍କୁ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବାବେଳେ କେନ୍ଦୁଝର ଜିଲା ଏସ୍‌ଡିସିର ଅଧ୍ୟକ୍ଷ ଭାବେ ଲକ୍ଷ୍ମୀ ନାୟକ, ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି, ମାଲକାନଗିରି ଏସ୍‌ଡିସି ଅଧ୍ୟକ୍ଷ ଆଦମା ରବା ଓ ଉପାଧ୍ୟକ୍ଷ ରାଇଲା ନାଏକ, କୋରାପୁଟ ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି ଓ ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ନବରଙ୍ଗପୁର ଏସ୍‌ଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ଓ ଉପାଧ୍ୟକ୍ଷ ଭାନୁମତୀ ପୂଜାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ରାୟଗଡ଼ା ଏସ୍‌ଡିସି ଅଧ୍ୟକ୍ଷ ଭାବେ ଅନସୂୟା ମାଝି ଓ ଉପାଧ୍ୟକ୍ଷ ବନମାଳୀ କାଡ୍ରାକାଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଗଜପତି ଜିଲା ଏସ୍‌ଡିସି ଅଧ୍ୟକ୍ଷ ମାରିୟମ ରାଇତୋ ଓ ଉପାଧ୍ୟକ୍ଷ ଧନେଶ୍ୱର ଭୂୟାଁ, କନ୍ଧମାଳ ଏସ୍‌ଡିସି ଅଧ୍ୟକ୍ଷ ରୋଦାନ ମଲ୍ଲିକ ଓ ଉପାଧ୍ୟକ୍ଷ ନଳିନୀ କହଁର ଏବଂ ସୁନ୍ଦରଗଡ଼ ଏସ୍‌ଡିସି ଉପାଧ୍ୟକ୍ଷ ଭାବେ ସୁଶୀଳା ଟପ୍ପୋଙ୍କୁ ନିଯୁକ୍ତି ମିଳିଛି। ସୁନ୍ଦରଗଡ଼ ଜିଲା ଏସ୍‌ଡିସି ଅଧ୍ୟକ୍ଷ ଭାବେ ବିନୟ ଟପ୍ପୋ ୨୦୨୧ ନଭେମ୍ବର ୬ରୁ କାର୍ଯ୍ୟ କରୁଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ୯ ଆଦିବାସୀ ବହୁଳ ଜିଲାର ୧୧୭ଟି ବ୍ଲକ ଅନ୍ତର୍ଗତ ୨୦୨୨ ପଞ୍ଚାୟତର ୧୮୬୮୭ ଗାଁର ୧୪.୦୫ଲକ୍ଷ ଆଦିବାସୀ ପରିବାରର କଳା, ସଂସ୍କୃତି, ପରମ୍ପରା, କ୍ରୀଡ଼ା ଓ ଅନ୍ୟାନ୍ୟ ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଏସ୍‌ଡିସି ଗଠନ କରିଥିଲେ।

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ୧୮ଜଣ ଆଦିବାସୀ ନେତା ତଥା କର୍ମୀଙ୍କୁ ୯ ଜିଲାର ସ୍ୱତନ୍ତ୍ର ବିକାଶ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦରେ ଥଇଥାନ କରିଥିବା ନେଇ ଚର୍ଚ୍ଚା ହେଉଛି। ଆଦିବାସୀବହୁଳ ୯ ଜିଲା ପାଇଁ ଏସ୍‌ଡିସି ଗଠନ ହୋଇଥିଲା ଓ ଏବେ କେବଳ ସୁନ୍ଦରଗଡ଼ରେ ଏସ୍‌ଡିସି ଅଧ୍ୟକ୍ଷ ଭାବେ ବିଜେଡି ନେତା ବିନୟ ଟପ୍ପୋ କାର୍ଯ୍ୟ କରୁଛନ୍ତି।

୨୦୧୯ ନିର୍ବାଚନ ପୂର୍ବରୁ ଆଦିବାସୀ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ୯ ଆଦିବାସୀବହୁଳ ଜିଲା ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, କନ୍ଧମାଳ ଓ ସୁନ୍ଦରଗଡ଼ ଜିଲାରେ ସ୍ୱତନ୍ତ୍ର ବିକାଶ ପରିଷଦ (ଏସ୍‌ଡିସି) ଗଠନ କରିଥିଲେ। ଏହି ଏସ୍‌ଡିସି ଜିଲାଗୁଡ଼ିକରେ ପୂର୍ବରୁ ଦଳୀୟ କର୍ମୀ ଓ ନେତାଙ୍କୁ ଥଇଥାନ କରାଯାଇଥିଲା। ମାତ୍ର ସେମାନଙ୍କର ଅବଧି ଶେଷ ହୋଇଥିଲେ ମଧ୍ୟ ଆଉ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିଲା।

## ଯୁକ୍ତ୨ ନାମଲେଖା: ୧ରେ ମେଧା ତାଲିକା

ଭୁବନେଶ୍ୱର,୨୭।୯(ବ୍ୟୁରୋ)

- ସରିଲା ଦ୍ୱିତୀୟ ପର୍ଯ୍ୟାୟ ଆବେଦନ
- ୧୧ରୁ ୧୩ ପର୍ଯ୍ୟନ୍ତ ନାମଲେଖା

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଯୁକ୍ତ୨ ନାମଲେଖା ପାଇଁ ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ଶେଷ ହୋଇଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଦେଢ଼ଲକ୍ଷ ଛାତ୍ରୀଛାତ୍ର ଆବେଦନ କରିଥିବା ଜଣାପଡ଼ିଛି। ଆସନ୍ତା ଅକ୍ଟୋବର ୧ତାରିଖ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ଅକ୍ଟୋବର ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ନାମଲେଖା ହେବ। ମନୋନୀତ ଛାତ୍ରୀଛାତ୍ରମାନେ ପ୍ରତିଦିନ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ଭିତରେ ନାମ ଲେଖାଇବେ। ୧୮ତାରିଖ ଅପରାହ୍ନ ୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ, ଯାହାକି ବଳକା ସିଟ୍‌ର ୫ଗୁଣା ରହିବ। ୧୮ ତାରିଖ ଅପରାହ୍ନ ୨ଟା ୩୦ରୁ ୧୯ ତାରିଖ ଅପରାହ୍ନ ୪ଟା ଭିତରେ ମନୋନୀତ ଛାତ୍ରୀଛାତ୍ରମାନେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ପଞ୍ଜୀକରଣ କରିବେ। ୨୦ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ସ୍ପଟ୍ ନାମଲେଖା ପାଇଁ ପଞ୍ଜୀକୃତ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମନୋନୀତ ଛାତ୍ରୀଛାତ୍ରଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୨୦ ତାରିଖ ଅପରାହ୍ନ ୨ଟାରୁ ୨୧ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସ୍ପଟ୍ ନାମଲେଖା ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଯୁକ୍ତ୨ ନାମଲେଖା ଅଗଷ୍ଟ ୧୯ରୁ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ସହ ସ୍ପଟ୍ ନାମଲେଖା ସରିଛି। କିନ୍ତୁ ବହୁ ଛାତ୍ରୀଛାତ୍ର ଯୁକ୍ତ୨ ପାଇଁ ଆବେଦନ କରିପାରିନଥିଲେ। ତେଣୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରଥମ ଥର ପାଇଁ ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆରମ୍ଭ କରିଥିଲା। ଏଥିପାଇଁ ଗତ ୧୦ତାରିଖରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ତାହା ଶେଷ ହୋଇଛି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ ୨,୦୬୫ ଉଚ୍ଚ ମାଧ୍ୟମିକ ସ୍କୁଲରେ ମୋଟ ୫,୦୮,୭୭୮ ସିଟ୍ ରହିଥିବାବେଳେ ୩,୭୪,୦୧୬ଜଣ ନାମ ଲେଖାଇ ସାରିଛନ୍ତି। ଆଉ ୧,୩୪,୭୬୨ ସିଟ୍ ବଳକା ପଡ଼ିଛି।






> ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। **–ଶ୍ରୀମା**

# ଏପଟ ନା ସେପଟ

ଭାରତର ଭୁଲ୍ ବୈଦେଶିକ ଓ ଅର୍ଥନୈତିକ ନୀତି ଯୋଗୁ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହେଉଥିବାର ଏକାଧିକ ପ୍ରମାଣ ମିଳିସାରିଲାଣି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ବେଳେ ଚାଇନା ସହ ଭାରତ ସ୍ୱର ମିଳାଇ ପରୋକ୍ଷରେ ରୁଷିଆକୁ ସମର୍ଥନ କରିଥିଲା। ଯୁଦ୍ଧ ହେବା ପରେ ଯେତେବେଳେ ରୁଷିଆ ବିରୋଧରେ ଜାତିସଂଘରେ ବୈଠକ ବସିଲା ସେତେବେଳେ ଭାରତ ଭୋଟଦାନରୁ ବିରତ ରହିଥିଲା। ଆଶା କରିଥିଲା ରୁଷିଆରୁ କମ୍ ମୂଲ୍ୟରେ ପେଟ୍ରୋଲିୟମ୍ ପଦାର୍ଥ ଆଣି ନିଜ ଅର୍ଥନୀତିକୁ ସୁଦୃଢ଼ କରିବ। କିନ୍ତୁ ତାହା ନ ହୋଇଲା। ନିକଟ ଅତୀତରେ ଯେବେଠାରୁ ରୁଷିଆ ଯୁଦ୍ଧ ହାରୁଛି ବୋଲି ବିଶ୍ୱବ୍ୟାପୀ ଧାରଣା ସୃଷ୍ଟି ହେଲାଣି ସେବେଠାରୁ ଭାରତ ତା'ର ପୂର୍ବ କଥାକୁ ବଦଳାଇବାକୁ ପ୍ରାଣମୂର୍ଚ୍ଛା ଚେଷ୍ଟା କରୁଛି। ଏଭଳି ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି ଦୂରଦୃଷ୍ଟିହୀନତାକୁ ଦର୍ଶାଉଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଯେତେ ଦମ୍ଭୋକ୍ତି ଦେଖାଉଛନ୍ତି, ସେତିକି ଦୁର୍ବଳ ଭାରତ ହୋଇଯାଉଛି ବୋଲି ସ୍ପଷ୍ଟ ବୁଝାପଡୁଛି। ରୁଷିଆ ସହିତ ନିବିଡ଼ ସମ୍ପର୍କ ରହିଛି ବୋଲି ସବୁ ଭାରତୀୟ ଜାଣନ୍ତି। କାରଣ ଭାବେ, ବାରମ୍ବାର ଦର୍ଶାଯାଉଛି ଭାରତର ପ୍ରତିରକ୍ଷା ସାମଗ୍ରୀ ମୁଖ୍ୟତଃ ରୁଷିଆ ନିର୍ମିତ ହୋଇଥିବାରୁ ଏଭଳି ପଦକ୍ଷେପ ନେବାକୁ ପଡୁଛି। କିନ୍ତୁ ଟାଣୁଆ ନେତୃତ୍ୱ କଥା ବାରମ୍ବାର ଦୋହରାଉଥିବା ଜୟଶଙ୍କର ସାଧାରଣ ନାଗରିକଙ୍କୁ ବୁଝାଇବାରେ ଅସମର୍ଥ ହେଲା ଭଳି ମନେହେଉଛି। କାରଣ ଟାଣୁଆ ନେତୃତ୍ୱର ମୁଖ୍ୟ ପରିଚୟ ହେଉଛି ଦୂରଦୃଷ୍ଟି। 'ଅବ୍ କି ବାର୍ ଟ୍ରମ୍ପ୍ ସରକାର' ଧ୍ୱନିର ପ୍ରାୟଶ୍ଚିତ୍ତ କରିବାର ସୁଯୋଗ ଗତ ଫେବୃୟାରୀରେ ୟୁକ୍ରେନ୍ ଯୁଦ୍ଧ ଆଣିଦେଇଥିଲା। ସେତେବେଳେ ୟୁକ୍ରେନ୍‌କୁ ସମର୍ଥନ କରିଥିଲେ ପରିସ୍ଥିତି ସୁଧୁରିବାର ସମ୍ଭାବନା ସୃଷ୍ଟି ହୋଇପାରିଥାଆନ୍ତା। ଆଜି ପାକିସ୍ତାନକୁ ତାହାର ଏଫ୍–୧୬ ଲଢୁଆ ବିମାନକୁ ଅଧିକ ଦିନ କାର୍ଯ୍ୟକ୍ଷମ କରି ରଖିବା ଲାଗି ୪୫୦ ମିଲିୟନ ଆମେରିକୀୟ ଡଲାର ଦେଇଛି ୱାଶିଂଟନ। ମନେରଖିବାକୁ ହେବ ଯେ, ପାକିସ୍ତାନର ସଫଳ ବୈଦେଶିକ ନୀତି ଯୋଗୁ କେବଳ ଚାଇନା ନୁହେଁ, ଉଭୟ ଆମେରିକା ଓ ରୁଷିଆ ସେହି ଦେଶକୁ ଆର୍ଥିକ ଓ ସାମରିକ ସାମଗ୍ରୀ ଦେଇ ସାହାଯ୍ୟ କରୁଛନ୍ତି। ଭାରତର ଜୟଶଙ୍କର ନେତୃତ୍ୱର ଟାଣୁଆପଣ ଦେଖାଇବା ସହ କେବଳ କାନ୍ଦୁଛନ୍ତି।

ବାସ୍ତବରେ ଦୂରଦୃଷ୍ଟି ଥିଲେ ବୈଦେଶିକ ନୀତିରେ ସ୍ଥାୟିତ୍ୱ ଥାଏ। ପ୍ରଥମେ ଭାରତର ଅପରିପକ୍ୱ ବୈଦେଶିକ ନୀତି ଧରାପଡ଼ିଥିଲା ଯେତେବେଳେ ଟ୍ରମ୍ପ୍‌ଙ୍କ ପରାଜୟ ହୋଇସାରିବା ପରେ ମଧ୍ୟ ସଙ୍ଗେ ସଙ୍ଗେ ବାଇଡେନ୍‌ଙ୍କୁ ଶୁଭେଚ୍ଛା ଜଣାଇବା ହୋଇ ନ ଥିଲା। ପୁନର୍ବାର ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କଲା ବେଳକୁ ରୁଷିଆକୁ ସମର୍ଥନ ଜଣାଇଥିବା ଭାରତ ଜାତିସଂଘରେ ରୁଷିଆ ବିରୋଧୀ ସଂକଳ୍ପରେ ଭାଗ ନେଇ ନ ଥିଲା। ଏହା ପରେ ଯେତେବେଳେ ରୁଷିଆର ଦୁର୍ବଳତା ଦେଖାଦେଲାଣି ସେତେବେଳେ ଭାରତ କରଛଡ଼ା କରୁଛି ଏବଂ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଜାତିସଂଘରେ ଭାଷଣ ଦେବାର ଅନୁମତିକୁ ସମର୍ଥନ କଲା। ଦଳେ ଦେଶ ରହିଲେ ରୁଷିଆ ବିରୋଧୀ। ଆଉ କିଛି ରହିଲେ ରୁଷିଆ ସମର୍ଥକ। ଭାରତ ପରୋକ୍ଷରେ ରୁଷିଆ ସମର୍ଥକ ଭାବେ ନିଜକୁ ଦର୍ଶାଇବା ପରେ ଏବେ ବିଶ୍ୱାସଘାତକ ଭାବେ ରୁଷିଆଠାରୁ ଦୂରେଇଯାଉଛି। ଏହି ଯୁଦ୍ଧ ଅସରନ୍ତି ନୁହେଁ। ବିଶ୍ୱ ମାନଚିତ୍ରରୁ ରୁଷିଆ ଲିଭିଯିବ ନାହିଁ। କିନ୍ତୁ ରୁଷିଆ ସରକାର ଜାଣିଲା ଭାରତ ବେଇମାନ କଲା। ଅନ୍ୟପଟେ ପାଶ୍ଚାତ୍ୟ ଶକ୍ତି ଜାଣିଲା ଭାରତ ତାଙ୍କ ପଟେ ନାହିଁ। ଅର୍ଥାତ୍ ଭାରତ ନା ଏପଟ ନା ସେପଟ ହୋଇ ରହିଯାଇଛି।

ବୈଦେଶିକ ବ୍ୟାପାର ପରିଚାଳନା କରୁଥିବା ବ୍ୟକ୍ତିମାନେ ଉଚିତ ବୁଦ୍ଧି ଖଟେଇବା କଥା। ଗୋଟେ ଦେଶର ବିଦେଶ ନୀତି ତାହାର ଅର୍ଥନୀତିକୁ ପ୍ରଭାବିତ କରିଥାଏ। ଦୁଇ ଦେଶ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ପୁଞ୍ଜିନିବେଶ, ଆମଦାନୀ ଓ ରପ୍ତାନି ଭଳି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥାଏ। କିନ୍ତୁ ଏବେ ଭାରତର ଆର୍ଥିକ ସ୍ଥିତି ଦେଖିଲେ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ୨୬ ସେପ୍ଟେମ୍ବର ୨୦୨୨ରେ ଆମେରିକାର ଡଲାର ତୁଳନାରେ ଭାରତର ମୁଦ୍ରା ସର୍ବକାଳୀନ ହ୍ରାସ ପାଇଛି। ଅର୍ଥାତ୍ ଡଲାର ମୂଲ୍ୟ ୮୧ ଟଙ୍କା ୬୩ ପଇସା ଯାଏ ଯାଇଛି। ଫଳରେ ଡଲାରକୁ ଷ୍ଟାଣ୍ଡାର୍ଡ ବିନିମୟ ମୁଦ୍ରା ଭାବେ ନେଇ ଭାରତ ଯେଉଁସବୁ ରାଷ୍ଟ୍ର ସହ ବାଣିଜ୍ୟିକ କାରବାର କରୁଛି, ସବୁଥିରେ କ୍ଷତି ସହିବା ଥୟ। ଏମିତି ଦେଖିଲେ କିଛି ବର୍ଷ ହେବ ଭାରତୀୟ ପୁଞ୍ଜିବଜାରରୁ ବିଦେଶ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ)ମାନେ ଅର୍ଥ ଉଠାଇ ନେଉଛନ୍ତି। କାରଣ ଭାରତୀୟ ବଜାରକୁ ସେମାନେ ଏକ ଅସ୍ଥିର ସ୍ଥିତିରେ ଗତି କରୁଥିବା ଲକ୍ଷ୍ୟ କରୁଛନ୍ତି। ଏଥିପାଇଁ ଆଭ୍ୟନ୍ତରୀଣ ରାଜନୀତି ମୁଖ୍ୟତଃ ଦାୟୀ। ବୈଦେଶିକ ଓ ଆର୍ଥିକ ନୀତିର ଭୁଲ୍ ପରିଚାଳନା ଯୋଗୁ ଭାରତ ବଦ୍‌ଗୁଣର ଶିକାର ହେଉଛି ବୋଲି ବୁଝିବାକୁ ହେବ।

# ବନ୍ଧୁକ ସଂସ୍କୃତି

ସେପ୍ଟେମ୍ବର ୨୬ରେ ରୁଷିଆର ଇଜେଭ୍‌ସ୍କ ସହରସ୍ଥିତ ସ୍କୁଲ ନମ୍ବର–୮୮ରେ ଆର୍ଟେମ୍ କାଜାଣ୍ଟସେଭ୍ ଆଖିବୁଜା ଗୁଳି ଚଳାଇଥିଲେ। ଶେଷରେ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ। ଉକ୍ତ ଘଟଣାରେ ୧୧ ଜଣ ଛାତ୍ରଙ୍କ ସମେତ ୧୫ ଜଣଙ୍କ ମୃତ୍ୟୁ ଘଟିଛି ଓ ପାଖାପାଖି ଦୁଇ ଡଜନ ଗୁରୁତର ହୋଇଛନ୍ତି। ତାଙ୍କ ଟି ଶର୍ଟରେ ସ୍ୱସ୍ତିକ ଚିହ୍ନଥିବାରୁ ଆର୍ଟେମ୍‌ଙ୍କର ନାଜି ଲିଙ୍କ୍ ରହିଥିବା ପୋଲିସ ସନ୍ଦେହ କରିଛି। ଏହା ଏକ ଆତଙ୍କବାଦୀ କାର୍ଯ୍ୟ ଓ ଏଥିରେ ଫାସିବାଦୀ ସଂଗଠନର ହାତ ଅଛି ବୋଲି ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ କହିଛନ୍ତି। ସ୍କୁଲ ନମ୍ବର–୮୮ ଗୁଳିକାଣ୍ଡରେ ଫାସିବାଦୀଙ୍କ ହାତ ଅଛି କି ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ। କିନ୍ତୁ ସ୍ୱୀକାର କରିବାକୁ ପଡ଼ିବ ଯେ ସ୍କୁଲ ଓ କଲେଜରେ ଏଭଳି ଘଟଣା ରୁଷିଆରେ ପ୍ରଥମ କି ଦ୍ୱିତୀୟ ନୁହେଁ, ବହୁବାର ଘଟିଛି। ବିଗତ ଦୁଇ ବର୍ଷ ମଧ୍ୟରେ ତିନୋଟି ବଡ଼ ଗୁଳିକାଣ୍ଡ ମଧ୍ୟରେ ପିରମ୍ ଷ୍ଟେଟ ୟୁନିଭର୍ସିଟି ଓ କାଜାନ ସ୍କୁଲ ଗୁଳିକାଣ୍ଡ ପରେ ଏବକାର ଘଟଣା ନିଶ୍ଚିତ ଚିନ୍ତାଜନକ। କେବଳ ରୁଷିଆ ନୁହେଁ, ବିଶ୍ୱରେ କଲେଜ କିମ୍ବା ସ୍କୁଲ ଗୁଳିକାଣ୍ଡରେ ଆମେରିକା ରହିଛି ସବୁଠୁ ଆଗରେ। ପିଲାମାନଙ୍କ ମଧ୍ୟରେ ମୃତ୍ୟୁର ମୁଖ୍ୟ କାରଣ ହେଉଛି ଗୁଳିକାଣ୍ଡ। ଏହା ତୁଳନାରେ ରାସ୍ତା ଦୁର୍ଘଟଣା, ପାଣିରେ ବୁଡ଼ିଯିବା ଇତ୍ୟାଦି ଗୌଣ ହୋଇଯାଉଛି। ୨୦୧୮ଠାରୁ ଏଯାବତ୍ ଆମେରିକାରେ ଶିକ୍ଷାନୁଷ୍ଠାନରେ ୧୧୮ଟି ଛୋଟବଡ଼ ଗୁଳିକାଣ୍ଡରେ ଅନେକରେ ଛାତ୍ରମାନେ ଜଡ଼ିତ ଥିବା ଜଣାପଡ଼ିଛି। ସେଠାରେ ପ୍ରଚଳିତ ବନ୍ଧୁକ ସଂସ୍କୃତି ହିଁ ଏଭଳି ଗୁଳିକାଣ୍ଡର ପ୍ରମୁଖ କାରଣ। ଆମେରିକାର ବନ୍ଧୁକ ସଂସ୍କୃତି ଖୁବ୍ ମଜଭୁତ। ଆମେରିକା ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ମାତ୍ର ୪%, କିନ୍ତୁ ବିଶ୍ୱରେ ଲୋକମାନଙ୍କ ପାଖରେ ଥିବା ୮୫୬ ମିଲିୟନ ବନ୍ଧୁକର ୪୬% ରହିଛି ଆମେରିକୀୟଙ୍କ ପାଖରେ। ସେମାନଙ୍କ ନିକଟରେ ମୋଟରେ ୩୯୩ ମିଲିୟନ ବନ୍ଧୁକ ରହିଛି। ବିଶ୍ୱର ଶୀର୍ଷ ୨୫ ଦେଶରେ ଲୋକମାନଙ୍କ ପାଖରେ ଯେତିକି ବନ୍ଧୁକ ଅଛି, ତାହାଠାରୁ ଅଧିକ ବନ୍ଧୁକ ରଖିଛନ୍ତି ଆମେରିକୀୟମାନେ।

ବନ୍ଧୁକ ସଂସ୍କୃତି ଆପଣାଇ ଆମେରିକା ବିଶ୍ୱରେ ଗମ୍ଭୀର ପରିଣାମ ଭୋଗ କରୁଛି। ତେବେ ଚଳିତ ବର୍ଷ ମେ'ରେ ଟେକ୍ସାସର ଉଭାଲ୍‌ଡେସ୍ଥିତ ଏକ ପ୍ରାଥମିକ ସ୍କୁଲ ଗୁଳିକାଣ୍ଡରେ ୧୯ ଜଣ ଛାତ୍ରଙ୍କ ସମେତ ୨୧ ଜଣଙ୍କ ମୃତ୍ୟୁ ହେବା ପରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଚିନ୍ତା ପ୍ରକଟ କରିଥିଲେ। ଆମେ ବନ୍ଧୁକ ନିୟନ୍ତ୍ରଣ କରିବା ସପକ୍ଷରେ କେବେ ଠିଆ ହେବା ବୋଲି ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ଏହା ଉପରେ ତ୍ୱରିତ ପଦକ୍ଷେପ ନେବାକୁ ହେବ ବୋଲି ସେ ମଧ୍ୟ ପ୍ରକାଶ କରିଥିଲେ। ତେବେ ଦୀର୍ଘ ଦଶନ୍ଧି ଧରି ଆମେରିକାରେ ବଳବତ୍ତର ରହିଥିବା ବନ୍ଧୁକ ସଂସ୍କୃତି ଦୂର କରିବାରେ ସେ କେତେ ସଫଳ ହେବେ ତାହା ସମୟ କହିବ। କିନ୍ତୁ ବନ୍ଧୁକ ସଂସ୍କୃତିରୁ ସୃଷ୍ଟି ଶିକ୍ଷାନୁଷ୍ଠାନ ଗୁଳିକାଣ୍ଡର ଭୟାବହତାକୁ ଏବେ ଯେଉଁଭଳି ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସାମ୍ନା କରିବାରେ ଲାଗିଛନ୍ତି, ତାହା ଏକ ଆହ୍ୱାନ ଭାବେ ଉଭା ହୋଇଛି। ଗବେଷଣାରୁ ଜଣାପଡ଼ିଛି ଯେ ସହଜରେ ବନ୍ଧୁକ ଉପଲବ୍ଧ ହେବା, ପରିବାରର ଦୁର୍ବଳତା, ମାନସିକ ରୋଗ ଓ ଅନ୍ୟ ମନସ୍ତାତ୍ତ୍ୱିକ ସମସ୍ୟା ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଗୁଳିକାଣ୍ଡ ଘଟୁଛି। ଏହାବାଦ୍ ବୁଲିଂ, ପ୍ରତିଶୋଧ ମନୋଭାବ, ସ୍କୁଲ ତରଫରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଛାତ୍ରମାନଙ୍କୁ ଏସବୁ କାର୍ଯ୍ୟ ଲାଗି ପ୍ରେରିତ କରୁଛି।

ଆମେରିକାରେ ନୀତିର ପରିବର୍ତ୍ତନ ହୋଇପାରୁ ନ ଥିବାରୁ ବନ୍ଧୁକ କିଣିବା ଅତ୍ୟନ୍ତ ସହଜ ହେଉଛି। ଏପରି କି ନାବାଳକ ମଧ୍ୟ ଦୋକାନକୁ ଯାଇ ବନ୍ଧୁକ କିମ୍ବା ପିସ୍ତଲ କିଣିପାରିବ। ପ୍ରତିଷେଧକ ନୀତିକୁ ବିରୋଧ କରିଆସୁଛି ବନ୍ଧୁକ ନିର୍ମାତାମାନଙ୍କ ଶକ୍ତିଶାଳୀ ଗୋଷ୍ଠୀ। ସେହି ଦେଶରେ ସାଧାରଣ ନାଗରିକ ଅସୁରକ୍ଷିତ ଏବଂ ନିଜ କତିରେ ବନ୍ଧୁକ ରଖିବା ଆବଶ୍ୟକ ବୋଲି ଏହି ନିର୍ମାତା ଗୋଷ୍ଠୀ ଅନେକ କାଳରୁ ବାରମ୍ବାର ପ୍ରଚାର କରିଆସୁଥିବାର ଦେଖାଯାଉଛି। ତାହାର ଫଳ ଆଜି ଭୋଗିବାକୁ ମଧ୍ୟ ପଡୁଛି।

# ମୂଲ୍ୟସ୍ଫୀତିର ଆଘାତ ଅସହ୍ୟ



କିଶୋର ଜେନା

କରୋନାର ଧକ୍କା ସମ୍ଭାଳି ଉଠୁ ଉଠୁ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ସାରା ବିଶ୍ୱକୁ ଏକ ନୂଆ ସଙ୍କଟ ମଧ୍ୟକୁ ଠେଲିଦେଇଛି। ଏଭଳି ଅବସ୍ଥାରେ ଦେଶରେ ଆଲୋଚ୍ୟ ବିଷୟ ହେଉଛି ଦ୍ରବ୍ୟ ମୂଲ୍ୟର ଊର୍ଦ୍ଧ୍ୱଗତି କିମ୍ବା ମୂଲ୍ୟସ୍ଫୀତି ବା ମୁଦ୍ରାସ୍ଫୀତି ଓ ବେକାରି। ସମ୍ପ୍ରତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି, ମୁଦ୍ରାସ୍ଫୀତି ତାଙ୍କ ସରକାରଙ୍କ ପାଖରେ ମୁଖ୍ୟ ସମସ୍ୟା ନୁହେଁ। ସେ ସତ କଥା କହିଛନ୍ତି, ବେକାରି ଓ ଅର୍ଥନୀତିର ଅଭିବୃଦ୍ଧି ସରକାରଙ୍କ ପାଖରେ ମୁଖ୍ୟ ଚିନ୍ତାର ବିଷୟ। ଏତେଦିନ ପରେ ସରକାର ସ୍ୱୀକାର କଲେ ଯେ, ବେକାରି ଓ ଜିଡିପି ସରକାରଙ୍କ ପାଇଁ ସମସ୍ୟାର ବିଷୟ। ତେବେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନାର ବିଷୟ ହେଉଛି ଜିନିଷପତ୍ରର ଅହେତୁକ ଦରବୃଦ୍ଧି ଏବଂ ଏହାର ଊର୍ଦ୍ଧ୍ୱଗତି, ମୁଦ୍ରାସ୍ଫୀତି ବା ମୂଲ୍ୟସ୍ଫୀତି। ଏହି ଦୁଇ ଅବସ୍ଥାର ଚୂଡ଼ାନ୍ତ ପରିଣତି ଏକ ହେଲେ ମଧ୍ୟ ଦୁଇଟି ଧାରଣା ମଧ୍ୟରେ କିଛି ପାର୍ଥକ୍ୟ ରହିଛି। ଅର୍ଥନୀତିର ଭାଷାରେ ମୁଦ୍ରାସ୍ଫୀତି କହିଲେ ଦେଶର ବଜାରରେ ପଣ୍ୟର ସରବରାହ ଅପରିବର୍ତ୍ତିତ ରହିଲେ ମଧ୍ୟ ମୁଦ୍ରା ବା ଅର୍ଥ ସରବରାହ ବୃଦ୍ଧିକୁ ବୁଝାଏ। ଏଭଳି ଅବସ୍ଥାରେ ଅନେକ ବେଶି ଟଙ୍କା ସୀମିତ ପଣ୍ୟର ପଛରେ ଯାଏ। ଫଳରେ ପଣ୍ୟର ଚାହିଦା ଓ ମୂଲ୍ୟ ସ୍ତର ବଢ଼ିଯାଏ। ସୁତରାଂ ମୁଦ୍ରାସ୍ଫୀତିର କାରଣରୁ ସବୁ ଧରଣର ପଣ୍ୟ ଓ ସେବାମୂଲ୍ୟର କ୍ରମାଗତ ବୃଦ୍ଧି ଘଟିଥାଏ। ଅତିରିକ୍ତ ଯୋଗାଣ ହେଲେ ସ୍ୱାଭାବିକ ଭାବେ ଅର୍ଥର ମୂଲ୍ୟ ବା କ୍ରୟ କ୍ଷମତା କମିଯାଏ। ଏଭଳି ପରିସ୍ଥିତିରେ କୁହାଯାଏ, ମୁଦ୍ରାସ୍ଫୀତିରେ କେବଳ ଟଙ୍କା ଛଡ଼ା ସବୁକିଛିର ଦାମ୍ ବଢ଼ିଯାଏ। ସାଧାରଣ ଅର୍ଥରେ ମୁଦ୍ରାସ୍ଫୀତି ସହ ମୂଲ୍ୟସ୍ଫୀତିର ଏହା ଏକ ସହଜବୋଧ ସମ୍ପର୍କ। କିନ୍ତୁ ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତିକୁ ସବୁ ସମୟରେ ଏକ ଓ ଅଭିନ୍ନ କରି ଦେଖିବା ଠିକ୍ ନୁହେଁ। କାରଣ ମୁଦ୍ରାସ୍ଫୀତି ନ ଥିଲେ ମଧ୍ୟ କୌଣସି ବିଶେଷ ଦ୍ରବ୍ୟର ମୂଲ୍ୟସ୍ଫୀତି ଘଟିପାରେ। ବର୍ତ୍ତମାନର ମୁଦ୍ରାସ୍ଫୀତି ସରକାରଙ୍କ ପାଖରେ ମୂଳ ବିବେଚନାର ବିଷୟ ନୁହେଁ। କିନ୍ତୁ ମୂଲ୍ୟସ୍ଫୀତି ପ୍ରତି ସରକାରଙ୍କ ଚିନ୍ତା ଭାବନା ଅଛି ନା ନାହିଁ, ବିଚାର କରିବାକୁ ହେବ।

ଅର୍ଥମନ୍ତ୍ରୀ କହିଲେ, ମୁଦ୍ରାସ୍ଫୀତି ତାଙ୍କ ସରକାର ପାଇଁ ଚିନ୍ତାର ବିଷୟ ନୁହେଁ। ତେବେ ମୂଲ୍ୟସ୍ଫୀତି ସମ୍ପର୍କରେ ସେ ନୀରବ। ଗତ ଜୁଲାଇ ମାସରେ ଖୁଚୁରା ମୂଲ୍ୟବୃଦ୍ଧିର ହାର ଥିଲା ୬.୭୧ ପ୍ରତିଶତ ଯାହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଘୋଷଣାର ଅନେକ ଉପରେ। ଅଗଷ୍ଟରେ ଏହି ଖୁଚୁରା ମୁଦ୍ରାସ୍ଫୀତି ୭ ପ୍ରତିଶତ ଉପରେ। ଏହି ଖୁଚୁରା ମୁଦ୍ରାସ୍ଫୀତି ଏପ୍ରିଲ–ଜୁନ୍‌ରେ ୭ ପ୍ରତିଶତ ଉପରେ ଥିଲା। ଖୁଚୁରା ମୂଲ୍ୟସ୍ଫୀତି ଯଦି କେନ୍ଦ୍ର ସରକାରଙ୍କ ପାଇଁ ବିଚାର୍ଯ୍ୟ ବିଷୟ ନ ହୁଏ, ତେବେ ସାଧାରଣ ମଣିଷର ଆୟ ଦିଗକୁ ଦେଖିବାକୁ ହେବ। ସେ କ୍ଷେତ୍ରରେ ସରକାର କୌଣସି ପ୍ରକାର ପଦକ୍ଷେପ ନେବାକୁ ସକ୍ଷମ ହୋଇଛନ୍ତି କି? ବହୁ ଜିନିଷପତ୍ରର ଦାମ୍ ଆଜି ସାଧାରଣ ଜନତାଙ୍କ ହାତ ବାହାରେ। ବଜାରରେ କ୍ରେତା ନାହିଁ, ଚାହିଦାର ଅଭାବ। ପ୍ରକୃତରେ ଲୋକଙ୍କ ହାତରେ କ୍ରୟ କ୍ଷମତା ନାହିଁ। ଦାମ୍ ବଢ଼ିଛି ଯାବତୀୟ ଖାଦ୍ୟ ସାମଗ୍ରୀର। ନୀତି ଆୟୋଗର କର୍ତ୍ତା ରାଜୀବ କୁମାର କହିଲେ, ଦେଶର ଅର୍ଥନୈତିକ ଅଭିବୃଦ୍ଧି ଧିମେଇ ଯାଇ ନାହିଁ, ମୂଲ୍ୟବୃଦ୍ଧି ସହନସୀମା ମଧ୍ୟରେ ଅଛି। ଅଦ୍ଭୁତ କଥା। ମୂଲ୍ୟସ୍ଫୀତି ଯେଉଁଭଳି ଭାବେ ବଢୁଛି, ତାହା ଭାରତବର୍ଷକୁ ଅବସ୍ଫୀତି ଦିଗକୁ ନେଇଯାଉଛି। ଏହା ସାଙ୍ଗକୁ ଯୁବସମାଜ ମଧ୍ୟରେ ବେକାରି ବୃଦ୍ଧି ରେକର୍ଡ ସ୍ତରରେ। ଅଗଷ୍ଟରେ ବେକାରି ହାର ୮.୩ ପ୍ରତିଶତ ବୋଲି ସିଏମ୍‌ଆଇଇର ଏବକାର ରିପୋର୍ଟରେ ପ୍ରକାଶ ପାଇଛି। ସହରରେ ବେକାରି ହାର ୯.୫ ପ୍ରତିଶତ, ୧୫ରୁ ୨୪ ବର୍ଷ ବୟସ୍କଙ୍କ ମଧ୍ୟରେ ବେକାରି ହାର ୩୪ ପ୍ରତିଶତ। ବେକାରି ସାଙ୍ଗକୁ ମୂଲ୍ୟସ୍ଫୀତି ଦେଶରେ ଏକ ଗୁରୁତର ସାମାଜିକ ସଙ୍କଟ ସୃଷ୍ଟି କରିଛି। ଆର୍ଥିକ ସଂସ୍କାର ନାମରେ ରାଷ୍ଟ୍ରାୟତ୍ତ କ୍ଷେତ୍ରକୁ ଦୁର୍ବଳ, ଏପରିକି ବିଲୋପ କରିଦେବାର ବ୍ୟବସ୍ଥା ହେଉଛି।



ଅର୍ଥନୀତିର ତତ୍ତ୍ୱରେ ଅଛି ମୂଲ୍ୟବୃଦ୍ଧି ସହ ବେକାରିତ୍ୱର ବିପରୀତମୁଖୀ ସମ୍ପର୍କର କଥା। ଦେଶର ଅର୍ଥନୀତି ଯେତେବେଳେ ଉଜ୍ଜ୍ୱଳ, ସେତେବେଳେ ଭୋଗ୍ୟ ପଣ୍ୟର ପ୍ରଚୁର ଚାହିଦା ବଢ଼ିବ। ଫଳରେ ଉତ୍ପାଦନ ବୃଦ୍ଧି ପାଇବ। ଶ୍ରମିକଙ୍କ ଚାହିଦା ଓ ମଜୁରି ବଢ଼ିବ। ଏହା ସହ ଜିନିଷପତ୍ରର ଦାମ୍ ମଧ୍ୟ ବଢ଼ିବ। ବେକାରି କମିବ। ବର୍ତ୍ତମାନ କ'ଣ ଦେଶରେ ସେହି ଅବସ୍ଥା ଚାଲିଛି! ଏହା ତ ନୁହେଁ। ଏବେ ଅର୍ଥନୀତିର ଚମକ ନାହିଁ। ସୀତାରାମନ କ'ଣ ଏହା ଜାଣିନାହାନ୍ତି। ମୂଲ୍ୟସ୍ଫୀତି ନିୟନ୍ତ୍ରଣ ନ କଲେ ଦେଶର କ'ଣ 'ଶ୍ରୀବୃଦ୍ଧି' ଘଟିବ!

ଆଉ କେନ୍ଦ୍ର ସରକାର କ'ଣ ସତରେ ଗରିବ କଲ୍ୟାଣରେ ଟଙ୍କା ବ୍ୟୟ କରୁଥିବା କାରଣରୁ ଏହି ମୂଲ୍ୟସ୍ଫୀତି? ଅସଲରେ ଯେଉଁ ନୀତି ଅର୍ଥମନ୍ତ୍ରୀ ନେଇଛନ୍ତି ସେ ଗରିବ କଲ୍ୟାଣ ପ୍ରକଳ୍ପ ହେଉ ବା ଅନ୍ୟ କିଛି ତାହା ପାଇଁ ଆବଶ୍ୟକ ଅର୍ଥ ତାଙ୍କୁ ହିଁ ଯୋଗାଇବାକୁ ହେଉଛି। ଗତ ବଜେଟରେ କର୍ପୋରେଟ୍ କର ହାର ୩୦ ପ୍ରତିଶତରୁ ୨୨–୨୫ ପ୍ରତିଶତକୁ କମାଇ ଦିଆଯାଇଛି। ଆଉ ନୂଆ କୌଣସି ଉଦ୍ୟୋଗ ହେଲେ ୧୫ ପ୍ରତିଶତରୁ କମ୍ କର ଦେବାକୁ ହେବ। ଅଥଚ ବ୍ୟକ୍ତିଗତ ଆୟକର ୩୦ ପ୍ରତିଶତ ଏବଂ ଏହା ସହ ୪ ପ୍ରତିଶତ ସର୍‌ଚାର୍ଜ। ସମ୍ପତ୍ତି କର ଆଉ ନାହିଁ। କି ସୁନ୍ଦର ବ୍ୟବସ୍ଥା ! ଏପରିକି ଉତ୍ତରାଧିକାର କର ମଧ୍ୟ ନାହିଁ। ସରକାରଙ୍କ ରାଜସ୍ୱର ମୂଳ ଉତ୍ସ ଜିଏସ୍‌ଟି ଓ ଜାଳେଣି ଉପରେ ବି କର। ତା'ହେଲେ ସାଧାରଣ ଜନତାକୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ଜିଏସ୍‌ଟି ଦେବାକୁ ପଡୁଛି ଓ ଜାଳେଣି ପାଇଁ କର ଦେବାକୁ ପଡୁଛି। ଅଥଚ ଧନିକ ବର୍ଗ ଓ କର୍ପୋରେଟ୍‌ମାନଙ୍କୁ କର ଛାଡ଼ କରାଯାଉଛି। ଗରିବ କଲ୍ୟାଣ ପ୍ରକଳ୍ପରେ ନଗଦ ହସ୍ତାନ୍ତର ହୋଇଛି ୨ ଲକ୍ଷ ୨୫ ହଜାର କୋଟି ଟଙ୍କା। ଆଉ କେବଳ ଜାଳେଣି କ୍ଷେତ୍ରରୁ ଏହାଠାରୁ ଯଥେଷ୍ଟ ଅଧିକ କର ଆଦାୟ ହେଉଛି। କେନ୍ଦ୍ରୀୟ ରାଜସ୍ୱରେ ପେଟ୍ରୋଲିୟମ କ୍ଷେତ୍ରର କର ବାବଦରେ ଯେଉଁ ଅର୍ଥ ଜମା ହେଉଛି, ତାହା ଅଭାବନୀୟ। ୨୦୧୪–୧୫ରେ ଆୟ ହୋଇଥିଲା ଏହି କ୍ଷେତ୍ରରୁ ୧୭୨,୦୬୫ କୋଟି ଟଙ୍କା, ୨୦୧୭–୧୮ ରେ ଏହା ହୋଇଥିଲା ୩,୩୬,୧୭୫ କୋଟି ଟଙ୍କା। ୨୦୨୦–୨୧ ରେ ତାହା ହୋଇଛି ୪,୫୫,୦୬୯ କୋଟି ଟଙ୍କା। ଏହି ଯେଉଁ ଜାଳେଣି ଉପରେ କର ବସାଯାଉଛି, ତାହାର ଦାୟ ଦେଶର ୯୫ ପ୍ରତିଶତ ଲୋକଙ୍କୁ ଦେବାକୁ ପଡ଼େ। ଏହା ହିଁ ବିସ୍ମୟ!

ଆଶ୍ଚର୍ଯ୍ୟଜନକ ଭାବେ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଉପରେ ମୁଦ୍ରାସ୍ଫୀତି ଓ ମୂଲ୍ୟସ୍ଫୀତିକୁ ନିୟନ୍ତ୍ରଣ କରିବାର ଭାର ଛାଡ଼ି ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ବା ରିଜର୍ଭ ବ୍ୟାଙ୍କ କେବଳ ଅର୍ଥର କ୍ରୟ କ୍ଷମତାକୁ ନିୟନ୍ତ୍ରଣ କରିପାରେ, କିନ୍ତୁ ଜୀବନଯାତ୍ରାର ବ୍ୟୟ ବୃଦ୍ଧିକୁ ରୋକିବାରେ ଅକ୍ଷମ। ଜୀବନଯାତ୍ରାର ବ୍ୟୟ ବଢ଼େ ଅନ୍ୟ ଜିନିଷର ସହ, ବିଶେଷକରି ଆୟ ତୁଳନାରେ କୌଣସି ନିର୍ଦ୍ଦିଷ୍ଟ ପଣ୍ୟର ତୁଳନାତ୍ମକ ମୂଲ୍ୟବୃଦ୍ଧି କାରଣରୁ। ତେବେ ଗୋଟିଏ ପରିବାରର ଜୀବନଯାତ୍ରାର କୌଣସି ନିର୍ଦ୍ଦିଷ୍ଟ ଉପାଦାନର ଯଦି ଦାମ୍ ବଢ଼ିଯାଏ, ତେବେ ଜୀବନଯାତ୍ରାର ବ୍ୟୟ ବୃଦ୍ଧିପାଏ। ତାକୁ ଅର୍ଥମନ୍ତ୍ରୀ ମୁଦ୍ରାସ୍ଫୀତି ବା ମୂଲ୍ୟସ୍ଫୀତି ବୋଲି ମାନିବାକୁ ରାଜି ନୁହନ୍ତି।

ତେବେ ଏଠାରେ ଉଲ୍ଲେଖ କରାଯାଇପାରେ, ସୁଧର ହାର ଦ୍ୱାରା ନିୟନ୍ତ୍ରଣ କରାଯାଏ ଚାହିଦାଜାତ ମୂଲ୍ୟସ୍ଫୀତିକୁ। କିନ୍ତୁ ଯେଉଁ ମୂଲ୍ୟସ୍ଫୀତି ବ୍ୟୟବୃଦ୍ଧିଜନିତ, ତାକୁ ସୁଧର ହାର ବୃଦ୍ଧି ନିୟନ୍ତ୍ରଣ କରିବାକୁ ଅକ୍ଷମ। ବର୍ତ୍ତମାନ ପରିସ୍ଥିତିରେ ଆମର ଅର୍ଥନୀତିରେ ଯେଉଁ ମୂଲ୍ୟବୃଦ୍ଧି ଦେଖାଦେଇଛି, ତାହା ବ୍ୟୟବୃଦ୍ଧିଜନିତ। ଏହାବ୍ୟତୀତ ଜିଏସ୍‌ଟି ବୃଦ୍ଧି ମଧ୍ୟ ସବୁ ଜିନିଷର ଦାମ୍ ବଢ଼ାଇଛି।

ମୋ: ୯୪୩୭୩୮୪୮୬୭

# ପାର୍ବଣ ଋତୁ ଓ ଚାନ୍ଦା



ନାରାୟଣ ଚନ୍ଦ୍ର ବିଶ୍ୱାଳ

ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଐତିହ୍ୟ ଅନ୍ୟ ରାଜ୍ୟଗୁଡ଼ିକଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର। ଭାରତର ସାଂସ୍କୃତିକ ଇତିହାସରେ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି। ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ କିଛି ସମଭାବାପନ୍ନ ବ୍ୟକ୍ତିବିଶେଷ ବିଭିନ୍ନ ଅନୁଷ୍ଠାନ ଗଢ଼ି ତା' ମାଧ୍ୟମରେ ଦେବଦେବୀ ଓ ମହାପୁରୁଷଙ୍କ ପୂଜା ଏବଂ ଜୟନ୍ତୀ ଉତ୍ସବ ପାଳନ କରିଆସୁଛନ୍ତି। ବିଶେଷକରି ପାର୍ବଣ ଋତୁ ଆସିଗଲେ ସେହି ଅନୁଷ୍ଠାନ ସମୂହ ଚଳଚଞ୍ଚଳ ହୋଇ ଉଠନ୍ତି ଏବଂ ବିନା ବାଧାବିଘ୍ନରେ ପୂଜା ଶେଷ କରିବାକୁ ଉଦ୍ୟମ କରନ୍ତି।

ସମୟକ୍ରମେ ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ସାଂସ୍କୃତିକ ଅନୁଷ୍ଠାନ ଗଠନ କରାଯାଇଥିଲା ସେସବୁରୁ ପୁରୁଖା ସଦସ୍ୟମାନେ ବିଦାୟ ନେଲାପରେ ନୂତନ ପିଢ଼ିଙ୍କର ପୂର୍ବପରି ଭକ୍ତିଭାବ ନ ରହିବା ଲକ୍ଷ୍ୟ କରାଯାଉଛି। ତେବେ ଅନେକ କ୍ଷେତ୍ରରେ ଯୁବପିଢ଼ିମାନେ କିଛି ସେବାମୂଳକ କାର୍ଯ୍ୟକ୍ରମକୁ ପ୍ରଶଂସନୀୟ ଭାବେ ସାମିଲ କରୁଛନ୍ତି। ସ୍ଥଳବିଶେଷରେ କେତେକ ଅନୁଷ୍ଠାନ ନାମରେ ମଧ୍ୟ ପରିବର୍ତ୍ତନ ହେଲା। ଦେବଦେବୀ ଓ ପୂଜ୍ୟପୂଜାଙ୍କ ସମ୍ମାନାର୍ଥେ ଯେଉଁ ଅନୁଷ୍ଠାନ ଗଢ଼ି ଉଠିଥିଲା ତାହା ପୂଜା କମିଟି ବା କ୍ଲବ ଘରରେ ପରିଣତ ହେଲା। ନୈତିକତା ଓ ଆଦର୍ଶରୁ ବିଚ୍ୟୁତ ହୋଇ ଯୁବକମାନେ ଭକ୍ତି ବଦଳରେ ଭୋଗ ପ୍ରତି ଆଗ୍ରହୀ ହେଲେ। ନେତୃତ୍ୱକୁ ନେଇ ସଭ୍ୟମାନଙ୍କ ମଧ୍ୟରେ ମନାନ୍ତର ଓ କ୍ରମେ ମତାନ୍ତର ସୃଷ୍ଟି ହୋଇ ଗୋଟିଏ ଗୋଟିଏ ଗାଁରେ, ସାହିରେ, ସହରର ପ୍ରତିଟି ୟୁନିଟ୍‌ରେ ଦୁଇ ତିନୋଟି ପୂଜା କମିଟି ବା କ୍ଲବ୍ ଘର ଜନ୍ମ ନେଲା। ସୁନ୍ଦର ଓ ଦାମିକା ପ୍ରତିମୂର୍ତ୍ତି ସାଙ୍ଗକୁ ମନଲୋଭା ଚିକିଚିକି ତୋରଣ ତିଆରିରେ କର୍ମକର୍ତ୍ତାମାନେ ଲାଗିପଡ଼ିଲେ। ଭକ୍ତି ସଂଗୀତ ପ୍ରତି ରୁଚି ନ ରଖି ମେଲୋଡି ପାର୍ଟିର ଆୟୋଜନ କଲେ। ନିଜ ନିଜର ଅହମିକାକୁ ଲୋକଲୋଚନକୁ ଆଣିବା ପାଇଁ ସେମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। ଏସବୁ ଆବଶ୍ୟକତାର ମୂଳରେ ରହିଲା ଅର୍ଥ। ଆଜିର ଦୁନିଆରେ ଅର୍ଥ ବିନା କିଛି ବି ସମ୍ଭବ ନୁହେଁ ଏବଂ ଯେଉଁମାନେ ସଭ୍ୟ ରହିଲେ କେତେକଙ୍କୁ ବାଦ୍ ଦେଲେ ଅନ୍ୟମାନେ ନିଜ ପକେଟ୍‌ରୁ ପଇସାଟିଏ କାଢ଼ି ଖର୍ଚ୍ଚ କରିବାକୁ ଉଚିତ ମଣିଲେ ନାହିଁ। ଫଳସ୍ୱରୂପ ସାଧାରଣ ଜନତା ଓ ଛୋଟବଡ଼ ବ୍ୟବସାୟୀଙ୍କୁ ଟାର୍ଗେଟ କରି ଚାନ୍ଦା ଆଦାୟ ଯୋଜନା ଆରମ୍ଭ ହେଲା। ଏହି ଚାନ୍ଦା ଆଦାୟର ତରିକା ଏପରି ହେଲାଣି ଯେ କ୍ଲବ ବା କମିଟିର ସଭ୍ୟମାନେ ରାସ୍ତାକଡ଼ର ଉଠା ଦୋକାନୀ ଓ କଲୋନୀର ବାସିନ୍ଦାମାନଙ୍କୁ ମଧ୍ୟ ଛାଡ଼ିଲେ ନାହିଁ। ଦେଖାଯାଏ ଅନେକ ପୂଜା କମିଟି ପୂଜାଚାନ୍ଦାକୁ ବର୍ଷ ତମାମ ପ୍ରତି ଦିନ ହିସାବରେ କେଉଁଠୁ ଦୁଇଟଙ୍କା, କେଉଁଠୁ ଦଶଟଙ୍କା ହିସାବରେ ଆଦାୟ କରିଥାନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବର୍ଷ ମହଙ୍ଗା ଭତ୍ତା ବଢ଼ାଇବା ପରି ପୂଜା କମିଟି ତରଫରୁ ଚାନ୍ଦାର ପରିମାଣ ମଧ୍ୟ ବର୍ଷକୁ ବର୍ଷ ବଢ଼ି ଚାଲିଲା। ଏସବୁ ଯୋଗୁ କେତେକ ଜାଗାରେ ଚାନ୍ଦା ଦେବାକୁ ନେଇ ମଧ୍ୟ ଗଣ୍ଡଗୋଳ ହେଲା ଓ ହେଉଛି ମଧ୍ୟ। ଚଳିତବର୍ଷ ଦ୍ୱୈତନଗରୀ



କଟକ–ଭୁବନେଶ୍ୱରରେ ପୂଜା କାର୍ଯ୍ୟକ୍ରମ ପାଇଁ ସହାୟତା ବା ଚାନ୍ଦାକୁ ନେଇ ପୋଲିସ କଠୋର ପଦକ୍ଷେପ ନେଇଛି। ନିର୍ଦ୍ଦିଷ୍ଟ ଭାବେ ନମ୍ବର ଦିଆଯାଇଛି କୌଣସି ଅନୁଷ୍ଠାନ ପୂଜାଚାନ୍ଦା ଜୋରଜୁଲମ କଲେ ପୋଲିସର ଏହି ନମ୍ବରରେ ସହାୟତା କରିବା ପାଇଁ। ଜୋରଜବରଦସ୍ତ ଚାନ୍ଦା ଆଦାୟ ଏପରି ହେବାକୁ ଲାଗିଲା ଯେ ଶେଷରେ ପୋଲିସ ପ୍ରଶାସନ ଏହାକୁ ଅପରାଧଭାବେ ଗ୍ରହଣ କରି ଚାନ୍ଦା ମାଗିଲେ ବନ୍ଧା ହେବ ବୋଲି ସତର୍କ କରାଇଛନ୍ତି।

ମନ୍ଦିର, ଦେବଦେବୀ, ପୂଜ୍ୟପୂଜାଙ୍କ ମହୋତ୍ସବ ପାଳନ ନିମିତ୍ତ ଚାନ୍ଦା ଦେବା ବିଶେଷ କିଛି ବଡ଼କଥା ନୁହେଁ। କିନ୍ତୁ କଥା ହେଉଛି ମନ୍ଦିର ଓ ଦେବଦେବୀଙ୍କ ସଂଖ୍ୟା କ୍ରମଶଃ ବଢ଼ି ବଢ଼ି ଚାଲିଛି। ପର୍ବ ପାଳନର ପ୍ରଣାଳୀ ମଧ୍ୟ। ଆୟୋଜକମାନେ ନିଷ୍ଠାର ସହିତ ପୂଜା ପାଳନକୁ ଗୁରୁତ୍ୱ ନ ଦେଇ ମଉଜ ମଜ୍‌ଲିସ୍‌କୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ତାହା ବୁଦ୍ଧିଜୀବୀମାନଙ୍କୁ ଅସନ୍ତୁଷ୍ଟ କରୁଛି। ସଂସ୍କୃତି ଓ ପରମ୍ପରାର ସୁରକ୍ଷା ନାମରେ ଆଜିର ପୂଜା କମିଟିମାନ ଅପସଂସ୍କୃତିକୁ ଆପଣାଇବାକୁ ଚେଷ୍ଟା କରୁଛନ୍ତି। ଏମିତି ହେଲାଣି ଦେବଦେବୀଙ୍କ ପ୍ରତିମୂର୍ତ୍ତିକୁ ମୂଳ ରୂପ ନ ଦେଇ ଆଧୁନିକ ଢଙ୍ଗରେ ଠିଆ କଲେଣି। କେଉଁଠି ଗଣେଶ ଜିନ୍ ପ୍ୟାଣ୍ଟ ପିନ୍ଧି, ମୁଣ୍ଡରେ ଟୋପି ଦେଇ ଟ୍ୟାବ୍ ଓ ବ୍ୟାଟ୍ ଧରିଲେଣି ତ କେଉଁଠି ଦେବୀ ସରସ୍ୱତୀ ମିନି ସ୍କର୍ଟ ପିନ୍ଧି ଟଚ୍ ସ୍କ୍ରିନ୍ ମୋବାଇଲ ଧରିଲେଣି। ଏ କ୍ଷେତ୍ରରେ ଓଡ଼ିଶା ହାଇକୋର୍ଟ କିଛିଦିନ ତଳେ ପୋଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଅବଶ୍ୟ ସବୁ ପୂଜା କମିଟିର ଆୟୋଜକମାନେ ଏମିତି ନିର୍ବୋଧତାର ପରିଚୟ ଦିଅନ୍ତି ନାହିଁ। ସେମାନଙ୍କ ହୃଦୟରେ ଏବେ ମଧ୍ୟ ବୈଦିକ ପରମ୍ପରା ପ୍ରତି ସମ୍ମାନ ଅଛି। ଠାକୁର ଠାକୁରାଣୀଙ୍କ ପ୍ରତି ଗଭୀର ଭକ୍ତିଭାବ ରହିଛି। ନ ହେଲେ ଏତେ ବର୍ଷ ଧରି ଏ ପରମ୍ପରା ବଞ୍ଚିଛି କିପରି? ଅନେକ ପୂଜା କମିଟି ସେବା କାର୍ଯ୍ୟକ୍ରମ କରି ପ୍ରଶଂସା ଅର୍ଜନ କରିଥାନ୍ତି। ସାହିରେ କୌଣସି ମେଧାବୀ ଛାତ୍ରଙ୍କୁ ପାଠପଢ଼ା ପାଇଁ ଆର୍ଥିକ ସହାୟତା ହେଉ ବା ଗରିବ ଝିଅର ବିବାହ କାର୍ଯ୍ୟ, ଅନାଥାଶ୍ରମରେ ଖାଦ୍ୟ ବଣ୍ଟନ ବା ବସ୍ତ୍ରଦାନ, ରକ୍ତଦାନ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ କେହି କେହି ଅର୍ଥ ସଞ୍ଚୟ କରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ବା ରେଡ୍‌କ୍ରସକୁ ଅର୍ଥ ଦାନ କରିଥାନ୍ତି। ସେହିପରି ଅନେକ ସ୍ଥାନରେ ଦେଖାଯାଏ ଯେ ଏହି କାର୍ଯ୍ୟକ୍ରମରେ ମେଲୋଡି ଆୟୋଜନ କରାଯାଉଥିବାରୁ ସେମାନଙ୍କର ଖର୍ଚ୍ଚ ବୃଦ୍ଧି ପାଏ। କରୋନା ମହାମାରୀ ପାଇଁ ଦୁଇବର୍ଷ କଟକ ଦଶହରାର ପାର୍ବଣକୁ ଫିକା କରିଦେଇଥିଲା। ଚଳିତବର୍ଷ ଧୁମ୍‌ଧାମରେ ପାଳନ କରିବା ପାଇଁ ସମସ୍ତେ ଅଣ୍ଟା ଭିଡ଼ିଛନ୍ତି। ତେବେ ଶାନ୍ତି ଶୃଙ୍ଖଳା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ପାଲଟିଥାନ୍ତି କିଛି ଅସାମାଜିକ ତତ୍ତ୍ୱ। ସେମାନଙ୍କୁ ପ୍ରତିରୋଧ କରିବା ସହ ସ୍ଥାନୀୟ ପୂଜା କମିଟି ଓ ପ୍ରଶାସନକୁ ସାହାଯ୍ୟ କରିବା ଆମ ସମସ୍ତଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ। ସଂସ୍କୃତି ଓ ପରମ୍ପରାର ସୁରକ୍ଷା ହେଉ, ଏହା ଆନନ୍ଦର କଥା। କିନ୍ତୁ ପୂଜ୍ୟପୂଜା ନାମରେ ତାମସା କରା ନ ଯାଉ। ଆମ ଯାବତୀୟ ଉନ୍ନତିର ମୂଳକାରଣ, ଆମ ସୁଖସମୃଦ୍ଧିର ମୂଳ ଉତ୍ସ ହେଉଛି ଆମ ଉନ୍ନତ ସଂସ୍କୃତି ଓ ପରମ୍ପରା। ଏହାର ସୁରକ୍ଷା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**'ଧ୍ୱନୀ' ମେଟ୍ରୋପ୍ଲାଜା, କାଠଗୋଲା ରୋଡ୍, ମଙ୍ଗଳାବାଗ, କଟକ, ମୋ: ୯୪୩୮୨୭୬୭୭୬୦**

## ଏଇ ଭାରତରେ

ବିହାର ବକ୍ସରର ହରି ଓମ୍ ଚୌବେ ସାପକାମୁଡ଼ାକୁ ନେଇ ରହିଥିବା ଅନ୍ଧବିଶ୍ୱାସ ଦୂର କରିବାରେ ଲାଗିଛନ୍ତି। ଈଶ୍ୱର ସନ୍ତୁଷ୍ଟ ନ ହେଲେ ସାପ କାମୁଡନ୍ତି ବୋଲି ଉକ୍ତ ଅଞ୍ଚଳରେ ଅନ୍ଧବିଶ୍ୱାସ ରହିଛି। ଏଣୁ କାହାକୁ ସାପ କାମୁଡ଼ିଲେ ସେମାନେ ପ୍ରାଥମିକ ଚିକିତ୍ସାରୁ ବିରତ ରହିବା ଦ୍ୱାରା ବହୁ ଲୋକଙ୍କ ମୃତ୍ୟୁ ଘଟିଥାଏ। ଏଭଳି ଅନ୍ଧବିଶ୍ୱାସ ଦୂର କରିବା ଏବଂ ସାପକାମୁଡ଼ାଜନିତ ମୃତ୍ୟୁ ରୋକିବା ଲାଗି ଚୌବେ ସାପ ଉଦ୍ଧାର କାର୍ଯ୍ୟ କରିବା ସହ ଲୋକମାନଙ୍କୁ ସଚେତନ କରୁଛନ୍ତି। ଏଯାବତ୍ ସେ ୩୦୦୦ ସାପ ଉଦ୍ଧାର କରିସାରିଲେଣି। ତାଙ୍କ ଦାଦାଙ୍କଠାରୁ ପାଇଥିବା 'ସ୍ନେକ୍ସ ଅଫ୍ ଇଣ୍ଡିଆ' ପୁସ୍ତକ ପଢ଼ି ସେ ବିଷଧର ସାପ ଉଦ୍ଧାର ପଦ୍ଧତି ଶିକ୍ଷା କରିଥିଲେ। ଏହି ଜ୍ଞାନ ଏବେ ତାଙ୍କୁ ସହଯୋଗ କରୁଛି। କେବଳ ଏତିକି ନୁହେଁ, ସେ ଚୁରାମନପୁରରେ ଏକ ପ୍ରାଣୀ ଉଦ୍ଧାର କେନ୍ଦ୍ର ଖୋଲିଛନ୍ତି। ୧୫୨ ପ୍ରାଣୀଙ୍କୁ ଉଦ୍ଧାର କରି ସେଠାରେ ରଖିଛନ୍ତି। ପ୍ରତିଦିନ କୁକୁର, ମାଙ୍କଡ଼, ବିଲେଇ, ସାପ ଆଦି ଉଦ୍ଧାର କରିବା ଲାଗି ପାଖାପାଖି ୨୫ କଲ୍ ପାଉଛନ୍ତି। ସାପ ଉଦ୍ଧାର କରି ଯାହା ରୋଜଗାର କରୁଛନ୍ତି ତାହାକୁ ଏହି କେନ୍ଦ୍ରରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୭

- ମାଲେସିଆ ଉପକୂଳସ୍ଥ ମାଲାକା ପ୍ରଣାଳୀରେ ଏକ ଭାରତୀୟ ମାଲବାହୀ ଜାହାଜ ଅନ୍ୟ ଏକ ଜାହାଜ ସହ ଧକ୍କା ଲାଗିବା ଫଳରେ ୨୯ ଭାରତୀୟ ମୃତ।
- ଭାରତ ଓ ବେଲାରୁଷ ମଧ୍ୟରେ ଆନ୍ତଃ–ସରକାରୀ କମିଶନ ଗଠନ ତଥା ବିମାନ ଚଳାଚଳ ନେଇ ୪ଟି ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

ପଥେ ପଥେ ରୂପେ ରୂପେ
ରୂପର ବିଳାସ,
ଫେରିଆସେ ବାର ବାର
ସେହି ମଧୁମାସ। –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 5 | |
| 8 | | | 4 | | | 1 | 9 | |
| | 6 | | | 3 | | | | |
| | 9 | 4 | | | 2 | | 3 | |
| | | | | | | | | |
| | | | | | 9 | | 2 | 6 |
| | 4 | 3 | 7 | | | | | 8 |
| | | | 1 | | | 5 | 7 | |
| | 7 | | | 9 | | | 4 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 4 | 9 | 7 | 5 | 8 | 1 | 6 |
| 8 | 9 | 6 | 1 | 4 | 2 | 5 | 7 | 3 |
| 1 | 5 | 7 | 3 | 6 | 8 | 2 | 9 | 4 |
| 4 | 6 | 8 | 2 | 9 | 7 | 3 | 5 | 1 |
| 9 | 3 | 1 | 8 | 5 | 6 | 4 | 2 | 7 |
| 2 | 7 | 5 | 4 | 3 | 1 | 9 | 6 | 8 |
| 6 | 1 | 3 | 5 | 2 | 4 | 7 | 8 | 9 |
| 5 | 8 | 9 | 7 | 1 | 3 | 6 | 4 | 2 |
| 7 | 4 | 2 | 6 | 8 | 9 | 1 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାକ୍ ସ୍ୱାଧୀନତା ବିପନ୍ନ

**ମହାଶୟ,** ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ ହେଉଥିବା ବେଳେ ବହୁ ଖ୍ୟାତନାମା ଅନ୍ତର୍ଜାତୀୟ ଲେଖକ ଓ କଳାକାର ଏଠାରେ ବାକ୍ ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ଅଭିଯୋଗ କରି ଚିନ୍ତା ପ୍ରକଟ କରିଛନ୍ତି। ଏଥିପାଇଁ ସେମାନେ ଏହି ଗଣତାନ୍ତ୍ରିକ ଆଦର୍ଶକୁ ସମର୍ଥନ କରିବା ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଅନୁରୋଧ ଜଣାଇଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟା ଆସି ନ ଥିଲେ ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଏହି ଅଭିଯୋଗର ସତ୍ୟତା ରହିଛି।

**– ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହୁ ବାକ୍ସର ଯତ୍ନ



ମହୁବାକ୍ସଗୁଡ଼ିକ ଗଛତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସ ଗୁଡ଼ିକ ଉପରେ ନଡ଼ା କିମ୍ବା ଅଖାଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସ ଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଖରାଦିନ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳ କରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।

## ଲାଭଜନକ ପନିପରିବା ଚାଷ



ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ। ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ । କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ। ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇ ଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ। ତରଭୂଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

## ସୂର୍ଯ୍ୟମୁଖୀରେ ଧଳାମାଛି ଦମନ



ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ ଲାଗି ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍.ଏଲ୍.) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ୍ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

# ସଅଳ କିସମ ଧାନ ଅମଳ

### ଅକ୍ଟୋବର ମାସର କୃଷି ସୂଚନା



ସଅଳ କିସମ ଧାନ କାଟିବାର ଏକ ସପ୍ତାହ ପୂର୍ବରୁ ଜମିରୁ ପାଣି ନିଷ୍କାସନ କରିଦିଅନ୍ତୁ । ଶତକଡ଼ା ୮୫ ଭାଗ କେଣ୍ଡା ପାଚିଗଲେ ଅମଳ କରି ୨/୩ ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ । ବିଳମ୍ବରେ ରୁଆ ଯାଇଥିବା ଧାନରେ ଥୋଡ଼ସାର ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ ଓ ୨୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ। ଗନ୍ଧିପୋକ ଦମନ ପାଇଁ କିଆରିରେ ନିମ୍ବମଞ୍ଜି ପ୍ରସ୍ତୁତ ଦ୍ରବଣ ୫ ପ୍ରତିଶତ ସିଞ୍ଚନ କରନ୍ତୁ କିମ୍ବା ମାଲାଥିଅନ୍ /କ୍ଲୋର୍‌ପାଇରିଫସ୍ ଗୁଣ୍ଡ ଔଷଧ ଏକର ପିଛା ୮ କି.ଗ୍ରା. ହିସାବରେ ଭୋର ସମୟରେ ଗଛ ଉପରେ ମଶାରୀ କନା ଥଳି ଦ୍ୱାରା ଉଡ଼ାନ୍ତୁ। ମାଟିଆଗୁଣ୍ଡିର ପୂର୍ଣ୍ଣାଙ୍ଗ ପୋକ କିମ୍ବା ଅର୍ଭକ ଦେଖାଦେଲେ ନିମ୍ନଲିଖିତ ପରିଚାଳନା ପଦ୍ଧତି ଅବଲମ୍ବନ କରିପାରିବେ। ପ୍ରଥମେ ଆକ୍ରାନ୍ତ କିଆରିରୁ ଠିଆପାଣି ନିଷ୍କାସନ କରନ୍ତୁ ଓ ଜମିକୁ ଶୁଷ୍କ ରଖନ୍ତୁ। ଅଦଳ ବଦଳ କରି ଜମିରେ ପାଣି ମଡ଼ାନ୍ତୁ ଓ ଜମିରୁ ପାଣି ନିଷ୍କାସନ କରନ୍ତୁ। ପ୍ରତି ୬ ଫୁଟ ଅନ୍ତରରେ କନ୍ଦି / ପାହି ତିଆରି କରିଦିଅନ୍ତୁ। ଏହା ଦ୍ୱାରା ବୁଦା ମୂଳକୁ ଆଲୋକ ଓ ବାୟୁ ଚଳାଚଳ ସହଜ ହୋଇଥାଏ ଏବଂ କୀଟନାଶକ ପ୍ରୟୋଗ କରିବା ସୁବିଧା ହୋଇଥାଏ। କୀଟନାଶକ ପ୍ରୟୋଗ ପୂର୍ବରୁ କନ୍ଦି / ପାହି ପ୍ରସ୍ତୁତ କରନ୍ତୁ। ନିଶ୍ଚୟ ଅନୁମୋଦିତ ମାତ୍ରାରେ କୀଟନାଶକ ପ୍ରୟୋଗ କରନ୍ତୁ। ସିଞ୍ଚନ ସମୟରେ ସ୍ପ୍ରେୟରର ନୋଜଲକୁ ବୁଦା ମୂଳକୁ ଦେଖାଇ ସିଞ୍ଚନ କରନ୍ତୁ ଯେପରିକି ପୋକଗୁଡ଼ିକ କୀଟନାଶକ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିବେ। ଦରକାର ପଡ଼ିଲେ ୧୦ ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଅର୍ଥାତ୍ ଏକା ଔଷଧକୁ ଦ୍ୱିତୀୟ ବାର ସିଞ୍ଚନ କରନ୍ତୁ ନାହିଁ।

**ମକା :** ମକାର ଚୋପା ହଳଦିଆ ପଡ଼ି ଦାନା ପାକଳ ହେଲେ ଅମଳ କରନ୍ତୁ। ମକାର ଚୋପା ଛଡ଼ାଇ ୭-୮ ଦିନ ଖରାରେ ଶୁଖାଇ ମଞ୍ଜି ବାହାର କରନ୍ତୁ। ଏଥିପାଇଁ ହସ୍ତଚାଳିତ ବା ଶକ୍ତିଚାଳିତ ମକାଛଡ଼ା ଯନ୍ତ୍ର ବ୍ୟବହାର କରନ୍ତୁ ।

**ମାଣ୍ଡିଆ :** କେଣ୍ଡାଗୁଡ଼ିକ ଧୂସର ବର୍ଣ୍ଣ ହୋଇଗଲେ ୨ରୁ ୩ ଥରରେ କେଣ୍ଡାକାଟି ଅମଳ କରନ୍ତୁ ଓ ମୂଳରୁ ଗଛ କାଟି ଗୋଖାଦ୍ୟ ରୂପେ ବ୍ୟବହାର କରନ୍ତୁ। କେଣ୍ଡାଗୁଡ଼ିକ ୩-୪ ଦିନ ଖରାରେ ଶୁଖାଇ ଅମଳ କରନ୍ତୁ ।

**ଗହମ :** ଗହମ ବୁଣିବା ପାଇଁ ଜମିକୁ ଗୁଣ୍ଡଚାଷ କରନ୍ତୁ ଓ ମୂଳି ସଫାକରି ପଟାଳି ପ୍ରସ୍ତୁତ କରନ୍ତୁ । ଉନ୍ନତ ବିହନ ଯଥା:- ସାଗରିକା, ଉତ୍କଳିକା, କଲ୍ୟାଣ ସୋନା, ୟୁପି-୨୬୨ ସଂଗ୍ରହ କରନ୍ତୁ ।



**ଡାଲିଜାତୀୟ ଫସଲ**

**ମୁଗର ଉନ୍ନତ କିସମ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍.୧୧-୫ (କାମଦେବ), ସୁଜାତା ଓ ଧଉଳି, ଆଇ.ପି.ଏମ୍.-୦୨-୧୪, ଆଇ.ପି.ଏମ୍.-୦୨-୦୩ ।

**ବିରିର ଉନ୍ନତ କିସମ :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଉଜ୍ୱଳା, ଶେଖର-୨, ସାରଳା, ମାହୁରି, ଶଶି । ମୁଗ, ବିରି, ମଟର, ବିଲଚଣା ଆଦିକୁ ଧାନ କାଟିବାର ୭ ଦିନ ପୂର୍ବରୁ ଅନୁମୋଦିତ ବିହନର ଦେଢ଼ଗୁଣ ପାଇରା ଫସଲ ପାଇଁ ଛଟାବୁଣା କରନ୍ତୁ। ଜମି କିସମ ଦେଖି ପ୍ରାକ୍ ରବି ଫସଲ ଭାବେ ମୁଗ କିସମ ଟାର୍ମ-୧ ଓ ୨, ପି.ଡି.ଏମ୍.୧୧ ଓ ୫୪, ବିରି କିସମ ସାରଳା, ପି.ୟୁ.-୩୦ ଓ ୩୫ ଅକ୍ଟୋବର ଦ୍ୱିତୀୟ ସପ୍ତାହ ସୁଦ୍ଧା ବୁଣାବୁଣି କରନ୍ତୁ। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ୍ ଜୀବାଣୁ କଲ୍‌ଚର କେ.ଜି. ପ୍ରତି ୨୦ ଗ୍ରାମ୍ ଦ୍ୱାରା ବିଶୋଧନ କରନ୍ତୁ । ହେକ୍ଟର ପ୍ରତି ୨୦ କେ.ଜି. ଯବକ୍ଷାରଜାନ ୪୦ କେ.ଜି. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ବ୍ୟବହାର କରନ୍ତୁ ।

**ରାଶି :** ଢିପଜମିରେ ଧାନ ଅମଳ ପରେ ଜମିର ବତର ଦେଖି ସଅଳ କିସମ ରାଶି ବୁଣନ୍ତୁ । ରାଶିର ଉନ୍ନତ ବିହନ କିସମଗୁଡ଼ିକ ହେଲା - ବିନାୟକ, କନକ, କାଳିକା, ପ୍ରାଚୀ, ନିର୍ମଳା, ଉମା, ଉଷା, ଅମ୍ରିତ୍, ସ୍ମାରକ ଓ ଶୁଭ୍ରା । ହେକ୍ଟର ପ୍ରତି ୭.୫-୧୦ କିଲୋଗ୍ରାମ୍ ବିହନ ବ୍ୟବହାର କରନ୍ତୁ । ପ୍ରତି କିଲୋଗ୍ରାମ୍ ବିହନରେ କାର୍ବୋକ୍ସିନ୍ ଓ ଥିରାମ୍ ୨ ଗ୍ରାମ୍ ଗୋଳାଇ ବିଶୋଧନ କରନ୍ତୁ । ବିହନ ସହିତ ସମାନ ପରିମାଣରେ ବାଲି ମିଶାଇ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନରେ ୧ ସେ.ମି. ଗଭୀରରେ ବିହନ ବୁଣନ୍ତୁ ।

**ଆଖୁ :** ବର୍ଷା ଯୋଗୁ ଆଖୁ କିଆରିରେ ପାଣି ଜମିଥିଲେ ନିଷ୍କାସନ କରନ୍ତୁ । ବିହନ ପାଇଁ କିଆରିରୁ ନୀରୋଗ ଆଖୁ ବାଛି ଚିହ୍ନ ଦିଅନ୍ତୁ । ନାଲି ଶଢ଼ା ଆକ୍ରାନ୍ତ ବୁଦା ଓପାଡ଼ି ନଷ୍ଟ କରନ୍ତୁ। ସେଠାରେ କାର୍ବେଣ୍ଡାଜିମ୍ ଦ୍ରବଣ (୨ ଗ୍ରାମ୍ ପ୍ରତି ଲିଟର ପାଣି) ମାଟି ଭିଜା କରନ୍ତୁ। ପାଖ ବୁଦାଗୁଡ଼ିକୁ ମଧ୍ୟ ସମ ପରିମାଣରେ ମାଟିଭିଜା କରନ୍ତୁ।

**କପା :** ଜଉ ପୋକ, ପତ୍ରଡିଆଁ ପୋକ ଓ ଉକ୍ଣୁଣିଆ ପୋକ ଦେଖାଦେଲେ ୧୫ ଲିଟର ପାଣିରେ କିମ୍ବା ୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ମିଶାଇ ସିଞ୍ଚନ କରନ୍ତୁ। ଏହାଛଡ଼ା ୧୦ ଲିଟର ପାଣିରେ ୩ ଗ୍ରାମ୍ ଆସିଟାମିପ୍ରିଡ୍ ମିଶାଇ ପତ୍ର ସିଞ୍ଚନ କରାଯାଇପାରେ।

- କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓୟୁଏଟି, ଭୁବନେଶ୍ୱର-୩

## ମାଛଚାଷ



ବର୍ଷା ତଥା ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ପୋଖରୀ ହୁଡ଼ାକୁ ଠିକ୍ ଭାବରେ ପ୍ରସ୍ତୁତ କରନ୍ତୁ ଏବଂ ପୋଖରୀରେ ମୁଣ୍ଡା ଯାଆଁଳ ଛାଡ଼ନ୍ତୁ । ହେକ୍ଟର ପ୍ରତି ଦୈନିକ ୩.୫୦ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୩.୫୦ କି.ଗ୍ରା. ବାଦାମ ପିଡ଼ିଆର ମିଶ୍ରଣ ପୋଖରୀରେ ପ୍ରୟୋଗ କରନ୍ତୁ । ଏହାଛଡ଼ା ମାସିକ ହେକ୍ଟର ପ୍ରତି ୨୫ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ । ଚୂନ ପ୍ରୟୋଗର ୭ ଦିନ ପରେ ୬୨୫ ରୁ ୭୫୦ କି.ଗ୍ରା. କଞ୍ଚା ଗୋବର ପୋଖରୀରେ ପ୍ରୟୋଗ କରନ୍ତୁ ଏବଂ ଗୋବର ପ୍ରୟୋଗର ୧୫ ଦିନ ପରେ କ୍ୟାଲ୍‌ସିୟମ୍ ଆମୋନିୟମ୍ ନାଇଟ୍ରେଟ୍ (ସି.ଏ.ଏନ୍.) ୨୦ ରୁ ୨୫ କି.ଗ୍ରା. ଏବଂ ସିଙ୍ଗଲ୍ ସୁପର ଫସ୍‌ଫେଟ୍ (ଏସ୍.ଏସ୍.ପି.) ସାର ୧୫ ରୁ ୨୦ କି.ଗ୍ରା. ମାଛ ପୋଖରୀରେ ପ୍ରୟୋଗ କରନ୍ତୁ ।

## ଗୋରୁଙ୍କ ଲମ୍ପି ଚର୍ମରୋଗ ଓ ପ୍ରତିକାର



**ଶେଷ ଭାଗ**

**ରୋଗ ନିୟନ୍ତ୍ରଣ :** ରାଜ୍ୟର ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ ୫ କି.ମି. ଦୂରତା ମଧ୍ୟରେ ଥିବା ବର୍ଡର ବ୍ଲକ ଓ ଗ୍ରାମଗୁଡ଼ିକୁ ଚିହ୍ନଟିକରି ରୋଗ ଅନୁଧ୍ୟାନ କରିବା ଉଚିତ । ରୋଗ ସମ୍ଭାବିତ ବା ସନ୍ଦିଗ୍ଧ ଅଞ୍ଚଳରେ ଗୋରୁଙ୍କୁ ଛେଳିବସନ୍ତ ଟିକା ପ୍ରଦାନ କରିବା ଉଚିତ । ରାଜ୍ୟ-ରାଜ୍ୟ ବା ଜିଲା-ଜିଲା ମଧ୍ୟରେ ଗୋରୁ ପରିବହନକୁ ବାରଣ କରାଯିବା ଉଚିତ । ସ୍ଥାନୀୟ ଗୋରୁହାଟଗୁଡ଼ିକୁ ସାମୟିକଭାବେ ବନ୍ଦ ରଖିବା ଆବଶ୍ୟକ। ଗୋ-ମେଳା ଓ ଗୋ-ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମକୁ ବନ୍ଦ କରାଯିବା ଉଚିତ। ଏହି ରୋଗରେ ବିଶେଷ ଭାବେ ପ୍ରାଣୀମାନଙ୍କର ମୃତ୍ୟୁ ଘଟି ନ ଥାଏ। ତେଣୁ ରୋଗ ଆରମ୍ଭରେ ଚିକିତ୍ସା କଲେ ଗୋରୁ ଶୀଘ୍ର ଆରୋଗ୍ୟଲାଭ କରନ୍ତି । ଗୁହାଳକୁ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହିତ ଖାଦ୍ୟ ଓ ପାଣିପାତ୍ର ଆଦିକୁ ସଫାସୁତୁରା ରଖନ୍ତୁ । ସଂକ୍ରମିତ ଗୁହାଳକୁ ୨ରୁ ୩ % ସୋଡିୟମ୍ ହାଇପୋକ୍ଲୋରାଇଡ୍, ୧% ଫରମାଲିନ୍ କିମ୍ବା ୦.୫ % କ୍ୱାଟେରିନାରି ଆମୋନିୟମ କମ୍ପାଉଣ୍ଡ ଆଦି ଦ୍ରବଣ ଦ୍ୱାରା ବିଶୋଧନ କରାଯିବା ଆବଶ୍ୟକ। ଏଥିସହିତ ଗୁହାଳର ଚଟାଣକୁ ଫିନାଇଲ, ଲାଇସୋଲ, କ୍ରିସୋଲ କିମ୍ବା ଖାରସୋଡ଼ା ପାଣିରେ ବିଶୋଧନ କରାଇ ନିଅନ୍ତୁ। ଗୁହାଳ ବା ଗୋରୁ ବନ୍ଧାହୋଇଥିବା ସ୍ଥାନକୁ ଟିଙ୍କ, ଉକୁଣି, ମଶା, ଡାଆଁଶ ଆଦି ରକ୍ତଶୋଷଣକାରୀ ପରଜୀବୀ କୀଟପତଙ୍ଗଠାରୁ ମୁକ୍ତ ରଖନ୍ତୁ। ଆକ୍ରାନ୍ତ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କ ଠାରୁ ଦୂରେଇ ବା ଅଲଗା ରଖନ୍ତୁ । ବାହାରୁ ଆସିଥିବା ଗୋରୁଙ୍କୁ ଅତିକମ୍‌ରେ ୩ ସପ୍ତାହ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନରେ ଅଲଗା ରଖନ୍ତୁ । ସଂକ୍ରମିତ ପ୍ରାଣୀକୁ ଅନ୍ୟ ପ୍ରାଣୀଙ୍କ ସହିତ ଗୋଠରେ ବା ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ଏମାନଙ୍କୁ ଘରେ ରଖି ଉପଯୁକ୍ତ ଯତ୍ନ ନିଅନ୍ତୁ। ଗୋରୁଙ୍କୁ ସୁଷମ ଦାନା, ସବୁଜ ଘାସ, ଧାତବ ଲବଣ ଆଦି ଖାଇବାକୁ ଦିଅନ୍ତୁ ଏବଂ ଆମେ ପିଉଥିବା ସ୍ୱଚ୍ଛ ପରିଷ୍କାର ପାଣି ସେମାନଙ୍କୁ ପିଇବାକୁ ଦିଅନ୍ତୁ। ସଂକ୍ରମିତ ଗୋରୁଙ୍କୁ ଡାକ୍ତରଙ୍କ ପରାମର୍ଶକ୍ରମେ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା କରନ୍ତୁ । ଶରୀରରେ କଳା ଆବୁ ପରି ଫୋଟକାଗୁଡ଼ିକ ଫାଟି ଘା' ସୃଷ୍ଟି ହେଲେ ମାଛି ନିରୋଧକ ମଲମ ଲଗାଇ ନିୟମିତଭାବେ ଡ୍ରେସିଂ କରିବା ସହିତ ଆଣ୍ଟିବାୟୋଟିକ୍ସ ଇଞ୍ଜେକସନ୍, ଜ୍ୱର ଥିଲେ ଆଣ୍ଟି ପାଇରେଟିକ୍ ଇଞ୍ଜେକସନ୍ ଆଦିର ସାହାଯ୍ୟ ନିଆଯାଇପାରେ । ଯଦି ଏହି ରୋଗରେ କୌଣସି ପ୍ରାଣୀର ମୃତ୍ୟୁ ଘଟେ, ତେବେ ମୃତ ପ୍ରାଣୀକୁ ଏଣେତେଣେ ନ ଫିଙ୍ଗି କିମ୍ବା ଘୋଷାରି ଘୋଷାରି ନନେଇ ଗଭୀର ଗର୍ତ୍ତ (୬ଫୁଟ୍ ଗଭୀର, ୬ଫୁଟ ଲମ୍ବ, ୬ଫୁଟ୍ ଚଉଡ଼ା) କରି ପୋତିଦେଇ ଚୂନ ଓ ଲୁଣ ପ୍ରୟୋଗ କରିବା ଉଚିତ। ବାହାର ଜୀବଜନ୍ତୁ, ପକ୍ଷୀ ଆଦି ପ୍ରାଣୀଙ୍କୁ ଫାର୍ମ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ । ଯଦି କୌଣସି ସ୍ଥଳରେ ଏହି ରୋଗ ଦେଖାଦିଏ, ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀଚିକିତ୍ସା କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ।

# ସତର୍କତାକୁ ପ୍ରାଥମିକତା

### ବିଶ୍ୱ ଜଳାତଙ୍କ ଦିବସ



ଡା. ବୀରକିଶୋର ପରିଡ଼ା



ଜଳାତଙ୍କ ରୋଗକୁ ସମ୍ପୂର୍ଣ୍ଣଭାବେ ବିଶ୍ୱରୁ ନିରାକରଣ କରିବା ପାଇଁ ୨୦୦୭ରୁ ସେପ୍ଟେମ୍ବର ୨୮ 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ପାଳିତ ହୋଇ ଆସୁଅଛି । ଚଳିତବର୍ଷ ବିଶ୍ୱ ଜଳାତଙ୍କ ଦିବସର ବାର୍ତ୍ତା ହେଲା - 'ଜଳାତଙ୍କ: ଗୋଟିଏ ସ୍ୱାସ୍ଥ୍ୟ, ଜିରୋ ବା ଶୂନ୍ୟ ମୃତ୍ୟୁ'। ଫ୍ରାନ୍ସର ପ୍ରସିଦ୍ଧ ବୈଜ୍ଞାନିକ ଲୁଇସ୍ ପାଷ୍ଟର ଜଳାତଙ୍କ ରୋଗରୁ ରକ୍ଷାପାଇବା ଲାଗି ପ୍ରଥମ ପ୍ରତିଷେଧକ ଟିକା ବାହାର କରିଥିଲେ । ତଦନୁଯାୟୀ, ଏହି ମହାନ ବ୍ୟକ୍ତିଙ୍କ ସମ୍ମାନାର୍ଥେ ତାଙ୍କର ଶ୍ରାଦ୍ଧବାର୍ଷିକ(ସେପ୍ଟେମ୍ବର ୨୮)କୁ ସାରା ପୃଥିବୀରେ 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ଗ୍ରହଣ କରାଯାଇଛି। ୨୦୩୦ ସୁଦ୍ଧା ବିଶ୍ୱକୁ ଜଳାତଙ୍କମୁକ୍ତ ବା ଜଳାତଙ୍କ ଜିରୋ ବିଶ୍ୱରେ ପରିଣତ କରାଯାଇପାରିବ।

**ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ:** ସମଗ୍ର ବିଶ୍ୱରେ କୁକୁର ହେଉଛି ମୁଖ୍ୟ ଜଳାତଙ୍କ ଭୂତାଣୁ ବହନକାରୀ ପ୍ରାଣୀ ଏବଂ ଏହି ପ୍ରାଣୀମାନେ ୯୯ ପ୍ରତିଶତ ଜଳାତଙ୍କ ରୋଗ ମଣିଷଙ୍କଠାରେ ସୃଷ୍ଟି ହେବା ପାଇଁ ଦାୟୀ ହୁଅନ୍ତି । ବିଭିନ୍ନ ବନ୍ୟପ୍ରାଣୀ ଯଥା - ନେଉଳ, କୋକିଶିଆଳି, ବିଲୁଆ (ଶୃଗାଳ), ଗଧିଆ, ବାଦୁଡ଼ି ଆଦି ଜଳାତଙ୍କ ଭୂତାଣୁର ଗନ୍ତାଘର କହିଲେ ଅତ୍ୟୁକ୍ତି ହେବ ନାହିଁ । ସାଧାରଣତଃ, ଉଭୟ ମନୁଷ୍ୟ ଓ ପ୍ରାଣୀ ଯଥା - ଗୋରୁ, ମଇଁଷି, ଛେଳି,ମେଣ୍ଢା, ଘୁଷୁରି, କୁକୁର ଆଦି ପ୍ରାଣୀ ଜଳାତଙ୍କ ରୋଗରେ ସଂକ୍ରମିତ ହୋଇ ଲକ୍ଷଣ ପ୍ରକାଶ ପାଇଲେ ମୃତ୍ୟୁବରଣ କରନ୍ତି।

**କିପରି ବ୍ୟାପେ :** ଜଳାତଙ୍କ ରୋଗର ଭୂତାଣୁ ସ୍ତନ୍ୟପାୟୀ ସଂକ୍ରମିତ ପ୍ରାଣୀଠାରୁ ଆଉ ଗୋଟିଏ ସ୍ତନ୍ୟପାୟୀ ପ୍ରାଣୀକୁ ଲାଳ କିମ୍ବା ସ୍ନାୟୁକୋଷ ମାଧ୍ୟମରେ ବ୍ୟାପିଥାଏ । ସଂକ୍ରମିତ ପ୍ରାଣୀ ସୁସ୍ଥ ପ୍ରାଣୀଙ୍କୁ କାମୁଡ଼ିଲେ କିମ୍ବା ଖଣ୍ଡିଆ ଖାବରା କଲେ ଜଳାତଙ୍କ ରୋଗର ଭୂତାଣୁ ଲାଳ ମାଧ୍ୟମରେ ସହଜରେ ସୁସ୍ଥ ପ୍ରାଣୀଙ୍କ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟି କରେ । ବିଶ୍ୱସ୍ତରୀୟ ଏକ ଆକଳନରୁ ଜଣାଯାଇଛି ଯେ, ୯୫ ପ୍ରତିଶତ ଲୋକ କେବଳ କୁକୁର କାମୁଡ଼ା ଦ୍ୱାରା ଜଳାତଙ୍କ ରୋଗରେ ପୀଡ଼ିତ ହୋଇଥାନ୍ତି । ସଂକ୍ରମିତ ପ୍ରାଣୀଙ୍କ ଲାଳ ଆଖି, ନାକ, ପାଟିର ଶ୍ଳେଷ୍ମା ଝିଲ୍ଲିର ସିଧା ସଂସ୍ପର୍ଶରେ ଆସିଲେ ଏହି ରୋଗର ଭୂତାଣୁ ଶରୀରରେ ସହଜରେ ପ୍ରବେଶ କରନ୍ତି । ପ୍ରଶ୍ୱାସ ମାଧ୍ୟମରେ ଲାଳଯୁକ୍ତ ବାୟୁ ମଧ୍ୟ ଶରୀରରେ ପ୍ରବେଶକରି ରୋଗ ସୃଷ୍ଟି କରନ୍ତି ।

**ଲକ୍ଷଣ :** ସାଧାରଣତଃ ପ୍ରାଣୀଙ୍କଠାରେ ୨ ପ୍ରକାର ଲକ୍ଷଣ ପ୍ରକାଶ ପାଇଥାଏ। ପ୍ରଥମଟି ହେଲେ - ମୂକ ଅବସ୍ଥା ଏବଂ ଅନ୍ୟଟି ହେଲା କ୍ରୋଧାନ୍ୱିତ ଅବସ୍ଥା। ପ୍ରଥମ ରୂପରେ ଲାଳ ବାହାରେ। ଏମାନେ ପାଖକୁ ପୂରାଇ ଦିଅନ୍ତି ନାହିଁ ପାଣି ଦେଖିଲେ ଡରନ୍ତି । କିନ୍ତୁ ଏହି ରୋଗର କ୍ରୋଧାନ୍ୱିତ ଅବସ୍ଥାରେ ସଂକ୍ରମିତ ଗୋରୁ ପଘା ଛିଡ଼ାନ୍ତି । ଏଣେତେଣେ ଦୌଡ଼ନ୍ତି, ମାରିଗୋଡ଼ାନ୍ତି । ପାଟିରୁ ଧଳାଫେଣ ପରି ଲାଳ ବାହାରେ ।

**ଚିକିତ୍ସା :** ଜଳାତଙ୍କ ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ଥରେ ଉକ୍ତ ଲକ୍ଷଣ ପ୍ରକାଶ ପାଇଲେ, ଏହି ରୋଗର ଚିକିତ୍ସା କରିବା ପାଇଁ ସେଭଳି କୌଣସି ପ୍ରକାର ଔଷଧ ଏପର୍ଯ୍ୟନ୍ତ ବାହାରି ନାହିଁ । କୁକୁର ବା ପ୍ରାଣୀ କାମୁଡ଼ିଲେ କ୍ଷତ ସ୍ଥାନକୁ ସଙ୍ଗେ ସଙ୍ଗେ ସାବୁନ ଓ ସ୍ୱଚ୍ଛ ପାଣିରେ ଭଲ ଭାବରେ ଧୋଇଦେବା ଆବଶ୍ୟକ । କ୍ଷତ ସ୍ଥାନରେ କୌଣସି ଘରୋଇ ତୈଳ ବା ମଲମ ଲଗାଇବା ଉଚିତ ନୁହେଁ।

**ପ୍ରତିଷେଧକ ବ୍ୟବସ୍ଥା :** ସୁସ୍ଥ କୁକୁରଙ୍କୁ ପ୍ରଥମେ ୩ ମାସ, ତା' ପରେ ୬ ମାସରେ ବୁଷ୍ଟର ଟିକା ଏବଂ ତା'ପରେ ବର୍ଷକୁ ଥରେ ଜଳାତଙ୍କ ରୋଗର ପ୍ରତିଷେଧକ ଟିକା ଦେଇଦେବା ଜରୁରୀ । ସେହିପରି ମନୁଷ୍ୟଙ୍କୁ କୁକୁର କାମୁଡ଼ିଲେ ୩, ୭, ୧୪, ୨୮, ୯୦ ଦିନରେ ଔଷଧ କମ୍ପାନୀର ଅନୁମୋଦନ ଅନୁଯାୟୀ କୁକୁର କାମୁଡ଼ା ଟିକା ଦେବା ଆବଶ୍ୟକ । ଯଦି ଜଳାତଙ୍କ ରୋଗ ହେବା ପୂର୍ବରୁ ଏହି ରୋଗର ପ୍ରତିଷେଧକ ଟିକା ବା ପ୍ରିଏସ୍‌ପୋଜର ଟିକା ନିଆଯାଇଥାଏ, ଆମେ ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ଟିକା ନେବାପରେ ଯଦି କୁକୁର କାମୁଡ଼େ, ପୁଣି ଦୁଇଟି ମାତ୍ରାର ପୋଷ୍ଟ ଏକ୍ସପୋଜର ଟିକା ନେବାକୁ ପଡ଼ିବ ।

- ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,ଜଗତ୍‌ସିଂହପୁର
ମୋ:୯୪୩୭୬୦୭୩୧୨

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**ଜମନକିରା,୨୭।୯(ଡି.ଏନ.ଏ.):** ଜମନକିରା ବ୍ଲକ ଧୁଡିପାଲି ପଞ୍ଚାୟତ ବୁଦେଲକାନି ଗାଁର ନାବାଳିକା ଲଙ୍କେଶ୍ୱରୀ ମାକର (୧୧)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। କୁଚିଣ୍ଡା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାମତେ ଉପେନ୍ଦ୍ର ମାକରଙ୍କ ଝିଅ ଲଙ୍କେଶ୍ୱରୀ ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ଗତ ୨୫ତାରିଖ ସନ୍ଧ୍ୟାରେ ଟ୍ୟୁଶନ ଯାଇଥିଲେ। ପଢାସାରି ଫେରୁଥିବାବେଳେ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ଘଟଣା ନେଇ ପରିବାରଙ୍କ ସହ ସ୍କୁଲରେ ଶୋକର ଛାୟା ଖେଳିଯାଇଛି।

### ସପ୍ତାହରେ ୩ ଦୋକାନରୁ ଚୋରି

**ରେଢାଖୋଲ,୨୭।୯ (ଡି.ଏନ.ଏ.):** ଏକସପ୍ତାହ ମଧ୍ୟରେ ରେଢାଖୋଲ ସହରରେ ୩ ଦୋକାନରୁ ଚୋରି ଅଭିଯୋଗ ହୋଇଛି। ରେଢାଖୋଲ ଏଡିଜେ କୋର୍ଟ ସମ୍ମୁଖରେ ଥିବା ଚା' ଦୋକାନ ଓ କଚେରି ରୋଡ୍‌ରେ ଥିବା କିଶୋର ସ୍ୱାଇଁଙ୍କ ରାଶନ ଦୋକାନରୁ ଚୋରି ହୋଇଥିଲା। ସୋମବାର ରାତିରେ ପୁଣି ଷ୍ଟେଟବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରୁ ଚୋରି ହୋଇଛି। କେନ୍ଦ୍ରରୁ କମ୍ପ୍ୟୁଟର ପ୍ରିଣ୍ଟର ସହ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ନେଇ ମାଲିକ ମନୋଜ ସ୍ୱାଇଁ ଥାନାରେ ଅଭିଯୋଗ କରିଛନ୍ତି। ସେବା କେନ୍ଦ୍ରରେ ଲାଗିଥିବା ସିସି ଟିଭିରେ ଦୁର୍ବୃତ୍ତ ମୁଖା ପିନ୍ଧିଥିବା ଦୃଶ୍ୟ କଏଦ ହୋଇଛି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ଘଟଣାର ତଦନ୍ତ କରୁଛି।

### ମହାବିଦ୍ୟାଳୟ ପକ୍ଷରୁ ମିନି ମାରାଥନ

**ଝାରସୁଗୁଡା ଅଫିସ,୨୭।୯:** ଗାନ୍ଧୀଙ୍କ ଓଡିଶା ଆଗମନ ଓ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଯୋଗଦାନର ସ୍ମରଣ ପାଇଁ ଝାରସୁଗୁଡ଼ା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ମିନି ମାରାଥନ ଆୟୋଜନ କରାଯାଇଥିଲା। ମାରାଥନ ସ୍ଥାନୀୟ ମନମୋହନ ସ୍କୁଲ ପଡିଆରୁ ବସଷ୍ଟାଣ୍ଡ ଗାନ୍ଧୀ ମୂର୍ତ୍ତି ପର୍ଯ୍ୟନ୍ତ ଓ ସେଠାରୁ କଲେଜ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଆସୋସିଏଶନ ସମ୍ପାଦକ ତାପସ ରାୟ ଚୌଧୁରୀ, ପୌର ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା, ଜିଲା କ୍ରୀଡ଼ା ଅଧିକାରୀ ସୁଶିଲ କୁମାର ମିଶ୍ର, ମହାବିଦ୍ୟାଳୟ ଅଧକ୍ଷ ନରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ମାରାଥନରେ ମହାବିଦ୍ୟାଳୟ ସମର ଶିକ୍ଷାର୍ଥୀ ଛାତ୍ରୀଛାତ୍ର, ଜାତୀୟ ସେବାସଂସ୍ଥା, ଯୁବ ରେଡକ୍ରସର ବିଦ୍ୟାର୍ଥୀ ଭାଗ ନେଇଥିଲେ। ଏଥିରେ ଏନ୍‌ସିସି ଅଫିସର ମାନସ ରଞ୍ଜନ ଆଚାର୍ଯ୍ୟ, ଡ. ମନୀଷ କୁମାର ଦ୍ୱିବେଦୀ, ପୂର୍ବତନ ଖେଳ ଶିକ୍ଷକ ଗଣେଶ ରାମ ନାୟକ, ଡ. ଦେବୀ ପ୍ରସାଦ ଯାଦବ ବେହେରା, ପୂର୍ଣ୍ଣମାମୟୀ ଦାଶ, ସୋନାଲି ସାମାରିଆଙ୍କ ସମେତ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ପୋଲିସ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଥିଲା।

# ପ୍ରେମିକଙ୍କ ନିର୍ଯାତନାରୁ ଅଧାପିକାଙ୍କ ଆତ୍ମହତ୍ୟା

- ଥାନା ସମ୍ମୁଖରେ ପରିବାର, ସମ୍ପର୍କୀୟଙ୍କ ଧାରଣା
- ଅଭିଯୋଗର ୨୪ ଘଣ୍ଟା ପରେ ପୋଲିସ ହାତ ଖାଲି

**ସମ୍ବଲପୁର,୨୭।୯(ବ୍ୟୁରୋ)**

ପ୍ରେମିକ ଓ ତାଙ୍କ ପରିବାର ମାନସିକ ନିର୍ଯାତନା ଦେବା ସହ ବିବାହ ପ୍ରସ୍ତାବକୁ ଅଗ୍ରାହ୍ୟ କରିବାରୁ ସମ୍ବଲପୁର ସଦର ଥାନା ରାଶନପୁର ଡୁରିପଡାର ଅଧାପିକା ପ୍ରିୟଙ୍କା ନାଏକ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ପ୍ରେମିକ ଓ ତାଙ୍କ ପରିବାର ସହ ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କୁ ଗିରଫ ଦାବିରେ ମଙ୍ଗଳବାର ପ୍ରିୟଙ୍କାଙ୍କ ପରିବାର ଓ ସମ୍ପର୍କୀୟ ସଦର ଥାନା ପରିସରରେ ଧାରଣା ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଶତାଧିକ ମହିଳାପୁରୁଷ ଥାନା ପରିସରରେ ଭୋକଉପାସରେ ବସିରହିଥିଲେ।

ଥାନାରେ ହୋଇଥିବା ଅଭିଯୋଗ କ୍ରମେ ସୋନପୁର ଜିଲା ବିନିକାର ସୁନୀଲ ହର ଓ ପ୍ରିୟଙ୍କାଙ୍କ ମଧ୍ୟରେ ପ୍ରାୟ ଅଢେଇ ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ପ୍ରିୟଙ୍କା ରାଶନପୁରସ୍ଥିତ ସରକାରୀ ଆଇଟିଆଇ କଲେଜରୁ ପଢା ସାରିଥିବାବେଳେ ସେଠାରେ ଅତିଥି ଅଧାପିକା ଭାବେ


ସଦର ଥାନା ସମ୍ମୁଖରେ ଧାରଣା ଦିଆଯାଇଛି।

କାମ କରୁଥିଲେ। ସୁନିଲ ଓ ପ୍ରିୟଙ୍କାଙ୍କ ବିବାହ ପାଇଁ ଉଭୟ ପରିବାର ଭିତରେ ଆଲୋଚନା ହୋଇ ରାଜି ହୋଇଥିଲେ। ପୂଜା ପରେ ସୁନିଲଙ୍କ ପରିବାର ବିବାହ ପାଇଁ ନିର୍ବନ୍ଧ କରିବାକୁ ସ୍ଥିର ହୋଇଥିଲା। ହେଲେ କିଛିଦିନ ପୂର୍ବରୁ ଗ୍ରାମର ଜଣେ ମହିଳା ପ୍ରେମିକ ସୁନିଲଙ୍କ ଘର ସହିତ ଯୋଗଯୋଗ କରିଥିଲେ। ସେ ପ୍ରିୟଙ୍କାଙ୍କ ଚରିତ୍ରକୁ ନେଇ ସୁନିଲ ଓ ତାଙ୍କ ପରିବାରକୁ ଭୁଲ ତଥ୍ୟ ଦେଇଥିଲେ। ପ୍ରେମିକ ସୁନିଲ ଏହାକୁ ନେଇ ପ୍ରିୟଙ୍କାଙ୍କୁ ଫୋନରେ ଗାଳିଗୁଲଜ କରିଥିଲେ। ସୁନିଲଙ୍କ ପରିବାର ମଧ୍ୟ ଅନୁରୂପ ଭାବେ ପ୍ରିୟଙ୍କାଙ୍କୁ ମାନସିକ ନିର୍ଯାତନା ଦେଇଥିଲେ। ଘଟଣା ଦିନ ଅର୍ଥାତ୍ ସେପ୍ଟେମ୍ବର ୨୪ରେ ପ୍ରିୟଙ୍କା ଶେଷଥର ପାଇଁ ସୁନିଲଙ୍କୁ ଫୋନ କରିଥିଲେ। ହୋଇଥିବା ଭୁଲ ବୁଝାମଣା ସୁଧାରିବାକୁ ଚେଷ୍ଟା କରିଥିଲେ। ଏତେ ଦିନର ପ୍ରେମସମ୍ପର୍କକୁ ଭାଙ୍ଗି ନ ଦେଇ ବିବାହ କରିବାକୁ ଅନୁରୋଧ କରିଥିଲେ। ହେଲେ ସୁନିଲ କୌଣସି କଥା ନ ଶୁଣି ପ୍ରିୟଙ୍କାଙ୍କୁ ଗାଳିଦେବା ସହ ତାଙ୍କ ଜୀବନରୁ ଦୂରେଇ ଯିବାକୁ କହିଥିଲେ। ତେଣୁ ମାନସିକ ସନ୍ତୁଳନ ହରାଇ ପ୍ରିୟଙ୍କା ଆତ୍ମହତ୍ୟା କରିଥିଲେ। ଏଥିପାଇଁ ସୁନିଲ ଓ ତାଙ୍କ ପରିବାର ଦାୟୀ। ତେଣୁ ସେମାନଙ୍କ ସହ ଗ୍ରାମର ମହିଳାଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଏହାଛଡା ସୋମବାରଠାରୁ ସଦର ଥାନାରେ ଏ ନେଇ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ୨୬୦/୨୨ରେ ମାମଲା ରୁଜୁ କରିବା ସହ ୨୪ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ହେଲେ ପୋଲିସ ହାତ ଖାଲି ବୋଲି ଅଭିଯୋଗ କରିଥିଲେ। ପରେ ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଉପରେ ମାମଲା ରୁଜୁ ହୋଇଛି। ପୋଲିସର ଏକ ଟିମ୍ ପ୍ରେମିକ ଘର ବିନିକା ଯାଇଛି। ତଦନ୍ତ ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ସ୍ୱାଧୀନତାରେ ଓଡ଼ିଶାର ଅବଦାନ ଶୀର୍ଷକ ବ୍ୟାଖ୍ୟାନମାଳା

**ସମ୍ବଲପୁର,୨୭।୯(ବ୍ୟୁରୋ)**

ସ୍ୱାଧୀନତାରେ ଓଡ଼ିଶାର ଅବଦାନ ଓ ଗାନ୍ଧିଜୀଙ୍କ ପ୍ରଭାବ ଶୀର୍ଷକ ବ୍ୟାଖ୍ୟାନମାଳା ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭା କକ୍ଷରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଫେସର କାଳିଦାସ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ସ୍ୱାଧୀନତା ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଡ. ଦିଲୀପ ପଣ୍ଡା, ଡ. କାମଦେବ ସାହୁ, ପ୍ରଫେସର ସୁଦର୍ଶନ ପୂଜାରୀ, ପ୍ରଫେସର ମୀନକେତନ ପାଠୀ, ପ୍ରଫେସର ସୁଜିତ ପୃଷ୍ଟେଠ, ପ୍ରଫେସର ଗିରିଜା ଶଙ୍କର ଶର୍ମା ବକ୍ତା ଭାବରେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପ୍ରଫେସର ମୋନାଶ୍ରୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# କୋଶଳ ସେନାର ଏସ୍‌ପି ଅଫିସ ଘେରାଉ

**ଝାରସୁଗୁଡ଼ା ଅଫିସ,୨୭।୯**

ଗତ ୭ତାରିଖରେ ସ୍ୱତନ୍ତ୍ର କୋଶଳ ରାଜ୍ୟ ଦାବିରେ କୋଶଳ ମୁକ୍ତି ମୋର୍ଚ୍ଚା ଓ କୋଶଳ ସେନା ତରଫରୁ ପଶ୍ଚିମ ଓଡ଼ିଶା ମହାବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ ଝାରସୁଗୁଡ଼ା ଜିଲା କୋଶଳ ସେନା ତରଫରୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ବିଭିନ୍ନ ସ୍ଥାନରୁ ଆନ୍ଦୋଳନକାରୀଙ୍କୁ ଗିରଫକରି ପରେ ଛାଡିଦେଇଥିଲା। ଏହାର ପ୍ରତିବାଦରେ ପୂର୍ବ ସୂଚନା ଅନୁଯାୟୀ ଜିଲା କୋଶଳ ସେନା ତରଫରୁ ମଙ୍ଗଳବାର ଝାରସୁଗୁଡ଼ା


ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଆନ୍ଦୋଳନକାରୀ।

ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀଛକ ନିକଟରୁ ଏକ ଶୋଭାଯାତ୍ରା ବାହାରି ବେହେରାମାଲ ଦେଇ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆନ୍ଦୋଳନକାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସ୍‌ପି ରାହୁଲ ଜୈନ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ନିକଟରୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଆନ୍ଦୋଳନରେ ଝାରସୁଗୁଡା, ବରଗଡ ଓ ବଲାଙ୍ଗୀର ଆଦି ଜିଲାର ଶତାଧିକ କୋଶଳ ସେନା ସାମିଲ ହୋଇଥିଲେ। ଜିଲା ସଭାପତି ଆକାଶ କଲେତ, ସମ୍ପାଦକ ବାପି ସାହୁ, ରାଜ୍ୟ ଉପସଭାପତି ଗଣେଶ ମୋଟାରୀ, ରାଜ୍ୟ ସମ୍ପାଦକ ବୀରବଲ ମହାକୁଡ, ବିସ୍ମୟ ଭଇଁସା, ବାମଦେବ ଧୁରୁଆ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ୍ ମୁତୟନ ହୋଇଥିଲେ।

## ମିଳିତ ସ୍କ୍ୱାଡ୍‌ର ଚଢ଼ାଉ: ଜରିମାନା ଆଦାୟ


ଏକ ଦୋକାନରେ ଚଢାଉ କରାଯାଉଛି।

**ରେଢ଼ାଖୋଲ,୨୭।୯(ଡି.ଏନ.ଏ.)**

ରେଢ଼ାଖୋଲରେ ମଙ୍ଗଳବାର କୋଟ୍‌ପା, ଏନ୍‌ଟିସିପି ଓ ଫୁଡ୍‌ସେଫ୍ଟି ଅଧିକାରୀଙ୍କ ମିଳିତ ଚଢାଉ କରାଯାଇ ୯୯୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅଧିକାରୀମାନେ ସ୍କୁଲ, ଡାକ୍ତରଖାନା ଓ ବସ୍‌ଷ୍ଟାଣ୍ଡ ନିକଟରେ ସିଗାରେଟ, ଗୁଟ୍‌ଖା ବିକ୍ରି କରୁଥିବା ୨୨ ଦୋକାନରେ ଚଢାଉ କରି ୪,୧୫୦ଟଙ୍କା ଏବଂ ୧୧ ଜଳଖିଆ ଓ ରାଶନ ଦୋକାନରେ ଚଢାଉ କରି ନିମ୍ନମାନର ଖାଦ୍ୟ ଥିବା ଯୋଗୁ ଜରିମାନା ବାବଦରେ ୫୮୦୦ ଟଙ୍କା ଆଦାୟ କରିଥିଲେ। ଚଢାଉରେ ସ୍ୱାଗତିକା ବେହେରା, ଅଞ୍ଜୁ ଏକ୍କା, ସତ୍ୟନାରାୟଣ ମଲ୍ଲିକଙ୍କ ସମେତ ପୋଲିସ ଏସ୍‌ଆଇ ଅଭୟ କୁମାର ମହାକୁଡ ପ୍ରମୁଖ ସାମିଲ ଥିଲେ।

# ନୋଡାଲ ଅଧିକାରୀଙ୍କ ରେଢ଼ାଖୋଲ ଗସ୍ତ


ରାଶିବେଡା ଗ୍ରାମରେ ଅମୃତ ସରୋବର ପ୍ରକଳ୍ପ ବୁଲିଦେଖୁଛନ୍ତି ନୋଡାଲ ଅଧିକାରୀ।

- ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ

**ରେଢାଖୋଲ,୨୭।୯(ଡି.ଏନ.ଏ.)**

ମୃତ୍ତିକା ବିଭାଗର ନିର୍ଦ୍ଦେଶକ ତଥା ସମ୍ବଲପୁର ଜିଲା ନୋଡାଲ ଅଫିସର ହେମନ୍ତ କୁମାର ପଣ୍ଡା ମଙ୍ଗଳବାର ରେଢାଖୋଲ ଗସ୍ତରେ ଆସି କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ସେ ପ୍ରଥମେ ଚାରମାଳ ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାରେ ବୈଠକ ମଣ୍ଡପ, ରାଶିବେଡା ଗ୍ରାମରେ ଜଳ ବିଭାଜିକା ବିଭାଗ ଅଧୀନରେ ହୋଇଥିବା ଅମୃତ ସରୋବର ପ୍ରକଳ୍ପ, ମୋଚିବାହାଲ ପଞ୍ଚାୟତର କୃଷିବିଭାଗ ଅଧୀନରେ ହୋଇଥିବା ଡାଲିଜାତୀୟ ଫସଲର ଧାଡିରୁଆ ଚାଷ, ସାଇବେର୍ଣ୍ଣା ଗ୍ରାମରେ ଉଦ୍ୟାନ କୃଷି ବିଭାଗ ତତ୍ତ୍ୱାବଧାନରେ ଚାଷୀ ଗୋପବନ୍ଧୁ ଜାଲଙ୍କ ଆମ୍ବ ବଗିଚା ପରିଦର୍ଶନ କରିଥିଲେ। ଏଥିସହିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସହ ଚାଷୀମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, କୃଷି ଜିଲା ଅଧିକାରୀ ସୁବ୍ରତ କୁମାର ସାହୁ, ଅତିରିକ୍ତ ଉଦ୍ୟାନ କୃଷି ଅଧିକାରୀ ଦିପ୍ତିପ୍ରଭା ଭିତିରିଆ, ବ୍ଲକ କୃଷି ଅଧିକାରୀ କିଶୋରଚନ୍ଦ୍ର ଦ୍ୱିବେଦୀ, ଏଏଚ୍‌ଓ ଅମିୟ କୁମାର ସ୍ୱାଇଁ, ଏଏଓ ଗଗନ ବିହାରୀ ନାୟକ, କୃଷି ଅଧିଦର୍ଶକ ସୁଜାତା ପଣ୍ଡା, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ବଲପୁରରେ ବିଶ୍ୱ ପର୍ଯ୍ୟଟନ ଦିବସ

**ସମ୍ବଲପୁର,୨୭।୯(ବ୍ୟୁରୋ)**

ସମ୍ବଲପୁରରେ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ପର୍ଯ୍ୟଟନ ବିଭାଗ ତରଫରୁ ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟଠାରେ କୁଇଜ୍ ଆୟୋଜନ କରାଯାଇଥିଲା। ସ୍କୁଲ ସ୍ତରରେ ବୁଢ଼ାରଜା ହାଇସ୍କୁଲର ଶୁଭମ ସାହୁ ପ୍ରଥମ, ଡିଏଭି ପବ୍ଲିକ ସ୍କୁଲ ବୁର୍ଲାର ସିଦ୍ଧେଶ ମହାପାତ୍ର ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଧନୁପାଲିର ଅଭିଜ୍ଞାନ ହୋତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କଲେଜ ସ୍ତରରେ ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ଭାରତୀ ମେହେର ପ୍ରଥମ, ବିକାଶ ଜୁନିୟର କଲେଜର ଆୟୁଷ ମିଶ୍ର ଦ୍ୱିତୀୟ ଓ ଡିଏଭି ପବ୍ଲିକ ସ୍କୁଲ ବୁର୍ଲାର ପ୍ରଞ୍ଜଳି ଗୁଡୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। କୁଇଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ପର୍ଯ୍ୟଟନ ବିଭାଗ ତରଫରୁ ପୁରସ୍କୃତ କରାଯାଇଥିଲା।

## ଲଙ୍କା ଉତ୍ପାଦକ କମ୍ପାନୀର ବାର୍ଷିକ ଅଧିବେଶନ


ଅଧିବେଶନରେ ମଞ୍ଚାସୀନ ଅତିଥି।

**କୁଚିଣ୍ଡା,୨୭।୯(ଡି.ଏନ.ଏ.)**

ବାମରା ବ୍ଲକ ଜରାବଗା ସାପ୍ତାହିକ ବଜାର ପ୍ରାଙ୍ଗଣରେ ସୋମବାର ଗଡ଼ପାଟି ଲଙ୍କା ଉତ୍ପାଦକ କମ୍ପାନୀର ତୃତୀୟ ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଆୱାର୍ଡ ସମ୍ପାଦକ ପ୍ରହଲ୍ଲାଦ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନାବାର୍ଡସମ୍ବଲପୁର ଓ ଦେବଗଡ଼ର ଡ଼ିଡ଼ିଏମ୍ ସୁନାରାମ ମାଝି ମୁଖ୍ୟ ଅତିଥି ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ମହେନ୍ଦ୍ର ସିଂ, ସାମାଜିକ କର୍ମୀ କରୁଣାକର କିଷାନ, ପ୍ରକାଶ ଚନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କମ୍ପାନୀ ସିଇଓ ଦେବେନ୍ଦ୍ର ପଟ୍ଟା ୨୦୨୧-୨୦୨୨ ବର୍ଷର ବିବରଣୀ ଓ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ପରେ ୨୦୨୨-୨୩ ପାଇଁ ବ୍ୟୟ ଅଟକଳ ମଞ୍ଜୁର ହୋଇଥିଲା। ଏଥିରେ ଜରାବଗା, ଲରିଆପାଲି, କେସାଇବାହଲ ଓ ବାବୁ ନିକ୍ତିମାଲ ପଞ୍ଚାୟତରୁ ୧୪୫ଜଣ ଅଂଶଗ୍ରହଣ କରଥିଲେ। ଶେଷରେ ଦେବେନ୍ଦ୍ର ପଟ୍ଟା ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।

# ଅଗ୍ରସେନ ଜୟନ୍ତୀ ଶୋଭାଯାତ୍ରା

**ସମ୍ବଲପୁର,୨୭।୯(ବ୍ୟୁରୋ)**

ସମ୍ବଲପୁର ସହରର ବିଭିନ୍ନ ସ୍ଥାନରେ ମହାରାଜ ଅଗ୍ରସେନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଗ୍ରସେନଙ୍କ ପ୍ରତିଛବିକୁ ସୁସଜ୍ଜିତ ବିମାନରେ ରଖି ମାରୱାଡ଼ି ସମ୍ପ୍ରଦାୟ ମହିଳାପୁରୁଷ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ବସ୍ତି ମାରୱାଡ଼ି ଧର୍ମଶାଳାଠାରେ ଆୟୋଜିତ ସମାରୋହରେ ଛତିଶଗଡ଼ ରାଜ୍ୟ ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନର ସଭାପତି ସନ୍ତୋଷ ଅଗ୍ରୱାଲ ମୁଖ୍ୟଅତିଥି ଓ ଡା. ପ୍ରବୀଣ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ କମିଟି ସଭାପତି ନନ୍ଦ କିଶୋର ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ସାନୋଜ ଅଗ୍ରୱାଲ ସୂଚନା ପ୍ରଦାନ ଓ ବ୍ରିଜଗୋପାଲ ବମ୍ବାଇବାଲା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସେହିପରି ସମ୍ବଲପୁର ମହାନଗର ଅଗ୍ରସେନ ଜୟନ୍ତୀ ସମାରୋହ ସମିତି ପକ୍ଷରୁ କ୍ଷେତରାଜପୁର ଅଗ୍ରସେନ ଭବନଠାରେ ଉତ୍ସବ ହୋଇଥିଲା। ଶିବରାମ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଅଖିଳ ଭାରତୀୟ ମାରୱାଡ଼ି ଯୁବା ମଞ୍ଚର ପୂର୍ବତନ ଅଧ୍ୟକ୍ଷ ଜିତେନ୍ଦ୍ର ଗୁପ୍ତା ମୁଖ୍ୟଅତିଥି, ବିଷ୍ଣୁପ୍ରସାଦ କେଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।


ସମ୍ବଲପୁରରେ ଅଗ୍ରସେନ ଜୟନ୍ତୀ ଶୋଭାଯାତ୍ରା ।

# ମନ୍ଦିର ଢାଞ୍ଚାରେ ପୂଜାମଣ୍ଡପ

**ସମ୍ବଲପୁର,୨୭।୯(ବ୍ୟୁରୋ)**

ସମ୍ବଲପୁର ଗୋବିନ୍ଦତୋଳା ସାର୍ବଜନୀନ ଦୁର୍ଗାପୂଜା ଚଳିତ ବର୍ଷ ୫୪ବର୍ଷରେ ପଦାର୍ପଣ କରିଛି। ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ମନ୍ଦିର ଢ଼ାଞ୍ଚାରେ ପୂଜାମଣ୍ଡପ ତିଆରି ଚାଲିଛି। ଭୁବନେଶ୍ୱରୀ ଦେବୀ ସୁସଜ୍ଜିତ ମଣ୍ଡପରେ ଉପବିଷ୍ଟ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ମୁଖ୍ୟ ତୋରଣ ୪୫ଫୁଟ୍ ଉଚ୍ଚତା ଓ ୪୮ଫୁଟ୍ ଚଉଡ଼ାର ହେବ। ୪୦ଜଣ କାରୀଗର ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି। ଏଥିସହ ଭୁବନେଶ୍ୱରୀ ଦେବୀଙ୍କ ସକାଶେ ୬କେଜି ରୂପାରେ ଛତ୍ର ତିଆରି କରାଯାଉଛି। ଦେବୀଙ୍କ ରୂପା ମୁକୁଟ ଶୀର୍ଷରେ ଏହି ଛତ୍ର ଲାଗିବ। ଚଳିତବର୍ଷ କମିଟି ୨୫ଲକ୍ଷ ବ୍ୟୟ ଅଟକଳ ସ୍ଥିର କରିଛି। ସାଢ଼େ ୫ଲକ୍ଷ ତୋରଣ, ୪ଲକ୍ଷ ରୂପା ଛତ୍ରୀ, ୫୦ହଜାର ମୂର୍ତ୍ତି, ୬ଲକ୍ଷ ଆଲୋକ ସାଜସଜ୍ଜା ଲାଗି ଖର୍ଚ୍ଚ କରାଯିବ ବୋଲି ସଭାପତି ପ୍ରଦୀପ ପାଢ଼ୀ ସୂଚନା ଦେଇଛନ୍ତି। ପରମ୍ପରା ଅନୁସାରେ ଷଷ୍ଠୀ ତିଥିରେ କଳସ ଯାତ୍ରା ସହ ପୂଜାରମ୍ଭ ହେବ। ଅକ୍ଟୋବର ୬ରେ ଘଟ ବିସର୍ଜନ କରାଯିବ। ବିସର୍ଜନ ଶୋଭାଯାତ୍ରାରେ କଣ୍ଢେଇ ନାଚ, ଦେବୀଦେବ ପରଭା ନାଚ, ଡିଜେ ଓ ଦୁଲଦୁଲି ବାଜା ସାମିଲ ହେବ। କମିଟି ଉପସଭାପତି ସଞ୍ଜୟ ସାହୁ, ସମ୍ପାଦକ ଶୁଭମ ମହାପାତ୍ର, ଲଟେରୀ ଅଧକ୍ଷ ରମାକାନ୍ତ ବେରିହା ଓ କୋଷାଧକ୍ଷ ମନୋଜ ନାୟକଙ୍କ ସମେତ ୫୦ଜଣ ସଭ୍ୟ ଦୁର୍ଗାପୂଜା ପ୍ରସ୍ତୁତିରେ ଲାଗିଛନ୍ତି ବୋଲି ସଭାପତି କହିଛନ୍ତି। କୋଷାଧକ୍ଷ ସୂଚିତ କରିଛନ୍ତି, ଗୋବିନ୍ଦତୋଳା ବ୍ରିଜରୁ ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ଆଲୋକମାଳାରେ ସଜ୍ଜିତ କରାଯିବ। ୫ଟି ସୁଉଚ୍ଚ ତୋରଣ, ୪୨ଟି ପାର୍ଶ୍ୱ ତୋରଣ ଖଞ୍ଜାଯିବ। ଆଲୋକ ସାଜସଜ୍ଜାରେ ବିଭିନ୍ନ ସଚେତନାତ୍ମକ ବାର୍ତ୍ତା ଦିଆଯିବାକୁ ସ୍ଥିର କରାଯାଇଛି।





ଗୋବିନ୍ଦତୋଳା ଦୁର୍ଗାପୂଜା ପାଇଁ ମୁଖ୍ୟତୋରଣ ନିର୍ମାଣ ଚାଲିଛି।

ଧରିତ୍ରୀ
DHARITRI
ବୁଧବାର, ୨୮ ସେପ୍ଟେମ୍ବର, ୨୦୨୨






ବ୍ରିଟେନ୍‌ରେ ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଶାସନର ଅନ୍ତ ଘଟି ଚାର୍ଲସ୍ ତୃତୀୟଙ୍କ ରାଜୁତି ଆରମ୍ଭ ହୋଇଛି । ରାଜା ଚାର୍ଲସ୍‌ଙ୍କ ନୂଆ ମନୋଗ୍ରାମ ଅନାବରଣ କରାଯାଇଛି। ମଙ୍ଗଳବାର ପ୍ରଥମ ଥର ପାଇଁ ରାଜା ଏହି ମନୋଗ୍ରାମକୁ ବ୍ୟବହାର କରିଛନ୍ତି। କଲେଜ୍ ଅଫ୍ ଆର୍ମସ୍ ପକ୍ଷରୁ ଏହାକୁ ତିଆରି କରାଯାଇଛି। କ୍ୟାପିଟାଲ ସି ଓ କ୍ୟାପିଟାଲ ଆର୍ ପରସ୍ପରକୁ ସଂଲଗ୍ନ ହୋଇ ରହିଥିବାବେଳେ ଆର୍ ମଧରେ ରୋମାନ୍ ସଂଖ୍ୟା ୩ ଲେଖାଯାଇଛି।



## ହିଟ୍ ଗର୍ଲଙ୍କ ସ୍ମାର୍ଟ କ୍ୟାରିୟର

**ଦା**ଦା ସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଆଶା ପାରେଖ ଜଣେ ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ଥାପିଥିଲେ। ୧୯୫୨ରେ ଆଶାଙ୍କୁ ମାତ୍ର ୧୦ ବର୍ଷ ହେଉଥିବାବେଳେ ପ୍ରଯୋଜକ ବିମଳ ରୟ ମା’ ଫିଲ୍ମରେ ତାଙ୍କୁ ସୁଯୋଗ ଦେଇଥିଲେ। ଅଳ୍ପ କେତୋଟି ଫିଲ୍ମରେ ଅଭିନୟ କରିବା ପରେ ସେ ନିଜ ଶିକ୍ଷା ସମ୍ପୂର୍ଣ୍ଣ କରିବା ପାଇଁ ଚଳଚ୍ଚିତ୍ରରୁ ବ୍ରେକ୍ ନେଇଥିଲେ। ପାଠପଢ଼ା ସାରି ୧୯୫୯ରେ ନାସିର ହୁସେନଙ୍କ ‘ଦିଲ୍ ଦେକେ ଦେଖୋ’ରେ ଶମ୍ମି କପୁରଙ୍କ ବିପକ୍ଷରେ ଲିଡ୍ ଆକ୍ଟ୍ରେସ୍ ଭାବେ ଅଭିନୟ କରିଥିଲେ। ଏହା ପରେ ସେ ପଛକୁ ଫେରି ନ ଥିଲେ। ଆଶା ଓ ନାସିର ହୁସେନ ଦର୍ଶକଙ୍କୁ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟିଦେଇଥିଲେ। ଜବ୍ ପ୍ୟାର୍ କିସି ସେ ହୋତା ହେ(୧୯୬୧), ଫିର୍ ୱହି ଦିଲ୍ ଲାୟା ହୁଁ(୧୯୬୩), ତିସ୍‌ରି ମଞ୍ଜିଲ(୧୯୬୬), ବାହାରୋଁ କେ ସପ୍‌ନେ(୧୯୬୭), ପ୍ୟାର୍ କା ମୌସମ(୧୯୬୯) ଓ କାରାବନ(୧୯୭୧)ର ସଫଳତା ପରେ ସେ ରାଜ୍ ଖୋସ୍‌ଲାଙ୍କ ଦୋ ବଦନରେ ନିଜ ଅଭିନୟର ଯାଦୁକରୀ ଦେଖାଇଥିଲେ। ଶକ୍ତି ସାମନ୍ତଙ୍କ କଟି ପତଙ୍ଗ ଆଶାଙ୍କୁ ନୂଆ ପରିଚୟ ଦେଇଥିଲା। କେବଳ ହିନ୍ଦୀ ଫିଲ୍ମ ନୁହେଁ, ଗୁଜରାଟୀ, ପଞ୍ଜାବୀ ଓ କନ୍ନଡ଼ ସିନେମାରେ ମଧ ଆଶା ଅତି ଚମତ୍କାର ଅଭିନୟ କରିଥିଲେ।

## କ୍ୟୁବାରେ ସମଲିଙ୍ଗୀ ବିବାହକୁ ସ୍ୱୀକୃତି

**କା**ରିବିଆନ୍ ଦେଶ କ୍ୟୁବା ପୁରୁଷ ସମଲିଙ୍ଗୀଙ୍କ ବିବାହକୁ ସ୍ୱୀକୃତି ଦେଇଛି। ରବିବାର ଏହା ସପକ୍ଷରେ ବହୁଳ ମତଦାନ ହୋଇଥିଲା। କ୍ୟୁବା ଜନସଂଖ୍ୟାର ୭୪% ବା ୮୪ ଲକ୍ଷ ଲୋକ ଏହି ପ୍ରସଙ୍ଗରେ ଭୋଟ ଦେବାକୁ ଯୋଗ୍ୟ ହୋଇଥିଲେ। ୩୯ ଲକ୍ଷ (୬୬%)ରୁ ଊର୍ଦ୍ଧ୍ୱ ସମଲିଙ୍ଗୀ ବିବାହ ସପକ୍ଷରେ ମତ ଦେଇଥିବାବେଳେ ୩୩% ଏହାକୁ ବିରୋଧ କରିଥିଲେ। ୧୦୦ ପୃଷ୍ଠା ଦସ୍ତାବିଜ ସମ୍ବଳିତ ‘ଫ୍ୟାମିଲି କୋଡ୍’ ଏହାକୁ ବୈଧ କରିବା ସହ ସେମାନେ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ କିମ୍ବା ସରୋଗେସୀ ମାଧ୍ୟମରେ ସନ୍ତାନ ପ୍ରାପ୍ତ କରିପାରିବେ ବୋଲି ସମଲିଙ୍ଗୀ ଦମ୍ପତିଙ୍କୁ ଅନୁମତି ମିଳିଛି। କ୍ୟୁବା ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍ କାନେଲ ଏହାକୁ ସ୍ୱାଗତ କରିବା ସହ ନ୍ୟାୟ ହୋଇପାରିଛି ବୋଲି ଟୁଇଟ୍ କରିଛନ୍ତି। ୨୦୦୧ରେ ନେଦରଲାଣ୍ଡ୍‌ସ ସମଲିଙ୍ଗୀ ବିବାହକୁ ବୈଧ କରିଥିଲା। ଏହାପରେ କାନାଡା, ବେଲ୍‌ଜିୟମ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଜର୍ମାନୀ, ନ୍ୟୁଜିଲାଣ୍ଡ, ସୁଇଡେନ୍, ସୁଇଜରଲାଣ୍ଡ, ଆମେରିକା, ବ୍ରିଟେନ, ସ୍ପେନ୍, ନରୱେ, ବ୍ରାଜିଲ, ଅଷ୍ଟ୍ରେଲିଆ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଆଦି ସମେତ ପ୍ରାୟ ୩୦ ଦେଶ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେଇସାରିଛନ୍ତି।



## କ୍ୱାରାଣ୍ଟାଇନ୍‌ରେ ଥିଲେ ଜିନ୍‌ପିଙ୍ଗ୍



**ଚା**ଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କୁ ନେଇ ଉଠିଥିବା ଗୁଜବ ଓ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଉଜ୍‌ବେକିସ୍ତାନର ସମରକନ୍ଦ ଏସ୍‌ସିଓ ସମ୍ମିଳନୀରୁ ଗତ ୧୬ ତାରିଖରେ ଫେରିବା ପରଠୁ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଏହାକୁ ନେଇ କେତେକ ଗଣମାଧ୍ୟମ ବିଶେଷକରି ସୋସିଆଲ ମିଡିଆରେ ନାନା କଥା ପ୍ରସାରିତ ହୋଇଥିଲା। କେହି କେହି ଜିନ୍‌ପିଙ୍ଗ୍‌ଙ୍କୁ ଗୃହବନ୍ଦୀ କରାଯାଇଥିବା ଏବଂ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ଲି କୁଇଆମ୍‌ଇଙ୍ଗ୍ ପରବର୍ତ୍ତୀ ରାଷ୍ଟ୍ରପତି ହେବେ ବୋଲି କହୁଥିଲେ। ଶାସକ ଦଳ କିମ୍ବା ସରକାରଙ୍କ ପକ୍ଷରୁ ଏହା ଉପରେ କୌଣସି ସ୍ପଷ୍ଟୀକରଣ ଦିଆଯାଇ ନ ଥିବାରୁ ଗୁଜବକୁ ବଳ ମିଳିଥିଲା। ତେବେ ମଙ୍ଗଳବାର ଜିନ୍‌ପିଙ୍ଗ୍ କମ୍ୟୁନିଷ୍ଟ ପାର୍ଟିର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେସବୁକୁ ଭୁଲ ପ୍ରମାଣିତ କରିଛନ୍ତି। ଚାଇନାର ଜିରୋ କୋଭିଡ୍ ପଲିସି ଅନୁଯାୟୀ ବିଦେଶରୁ ଫେରିବା ପରେ ସଂକ୍ରମଣ ଏଡ଼ାଇବା ପାଇଁ ଜିନ୍‌ପିଙ୍ଗ୍ କ୍ୱାରାଣ୍ଟାଇନରେ ରହିଥିବା କୁହାଯାଉଛି।

## ବୁର୍ଖା ନ ପିନ୍ଧିବାରୁ ସ୍ତ୍ରୀଙ୍କୁ ହତ୍ୟା

**ମୁମ୍ବାଇ,୨୭।୯:** ବୁର୍ଖା ପିନ୍ଧିବାକୁ ମନା କରିବାରୁ ମୁମ୍ବାଇର ଇକ୍‌ବାଲ ଶେଖ୍ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ସ୍ତ୍ରୀ ରୁପାଲି ହିନ୍ଦୁ ସମ୍ପ୍ରଦାୟର ହୋଇଥିବାବେଳେ ତିନି ବର୍ଷ ପୂର୍ବେ ସେ ଇକ୍‌ବାଲଙ୍କୁ ବିବାହ କରିଥିଲେ। ବୁର୍ଖା ପିନ୍ଧିବା ତଥା ଇସ୍‌ଲାମିକ ଚାଲିଚଳନ ଗ୍ରହଣ କରିବାକୁ ରୁପା ନାପସନ୍ଦ କରୁଥିବାବେଳେ ଶାଶୁଘର ଲୋକେ କିନ୍ତୁ ଏପରି କରିବାକୁ ତାଙ୍କ ଉପରେ ଚାପ ପକାଉଥିବା ରୁପାଙ୍କ ଘରଲୋକେ କହିଛନ୍ତି। କଳହ କାରଣରୁ ରୁପା ଶାଶୁଘର ଛାଡ଼ି ଅଲଗା ରହୁଥିଲେ। ସୋମବାର ରୁପା ଇକ୍‌ବାଲଙ୍କଠାରୁ ଅଲଗା ହେବା ପାଇଁ ଛାଡ଼ପତ୍ର ମାଗିଥିଲେ। ଯୁକ୍ତିତର୍କ ହେବାରୁ ସେ ଛୁରିରେ ରୁପାଙ୍କ ଗଳାକାଟି ହତ୍ୟା କରିଥିଲେ।

## ମୂର୍ତ୍ତି ଭାଙ୍ଗିଲେ ୨ ବୁର୍ଖା ପରିହିତା ମହିଳା

**ହାଇଦ୍ରାବାଦ,୨୭।୯ :** ହାଇଦ୍ରାବାଦର ଚିନ୍ତଲବସ୍ତିରେ ଥିବା ପୂଜା ମଣ୍ଡପରେ ମଙ୍ଗଳବାର ଦୁଇ ବୁର୍ଖାପିନ୍ଧା ମହିଳା ଦୁର୍ଗାମୂର୍ତ୍ତି ଭାଙ୍ଗିଦେଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ପିଛା କରି ଧରିବା ସହ ପୋଲିସକୁ ହସ୍ତାନ୍ତର କରିଥିଲେ। ସୈଫାବାଦ ପୋଲିସ ଉଭୟଙ୍କୁ ଗିରଫ କରିଛି। ଦୁର୍ଗାମୂର୍ତ୍ତି ଭାଙ୍ଗିବା ପୂର୍ବରୁ ସେମାନେ ଫାଷ୍ଟ ଲାନ୍‌ସରରେ ଥିବା ଚର୍ଚ୍ଚରେ ପଶି ମୂର୍ତ୍ତି ଭାଙ୍ଗିଥିଲେ।

## ଅସୁନ୍ଦରୀ କହିବାରୁ ସ୍ୱାମୀଙ୍କୁ ହାଣିଲେ ସ୍ତ୍ରୀ

**ରାୟପୁର, ୨୭।୯:** ଛତିଶଗଡ଼ ଦୁର୍ଗ ଜିଲା ଆମଲେଶ୍ୱର ଗ୍ରାମରେ ସଙ୍ଗୀତା ସ୍ୱାମୀଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ସଙ୍ଗୀତାଙ୍କ ରଙ୍ଗକୁ ନେଇ ସ୍ୱାମୀ ଅନନ୍ତ କଟାକ୍ଷ କରୁଥିଲେ। ଅନେକ ସମୟରେ ତାଙ୍କୁ ଅସୁନ୍ଦରୀ କହିବା ସହ କାଳୀ ବୋଲି ସମ୍ବୋଧନ କରୁଥିଲେ। ସଙ୍ଗୀତାଙ୍କୁ ଅସୁନ୍ଦରୀ କହିବାକୁ ନେଇ ରବିବାର ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସ୍ତ୍ରୀ ସଙ୍ଗୀତା ରାଗିଯାଇ ଘରେ ଥିବା କୁରାଢ଼ିରେ ଅନନ୍ତଙ୍କ ଯୌନାଙ୍ଗ କାଟି ଦେଇଥିବା ପୋଲିସ କହିଛି।

# ନର୍ଡ ଷ୍ଟ୍ରିମ୍‌ରେ ଗ୍ୟାସ୍ ଲିକ୍

## ପାଇପଲାଇନରେ ରହସ୍ୟଜନକ ଛିଦ୍ର

**ୟୁକ୍ରେନ୍‌ର ପ୍ରତିରୋଧ ଓ ପାଶ୍ଚାତ୍ୟର କଟକଣାରେ ନଇଁପଡ଼ିଥିବା ରୁଷିଆ ଯାହା ପାରୁଛି ତାହା କରୁଛି। ଯୁଦ୍ଧର ୭ ମାସ ଭିତରେ ରୁଷୀୟ ସୈନ୍ୟ ଦଖଲ କରିଥିବା ଲୁହାନ୍‌ସ୍କ, ଡୋନେସ୍କ, ଖେରସୋନ୍ ଓ ଜାପୋରିଝିଆକୁ ରୁଷିଆ ସହ ମିଶ୍ରଣ ପାଇଁ ମଙ୍ଗଳବାର ଥିଲା ଗଣଭୋଟର ଶେଷଦିନ। ଏହି ଦିନ ଡାନିସ୍ ଦ୍ୱୀପ ବର୍ନହୋମ୍‌ର ଉତ୍ତରପୂର୍ବାଞ୍ଚଳରେ ନର୍ଡ ଷ୍ଟ୍ରିମ୍-୧ ପାଇପଲାଇନରୁ ହଠାତ ଗ୍ୟାସ୍ ଲିକ୍ ହୋଇଥିବା ନେଇ ଡେନ୍‌ମାର୍କର ସଶସ୍ତ୍ର ବଳ ଏକ ଭିଡିଓ ଜାରି କରିଛି। ଗ୍ୟାସ୍ ଲିକ୍ ହେଉଥିବା ଜଳରାଶିକୁ କୌଣସି ଜାହାଜ ପ୍ରବେଶ କଲେ ବିପଦ ସୃଷ୍ଟି ହୋଇପାରେ। ଏହା ପଛରେ କାହା ହାତ ଅଛି ସ୍ପଷ୍ଟ ହୋଇନାହିଁ। ଏଥିରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସମ୍ପୃକ୍ତି ସନ୍ଦେହ କରି ମସ୍କୋ ପୁନର୍ବାର ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛି। ଅନ୍ୟପକ୍ଷେ ଶକ୍ତି ସଙ୍କଟ ଦେଇ ଗତି କରୁଥିବା ୟୁରୋପ ଉପରେ ପ୍ରତିଶୋଧ ନେବା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଗ୍ୟାସ୍ ପାଇପଲାଇନରେ ଲିକ୍ କରାଇଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।**


ବାଲଟିକ୍ ସାଗରରେ ପାଇପ୍‌ଲାଇନରୁ ଗ୍ୟାସ୍ ଲିକ୍ ହେଉଥିବାର ଦୃଶ୍ୟ।




**ଷ୍ଟକ୍‌ହୋମ୍, ୨୭।୯**

ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ପାଶ୍ଚାତ୍ୟ ଦେଶଗୁଡ଼ିକ ମସ୍କୋ ଉପରେ କଟକଣା ଜାରି କରିବାରେ ଲାଗିଛନ୍ତି। ରୁଷିଆ ସହ ତିକ୍ତତା ବଢ଼ି ଚାଲିଥିବାବେଳେ ମସ୍କୋରୁ ଗ୍ୟାସ୍ ଆମଦାନୀ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଉଦ୍ୟମ କରୁଛନ୍ତି। ଏହା ମଧ୍ୟରେ ଚିନ୍ତାରେ ପକାଇଦେବା ଭଳି ଖବର ଆସିଛି। ରୁଷିଆରୁ ବାଲ୍‌ଟିକ୍ ସାଗର ଦେଇ ଜର୍ମାନୀ ପର୍ଯ୍ୟନ୍ତ ପ୍ରାକୃତିକ ବାଷ୍ପ ବା ନ୍ୟାଚୁରାଲ ଗ୍ୟାସ୍ ପରିବହନ ହେଉଥିବା ନର୍ଡ ଷ୍ଟ୍ରିମ୍ ପାଇପଲାଇନରୁ ରହସ୍ୟଜନକ ଭାବେ ଗ୍ୟାସ୍ ଲିକ୍ ହୋଇଛି। ସୋମବାର ନର୍ଡ ଷ୍ଟ୍ରିମ୍-୨ରେ ଗ୍ୟାସ୍ ଲିକ୍ ନେଇ ସୁଇଡେନ୍ ସତର୍କ କରାଇବା ପରେ ନର୍ଡ ଷ୍ଟ୍ରିମ୍-୧ରେ ମଧ ୨ଟି ଛିଦ୍ର ହୋଇଥିବା ମଙ୍ଗଳବାର କହିଛି। ନର୍ଡ ଷ୍ଟ୍ରିମ୍-୨ ଚାଲୁ ନ ଥିଲେ ମଧ ଏଥିରେ ଗ୍ୟାସ୍ ଭର୍ତ୍ତି ରହିଛି। ଏହାକୁ ନେଇ ଡେନ୍‌ମାର୍କ ଏବଂ ସୁଇଡେନ୍ ଚେତାଇ ଦେଇଛନ୍ତି। ବାଲ୍‌ଟିକ୍ ସାଗର ଦେଇ ଯାଉଥିବା ଜାହାଜଗୁଡ଼ିକ ପାଇଁ ଡେନ୍‌ମାର୍କ ସତର୍କ ସୂଚନା ଜାରି କରିଛି। ପାଇପଲାଇନ୍ ଥିବା ସ୍ଥାନରୁ ୫ ନଟିକାଲ ମାଇଲ ବ୍ୟାସାର୍ଦ୍ଧ ପରିବ୍ୟାପ୍ତ ଜଳରାଶିରେ ଜାହାଜ ଚଳାଚଳ ନ କରିବାକୁ ପରାମର୍ଶ ଦିଆଯାଇଛି। ପୋଲାଣ୍ଡ ଏବଂ ୟୁରୋପକୁ ରୁଷିଆରୁ ଗ୍ୟାସ ଆମଦାନୀ ବନ୍ଦ କରିବା ନିମନ୍ତେ ନୂଆ ପାଇପ୍‌ଲାଇନ ଉଦ୍‌ଘାଟନ ପାଇଁ ପାଶ୍ଚାତ୍ୟର ନେତାମାନେ ପୋଲାଣ୍ଡର ବୁନ୍ଦୋରେ ପହଞ୍ଚିଥିବାବେଳେ ପାଇପ୍‌ଲାଇନରୁ ଗ୍ୟାସ୍ ଲିକ୍ ଚିନ୍ତା ବଢ଼ାଇଦେଇଛି।

ପ୍ରାୟ ୧,୨୩୦ କିଲୋମିଟର ପର୍ଯ୍ୟନ୍ତ ଏହି ପାଇପଲାଇନ ରୁଷିଆରୁ ବାଲ୍‌ଟିକ୍ ସାଗର ଦେଇ ଜର୍ମାନୀକୁ ଯାଇଛି। ଏହା ମଧ୍ୟରେ ଗ୍ୟାସ୍ ଭର୍ତ୍ତି କରାଯାଇଥିଲେ ହେଁ ଅଦ୍ୟାବଧି ପାଇପ୍‌ଲାଇନ ଦେଇ ପରିବହନ ହୋଇନାହିଁ। ଗ୍ୟାସ୍ ଲିକ୍‌ର କାରଣ ମଧ ଜଣାପଡ଼ିନାହିଁ। ନର୍ଡ ଷ୍ଟ୍ରିମ୍-୨ର ଅପରେଟରର ଜଣେ ମୁଖପାତ୍ର କହିଛନ୍ତି, ଡାନିସ୍ ଦ୍ୱୀପ ବର୍ନହୋମ୍‌ର ଉତ୍ତରପୂର୍ବରେ ସୋମବାର ପାଇପ୍‌ଲାଇନରୁ ଗ୍ୟାସ୍ ଲିକ୍ ହୋଇଥିବା ଜଣାପଡ଼ିଥିଲା। ପାଇପଲାଇନରେ ପ୍ରେସର ହ୍ରାସ ପାଇବା ପରେ ଜର୍ମାନୀ, ସୁଇଡେନ୍, ଫିନ୍‌ଲାଣ୍ଡ ଏବଂ ରୁଷିଆ ଅଧିକାରୀମାନଙ୍କୁ ସଙ୍ଗେସଙ୍ଗେ ଏ ନେଇ ସୂଚନା ଦିଆଯାଇଥିଲା। ସେଥିରେ ୧୭୭ ନିୟୁତ କ୍ୟୁବିକ୍ ମିଟର ଗ୍ୟାସ୍ ଥିବାବେଳେ କିଛି ଦିନ ମଧ୍ୟରେ ତାହା ଲିକ୍ ହୋଇ ବାହାରିଯିବାର ଆଶଙ୍କା ରହିଛି। ପରିବେଶ ଉପରେ ଏହାର ପ୍ରଭାବ ନେଇ ଚିନ୍ତା ପ୍ରକାଶ ପାଇଥିବାବେଳେ ଏହି ଗ୍ୟାସ୍ ବିଷାକ୍ତ ନୁହେଁ ବୋଲି ଜର୍ମାନୀ ପରିବେଶବିତ୍‌ମାନେ କହିଛନ୍ତି। ପ୍ରକାଶ ଥାଉ କି, ନର୍ଡ ଷ୍ଟ୍ରିମ୍ ପାଇପଲାଇନ୍ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାବେଳେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ବିରୋଧ କରି ଜର୍ମାନ ଚାନ୍‌ସେଲର ଓଲାଫ୍ ସ୍କୋଲ୍‌ଜ ଏହି ପ୍ରକଳ୍ପକୁ ବାତିଲ କରିଥିଲେ।

### ସତର୍କତା ଜାରି କଲା ଡେନ୍‌ମାର୍କ

## ପିଏଫ୍‌ଆଇ ବିରୋଧରେ ସାନି କାର୍ଯ୍ୟାନୁଷ୍ଠାନ

## ୭ ରାଜ୍ୟରୁ ୧୫୦ ଗିରଫ

**ନୂଆଦିଲ୍ଲୀ,୨୭।୯ (ପି.ଟି.)**

ଆତଙ୍କବାଦ ସହ ସମ୍ପୃକ୍ତି ନେଇ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ବିରୋଧରେ ଗତ ୨୨ ତାରିଖରେ ଏନ୍‌ଆଇଏ, ଇଡି ଏବଂ ରାଜ୍ୟ ପୋଲିସ ପକ୍ଷରୁ ଦେଶବ୍ୟାପୀ ଚଢ଼ାଉ ହୋଇ ୧୦୬ ଜଣଙ୍କୁ ଗିରଫ କରାଯାଇଥିଲା। ପିଏଫ୍‌ଆଇ ସହ ଜଡ଼ିତ ୧୯ଟି ମାମଲାର ତଦନ୍ତ ଏନ୍‌ଆଇଏ କରୁଛି। ମଙ୍ଗଳବାର ପୁଣିଥରେ ୭ ରାଜ୍ୟରେ ଚଢ଼ାଉ କରାଯାଇ ଏହି ସଂଗଠନ ସହ ସମ୍ପୃକ୍ତ ୧୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ମୁଖ୍ୟତଃ ରାଜ୍ୟ ପୋଲିସ ଟିମ୍ ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର, ଆସାମ ଓ ମଧ୍ୟପ୍ରଦେଶରେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ବେଳେ ଆସାମରୁ ୨୫ ଜଣ ଗିରଫ ହୋଇଥିବାବେଳେ ମହାରାଷ୍ଟ୍ରରୁ ୧୦, ଉତ୍ତରପ୍ରଦେଶରୁ ୫୭, ଦିଲ୍ଲୀରୁ ୩୦, ମଧ୍ୟପ୍ରଦେଶରୁ ୨୧ ଏବଂ ଗୁଜରାଟରୁ ୧୦ ଜଣଙ୍କୁ ଗିରଫ କରାଯାଇଛି। ଏହା ବ୍ୟତୀତ କର୍ଣ୍ଣାଟକରୁ ମଧ କେତେଜଣ ଗିରଫ ହୋଇଛନ୍ତି। ୟୁପିରେ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍, ସ୍ପେଶାଲ ଟାସ୍କଫୋର୍ସ ଏବଂ ସ୍ଥାନୀୟ ପୋଲିସ ଏକସଙ୍ଗେ ୨୬ ଜିଲାରେ ଚଢ଼ାଉ କରିଥିଲେ। ସେଠାରୁ ବହୁପରିମାଣର ଦସ୍ତାବିଜ ଓ ପ୍ରମାଣ ମିଳିଛି।

### ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

## ରିସର୍ଟରେ ନିୟମିତ ଡ୍ରଗ୍ସ, ଗଣିକା ବୃତ୍ତି ଚାଲିଥିଲା

**ଋଷିକେଶ,୨୭।୯**

ଉତ୍ତରାଖଣ୍ଡର ବହିଷ୍କୃତ ଭାଜପା ନେତାଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ରିସର୍ଟରେ ୧୯ ବର୍ଷୀୟା ରିସିପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଜଣେ ପୂର୍ବତନ କର୍ମଚାରୀ ମୁହଁ ଖୋଲିଛନ୍ତି। ପୁଲକିତଙ୍କ ରିସର୍ଟରେ ନିୟମିତ ଡ୍ରଗ୍ସ କାରବାର ଓ ଗଣିକା ବୃତ୍ତି ଚାଲିଥିଲା। ରିସର୍ଟ ପରିଚାଳନା ବିଭାଗ ଗ୍ରାହକମାନଙ୍କୁ ବେଆଇନ ନିଶାଦ୍ରବ୍ୟ, ଗଞ୍ଜେଇ ଓ ଅନ୍ୟାନ୍ୟ ଡ୍ରଗ୍ସ ଯୋଗାଇଦେବା ସହ ଝିଅ ଯୋଗାଇ ଦେଉଥିଲେ ବୋଲି ରିଶିତା ନାମ୍ନୀ ପୂର୍ବତନ କର୍ମଚାରୀ କହିଛନ୍ତି। ଦୁଇ ମାସ ପୂର୍ବରୁ ରିଶିତା ଓ ତାଙ୍କ ସ୍ୱାମୀ ବିବେକ ଉକ୍ତ ରିସର୍ଟରେ କାମ କରୁଥିଲେ। ଅଗଷ୍ଟରେ ଅଙ୍କିତା ସେଠାରେ ଯୋଗଦେବା ପୂର୍ବରୁ ସେମାନେ ଛାଡ଼ିଦେଇଥିଲେ। ଗଣିକା ବୃତ୍ତିରେ ସାମିଲ ହେବା ଲାଗି ଅଙ୍କିତା ମନା କରିବାରୁ ପୁଲକିତ ଓ ତାଙ୍କ ରିସର୍ଟର ଦୁଇଜଣ କର୍ମଚାରୀ ତାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ସେମାନଙ୍କୁ ଗିରଫ କରାଯାଇଛି।

## ଶିଞ୍ଜୋ ଆବେଙ୍କ ଶେଷକୃତ୍ୟ ସମ୍ପନ୍ନ

### ଶ୍ରଦ୍ଧାଞ୍ଜଳି ଜଣାଇଲେ ମୋଦି

**ଟୋକିଓ,୨୭।୯**

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେଙ୍କ ଶେଷକୃତ୍ୟ ମଙ୍ଗଳବାର ସମ୍ପନ୍ନ ହୋଇଛି। ୧୦ ହଜାର ଲୋକ ଉପସ୍ଥିତ ରହି ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ୧୯ ତୋପସଲାମୀ ଦିଆଯାଇଥିଲା। ୫୫ବର୍ଷ ପରେ ଜାପାନରେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏହା ଥିଲା ପ୍ରଥମ ରାଷ୍ଟ୍ରୀୟ ଶେଷକୃତ୍ୟ। ସାମରିକ ବାଦ୍ୟ ସହ ଆବେଙ୍କ ଚିତାଭସ୍ମକୁ କେନ୍ଦ୍ରୀୟ ଟୋକିଓସ୍ଥିତ ନିପନ ବୁଡୋକାନ୍ ହଲ୍‌କୁ ଶୋଭାଯାତ୍ରାରେ ଅଣାଯାଇଥିଲା। ହଜାର ହଜାର ଲୋକ ଉପସ୍ଥିତ ରହି ଆବେଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଶେଷକୃତ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ୨୦ଟି ଦେଶର ରାଷ୍ଟ୍ରମୁଖ୍ୟ ଓ ଶାସନ ମୁଖ୍ୟ ଯୋଗଦେଇଥିଲେ। ଏହା ବ୍ୟତୀତ ଶତାଧିକ ରାଷ୍ଟ୍ରର ପ୍ରତିନିଧି ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ। ମୋଦି ପ୍ରଥମେ ଆକାସାକା ପ୍ୟାଲେସ୍‌ରେ ଆବେଙ୍କ ସ୍ତ୍ରୀ ଆକି ଆବେଙ୍କୁ ଭେଟି ସମବେଦନା ଜଣାଇଥିଲେ। ପରେ ସେ ଅନ୍ୟ ବିଶ୍ୱ ନେତାମାନଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶେଷକୃତ୍ୟରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଗତ ଜୁଲାଇ ୮ରେ ଆବେ ଏକ ରାଜନୈତିକ ପ୍ରଚାର ସଭାରେ ଉଦ୍‌ବୋଧନ ଦେଉଥିବାବେଳେ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ।


ସିଞ୍ଜୋ ଆବେଙ୍କୁ ଶେଷ ସମ୍ମାନ ଜଣାଉଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## କୋଭିଡ୍ ଭାରିଆଣ୍ଟ ବିରୋଧରେ ସ୍ପାଇକ୍ ପ୍ରୋଟିନ୍ ଟିକା ଫଳପ୍ରଦ

### ଆଇଆଇଟି ଅଧ୍ୟୟନ

**ଚେନ୍ନାଇ,୨୭।୯ (ଆଇଏଏନ୍‌ଏସ୍)**

କୋଭିଡ୍-୧୯ର ବିଭିନ୍ନ ଭାରିଆଣ୍ଟ ବିରୋଧରେ ସ୍ପାଇକ୍ ପ୍ରୋଟିନ୍ ଟିକା ଫଳପ୍ରଦ ପ୍ରତିଷେଧକ ହୋଇପାରିବ ବୋଲି ଆଇଆଇଟି ମାଡ୍ରାସ୍‌ର ଏକ ଗବେଷକ ଟିମ୍ ଅଧ୍ୟୟନରୁ ଜାଣିପାରିଛନ୍ତି। ଟିକାଦ୍ୱାରା ଉତ୍ପ୍ରେରିତ ଟି-ସେଲ୍ କୋଭିଡ୍‌ର ଡେଲ୍‌ଟା ପ୍ଲସ୍, ଗାମା, ଜେଟା, ମିଙ୍କ୍ ଏବଂ ଓମିକ୍ରନ୍ ଭାରିଆଣ୍ଟ ସଂକ୍ରମଣକୁ ରୋକିପାରିବ ବୋଲି ଅଧ୍ୟୟନରେ କୁହାଯାଇଛି। ସ୍ପାଇକ୍ ପ୍ରୋଟିନ୍ ଭିତ୍ତିକ ବିଭିନ୍ନ ଟିକା କେବଳ ଆଣ୍ଟିବଡି ରେସ୍‌ପନ୍ସକୁ ବଢ଼ାଉଛି କିମ୍ବା ଉଭୟ ଆଣ୍ଟିବଡି ଏବଂ ଟି-ସେଲ୍ ରେସ୍ପନ୍ସକୁ ବଢ଼ାଉଛି, ତାହା ଉପରେ ଟିକାର ଫଳପ୍ରଦତା ନିର୍ଭର କରେ ବୋଲି ଆଇଆଇଟି ମାଡ୍ରାସର ଆସିଷ୍ଟାଣ୍ଟ ପ୍ରଫେସର ବାଣୀ ଜାନକୀରମଣ କହିଛନ୍ତି। ପ୍ରଥମେ ବିଭିନ୍ନ ଭାରିଆଣ୍ଟର ମ୍ୟୁଟେଶନ୍‌ର ଏପିଟୋପ୍ ସେକ୍ୱେନ୍ସକୁ ଅନୁଶୀଳନ କରିବା ଦ୍ୱାରା ଯଦି ସେଗୁଡ଼ିକ ପ୍ରତିଷେଧକ ପ୍ରକ୍ରିୟାରେ ଥିବା ଟି-ସେଲ୍‌କୁ ବଢ଼ାଇପାରୁଥିବେ, ସେଥିରୁ ଟିକାର ପ୍ରତିରୋଧ ସାମର୍ଥ୍ୟ ଆକଳନ କରାଯାଇପାରିବ ବୋଲି ଜାନକୀରମଣ କହିଛନ୍ତି।



ଗବେଷକମାନଙ୍କ କହିବା ଅନୁଯାୟୀ, କୋଭିଡ୍ ଭାରିଆଣ୍ଟଗୁଡ଼ିକରେ ଭୂତାଣୁର ସ୍ପାଇକ୍ ପ୍ରୋଟିନ୍‌ରେ ଅଣୁସ୍ତରରେ ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନରେ ପ୍ରୋଟିନ୍ ସିକ୍ୱେନ୍ସ ସାମିଲ ଥାଇପାରେ, ଯାହାକୁ ଟି-ସେଲ୍ ଚିହ୍ନଟ କରିଥାଏ। ତେଣୁ କୋଭିଡ୍ ଭୂତାଣୁର ବିଭିନ୍ନ ଭାରିଆଣ୍ଟ ବିରୋଧରେ ଲଢ଼ିବାରେ ସ୍ପାଇକ୍ ପ୍ରୋଟିନ୍ ଟିକା ଫଳପ୍ରଦ ହୋଇପାରିବ ବୋଲି ସେମାନେ କହିଛନ୍ତି।

# ରାୟ ସଂରକ୍ଷିତ ରଖିଲେ ସୁପ୍ରିମକୋର୍ଟ

### କେନ୍ଦ୍ରର ଇଡବ୍ଲ୍ୟୁଏସ୍ କୋଟାକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨୭।୯ (ପି.ଟି.)**

ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୧୦ ପ୍ରତିଶତ ସଂରକ୍ଷଣ ପ୍ରଦାନ ଲାଗି ସମ୍ବିଧାନର ୧୦୩ତମ ସଂଶୋଧନର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଏ ସମ୍ପର୍କିତ ଏକାଧିକ ପିଟିଶନ୍‌ର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଛନ୍ତି। ଇଡବ୍ଲ୍ୟୁଏସ୍ କୋଟା ସମ୍ବିଧାନର ମୂଳ ଢାଞ୍ଚାକୁ ଉଲ୍ଲଂଘନ କରୁଛି କି ନାହିଁ ଏନେଇ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଶୁଣାଣି କରିଥିଲେ। ଏନେଇ ଅଦାଲତ ଦୀର୍ଘ ସାଢ଼େ ୬ ଘଣ୍ଟା ଧରି ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ, ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀଙ୍କ ଯୁକ୍ତି ଶୁଣିଥିଲେ। ସାମ୍ବିଧାନିକ ପୀଠରେ ସିଜେଆଇଙ୍କ ବ୍ୟତୀତ ଜଷ୍ଟିସ୍ ଦୀନେଶ ମାହେଶ୍ୱରୀ, ଏସ୍. ରବୀନ୍ଦ୍ର ଭଟ୍ଟ, ବେଲା ଏମ୍. ତ୍ରିବେଦୀ, ଜେ.ବି. ପର୍ଦ୍ଦିୱାଲା ରହିଛନ୍ତି। ଗତ ୧୩ ତାରିଖରେ ପ୍ରଥମେ ଶିକ୍ଷାବିତ୍ ମୋହନ ଗୋପାଳ ନିଜର ଯୁକ୍ତି ଉପସ୍ଥାପନ କରି ଇଡବ୍ଲ୍ୟୁଏସ୍ କୋଟାକୁ ବିରୋଧ କରିଥିଲେ। ସଂରକ୍ଷଣର ଧାରଣାକୁ ନଷ୍ଟ କରିଦେବା ଲାଗି ଏହା ଛଳନାତ୍ମକ ତଥା ପଛଦ୍ୱାର ଉଦ୍ୟମ ବୋଲି ସେ କହିଥିଲେ। ବରିଷ୍ଠ ଆଇନଜୀବୀ ରବି ବର୍ମା କୁମାର, ପି. ୱିଲସନ, ମୀନାକ୍ଷୀ ଆରୋରା, ସଞ୍ଜୟ ପାରିଖ, କେ.ଏସ୍. ଚୌହାନ ପ୍ରମୁଖ କୋଟାକୁ ବିରୋଧ କରିଥିଲେ। ଏଥିରେ ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗ ବାହାରେ ଥିବା ଗରିବଙ୍କୁ ସାମିଲ କରାଯାଉଥିବାରୁ ଏହା ସ୍ୱଚ୍ଛଳ ବର୍ଗ ଧାରଣାକୁ ପ୍ରତିହତ କରୁଥିବା ସେମାନେ ଯୁକ୍ତି ଦର୍ଶାଇଥିଲେ। ଅନ୍ୟପକ୍ଷରେ ସଲିସିଟର ଜେନେରାଲ କହିଥିଲେ, ସାଧାରଣ ବର୍ଗରେ ରହିଥିବା ଦାରିଦ୍ର୍ୟ ଦୂରୀକରଣ ଲାଗି ସକାରାତ୍ମକ ପଦକ୍ଷେପ ନେବା କ୍ଷମତା ରାଷ୍ଟ୍ରର ରହିଛି। ସମ୍ବିଧାନ ସଂଶୋଧନ ଏହାର ମୂଳ ବିଶେଷତାକୁ ସୁଦୃଢ଼ କରୁଛି। କୌଣସି ପରିସଂଖ୍ୟାନରେ ଏହାର ବୈଧତାକୁ ପରୀକ୍ଷା କରାଯାଇପାରିବ ନାହିଁ ବୋଲି ସଲିସିଟର ଜେନେରାଲ କହିଥିଲେ। ‘ୟୁଥ୍ ଫର୍ ଇକ୍ୱାଲିଟି’ ନାମକ ଏନ୍‌ଜିଓ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଇଡବ୍ଲ୍ୟୁଏସ୍ କୋଟାକୁ ସମର୍ଥନ କରିବା ସହ ଏହା ସଠିକ୍ ଦିଗରେ ଠିକ୍ ପଦକ୍ଷେପ ବୋଲି କହିଥିଲେ।

**ଫେସବୁକ୍ ଆକାଉଣ୍ଟରୁ ତଥ୍ୟ ଉଭାନ୍ ସନ୍ଦେହ ବଢ଼ାଉଛି: ଭାଜପା**

ଭୁବନେଶ୍ୱର,(ବ୍ୟୁରୋ): ବହୁଚର୍ଚ୍ଚିତ ପୁରୀ ଜିଲା ଗୋପ ବ୍ଲକ ୧୧ନମ୍ବର ଜିଲା ପରିଷଦ ଜୋନ ସଭ୍ୟ ତଥା ବିଜେଡି ନେତା ଧର୍ମେନ୍ଦ୍ର ସାହୁ ନିଜ ମୃତ୍ୟୁ ପୂର୍ବରୁ ସୋସିଆଲ ମିଡିଆ ଜରିଆରେ ମୃତ୍ୟୁର କାରଣ ଏବଂ ୨ଟି ଭିଡିଓର କଥା ଉଲ୍ଲେଖ କରିଥିଲେ। ମାତ୍ର ତାଙ୍କ ଘରଠାରୁ ଅନତି ଦୂରରେ ତାଙ୍କ ମୋବାଇଲ ମିଳିବା ଘଟଣା ଯେତିକି ସନ୍ଦେହ ସୃଷ୍ଟି କରିଥିଲା, ତେବେ ଉଦ୍ଧାର ହେବା ପରେ ପୋଲିସ ହେପାଜତରେ ମୋବାଇଲ ୨ଟି ଥିବାବେଳେ ତାଙ୍କ ଫେସବୁକ ଆକାଉଣ୍ଟରୁ ଆପେ ଆପେ ତଥ୍ୟ ଉଭାନ ହୋଇଯିବା ଆହୁରି ସନ୍ଦେହକୁ ଦୃଢ଼ୀଭୂତ କରିଛି ବୋଲି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ନେତ୍ରୀ ପ୍ରଭାତୀ ପରିଡା ଅଭିଯୋଗ କରିଛନ୍ତି।

# ନଡ୍ଡାଙ୍କ ଗସ୍ତକୁ କାଉଣ୍ଟର ଲାଗି ବିଜେଡିର ୨ ଦିନିଆ ସମ୍ମିଳନୀ

- ୨୯ରେ ବିଜେଡିର ସମସ୍ତ ଅଫିସ ବିଅରର, ନିର୍ବାଚିତ ପ୍ରତିନିଧି ଓ ପ୍ରାର୍ଥୀଙ୍କୁ ନେଇ ସମ୍ମିଳନୀ
- ୩୦ରେ ସବୁ ପଞ୍ଚାୟତ, ସହରାଞ୍ଚଳ ପ୍ରତିନିଧିଙ୍କୁ ନେଇ ବୈଠକ
- ବରମୁଣ୍ଡା ପଡ଼ିଆରେ ବିଜେଡିର ଆୟୋଜନ
- ନଡ୍ଡାଙ୍କ ସଭା ପାଇଁ ଭାଜପା ସଜାଉଛି ଜନତା ମଇଦାନ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରାଜ୍ୟରେ ଏବେ ରାଜନୈତିକ ଲଢ଼େଇ ଧୀରେ ଧୀରେ ବଢ଼ିବା ଆରମ୍ଭ କରିଛି। ଅନେକ ଦିନ ହେବ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର କାର୍ଯ୍ୟକ୍ରମକୁ ସାମାନ୍ୟ ଶିଥିଳ ରଖିଥିବା ବେଳେ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ଏଥିଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଆସନ୍ତା ୨୯ ଏବଂ ୩୦ରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ନଡ୍ଡାଙ୍କ ଗସ୍ତକୁ ସଫଳକରି ଏଥିରୁ ବଡ଼ ରାଜନୈତିକ ଫାଇଦା ଉଠାଇବା ସକାଶେ ଭାଜପାର ରାଜ୍ୟ ନେତୃବୃନ୍ଦ ଜୋର୍‌ଦାର କସରତ ଚଳାଇଛନ୍ତି। ଜନତା ମଇଦାନଠାରେ ୨୫ ହଜାର କାର୍ଯ୍ୟକର୍ତ୍ତାଙ୍କୁ ଏକାଠି କରାଇବାକୁ ଭାଜପା ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଛି। ଅପରପକ୍ଷେ ଭାଜପା କାର୍ଯ୍ୟକ୍ରମକୁ କାଉଣ୍ଟର କରିବ ବିଜେଡି। ଏଥିଲାଗି ଶାସକ ଦଳ ନିଜର ନକ୍ସା ତିଆରି କରିଛି। ୨୯ରେ ଯୁବ ଓ ଛାତ୍ରଙ୍କ ଏକ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରିଥିବା ବେଳେ ୩୦ରେ ବରମୁଣ୍ଡା ପଡ଼ିଆରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଲାଗି ଦଳ ନିଷ୍ପତ୍ତି ନେଇଛି। ମଙ୍ଗଳବାର ବିଜେଡି ଯୁବ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀ ଜରିଆରେ ଦଳୀୟ କାର୍ଯ୍ୟକ୍ରମ ନେଇ ବିସ୍ତୃତ ସୂଚନା ଦିଆଯାଇଛି। ଏହି ଅବସରରେ ବିଧାୟକ ଅରୁଣ ସାହୁ କହିଛନ୍ତି, ୨୯ରେ ବରମୁଣ୍ଡା ପଡ଼ିଆରେ ଆୟୋଜନ ହେବାକୁ ଥିବା ବୈଠକରେ ସମସ୍ତ ଏମ୍‌ପି, ବିଧାୟକ ଏବଂ ଏମ୍‌ପି ଓ ଏମ୍‌ଏଲ୍‌ଏ ପ୍ରାର୍ଥୀ, ସମସ୍ତ ରାଜ୍ୟ ଯୁବ, ଛାତ୍ର ଓ ମହିଳା କମିଟିର ସଦସ୍ୟ, ଯୁବ, ଛାତ୍ର ଓ ମହିଳା ଜୋନ୍, ବ୍ଲକ, ଜିଲା ଏବଂ ୟୁଏଲ୍‌ବି ସଭାପତି ଏବଂ ଭୁବନେଶ୍ୱର ଓ କଟକର ବିସିଜେଡି କ୍ୟାମ୍ପସ୍ କମିଟି ସଦସ୍ୟ ଯୋଗଦେବେ। ସେହିପରି ୩୦ରେ ସକାଳ ୮ଟା ୩୦ରେ ଏମ୍‌ପି, ଏମ୍‌ଏଲ୍‌ଏ ଏବଂ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ, ରାଜ୍ୟ ଅଫିସ ବିଅରର, ଜିଲା ସଭାପତି, ବ୍ଲକ ଏବଂ ୟୁଏଲ୍‌ବି ସଭାପତି, ଜିଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ, ସମସ୍ତ ବ୍ଲକ ବିଜେଡି ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ, ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମେୟରଙ୍କ ସମେତ ସମସ୍ତ କର୍ପୋରେଟରଙ୍କୁ ନେଇ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ଅରୁଣ କହିଛନ୍ତି। ସେହିପରି ବିଧାୟକ ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ବିଜେଡି ଲୋକଙ୍କ ବଳ। ଗାନ୍ଧୀ ଜୟନ୍ତୀରୁ ଜନସମ୍ପର୍କ ପଦଯାତ୍ରା ଦଳ ଆରମ୍ଭ କରିବ। ଅକ୍ଟୋବର ୨ରୁ ମାସେବ୍ୟାପୀ ଏହି କାର୍ଯ୍ୟକ୍ରମ ହେବ ବୋଲି ସେ ସୂଚିତ କରିଛନ୍ତି।


ବିଜେଡି ଯୁବ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# ଉଦ୍ଧବ ଗୋଷ୍ଠୀକୁ ଝଟକା

**ପ୍ରକୃତ ଶିବସେନା ନିଷ୍ପତ୍ତି ଇସିଙ୍କ ଉପରେ ଛାଡ଼ିଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ,୨୭।୯: ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଗୋଷ୍ଠୀ ମଧ୍ୟରୁ କିଏ ପ୍ରକୃତ ଶିବସେନା ସେ ନିଷ୍ପତ୍ତି ନିର୍ବାଚନ କମିଶନ (ଇସି) ନେବେ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି। ପ୍ରକୃତ ଶିବସେନା ସମ୍ପର୍କିତ ନିଷ୍ପତ୍ତିରୁ ନିର୍ବାଚନ କମିଶନଙ୍କୁ ଦୂରେଇ ରଖିବା ଲାଗି ନିର୍ଦ୍ଦେଶ ଦେବା ନିମନ୍ତେ ଠାକ୍‌ରେଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ପୀଠ ଦିନ ତମାମ ଉଭୟ ପକ୍ଷ ଏବଂ ନିର୍ବାଚନ କମିଶନଙ୍କ ଯୁକ୍ତି ଶୁଣିବା ପରେ ଠାକ୍‌ରେଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଗୋଷ୍ଠୀକୁ ଶକ୍ତ ଝଟ୍‌କା ଲାଗିଛି।

ମହାରାଷ୍ଟ୍ର ରାଜନୈତିକ ସଙ୍କଟ ସହ ଏହି ମାମଲା ଜଡ଼ିତ ଥିବାରୁ ବୃହତ୍ତର ସାମ୍ବିଧାନିକ ପୀଠରେ ବିଚାର ହେବା ଆବଶ୍ୟକ ବୋଲି ପୂର୍ବରୁ ୩ ଜଣିଆ ଖଣ୍ଡପୀଠ କହିଥିଲେ। ଶିବସେନା ସଦସ୍ୟଙ୍କ ବିରୋଧରେ ଜାରି ନୂଆ ଅଯୋଗ୍ୟ ଘୋଷଣା ନୋଟିସ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଲାଗି ଅଦାଲତ ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନର୍‌ୱେକରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବସେନାର ଉଭୟ ଗୋଷ୍ଠୀ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ରାଜ୍ୟପାଳ ଭଗତ ସିଂ କୋଶିୟାରୀ ମହାରାଷ୍ଟ୍ରରେ ସରକାର ଗଢ଼ିବା ଲାଗି ଏକନାଥ ଶିନ୍ଦେଙ୍କୁ ଆମନ୍ତ୍ରଣ କରିବା, ବାଚସ୍ପତି ନିର୍ବାଚନ ଏବଂ ସଂଖ୍ୟାଗରିଷ୍ଠତାର ପ୍ରମାଣକୁ ଚ୍ୟାଲେଞ୍ଜ କରି ଠାକ୍‌ରେ ଗୋଷ୍ଠୀ ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଶିନ୍ଦେ ଗୋଷ୍ଠୀ ନିଜକୁ ପ୍ରକୃତ ଶିବସେନା ଦାବି କରି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେବା ପରେ ଉଦ୍ଧବ ଗୋଷ୍ଠୀ ଏହାକୁ ଚ୍ୟାଲେଞ୍ଜ କରିଥିଲେ।


**OFFICE OF THE DIVISIONAL FOREST OFFICER**
**BERHAMPUR DIVISION**
**AT-COURTPETA, BRAHMAPUR-760004**
Phone/Fax- 0680-2281354, Mob- +91 7653908594,
Email-dfo.berhampur@odisha.gov.in
No. 327/01F, Dated, Brahmapur the 26th September 2022

**TENDER NOTICE FOR SELECTION OF A CONTRACTOR FOR BUILDING CONSTRUCTION WORKS IN BERHAMPUR FOREST DIVISION**

**No.MM-172:**Sealed tenders/bids are invited from registered "B" class contractors for the work **"Construction of Range Office Building (Ground Floor) & Range Officer Quarter (First Floor) in Brahmapur Forest Range under Brahmapur Forest Division"**
The eligibility criteria and detailed specifications are available in the tender document. The tender document and other details are available in the website **www.odishaforest.in.**
The last date of receipt of bids is **20.10.2022 by 5.00 PM.**

**Divisional Forest Officer, Brahmapur Division**
**OIPR-08038/11/0016/2223**

**GOVERNMENT OF ODISHA, DEPARTMENT OF WATER RESOURCES**
**Office of the Chief Engineer & Basin Manager, Tel Basin, Bhawanipatna-766001**
E-Mail-ID-cetelbasinbhp@gmail.com / Phone No. 06670-230209

**NOTICE INVITING TENDER**

**e - Procurement Notice No. CE&BM,TEL - 03/2022-23 PERCENTAGE RATE e-TENDER**

**No.A-538:1.**The Chief Engineer & Basin Manager, Tel Basin, Bhawanipatna, Dist-Kalahandi, Pin-766001, (Odisha) on behalf of Governor of Odisha invites **"PERCENTAGE RATE Bids"** IN DOUBLE COVER SYSTEM, in electronic tendering system for the construction works detailed in the table below. Table - 1: Details of critical dates, Details of Works, bid Security.

| Sl. No. | Bid ID No. | Name of Work | Approx. value of work (Rs. in Lakhs), (Excluding GST) | Period of Completion | Class of Contractor | Bid Security/ EMD (in Rs.) | Cost of Bid Document (in Rs.) (On-Line) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-(KID)- 01/ 2022-23 | Protection to scoured right bank of river Tel near village Chhenagaon to Bahadurpadar in Kesinga Block of Kalahandi District. | Rs.6,99,50,098.00 (Excluding G.S.T.) | 11 (Eleven) Calendar Months | 'A' & 'Special' Class only | Declaration is to be furnished in the prescribed form | 10000/- |
| 2 | CETEL-(KID)- 02/2022 -23 | Protection to scoured right bank of river Hati near village Balichhada to Ichhapur from RD 1500m to 4000.00m in Kalampur Block of Kalahandi District. | Rs.5,82,18,992.00 (Excluding G.S.T.) | 11 (Eleven) Calendar Months | 'A' Class Only | | 10000/- |

(Two Nos. of Works only)

| | |
|---|---|
| Tender documents available on website. | Can be downloaded from Website (http://www.tendersodisha.gov.in) |
| Bid documents available Date and Time. | 30.09.2022 at 11. 00 Hrs |
| Bid clarification start date & closing date. | 30.09.2022 to 12.10.2022 during office hours |
| On Line Bid submission closing date and time. | 14.10.2022 at 17.00 Hrs |
| Date, Time and Venue of opening of bid online. | 15.10.2022 at 11.00 Hrs Office of the Chief Engineer & Basin Manager, Tel Basin,Bhawanipatna,Dist-Kalahandi, Pin-766001, (Odisha) |
| Date / Time of Opening of Financial Bid | To be intimated after evaluation of Technical Bid. |
| If situation arises the Tender will be decided through Lottery System. | To be intimated after opening of financial bid. |

Further details can be seen from Govt. website. Any addendum / corrigendum / cancellation to the above notice will be published in the Govt. website www.tendersodisha.gov.in only.

OIPR-32317/11/0004/2223 **Sd./- Chief Engineer & Basin Manager, Tel Basin, Bhawanipatna**

भारत सरकार/ **Government of India**
**पर्यावरण, वन एवं जलवायु परिवर्तन मंत्रालय / Ministry of Environment, Forest and Climate Change**
एकीकृत क्षेत्रीय कार्यालय / **Integrated Regional Office**
ए/3, चन्द्रशेखरपुर / **A/3, Chandrasekharpur**
भुवनेश्वर - 751 023, ओडिशा / **Bhubaneswar - 751 023, Odisha**
No. A-534:
**Telephone No.: 0674-2301213, 2302432, 2301248, 2302452, 2302453, E-mail: roez.bsr.mef@nic.in**

**No. 5-ORC308/2017-BHU** **26th July, 2022**

**To**
**The Addl. Chief Secretary,**
**Forest & Environment Deptt.**
**Government of Odisha**
**Bhubaneswar - 751001**

**Sub.: Diversion of 7.054 ha of Froest land for construction of Ranjore Medium Irrigation Project near Village Sarandapali in Sohela and Bargarh Tahasil of Bargarh District, Odisha.**

**Madam,**

I am directed to refer to State Govt. Letter No. 10F (Cons.) 7/2017-2408/F&E dated 03.02.2017 and No. 23774/F&E dated 18.11.2017, wherein prior approval of the Ministry of Environment, Forest & Climate Change for diversion 7.054 ha of Forest Land for construction of Ranjore Medium Irrigation Project near Village Sarandapali in Sohela and Bargarh Tahasil of Bargarh District, Odisha, was sought in accordance with Section - 2 of the Forest (Conservation) Act, 1980. After due consideration of the proposal by the Ministry of Environment, Forest & Climate Change and on the basis of decision of Regional Empowered Committee meeting held on 17.11.2017, the in-principle approval for diversion of the said forest land was accorded by Ministry vide this office letter of even number dated 01.12.2017, subject to fulfillment of certain conditions. The Nodal Officer (FCA) of the State Government has furnished the compliance report in respect of the conditions stipulated in the in-principle approval and has requested to grant final approval of the proposal.

2. In this connection, I am directed to say that on the basis of the compliance report furnished by the CCF & Nodal Officer (FCA), Odisha vide their letter No. 11576/9F (Irrig.)-308/2013 dated 06.06.2022 and State Govt. Letter No. 10F (Cons.) 07/2017-12495/FE&CC dated 15.07.2022, Stage-II/final approval of the Ministry of Environment, Forest & Climate Change is hereby granted under Section 2 of the Forest (Conservation) Act, 1980 for diversion of 7.045 ha of forest land for construction of Ranjore Medium Irrigation Project near Village Sarandapali in Sohela and Bargarh Tahasil of Bargarh District, Odisha, subject to the fulfillment of the following conditions:

**A. Conditions which need to be complied prior to handing over of forest land.**

i. The State Govt. shall ensure the compliance on FRA, 2006 as per the Forest (Conservation) Rules, 2022.
ii. The State Govt. shall ensure that forest land will be handed over only after required non-forest land for the project is handed over by the user agency.
iii. The State Govt. shall ensure that the user agency shall obtain the Environment Clearance as per the provisions of the Environmental (Protection) Act, 1986, if required.
iv. The State Govt. shall ensure that NPV of the above proposal has been realized from user agency as per Ministry's direction from time to time.
v. The State Govt. shall ensure that the KML files of the area to be diverted, the CA areas and the proposed CATP area shall be uploaded on the e-Green watch portal with all requisite details before handing over of the diverted forest land to the user agency.
vi. The State Govt. shall ensure that the boundary of the diverted forest land shall be demarcated on ground at the project cost, by erecting four feet high reinforced cement concrete pillars, each inscribed with its serial number, distance from pillar to pillar and GPS co-ordinates.

**B. Conditions which need to be complied after handing over of forest land to the user agency.**

i. Legal status of the diverted forest land shall remain unchanged.
ii. The user agency shall pay the additional amount of NPV, if so determined, as per the final decision of the Hon'ble Supreme Court of India.
iii. The State Govt. shall ensure that the State Forest Department will raise the Compensatory afforestation over 7.054 ha of non-forest identified in Plot No. 1166/1962(P), Khata No. 146, Kisam Dunguri of Village: Jamchhapar under Sohela Tahasil of Bargarh district within three years from the date of Stage-II Clearance and maintained thereafter by the State Forest Department from the funds deposited by the user agency in CAMPA account.
iv. The State Govt. shall ensure that the State Forest Department will raise the Addl. Compensatory afforestation over 2.53 ha of degraded forest identified in Jhanjapahad PRF of Bargarh Forest Division within three years from the date of Stage-II Clearance and maintained thereafter by the State Forest Department from the funds deposited by the user agency in CAMPA account.
v. The State Govt. shall ensure that the species to be planted under the CA/Addl. C.A. scheme shall be of native species of the area avoiding Teak and exotic species. At least 18 months old seedlings should be planted. Intensive monitoring of the plantation needs to be done and documented using Geo tagging so that the increase of canopy density and survival and growth of plantation can be evaluated at regular intervals.
vi. The State Govt. shall ensure that the Catchment Area Treatment Plan shall be implemented at the cost of user agency.
vii. The State Govt. shall ensure that plantation of suitable local species shall be raised and maintained along the canal bank, at the cost of user agency.
viii. The State Govt. shall ensure that water will be provided free of cost to the Forest Department, if required, for raising nursery/plantation in nearby areas.
ix. The State Govt. shall ensure that user agency shall undertake afforestation along the periphery of the reservoir.
x. The State Govt. shall ensure that no tree felling shall be done between Full Reservoir Level (FRL) and 4 meters below Full Reservoir Level (FRL) and felling of trees shall be carried out by the State Forest Department.
xi. The State Govt. shall ensure that the user agency shall explore the possibility of successful transplantation of maximum number of trees identified to be felled and shall ensure that any tree felling shall be done only when it is unavoidable and that too under strict supervision of the State Forest Department.
xii. The State Govt. shall ensure that no labour camp shall be established on the forest land and the user agency shall provide fuels preferably alternate fuels to the labourers and staff working at the site so as to avoid any damage and pressure on the nearby forest areas.
xiii. The State Govt. and user agency shall ensure that no additional or new path will be constructed inside the forest are for any activity related to the project work.
xiv. The State Govt. and user agency shall ensure that while executing works, the user agency shall not fell any tree or damage forest growth in the surrounding forest area in any manner.
xv. The State Govt. and user agency shall ensure that earth or any material shall neither be brought from nor the debris resulting during construction be disposed of in the adjoining forest area by the user agency.
xvi. The State Govt. and user agency shall ensure that the layout plan of the proposal shall not be changed without prior approval of the Ministry of Environment, Forest & Climate Change.
xvii. The State Govt. shall ensure that the forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change.
xviii. The State Govt. shall ensure that the DFO concerned will monitor and take necessary mitigative measures to ensure that there is no adverse impact on the forests in surrounding area.
xix. The State Govt. shall ensure that the user agency shall submit annual self monitoring report on compliance of stipulated conditions to the Nodal Officer (FCA) of the State and Integrated Regional Office of this Ministry by the end of March every year regularly.
xx. The State Govt. shall ensure that any other conditions that the Ministry of Environment, Forests & Climate Change may impose from time to time in the interest of afforestation, conservation and management of flora and fauna in the area, which shall be complied by the user agency.
xxi. The State Govt. and user agency shall ensure compliance to provisions of the all Acts, Rules, Regulations, Guidelines, NGT Order(s) & Hon'ble Court Order (s) pertaining to this project, if any, for the time being in force, as applicable to the project.
xxii. It may pelase note that violation of any of these conditions will amount to violation of Forest (Conservation) Act, 1980 and action would be taken as per Para 1.21 of Chapter - 1 of Handbook of Guidelines issued under F.C. Act, 1980 vide Ministry's Letter No. 5-2/2017-FC dated 28.03.2019.

Yours faithfully
**Sd./- (Padma Mahanti)**
**Dy. Inspector General of Forests (C)**

Copy to:
1. The CCF & Nodal Officer (FCA), Forest Department, Govt. of Odisha, Aranya Bhawan, Chandrasekharpur, Bhubaneswar.
2. The Executive Engineer, Water Resources Department, Padampur Investigation Division, Govt. of Odisha, Padampur, Bargarh, Odisha.

**Sd./- Dy. Inspector General of Forests (C)**

**Government of India / भारत सरकार**
**Ministry of Environment, Forest and Climate Change/ पर्यावरण, वन एवं जलवायु परिवर्तन मंत्रालय**
**Eastern Regional Office / पूर्वी क्षेत्रीय कार्यालय**
**A/3, Chandrasekharpur/ ए/3, चंद्रशेखरपुर**
**Bhubaneswar - 751 023, / भुवनेश्वर - ७५१०२३**
**Telephone: 0674-2301213, 2301248, 2302452, 2302453, Fax: 0674-2302432, E-mail: roez.bsr.mef@nic.in**

**No. 5-ORC308/2017-BHU** **1st December, 2017**

**To**
**The Addl. Chief Secretary,**
**Forest & Environment Deptt.**
**Government of Odisha**
**Bhubaneswar**

**Sub.: Diversion of 7.054 ha of Froest land for construction of Ranjore Medium Irrigation Project near Village: Sarandapali in Sohela and Bargarh Tahasil of Bargarh District, Odisha.**

**Sir,**

I am directed to refer to State Govt. Letter No. 10F (Cons.) 7/2017-2408/F&E dated 03.02.2017 and No. 23774/F&E dated 18.11.2017 on the above mentioned subject seeking prior approval of the Ministry of Environment, Forest & Climate Change under section 2 of Forest (Conservation) Act, 1980.

After due consideration of the proposal of the State Government and on the basis of decision of Regional Empowered Committee meeting held on 17.11.2017, the Ministry of Environment, Forest & Climate Change hereby conveys 'in-principle' approval for diversion of 7.054 ha of forest land for construction of Ranjore Medium Irrigation Project near Village Sarandapali in Sohela and Bargarh Tahasil of Bargarh District, Odisha, subject to the fulfillment of the following conditions.

i. Legal status of forest land proposed for diversion shall remain unchanged.
ii. The State Govt. shall charge the Net Present Value (NPV) of forest area propsoed to be diverted under this proposal from the user agency as per the orders of Hon'ble Supreme Court of India dated 28.03.2008, 24.04.2008 and 09.05.2008 in Writ Petition (Civil) No. 202/1995 and the guidelines issued by this Ministry vide its Letter No. 5-3/2007-FC dated 05.02.2009 in this regard. While conveying the compliance of this condition, mention be made of the Eco-class and density of forest for which NPV has been charged.
iii. At the time of payment of the Net Present Value (NPV) at the present rate, the user agency shall furnish an undertaking to pay the additional amount of NPV, if so determined, as per the final decision of the Hon'ble Supreme Court of India.
iv. Compensatory afforestation shall be raised over 7.054 ha of non-forest identified in Plot No. 1166/1962(P), Khata No. 146, Kisam Dunguri of Village Jamchhapar under Sohela Tahasil of Bargarh district against the area of forest land proposed to be diverted at the cost of the user agency @ 1000 plants per ha. If the requisite number of plants @ 1000 per ha cannot be planted on the non-forest land identified for taking up C.A., then the balance number of the plants will be planted in degraded forest land (DFL) as per the provisions of working plans. The State Govt. will intimate to the MoEF&CC the name of the RF/PF in which the balance seedling will be planted. The user agency will deposit the cost of planting these seedlings.
v. The non-forest land identified for raising compensatory afforestation shall be transferred and mutated in favour of the State Forest Department before issue of Stage-II approval.
vi. State Govt. will formulate the compensatory afforestation shceme including activities like soil and moisture conservation, regeneration cleaning, silvicultural activities and shall ensure maintenance of these plantations for a period of seven to ten years as per requirement.
vii. The non-forest land over which compensatory afforestation will be taken up shall be notified as PF/RF and shall remain under the administrative control of the State Forest Department. If the DFL over which C.A. will be taken up is not a notified forest under IFA or State Forest Act the same shall be notified as RF/PF under this act.
viii. All the funds received from the user agency under the project shall be transferred through e-portal to the Ad-hoc CAMPA in the Saving Bank Account pertaining to the State concerned.
ix. The user agency shall obtain Environment Clearance as per the provisions of the Environment (Protection) Act, 1986, if required.
x. The Catchment Area Treatment Plan shall be implemented at the cost of user agency.
xi. Plantation of suitable local species shall be raised and maintained along the canal bank, at the cost of user agency, if technicaly feasible.
xii. Water shall be provided free of cost of the Forest Department, if required, for raising nursery/plantation in nearby areas, if need be.
xiii. No tree felling shall be done between Full Reservoir Level (FRL) and 4 meters below Full Reservoir Level (FRL).
xiv. The bounday of the forest land proposed to be diverted shall be demarcated on the ground at the project cost, by erecting four feet high reinforced cement concrete pillars, each inscribed with its serial number, DGPS coordinates, distance from adjoining pillars etc. As per Ministry's Letter No. 13-20/2015-CAMPA dated 09.06.2016, the cost of expenditure like boundary walls, stone pillars, demarcation charges, charges for felling of trees and their transportation to depots shall be deposited with DFO concerned and the work should be undertaken departmentally in order to ensure that the task of erection of boundary walls, stone pillars, demarcation charges etc. are undertaken faithfully and in the best interest of the forests before the diversion and handing over of the forest land takes place. The work on these items should be completed within 6 months from the grant of final approval to diversion of forest land.
xv. The State Forest Department/UA shall submit the surveyed sketch map with location and natural reference point of 7.054 ha of non-forest identified in Plot No. 1166/1962(P), Khata No. 146, Kisam Dunguri of Village Jamchhapar under Sohela Tahasil of Bargarh district and degraded forest land to be identified, if any, giving the DGPS readings giving the latitude and longitude and distance between them.
xvi. No labour camp shall be established on the forest land.
xvii. The user agency shall provide alternate fuel preferably LPG to the labourers and the staff working at the site so as to avoid any damage and pressure on the adjacent forest areas.
xviii. No additional or new path will be constructed inside the forest area for any activity related to the project work.
xix. Earth or any material shall neither be brought from nor the debris resulting during construction be disposed of in the adjoining forest area by the user agency.
xx. The user agency while executing works, shall not fell any tree or damage forest growth in the surrounding forest area in any manner.
xxi. The forest land shall not be used for any purpose other than that specified in the proposal and under no circumstances be transferred to any other user agency, department or person without prior approval of the Ministry of Environment, Forest & Climate Change.
xxii. The State Government shall complete settlement of rights, in term of the Scheduled Tribes and Traditional Forest Dwellers (Recognition of Forest Rights) Act, 2006, if any, on the forest land to be diverted and submit the documentary evidence as prescribed by this Ministry in its Letter No. 11-9/1998-FC (pt.) dated 03.08.2009 read with Letter No. 11-9/1998-FC (pt.) dated 05.02.2013, in support thereof.
xxiii. Any other conditions that Ministry of Environment, Forest & Climate Change may stipulate, from time to time, in the interest of conservation, protection and development of forests and wildlife shall be complied by the user agency.
xxiv. The State Govt. and user agency shall ensure compliance to provisions of the all Acts, Rules, Regulations, Guidelines & Hon'ble Court Order(s) pertaining to this project, if any, for the time being in force, as applicable to the project.

After receipt of the report on complinace to the conditions stipulated above, from the State Government of Odisha, Final/Stage-II approval for diversion of the said forest land under Section 2 of Forest (Conservation) Act, 1980 will be issued by this Ministry. **Transfer of forest land to user agency shall not be effected by the State Government of Odisha till Final/Stage-II approval for its diversion is issued by the Minstry of Environment, Forest & Climate Change.**

Yours faithfully
**Sd./- (R.K. Samal)**
**Conservator of Forests (Central)**

Copy to:
1. The Director, ROHQ, Ministry of Environment, Forest & Climate Change, Indira Paryavaran Bhawan, Agni Block, Aliganj, Jor Bagh Road, New Delhi - 110 003.
2. The Principal Chief Conservator of Forests, Govt. of Odisha, Aranya Bhawan, Chandrasekharpur, Bhubaneswar - 751023.
3. The Executive Engineer, Water Resources Department, Padampur Investiagtion Division, Fovt. of Odisha, Padampur, Odisha.
4. Guard file.

**Sd./- Conservator of Forests (Central)**
**OIPR-32086/11/0001/2223**

**ଖସୁଛି ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୫ ଦିନ ହେବ ଷ୍ଟକ୍ ବଜାରର ଫଳାଫଳ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ୨ କାର୍ଯ୍ୟ ଦିବସର ଫଳାଫଳ ଅନୁସାରେ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ୍ୟ ଖସି ଚାଲିଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (ବିଏସ୍‌ଇ) ର ସେନ୍‌ସେକ୍ସ ପ୍ରାୟ ୩୮ (୩୭.୭୦) ପଏଣ୍ଟ୍ ବା ୦.୦୭% ହ୍ରାସ ପାଇ ୫୭,୧୦୮ (୫୭,୧୦୭.୫୨) ଅଙ୍କରେ ବନ୍ଦ ହୋଇଥିବା ବେଳେ ନ୍ୟାଶନାଲ୍ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି ମଧ୍ୟ ପ୍ରାୟ ୯ ପଏଣ୍ଟ ବା ୦.୦୫% ତଳକୁ ଖସି ୧୭,୦୦୭ (୧୭.୦୦୭.୪୦) ଅଙ୍କରେ ବନ୍ଦ ହୋଇଛି।



# ଆହୁରି ମହଙ୍ଗା ହୋଇପାରେ ଇଏମ୍‌ଆଇ

ନୂଆଦିଲ୍ଲୀ,୨୭।୯

ଚଳିତ ବର୍ଷ ସେପ୍ଟେମ୍ବର ୨୮ରୁ ୩୦ ପର୍ଯ୍ୟନ୍ତ ଭାରତୀୟ ରିର୍ଜଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ବସିବ ବୋଲି ସୂଚନା ମିଳିଛି। ଏପରିକି ବୁଧବାର ଆର୍‌ବିଆଇର ୩ ଦିନିଆ ଏମ୍‌ପିସି ବୈଠକ ଆରମ୍ଭ ହେଉଛି। ବିଶେଷକରି ସେପ୍ଟେମ୍ବର ୩୦ରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଉକ୍ତ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବେ ବୋଲି ଜଣାପଡ଼ିଛି। ସେହିଭଳି ଆର୍‌ବିଆଇ ମୁଦ୍ରାନୀତି କମିଟି ରେପୋ ରେଟ୍‌ରେ ୫୦ ବେସିସ୍ ପଏଣ୍ଟ ବଢାଇବା ଅଧିକ ସମ୍ଭାବନା ରହିଛି। ରେପୋ ରେଟ୍‌ରୁ ୫.୪୦% ରୁ ବଢାଇ ୫.୯୦% କରାଯାଇପାରେ



ବୋଲି ଚର୍ଚ୍ଚା ହେଉଛି। ଯଦି ଏଭଳି କିଛି ନିଷ୍ପତ୍ତି ବା ଘୋଷଣା କରାଯାଏ ତା' ହେଲେ ସାଧାରଣ ଲୋକଙ୍କ ଉପରେ ପୁଣି ଥରେ ମହଙ୍ଗା ମାଡ଼ର ବୋଝ ପଡିବ। ଏପରିକି ସବୁବର୍ଗର ଲୋକମାନେ ଇକ୍ୱେଟେଡ୍ ମନ୍ଥଲି ଇନ୍‌ଷ୍ଟାଲମେଣ୍ଟ (ଇଏମ୍‌ଆଇ) ମାଡ଼ର ଶିକାର ହେବେ ବା ଇଏମ୍‌ଆଇ ମହଙ୍ଗା ହେବ ବୋଲି ଆଶଙ୍କା କରାଯାଉଛି। ଗତ ଅଗଷ୍ଟରେ ମୁଦ୍ରାସ୍ଫୀତି

**ଆଜିଠାରୁ ଆର୍‌ବିଆଇର ଏମ୍‌ପିସି ବୈଠକ**

୭% ରହିଥିଲା। ସେହିପରି ଆର୍‌ବିଆଇର ଧାର୍ଯ୍ୟ ସ୍ତର ୬% ଠାରୁ ଏହା ଅଧିକ ଥିଲା। ଆର୍‌ବିଆଇ ଲଗାତର ୪ର୍ଥ ଥର ପାଇଁ ମୁଦ୍ରାନୀତି ବୈଠକରେ ରେପୋ ରେଟ୍‌ରେ ବୃଦ୍ଧି କରିପାରେ ବୋଲି ଚର୍ଚ୍ଚା ହେଉଛି। ଆର୍‌ବିଆଇ ରେପୋ ରେଟ୍ ବଢାଇବା ପରେ ବ୍ୟାଙ୍କ ଋଣ ଅଧିକ ହେବ, ଯାହାର ପ୍ରଭାବ ସବୁ ବର୍ଗର ଗ୍ରାହକଙ୍କ ଉପରେ ପଡ଼ିବ ବୋଲି କୁହାଯାଉଛି। ରେପୋ ରେଟ୍ ବଢିବା ପରେ ହୋମ୍ ଲୋନ୍, କାର୍ ଲୋନ୍ ଏବଂ ବିଜ୍‌ନେସ୍ ଲୋନ୍ ମଧ୍ୟ ମହଙ୍ଗା ହେବ। ପୂର୍ବରୁ ଯେଉଁମାନେ ରେପୋ ରେଟ୍ ଆଧାରିତ ହୋମ୍ ଲୋନ୍ ନେଇଛନ୍ତି ସେମାନଙ୍କ ଇଏମ୍‌ଆଇ ମଧ୍ୟ ବଢିବାର ସମ୍ଭାବନା ରହିଛି। ୨୦୨୨ରେ ଆର୍‌ବିଆଇ ରେପୋ ରେଟ୍‌ରେ ୧.୪୦% ବଢାଇଛି। ଫଳରେ ପ୍ରଥମ ଥର ଆର୍‌ବିଆଇ ମେ ମାସରେ ୪୦ ବେସିସ୍ ପଏଣ୍ଟ, ଦ୍ୱିତୀୟ ଥର (ଜୁନ୍)ରେ ୫୦ ବେସିସ୍ ପଏଣ୍ଟ ଏବଂ ୩ୟ ଥର ଅଗଷ୍ଟ ମାସରେ ୦.୫୦%ର ହାର ବୃଦ୍ଧି କରାଯାଇଥିଲା। ଉଲ୍ଲେଖଯୋଗ୍ୟ, କ୍ରମାଗତ ଭାବେ ଆମେରିକାର ଫେଡେରାଲ ରିଜର୍ଭ ବ୍ୟାଙ୍କ ସୁଧ ହାର ବୃଦ୍ଧି କରିଚାଲିଥିବାରୁ ସାରା ବିଶ୍ୱରେ ମାନ୍ଦାବସ୍ଥା ଜାରି ସାଙ୍ଗକୁ ବଜାର କାରବାରରେ ମଧ୍ୟ ବଡ଼ ଧରଣର ପରିବର୍ତ୍ତନ ହେଉଛି। ଏପରିକି ଭାରତୀୟ ଶେୟାର ବଜାରରେ ମଧ୍ୟ ଅନିଶ୍ଚିତତା ଦେଖାଦେଇଛି।

## 'ଭିଭୋ ଇଗ୍‌ନାଇଟ୍ ଅଭିଯାନ'

ନୂଆଦିଲ୍ଲୀ,୨୭।୯

ଅନ୍ତର୍ଜାତୀୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ଭିଭୋ ପକ୍ଷରୁ ଦେଶବ୍ୟାପୀ ଭିଭୋ ଇଗ୍‌ନାଇଟ୍ ଅଭିଯାନର ଶୁଭାରମ୍ଭ କରାଯାଇଛି। ଉକ୍ତ ଅଭିଯାନରେ ଦେଶର ୮ମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ ପାଇଁ ଆବେଦନ ଆରମ୍ଭ ହୋଇଯାଇଛି। ଏପରିକି ୨୦୨୩ ଫେବୃୟାରୀ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଏହା ପରିଚାଳିତ ହେବ। ଉକ୍ତ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ଭିଭୋ ପକ୍ଷରୁ ସାଇନ୍ସ ଆଣ୍ଡ ଇନୋଭେଶନ ଆୱାର୍ଡସ୍‌ର ଆୟୋଜନ କରାଯିବ। ଯାହା ଅଭିନବ ଚିନ୍ତକ ଓ ୧୦ଜଣ ଶୀର୍ଷ ବିଜେତାଙ୍କୁ ୨୫ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ନଗଦ ପୁରସ୍କାର ସହ ସ୍ୱୀକୃତି ପ୍ରଦାନ କରିବ। ଉକ୍ତ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ଆସନ୍ତା ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଆଶାୟୀ ଛାତ୍ରୀଛାତ୍ରମାନେ ଏହାର ୱେବ୍‌ସାଇଟ ଜରିଆରେ ପଞ୍ଜୀକରଣ ପାଇଁ ଲଗ୍‌ଅନ୍ ମଧ୍ୟ କରିପାରିବେ।

## ଏୟାରଟେଲ୍ ପକ୍ଷରୁ ଏକ୍ସସେଫ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୭।୯

ଏୟାରଟେଲ୍ ପକ୍ଷରୁ ସହଜରେ ପରିଚାଳନା କରି ହେଉଥିବା ଏଣ୍ଡ ଟୁ ଏଣ୍ଡ ଗୃହ ନିରୀକ୍ଷଣ ସମାଧାନ ଏକ୍ସସେଫ୍‌ର ଶୁଭାରମ୍ଭ କରାଯାଇଛି। ଏଥିରେ ଏକ ୱାଇ-ଫାଇ ଭିତ୍ତିକ ଉନ୍ନତ କ୍ୟାମେରା ବ୍ୟବହାର କରାଯାଇଛି। ଏହାଦ୍ୱାରା ସହଜରେ ଚଳପ୍ରଚଳକୁ ଚିହ୍ନଟ କରାଯାଇପାରୁଛି। ଫଳରେ ଆପଣ ଯେକୌଣସି ସ୍ଥାନରେ ରହି ନିଜ ପ୍ରିୟଜନଙ୍କ ସହ କଥା ହୋଇପାରିବେ ଏବଂ ଏୟାରଟେଲ୍ ଏକ୍ସସେଫ୍ ଆପ୍ ଜରିଆରେ ଘରେ କ'ଣ ଘଟୁଛି, ତା'ର ୩୬୦° ଦୃଶ୍ୟ ମଧ୍ୟ ଦେଖିପାରିବେ। କୌଣସି ଚିନ୍ତାଜନକ ଚଳପ୍ରଚଳକୁ କ୍ୟାମେରା ଚିହ୍ନଟ କଲେ ଆପ୍ ତୁରନ୍ତ ବାସ୍ତବ ସମୟ ଆଲର୍ଟ ପ୍ରଦାନ କରିବ। ଏଥିରେ ପ୍ରଦାନ କରାଯାଉଥିବା ନୋଟିଫିକେସନ ଜରିଆରେ ଯେ କୌଣସି ସମୟରେ ରେକର୍ଡ ହୋଇଥିବା ଫିଡ୍‌କୁ ଦେଖିପାରିବେ। ସାରା ଦିନର ଫିଡ୍ ବଦଳରେ ଗ୍ରାହକମାନେ ଏୟାରଟେଲ୍‌ର ସୁରକ୍ଷିତ କ୍ଲାଉଡ୍ ଷ୍ଟୋରେଜ୍‌କୁ ବ୍ୟବହାରକରି ଆପ୍ ଜରିଆରେ ଯେକୌଣସି ସମୟରେ ଭିଡିଓକୁ ହାସଲ କରିପାରିବେ। ଏହି ସମ୍ପୂର୍ଣ୍ଣ ସମାଧାନରେ ଏଣ୍ଡ ଟୁ ଏଣ୍ଡ ଏନ୍‌କ୍ରିପ୍‌ସନ୍ ସକ୍ରିୟ ରହିଛି, ଯାହା ସମ୍ପୂର୍ଣ୍ଣ ଗୋପନୀୟତା ନିଶ୍ଚିତ କରୁଛି। ଏ ସମ୍ପର୍କରେ ଭାରତୀ ଏୟାରଟେଲ୍‌ର ସିଇଓ (ହୋମ୍‌ସ) ବୀର ଇନ୍ଦର ନାଥ କହିଛନ୍ତି, ନିଜ ପ୍ରିୟଜନଙ୍କ ଭଲମନ୍ଦକୁ ନେଇ ଚିନ୍ତିତ ରହୁଥିବା ଗ୍ରାହକମାନଙ୍କ ପାଇଁ ଏକ୍ସସେଫ୍ ହେଉଛି ଏକ ଉପଯୁକ୍ତ ସମାଧାନ।

## ଏମ୍‌ଏସି କସ୍‌ମେଟିକ୍ସର ୩ ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୭।୯

ଦେଶର ପ୍ରମୁଖ ଆଇକନିକ୍ ମେକ୍ ଅପ୍ ବ୍ରାଣ୍ଡ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆ ପକ୍ଷରୁ ନିକଟରେ ୩ଟି ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷକରି ବିଶେଷ ପ୍ରକାରର ୨୪ଘ. କାଜଲ ଲାଇନର+ମ୍ୟାଟେ ଲିପ୍‌ଷ୍ଟିକ୍ ମେହର, ଅଲ ଫାୟାରଡ୍ ଅପ୍+ ଡି ଫର୍ ଡେଞ୍ଜର+ମୋଚା, ରେଟ୍ରୋ ମ୍ୟାଟେ ଲିପ୍‌ଷ୍ଟିକ ରୁବି ଉ+ ମିନି ଏମ୍‌ଏସି ଷ୍ଟ୍ରୋବେ କ୍ରିମ୍ ପିଙ୍କ୍‌ଲାଇଟ ରହିଛି। ଉକ୍ତ ସୌନ୍ଦର୍ଯ୍ୟ କିଟ୍‌ଗୁଡ଼ିକ ସୂକ୍ଷ୍ମରୁ ଗ୍ଲାମର ପର୍ଯ୍ୟନ୍ତ ଚଳିତ ଉତ୍ସବ ଋତୁର ଯେକୌଣସି ମୁହୂର୍ତ୍ତ ପାଇଁ ଉପଯୁକ୍ତ । ଆପଣ ପୂଜାପର୍ବରେ ଭାଗ ନିଅନ୍ତୁ ବା ସାଙ୍ଗସାଥୀ ମେଳରେ ଏହାକୁ ବ୍ୟବହାର କରିପାରିବେ। ସେହିଭଳି ଚଳିତ ବର୍ଷର ଦୀପାବଳିରେ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆ ବଲିଉଡ୍ ତାରକା ଭୂମି ପେଡନେକରଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ଏହାର ଲାଇଟ ଅପ୍ କରାଇଛି। ବଲିଉଡ୍ ତାରକା ଏବଂ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆରେ ଭୂମି ପେଡନେକର ତାଙ୍କର




ପ୍ରିୟ ଏମ୍‌ଏସି ଉତ୍ପାଦଗୁଡ଼ିକୁ ବାଛିଛନ୍ତି ଓ ସେଗୁଡ଼ିକୁ ଉତ୍ସାହିତ କରିଛନ୍ତି। ଏହି ବ୍ରାଣ୍ଡଗୁଡ଼ିକ ପାର୍ବଣଋତୁ ପାଇଁ ଉପଯୁକ୍ତ । ୩ଟି ସୀମିତ ଏଡିସନ କିଟ୍‌ସରେ ଏହି ଉତ୍ପାଦଗୁଡ଼ିକ ରହିଛି। ଏ ସମ୍ପର୍କରେ ଏମ୍‌ଏସି କସ୍‌ମେଟିକ୍ସ ଇଣ୍ଡିଆର ବ୍ରାଣ୍ଡ ମ୍ୟାନେଜର କରେନ ଥମ୍ପସନ କହିଛନ୍ତି, ଚଳିତ ପାର୍ବଣ ଆଲୋକ, ରଙ୍ଗ ଓ ଚମକତାରେ ପରିପୂର୍ଣ୍ଣ ହେଉ। ଉକ୍ତ ଉତ୍ସବକୁ ମୁଖରିତ କରିବା ଲାଗି ଆମ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସଭିଙ୍କୁ ଆକୃଷ୍ଟ କରିବ। ଆମର ଏହି ନୂଆ ୩ଟି କିଟ୍‌ସର ଶୁଭାରମ୍ଭ ସହ ୨୦୦୦ରୁ ୩୨୫୦ ଟଙ୍କା ମଧ୍ୟରେ ଉପଲବ୍ଧ ।

## ପୂଜା ଅଫର 'ବାଏ ୱାନ୍ ଗେଟ୍ ଟୁ'ର ଶୁଭାରମ୍ଭ

ଭୁବନେଶ୍ୱର,୨୭।୯

ରାଜ୍ୟର ପ୍ରମୁଖ ତଥା ସର୍ବ ପୁରାତନ ବାଣିଜ୍ୟିକ ସଂସ୍ଥା ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ ଚଳିତ ବର୍ଷର ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ବାଏ ୱାନ୍ ଗେଟ୍ ଟୁ ଅଫର ମାଧ୍ୟମରେ ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକମାନଙ୍କୁ ଅନେକ ଆକର୍ଷଣୀୟ ଅଫର ମଧ୍ୟ ଭେଟି ଦେଉଛି। ଏପରିକି ଅନେକ ନାମୀଦାମୀ କମ୍ପାନୀଗୁଡ଼ିକର ପୂଜା ଅଫର ଜରିଆରେ ଗ୍ରାହକମାନେ ଜିତିପାରିବେ। ସେହିଭଳି ବମ୍ପର ଅଫର ମାଧ୍ୟମରେ ମାରୁତି ବ୍ରିଜା କାର୍ ରହିଥିବା ବେଳେ ଗ୍ରାଣ୍ଟ ଅଫରରେ ଏୟାର କଣ୍ଡିସନର, ଏଲ୍‌ଇଡି ଟିଭି, ସାଇଡ ବାଇ ସାଇଡ ରେଫ୍ରିଜରେଟର,ସାମ୍‌ସଙ୍ଗ୍ ଗ୍ୟାଲେକ୍ସି ଏସ୍‌ଏ୨୨ ଅଲ୍‌ଟ୍ରା, ଏଲ୍‌ଜି ସାଉଣ୍ଡ ବାର୍, ସାମ୍‌ସଙ୍ଗ୍ ଗ୍ୟାଲେକ୍ସି ଏ୩୨, ମିନି ରେଫ୍ରିଜରେଟର ଏବଂ ଡିଶ୍‌ୱାସର ଭଳି ଅନେକ କିଛି ସାମିଲ ରହିଛି। ଏତଦ୍‌ବ୍ୟତୀତ ଗ୍ରାହକମାନେ ବିଭିନ୍ନ ବଛା

**RAJ ELECTRONICS**

ବଛା ମଡେଲ ଉପରେ ୪୦% ପର୍ଯ୍ୟନ୍ତର ଡିସ୍‌କାଉଣ୍ଟ ସାଙ୍ଗକୁ ଫାଇନାନ୍ସରେ କିଣୁଥିବା ପ୍ରଡକ୍ଟ ଉପରେ ମଧ୍ୟ ୨୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ୍ ଏବଂ ବିଭିନ୍ନ ନାମୀ କମ୍ପାନୀର କ୍ରେଡିଟ୍ କାର୍ଡ ମାଧ୍ୟମରେ ନୋ କଷ୍ଟ ଇଏମ୍‌ଆଇ ଓ ସବୁଠାରୁ କମ୍ ମୂଲ୍ୟର କିସ୍ତିରେ କିଣିବାର ସୁଯୋଗ ରହିଛି। ସେହିପରି ସର୍ବଦା ଗ୍ରାହକଙ୍କ ସାଥିରେ ଥିବା ରାଜ୍ ଇଲେକ୍ଟ୍ରୋନିକ୍ସ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଏସି ଯୋଗାଇଦେବା ପାଇଁ ମଧ୍ୟ ଘୋଷଣା କରିଛି। ଅପରପକ୍ଷରେ ନଗଦ ଭାବେ ନ ଦେଇ ସବୁଠୁ କମ୍ ଡାଉନ ପେମେଣ୍ଟରେ ଶୂନ ପ୍ରତିଶତ ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ଏସି କିଣିବାର ଲାଭ ମଧ୍ୟ ଏବେ ନେଇପାରିବେ। ଆସନ୍ତା ଗ୍ରୀଷ୍ମଋତୁ ପାଇଁ ଏବଂ ମୂଲ୍ୟ ବୃଦ୍ଧିକୁ ଅପେକ୍ଷା ନ କରି ଗ୍ରାହକମାନେ ଏବେଠୁ ଏସି କିଣିଲେ ଖରାଦିନେ ଘରେ ଏସି ଇନ୍‌ଷ୍ଟଲ ପାଇଁ ହେଉଥିବା ଭିଡ଼ରୁ ରକ୍ଷା ପାଇପାରିବେ। ରାଜ୍ ଇଲେକ୍ଟ୍ରୋନିକ୍ସର ସମସ୍ତ ଶୋ'ରୁମ୍ ଏବଂ ବିଶ୍ୱାଳ ସେଲ୍ସ ଯାଜପୁର ଏବଂ ଭଦ୍ରକ ଶୋ'ରୁମ୍‌ରେ ପ୍ରାୟ ସବୁ ପ୍ରତିଷ୍ଠିତ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ବର୍ଗର ପ୍ରଡକ୍ଟ ଉପଲବ୍ଧ ରହିଛି। ଚଳିତ ବର୍ଷର ପୂଜା ଅଫର ସମ୍ପର୍କରେ ମଧ୍ୟ ଗ୍ରାହକଙ୍କୁ ଶୋ'ରୁମ୍‌ରେ ଅଭିଜ୍ଞ ବିକ୍ରେତାମାନେ ମଧ୍ୟ ସଚେତନ କରାଉଛନ୍ତି ବୋଲି ରାଜ୍ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ (ଟୁଟୁଭାଇ) ମତବ୍ୟକ୍ତ କରିଛନ୍ତି।

## ପାର୍ବଣରେ ହିରୋ ମୋଟୋକର୍ପର 'ହିରୋ ଗିଫ୍ଟ'

ନୂଆଦିଲ୍ଲୀ,୨୭।୯

ଚଳିତ ବର୍ଷର ପାର୍ବଣ ଅବସରରେ ହିରୋ ମୋଟୋକର୍ପ ପକ୍ଷରୁ 'ହିରୋ ଗିଫ୍ଟ' ଗ୍ରାଣ୍ଡ ଇଣ୍ଡିଆନ ଫେଷ୍ଟିଭାଲ ଅଫ୍ ଟ୍ରଷ୍ଟ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଅନ୍ତର୍ଗତ ରୋମାଞ୍ଚକର ମଡେଲ ସତେଜତା, ଖୁଚୁରା ଲାଭ, ବହୁ ଆର୍ଥିକ ଯୋଜନା, ପ୍ରି-ବୁକିଂ ଅଫର ସମେତ ବହୁ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ସେହିଭଳି ହିରୋ ଗିଫ୍ଟ କାର୍ଯ୍ୟକ୍ରମ ଏକ ବିଶ୍ୱାସନୀୟତା ଅନୁଭୂତି ଯାହା ହିରୋ ବ୍ରାଣ୍ଡ ଗ୍ରାହକଙ୍କ ମଧ୍ୟରେ ସୃଷ୍ଟି କରିପାରିଛି। ଚଳିତ ବର୍ଷର ଏହି ମେଗା ଅଭିଯାନର ବିଷୟବସ୍ତୁ ହେଉଛି 'ଇଣ୍ଡିଆ ଲେଟସ୍ ସେଲିବ୍ରେଟ୍, ଫିର୍ ସେ ଦିଲ୍ ସେ', ଯାହା ଉତ୍ସାହକୁ ପ୍ରତିଫଳିତ କରିଥାଏ; ଯେଉଁଥିରେ ଦେଶର ନାଗରିକମାନେ ୨ବର୍ଷର ବ୍ୟବଧାନ ପରେ ସାଧାରଣ ପାର୍ବଣ ଋତୁ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ମୁଖ୍ୟ ଅଭିବୃଦ୍ଧି ଅଧିକାରୀ ରଞ୍ଜୀବଜିତ ସିଂ କହିଛନ୍ତି, ୧୦୦ ମିଲିୟନରୁ ଅଧିକ ଗ୍ରାହକଙ୍କ ବ୍ୟକ୍ତିଗତ ଗତିଶୀଳତାର ସେବା କରି ହିରୋ ମୋଟୋକର୍ପ ଭାରତୀୟ ପରିବାରର ଜଣେ ବିଶ୍ୱସ୍ତ ସଦସ୍ୟ ଭାବେ ପରିଗଣିତ ହୋଇଛି। ଆମେ ଆଶା କରୁଛୁ ଯେ ହିରୋ ଗିଫ୍ଟ ଗ୍ରାହକଙ୍କ ମନୋବଳକୁ ଏକ ବଡ଼ ଉତ୍ସାହ ଯୋଗାଇବ। ଏହାଦ୍ୱାରା ଆନନ୍ଦ ସହ ଉତ୍ସାହର ଅନୁଭୂତି ସୃଷ୍ଟି ହେବ। ଫଳରେ ଏହା ରୋମାଞ୍ଚକର ନୂତନ ଲାଭ ସହ ଗ୍ରାହକଙ୍କ ବିଶ୍ୱାସକୁ ପୁନଃ ପ୍ରମାଣିତ କରିବାକୁ ସକ୍ଷମ ହେବ। ଏହା ସେମାନଙ୍କୁ ଆଇକନିକ ହିରୋ ଉତ୍ପାଦ ସହିତ ଆସୁଥିବା ପ୍ରେମ ଏବଂ ସୁଖକୁ ଘରକୁ ନେବାକୁ ଆକର୍ଷିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**'ଗ୍ରାଣ୍ଡ ଇଣ୍ଡିଆନ ଫେଷ୍ଟିଭାଲ ଅଫ୍ ଟ୍ରଷ୍ଟ'**

Hero GIFT
Grand Indian Festival of Trust
26th Sep - 5th Oct

**ଫୁର୍‌ସତ୍**

# ମଙ୍ଗଳରେ ଜମା ହେଲାଣି ୭ ଟନ୍ ବର୍ଜ୍ୟ

ୱାଶିଂଟନ

ମଙ୍ଗଳ ଗ୍ରହରେ ମଣିଷ ଜାଗା କିଣିଛି ସତ କିନ୍ତୁ ସେଠାରେ କେବେ ବସତିସ୍ଥାପନ କରିବ ତାହା ଏବେ ଆଶା, ଆଶଙ୍କା ଭିତରେ ରହିଛି। ମଙ୍ଗଳରେ ଜୀବଜଗତ ବାସଉପଯୋଗୀ କି ନୁହେଁ ସେ ନେଇ ବୈଜ୍ଞାନିକମାନଙ୍କ ତର୍ଜମା ଜାରି ରହିଛି। କିନ୍ତୁ ଏ ପରୀକ୍ଷାରେ ମହାକାଶବିଜ୍ଞାନୀମାନେ ମଙ୍ଗଳରେ ଅଳିଆ ଜମାଇବାରେ ଲାଗିଛନ୍ତି। ମଙ୍ଗଳ ଗ୍ରହରେ ୧୫, ୬୯୪ ପାଉଣ୍ଡ ଅର୍ଥାତ୍ ୭୧୧୮.୬କିଲୋଗ୍ରାମ (୭ଟନ୍) ଓଜନର ବର୍ଜ୍ୟ ଜମା ହୋଇ ରହିଛି। ଆମେରିକା ୱେଷ୍ଟ ଭର୍ଜିନିଆ ୟୁନିଭର୍ସିଟିର କାଗରି କିଲିକଙ୍କ ଦ୍ୱାରା ରୋବୋଟ୍ ଜରିଆରେ କରାଯାଇଥିବା ରିସର୍ଚ୍ଚରୁ ଏହା ଜଣାପଡ଼ିଛି। ଡୋରମାଣ୍ଟ ରକେଟ୍, ମଙ୍ଗଳ ସହ ପିଟି ହୋଇ ଥିବା ମହାକାଶ ଯାନରୁ ବିଭିନ୍ନ ପ୍ରକାର ପରିତ୍ୟକ୍ତ ବର୍ଜ୍ୟବସ୍ତୁ ଏବେ ମଙ୍ଗଳ

**୧୪ଟି ମିଶନ୍ ଜରିଆରେ ୧୮ ମନୁଷ୍ୟକୃତ ସ୍ପେସକ୍ରାଫ୍ଟ ମଙ୍ଗଳକୁ ପଠାଯାଇଛି**



ଗ୍ରହର ଲୋହିତ ମୃତ୍ତିକାରେ ଜମା ହୋଇ ରହିଛି । ୧୯୭୧ରେ ସୋଭିଏଟ୍ ସଂଘର ମାର୍ସ ଅର୍‌ବିଟ୍ ୨, ଯାହା ମଙ୍ଗଳରେ କ୍ରାସ୍ ଲାଣ୍ଡିଙ୍ଗ କରିଥିଲା ତା'ଣ ଅବଶେଷ ମଧ୍ୟ ମଙ୍ଗଳରେ ଦେଖିବାକୁ ମିଳିଛି। ଚନ୍ଦ୍ର ମିଶନରେ ନାସା କୋଟି କୋଟି ଟଙ୍କା ଖର୍ଚ୍ଚ କରିଛି। ଏହି ମିଶନ କାରଣରୁ ମଙ୍ଗଳରେ ବର୍ଜ୍ୟବସ୍ତୁ ଜମା ହେବା ଆରମ୍ଭ ହୋଇଛି। ପୃଥିବୀ ପୃଷ୍ଠରେ ବର୍ଜ୍ୟବସ୍ତୁର ମାତ୍ରା କ୍ରମାଗତ ବଢ଼ିବାରେ ଲାଗିଛି, ଏହାଦ୍ୱାରା ଜୀବଜଗତର ବିକାଶରେ ବାଧା ସୃଷ୍ଟି ହେବା ଆରମ୍ଭ ହୋଇସାରିଛି। ମଣିଷ ବାସ କରୁଥିବା ପୃଥିବୀ ଗ୍ରହର ପାରିପାର୍ଶ୍ୱିକ ସ୍ଥିତି ଶୋଚନୀୟ ହୋଇପଡ଼ିଥିବାବେଳେ ମଙ୍ଗଳ ଗ୍ରହରେ ମଧ୍ୟ ଭବିଷ୍ୟତରେ ସମାନ ଦୃଶ୍ୟ ଦେଖାଯିବାର ଆଶଙ୍କା କରାଯାଉଛି। ୟୁରୋପ୍ ସ୍ପେସ୍ ଏଜେନ୍ସିର ମାର୍ସ ୩ ଓ ମାର୍ସ ୬ ସମେତ ୯ଟି ଡୋରମାଣ୍ଟ ସ୍ପେସ୍ କ୍ରାଫ୍ଟ , ବିକିଙ୍ଗ୍ ୧, ବିକିଙ୍ଗ ୨ ଲାଣ୍ଡରର୍ସ, ସୋଜର୍ନର ରୋଭର, ସଚିଆପାରେଲି ଲ୍ୟାଣ୍ଡର ସାଙ୍ଗକୁ ପୋନିକ୍ସ ଲ୍ୟାଣ୍ଡର, ସ୍ପିରିଟ ରୋଭର ଏବଂ ଦ ଅପରଚୁନିଟି ରୋଭର ମଙ୍ଗଳ ଗ୍ରହରେ ପଡ଼ି ରହିଛି।

## ଐଶ୍ୱର୍ଯ୍ୟାଙ୍କ ଗୁରୁଭକ୍ତି

**ନୂଆଦିଲ୍ଲୀ:** ପାନ୍ ଇଣ୍ଡିଆ ଫିଲ୍ମ 'ପୋନିୟିନ ସେଲଭାନ:୧'ର ପ୍ରମୋଶନରେ ବଲିଉଡ୍‌ର ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବେ ବ୍ୟସ୍ତ। ଦିଲ୍ଲୀରେ ଫିଲ୍ମର ପ୍ରମୋଶନ ବେଳେ ଐଶ୍ୱର୍ଯ୍ୟା ପ୍ରଖ୍ୟାତ ଫିଲ୍ମ ନିର୍ମାତା ମଣି ରତ୍ନମଙ୍କ ପାଦଛୁଇଁ ଆଶୀର୍ବାଦ ନେଉଥିବାର ଦେଖିବାକୁ ମିଳିଛି। ଐଶ୍ୱର୍ଯ୍ୟା ମଣିରତ୍ନମଙ୍କୁ ନିଜ ଗୁରୁ ଭାବେ ସମ୍ବୋଧନ କରିଥିବାବେଳେ ତାଙ୍କ ସହ ବାରମ୍ବାର ଫିଲ୍ମରେ କାମ କରିବାର ସୁଯୋଗ ମିଳିବା ନେଇ ସେ ନିଜକୁ ଅତ୍ୟନ୍ତ ଭାଗ୍ୟଶାଳୀ ଭାବୁଥିବା କହିଛନ୍ତି।

ଏହି ମଲ୍ଟି ଷ୍ଟାରର୍ ଫିଲ୍ମରେ ଐଶ୍ୱର୍ଯ୍ୟା ଡବଲ ରୋଲ୍ କରିଛନ୍ତି। ପାଝୁଭୁରର ରାଜକୁମାରୀ ତଥା ରାଣୀ ନନ୍ଦିନୀଙ୍କ ଭୂମିକାରେ ଅଭିନୟ କରିଥିବାବେଳେ ମନ୍ଦାକିନି ଦେବୀଙ୍କ ଚରିତ୍ରରେ ମଧ୍ୟ ସେ ନଜରକୁ ଆସିବେ। ଏଥିରେ ତାମିଲ ସୁପରଷ୍ଟାର ବିକ୍ରମ, ତିଶା କ୍ରିଷ୍ଣନ, କାର୍ତ୍ତିକ ଶିବକୁମାର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ୧୯୫୦ରେ 'ପୋନିୟିନ ସେଲଭାନ' ନାମରେ ଏକ ତାମିଲ ପ୍ରବନ୍ଧ ପ୍ରକାଶ ପାଇଥିଲା, ଯାହାର ଏକାଧିକ ସଂସ୍କରଣ ରହିଛି। ଏହି ପ୍ରବନ୍ଧର କାହାଣୀକୁ ନେଇ ଫିଲ୍ମଟି ଆଧାରିତ। ଆସନ୍ତା ୩୦ ତାରିଖରେ ଏହା ମୁକ୍ତିଲାଭ କରିବ। ହିନ୍ଦୀ, ମାଲୟାଲମ, ତେଲୁଗୁ, ତାମିଲ ଏବଂ କନ୍ନଡ ଭାଷାରେ ଏହା ରିଲିଜ୍ ହେବ।



## ଦୁର୍ଗା ମନ୍ଦିରରେ ବାଛୁରିର ମୁଣ୍ଡନ



ଲକ୍ଷ୍ନୌ

ନବରାତ୍ରି ଅବସରରେ ଉତ୍ତର ପ୍ରଦେଶ ହାରଦୋଇ ଗ୍ରାମର ପ୍ରମୋଦ ଶ୍ରୀବାସ୍ତବ ନାମରେ ଜଣେ କୃଷକ ସ୍ଥାନୀୟ ଦୁର୍ଗା ମନ୍ଦିରରେ ତାଙ୍କ ବାଛୁରିର ମୁଣ୍ଡନ କରିଛନ୍ତି। ଘଟଣାଟି ବର୍ତ୍ତମାନ ସମୟରେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି। କୃଷକଙ୍କ ପାଳିତ ଗାଈ ଏକାଧିକ ଥର ଗର୍ଭଧାରଣ କରିଥିଲେ ହେଁ ତା'ର ଗର୍ଭ ନଷ୍ଟ ହୋଇଯାଉଥିଲା, ଏହାପରେ ପ୍ରମୋଦ ଦୁର୍ଗା ମା'ଙ୍କ ପାଖରେ ମାନସିକ କରିଥିଲେ। ପରେ ଗାଈ ଏକ ସୁସ୍ଥ ବାଛୁରି ଜନ୍ମ ଦେଇଥିଲା। ମାନସିକ ପୂରଣ ପରେ ପ୍ରମୋଦ ନବରାତ୍ରି ଅବସରରେ ବାଛୁରିର ମୁଣ୍ଡନ କରିଛନ୍ତି। ଏଥିସହ ସ୍ଥାନୀୟ ଲୋକଙ୍କ ନିମନ୍ତେ ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ କରାଯାଇଛି।

# ମୋକ୍ଷ ପାଇଁ ଜୀବନ୍ତ ସମାଧି

ଲକ୍ଷ୍ନୌ

ଉତ୍ତର ପ୍ରଦେଶ ଉନ୍ନାଓରେ ଦୁଇ ଜଣ ସନ୍ଥ ଜଣେ ବ୍ୟକ୍ତିଙ୍କୁ ମୋକ୍ଷ ଦେବା କହି ତାଙ୍କୁ ଜିଅନ୍ତା ଭୂସମାଧି ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣାର ସୂଚନା ପାଇ ସ୍ଥାନୀୟ ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରିଛି। ନବରାତ୍ରି ପୂଜା ଆରମ୍ଭ ହେବା ପୂର୍ବରୁ ଜୀବନ୍ତ ସମାଧି ନେଲେ ନିର୍ବାଣ ମିଳିବ ବୋଲି ତାଜପୁର ଗ୍ରାମର ସନ୍ଥମାନେ କହିବା ପରେ ଶୁଭମ ଗୋସ୍ୱାମୀ ସମାଧି ନେଇଥିଲେ। ଗ୍ରାମବାସୀ ଏ କଥା ଜାଣିପାରି ସ୍ଥାନୀୟ ପୋଲିସକୁ ଜଣାଇଥିଲେ। ତେବେ ୬ ଫୁଟ ଗଭୀର ଗାତରୁ ପୋଲିସ ଶୁଭମଙ୍କୁ ଉଦ୍ଧାର କରୁଥିବାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବହୁଳ ପ୍ରସାର ହେବାରେ ଲାଗିଛି। ବାଉଁଶ ତାଟି ଘୋଡ଼ା ଥିବା ଏକ ଗାତରୁ ଯୁବକଙ୍କୁ ବାହାର କରାଯାଉଥିବା ଭିଡିଓରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରିନେଇଛି।




ଆତ୍ମଘୋଷିତ ସନ୍ଥ ମିନ୍ନାଲାଲ ଏବଂ ଶିବକେଶ ଦୀକ୍ଷିତ ଶୁଭମଙ୍କୁ ମୋକ୍ଷ ଦେବାର ବାଟ ଦେଖାଇବା ପାଇଁ ତାଙ୍କଠାରୁ ଟଙ୍କା ଲୁଟ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ୫ ବର୍ଷ ଧରି ଶୁଭମ ଗାଁ ବାହାରେ ଏକ କୁଡ଼ିଆ ତିଆରି କରି ରହୁଥିଲେ। ଶୁଭମ ଈଶ୍ୱର ବିଶ୍ୱାସୀ ଥିବାବେଳେ ମୋକ୍ଷ ପ୍ରାପ୍ତି ଚାହୁଁଥିଲେ। କୌଶଳବଶତଃ ଦୁଇ ସନ୍ଥ ତାଙ୍କୁ ନିର୍ବାଣ ଦେବା ଲାଗି ଆଶା ଦେଖାଇ ତାଙ୍କ ଟଙ୍କା ହଡ଼ପ କରୁଥିବା ପୋଲିସ କହିଛି। ଡାକ୍ତରୀ ଯାଞ୍ଚ ପରେ ଶୁଭମଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି।

## 'ତୁମେ ଦେଖିବ ମୋ ବାପା ରାଜା ହେବେ'

**ଲଣ୍ଡନ:** ବ୍ରିଟେନ୍ ରାଜା ଚାର୍ଲସ୍ ତୃତୀୟଙ୍କ ନାତି ପ୍ରିନ୍ସ ଜର୍ଜ ସବୁବେଳେ ନିଜ ଅସ୍ୱାଭାବିକ ବ୍ୟବହାର ଲାଗି ଚର୍ଚ୍ଚାରେ ରହିଆସନ୍ତି। ସ୍କୁଲ ଖେଳପଡ଼ିଆରେ କେତେଜଣ ସାଙ୍ଗଙ୍କ ସହ ମାଡ଼ଗୋଳ ହେବା ପରେ ଜର୍ଜ ତାଙ୍କୁ କହିଛନ୍ତି ଯେ, ତୁମେମାନେ ଦେଖିବ ମୋ ବାପା ରାଜା ହେବେ। କିଙ୍ଗ୍ ଚାର୍ଲସଙ୍କ ପରେ ତାଙ୍କ ବଡ଼ ପୁଅ ୱିଲିୟମ୍ ରାଜା ହେବା ପାଇଁ ହକ୍‌ଦାର। ସେହିପରି ୱିଲିୟମ୍‌ଙ୍କ ଅନ୍ତେ ଭବିଷ୍ୟତରେ ଜର୍ଜ ବ୍ରିଟେନ୍‌ର ରାଜା ହେବାର ସମ୍ଭାବନା ରହିଛି। ରାଜକୁମାର ୱିଲିୟମ୍ ଓ ରାଜକୁମାରୀ କାଟେଙ୍କ ବଡ଼ ପୁଅ ଜର୍ଜଙ୍କୁ ଯତ୍ନର ସହକାରେ ପାଳି ବଡ଼ କରିଛନ୍ତି। ଜଣେ ରାଜକୁମାର



ହେବା ଯୋଗୁ ରାଜପରିବାରର ପ୍ରତ୍ୟେକ ଟିକିନିଖି ଜିନିଷ ବାବଦରେ ତାଙ୍କୁ ଅବଗତ କରାଯାଇଛି। ସାଉଥ୍ ଲଣ୍ଡନର ୟଙ୍ଗ ରୟାଲ ଫର୍ମର ସ୍କୁଲରେ ଜର୍ଜ ପାଠ ପଢ଼ନ୍ତି।

# ପୋର୍ଟରଫିଲ୍ଡ, ଭାନ୍ ୱିକ୍‌ଙ୍କ ଅର୍ଦ୍ଧଶତକ

**କଟକ, ୨୭।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଲିଜେଣ୍ଡ୍ସ ଲିଗର ନବମ ମୁକାବିଲାରେ ୱିଲିୟମ ପୋର୍ଟରଫିଲ୍ଡ ଓ ମର୍ନେ ଭାନ୍ ୱିକ୍ ଅର୍ଦ୍ଧଶତକ ହାସଲ କରିଛନ୍ତି। ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ଏହି ମ୍ୟାଚରେ ୪ ଉଇକେଟ ହରାଇ ୨୨୨ ରନ୍ କରିଛି ଭିଲୱାରା କିଙ୍ଗ୍ସ। ଗୁଜରାଟ ଅଧିନାୟକ ବୀରେନ୍ଦ୍ର ସେହ୍ୱାଗ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସେହିପରି ବିସ୍ଫୋରକ ୱେଷ୍ଟଇଣ୍ଡିଜ ଓପନର କ୍ରିସ୍ ଗେଲ ଏହି ମ୍ୟାଚରେ ନିଜର ଲିଜେଣ୍ଡ୍ସ ଲିଗ୍ ପଦାର୍ପଣ କରିଥିଲେ।

ବାରବାଟୀରେ ଖେଳାଯାଇଥିବା କ୍ରମାଗତ ଦ୍ୱିତୀୟ ମ୍ୟାଚରେ ଓପନିଂରେ ଶତକୀୟ ଭାଗୀଦାରି ଦେଖିବାକୁ ମିଳିଥିଲା। କିଙ୍ଗ୍ସ ପକ୍ଷରୁ ଓପନ କରୁଥିବା ପୋର୍ଟରଫିଲ୍ଡ (୬୪) ଓ ଭାନ୍ ୱିକ୍ (୫୦) ପ୍ରଥମ ଉଇକେଟରେ ଯୋଡିଥିଲେ ୧୧୭ ରନ୍। ମ୍ୟାଚର ୧୦ମ ଓଭରରେ କେପି ଅପନା ପୋର୍ଟରଫିଲ୍ଡଙ୍କୁ ଆଉଟ କରି ଜାଏଣ୍ଟ୍ସକୁ ପ୍ରଥମ ସଫଳତା ଦେଇଥିଲେ। ଆଉଟ ହେବା ପୂର୍ବରୁ ସେ ୩୩ ବଲରୁ ୧୦ ଚୌକା ଓ ୨ ଛକା ମାରିଥିଲେ। ଏହାର ପରବର୍ତ୍ତୀ ଓଭରରେ ଗ୍ରେମ୍ ସ୍ୱାନ୍ ବିପଜ୍ଜନକ ଭାନ୍‌ୱିକଙ୍କୁ ଆଉଟ କରିଥିଲେ। ୨୮ ବଲ ଖେଳି ସେ ୪ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ଇରଫାନ ପଠାନ ୩ ଛକା ଓ ୧ ଚୌକା ସହିତ ୩୪ ରନ୍ କରିଥିଲେ। ଅଶୋକ ଡିଣ୍ଡା ତାଙ୍କୁ ଆଉଟ କରିଥିବା ବେଳେ ଜେସଲ୍ କେରିଆ(୪୩) ଓ ୟୁସୁଫ୍ ପଠାନ୍(୧୪) ଦଳକୁ ୨୦୦ ରନ୍ ପାର କରାଇଥିଲେ। ୨୯ ବଲ୍ ଖେଳିଥିବା କେରିଆ ୫ ଚୌକା ଓ ୧ ଛକା ମାରିଥିଲେ। ଫଳରେ

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ୍**

ଭିଲୱାରା କିଙ୍ଗସ ନିର୍ଦ୍ଧାରିତ ଓଭରରେ ୪ ଉଇକେଟରେ ୨୨୨ ରନ୍ ସଂଗ୍ରହ କରିଥିଲା। ଜାଏଣ୍ଟ୍ସ ଓ ପକ୍ଷରୁ ଅଶୋକ ଦିଣ୍ଡା, ଗ୍ରେମ୍ ସ୍ୱାନ, ଥିସାରା ପେରେରା ଓ କେ. ପି. ଅପନ୍ନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭିଲୱାରା କିଙ୍ଗ୍ସ ୨୦ ଓଭରରେ ୨୨୨/୪ (ପୋର୍ଟରଫିଲ୍ଡ-୬୪, ମର୍ନେ ଭାନ ୱିକ୍-୫୦, ଜେସଲ୍ କାରିଆ-୪୩, ଇରଫାନ ପଠାନ-୩୪, କେ.ପି. ଅପନ୍ନା-୧/୩୩, ଗ୍ରେମ୍ ସ୍ୱାନ୍-୧/୩୪, ଅଶୋକ ଦିଣ୍ଡା-୧/୩୭, ଥିସାରା ପେରେରା-୧/୫୬ )।



ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ବହୁ ସଂଖ୍ୟାରେ ଦର୍ଶକ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ ଉପଭୋଗ କରୁଛନ୍ତି।



ଅର୍ଦ୍ଧଶତକ ଅବସରରେ ଶଟ୍ ଖେଳୁଛନ୍ତି ୱିଲିୟମ ପୋର୍ଟରଫିଲ୍ଡ।



ଦୁଇ କିମ୍ବଦନ୍ତୀ ଖେଳାଳି ଭିଲୱାରା କିଙ୍ଗ୍ସର ଫିଦେଲ ଏଡୱାର୍ଡ୍ସ ଓ ଗୁଜରାଟ ଜାଏଣ୍ଟ୍ସର କ୍ରିସ୍ ଗେଲ୍ ଆଲୋଚନାରତ।

## ଟପ୍ ୧୫ରେ ପ୍ରଣୟ, ୯ମରେ ଲକ୍ଷ୍ୟ

**ନୂଆଦିଲ୍ଲୀ, ୨୭।୯ (ପି.ଟି.):** କେତୋଟି ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ ପାଇଁ ସଦ୍ୟ ପ୍ରକାଶିତ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଏଚ୍.ଏସ୍. ପ୍ରଣୟ ଟପ୍ ୧୫କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ଓ ଜାପାନ ଓପନ ସୁପର ୭୫୦ରେ ପଛକୁ ପଛ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବା ପ୍ରଣୟ ଗୋଟିଏ ସ୍ଥାନ ଡେଇଁ ୧୫ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଯୁବ ଖେଳାଳି ଲକ୍ଷ୍ୟ ସେନ୍ ତାଙ୍କ ୯ମ ସ୍ଥାନ ବଜାୟ ରଖିଛନ୍ତି। କିଡାମ୍ବି ଶ୍ରୀକାନ୍ତ ଗୋଟିଏ ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନରେ ଅଛନ୍ତି। ସାଇନା ନେହ୍ୱାଲଙ୍କର ଉନ୍ନତି ଘଟିଛି।

## ୨୦୨୩ ହକି ବିଶ୍ୱକପ୍ କାର୍ଯ୍ୟସୂଚୀ

ପୁଲ୍ 'ଏ': ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା
ପୁଲ୍ 'ବି': ବେଲ୍‌ଜିୟମ, ଜର୍ମାନୀ, କୋରିଆ, ଜାପାନ
ପୁଲ୍ 'ସି': ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ମାଲେସିଆ, ଚିଲି
ପୁଲ୍ 'ଡି': ଭାରତ, ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ



| ତାରିଖ | ମ୍ୟାଚ | ଷ୍ଟାଡିୟମ | ସମୟ |
|---|---|---|---|
| ଜାନୁୟାରୀ ୧୩ | ଆର୍ଜେଣ୍ଟିନା ବନାମ ଦକ୍ଷିଣ ଆଫ୍ରିକା | କଳିଙ୍ଗ | ଅପରାହ୍ନ ୧ଟା |
| | ଅଷ୍ଟ୍ରେଲିଆ ବନାମ ଫ୍ରାନ୍ସ | କଳିଙ୍ଗ | ଅପରାହ୍ନ ୩ଟା |
| | ଇଂଲଣ୍ଡ ବନାମ ୱେଲ୍ସ | ବିର୍ସାମୁଣ୍ଡା | ଅପରାହ୍ନ ୫ଟା |
| | ଭାରତ ବନାମ ସ୍ପେନ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୧୪ | ନ୍ୟୁଜିଲାଣ୍ଡ ବନାମ ଚିଲି | ବିର୍ସାମୁଣ୍ଡା | ଅପରାହ୍ନ ୧ଟା |
| | ନେଦରଲାଣ୍ଡ୍ସ ବନାମ ମାଲେସିଆ | ବିର୍ସାମୁଣ୍ଡା | ଅପରାହ୍ନ ୩ଟା |
| | ବେଲଜିୟମ ବନାମ କୋରିଆ | କଳିଙ୍ଗ | ଅପରାହ୍ନ ୫ଟା |
| | ଜର୍ମାନୀ ବନାମ ଜାପାନ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୫ | ସ୍ପେନ ବନାମ ୱେଲ୍ସ | ବିର୍ସାମୁଣ୍ଡା | ଅପରାହ୍ନ ୫ଟା |
| | ଇଂଲଣ୍ଡ ବନାମ ଭାରତ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୧୬ | ମାଲେସିଆ ବନାମ ଚିଲି | ବିର୍ସାମୁଣ୍ଡା | ଅପରାହ୍ନ ୧ଟା |
| | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ବିର୍ସାମୁଣ୍ଡା | ଅପରାହ୍ନ ୩ଟା |
| | ଫ୍ରାନ୍ସ ବନାମ ଦକ୍ଷିଣ ଆଫ୍ରିକା | କଳିଙ୍ଗ | ଅପରାହ୍ନ ୫ଟା |
| | ଆର୍ଜେଣ୍ଟିନା ବନାମ ଅଷ୍ଟ୍ରେଲିଆ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୭ | କୋରିଆ ବନାମ ଜାପାନ | କଳିଙ୍ଗ | ଅପରାହ୍ନ ୫ଟା |
| | ଜର୍ମାନୀ ବନାମ ବେଲ୍‌ଜିୟମ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୧୯ | ମାଲେସିଆ ବନାମ ନ୍ୟୁଜିଲାଣ୍ଡ | କଳିଙ୍ଗ | ଅପରାହ୍ନ ୧ଟା |
| | ନେଦରଲାଣ୍ଡ୍ସ ବନାମ ଚିଲି | କଳିଙ୍ଗ | ଅପରାହ୍ନ ୩ଟା |
| | ସ୍ପେନ ବନାମ ଇଂଲଣ୍ଡ | କଳିଙ୍ଗ | ଅପରାହ୍ନ ୫ଟା |
| | ଭାରତ ବନାମ ୱେଲ୍ସ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୦ | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ବିସର୍ମାମୁଣ୍ଡା | ଅପରାହ୍ନ ୧ଟା |
| | ଫ୍ରାନ୍ସ ବନାମ ଆର୍ଜେଣ୍ଟିନା | ବିର୍ସାମୁଣ୍ଡା | ଅପରାହ୍ନ ୩ଟା |
| | ବେଲଜିୟମ ବନାମ ଜାପାନ | ବିର୍ସାମୁଣ୍ଡା | ଅପରାହ୍ନ ୫ଟା |
| | କୋରିଆ ବନାମ ଜର୍ମାନୀ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୨ | କ୍ରସ୍ ଓଭର | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ରସ୍ ଓଭର | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୩ | କ୍ରସ୍ ଓଭର | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ରସ୍ ଓଭର | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୪ | କ୍ୱାର୍ଟର ଫାଇନାଲ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ୱାର୍ଟର ଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୫ | କ୍ୱାର୍ଟର ଫାଇନାଲ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | କ୍ୱାର୍ଟର ଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୬ | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ପୂର୍ବାହ୍ନ ୧୧ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୨ଟା |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୪ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୭ | ପ୍ରଥମ ସେମିଫାଇନାଲ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | ଦ୍ୱିତୀୟ ସେମିଫାଇନାଲ | କଳିଙ୍ଗ | ରାତି ୭ଟା |
| ଜାନୁୟାରୀ ୨୮ | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ପୂର୍ବାହ୍ନ ୧୧ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୨ଟା |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ଅପରାହ୍ନ ୪ଟା ୩୦ |
| | କ୍ଲାସିଫିକେଶନ ମ୍ୟାଚ | ବିର୍ସାମୁଣ୍ଡା | ରାତି ୭ଟା |
| ଜାନୁୟାରୀ ୨୯ | ୩ୟ ସ୍ଥାନ ପାଇଁ ମ୍ୟାଚ | କଳିଙ୍ଗ | ଅପରାହ୍ନ ୪ଟା ୩୦ |
| | ଫାଇନାଲ | କଳିଙ୍ଗ | ରାତି ୭ଟା |

## ଅନୁରାଧା ଓଡ଼ିଶା ଆଥ୍‌ଲେଟିକ୍ସ ଦଳର କୋଚ୍



ଦିଲୀପ ଟିର୍କୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ଅନୁରାଧା।

**ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଗୁଜରାଟରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କୁ ଓଡ଼ିଶା ଆଥ୍‌ଲେଟିକ୍ସ ଦଳର କୋଚ୍ ମନୋନୀତ କରାଯାଇଛି। ଯେଉଁ କ୍ରୀଡ଼ାରେ ଏକାଧିକ ଥର ପଦକ ଜିତିଥିଲେ ସେହି କ୍ରୀଡ଼ା ପାଇଁ ଓଡ଼ିଶା ଦଳର କୋଚ୍ ହୋଇଥିବାରୁ ଖୁସି ପ୍ରକାଶ କରିଛନ୍ତି ଅନୁରାଧା। ମୋତେ ଯେଉଁ ଗୁରୁଦାୟିତ୍ୱ ଦିଆଯାଇଛି ତାକୁ ସୁଚାରୁରୂପେ ତୁଲାଇବାକୁ ଚେଷ୍ଟା କରିବି। ବିଶେଷକରି ଆମ ରାଜ୍ୟର ଆଥ୍‌ଲେଟମାନେ ଯେପରି ଆତ୍ମବିଶ୍ୱାସର ସହ ଟ୍ରାକ୍‌କୁ ଓହ୍ଲାଇବେ ତା' ଉପରେ ବିଶେଷ ଧ୍ୟାନ ଦେବି ବୋଲି ଅନୁରାଧା କହିଛନ୍ତି। କ୍ରମାଗତ ଭାବେ ଖେଳାଳିଙ୍କୁ ସମର୍ଥନ କରିଆସୁଥିବାରୁ ରାଜ୍ୟ ସରକାର, ଓଡ଼ିଶା ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ନିଜ ନିଯୁକ୍ତି ସଂସ୍ଥା ନାଲ୍‌କୋକୁ ସେ ଧନ୍ୟବାଦ ଜଣାଇଛନ୍ତି। ହକି ଇଣ୍ଡିଆର ନୂଆ ସଭାପତି ଦିଲୀପ ଟିର୍କୀଙ୍କୁ ତାଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଥିଲେ ଅନୁରାଧା।

## ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ଲନ୍‌ବଲ୍ ଦଳ

**ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଚଳିତମାସ ୨୯ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଗୁଜରାଟରେ ହେବାକୁଥିବା ଜାତୀୟ କ୍ରୀଡ଼ା ପାଇଁ ଓଡ଼ିଶା ଲନ୍‌ବଲ୍ ଦଳ ଘୋଷିତ ହୋଇଛି। ଉଭୟ ମହିଳା ଓ ପୁରୁଷ ବର୍ଗରେ ୬ ଜଣ ଲେଖାଏ ଖେଳାଳି ଦଳରେ ସାମିଲ ହୋଇଛନ୍ତି। ମନୋନୀତ ଦଳ ମଙ୍ଗଳବାର ଭୁବନେଶ୍ୱରରୁ ଗୁଜରାଟ ଯାତ୍ରା କରିଛି। ପୁରୁଷବର୍ଗରେ କୈଳାସ ମାଝି, ସୁକାନ୍ତ ସେଠ୍, ନରସିଂହ ରାଣା, ତାରିଣୀ ପ୍ରସାଦ ନାୟକ, ସୁଦେଶ ସବ୍ରାଣ ସାହୁ, ଏସ.କେ. ଜଲାଲ ଏବଂ ମହିଳା ବର୍ଗରେ ସ୍ନିଗ୍ଧାରାଣୀ ରଥ, ସାଇନା ନାୟକ, ଶ୍ୱେତଲାନା ବକ୍ସି, ରିହାନା ଖାତୁନ, ସରୋଜିନୀ ସ୍ୱାଇଁ, ଅଲିଶା ପାତ୍ର ମନୋନୀତ ହୋଇଛନ୍ତି। କୋଚ ପୟୋସ୍ୱିନୀ ପୁରୋହିତ, ସୁମିତ ରଞ୍ଜନ ପୁରୋହିତ ଦଳ ସହ ଗୁଜରାଟ ଯାତ୍ରା କରିଛନ୍ତି।




ଓଡ଼ିଶା ଲନ୍‌ବଲ୍ ଦଳ।

## ସବ୍‌ଜୁନିୟର ଖୋଖୋ ଖେଳାଳି ଚୟନ

**ଭୁବନେଶ୍ୱର, ୨୭।୯ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଖୋଖୋ ସଂଘ ୧୪ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବ। ଶୁକ୍ରବାର ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ଦଳ ପାଇଁ ସ୍ଥାନୀୟ ୟୁନିଟ୍-୧ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଏକ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଏଥିରେ ଭାଗ ନେବାକୁ ଥିବା ବାଳକ ଓ ବାଳିକାମାନଙ୍କ ବୟସ ୨୦୨୨ ନଭେମ୍ବର ୩ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇଥିବା ଦରକାର। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସାଧାରଣ ସମ୍ପାଦକ ଡ. ସୌର୍ଯ୍ୟରଞ୍ଜନ ପରିଜା ଏହା ଜଣାଇଛନ୍ତି।

## କ୍ଷମା ମାଗିଲେ ମାଲି ବାସ୍କେଟବଲ୍ ଖେଳାଳି

**ସିଡ୍‌ନୀ, ୨୭।୯(ଏପି):** ସର୍ବିୟା ବିପକ୍ଷ ମହିଳା ବିଶ୍ୱକପ୍ ମ୍ୟାଚ ପରେ ହାତାହାତି ପାଇଁ ମାଲିର ଦୁଇ ବାସ୍କେଟବଲ ଖେଳାଳି କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ଉଦ୍ଦେଶ୍ୟମୂଳକ ନ ଥିଲା। ପରାଜୟ ଯୋଗୁ ଆମେ ହତାଶ ହୋଇପଡ଼ିଥିଲୁ ବୋଲି ସେମାନେ କହିଛନ୍ତି। ମ୍ୟାଚ ପରେ ସାଲିମାତୋ କୋରୋମା ଓ କାମିତେ ଏଲିଜାବେଥ ଡାବୋଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା।

## ଜାତୀୟ କ୍ରୀଡ଼ା ସଫ୍ଟ ଟେନିସ ପାଇଁ ଓଡ଼ିଶାର ୪ ଅଫିସିଆଲ

**ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଗୁଜରାଟର ଅହମଦାବାଦରେ ହେବାକୁଥିବା ଜାତୀୟ କ୍ରୀଡ଼ାର ସଫ୍ଟଟେନିସ ଇଭେଣ୍ଟ ପାଇଁ ଓଡ଼ିଶାରୁ ୪ ଅଫିସିଆଲ ମନୋନୀତ ହୋଇଛନ୍ତି। ମହମ୍ମଦ ଆଜାମ ରେଫରି ଏବଂ ଅନସୂୟା ବାରିକ, ସତୀଶ କୁମାର ବିଶ୍ୱକର୍ମା ଓ ମହମ୍ମଦ ଅମନ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏମାନେ ଅକ୍ଟୋବର ୭ରୁ ୧୦ ପର୍ଯ୍ୟନ୍ତ ସଫ୍ଟଟେନିସ ଇଭେଣ୍ଟ ପରିଚାଳନା କରିବେ। ମନୋନୀତ ଅଫିସିଆଲମାନଙ୍କୁ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ଭୟ କୁମାର ସାମନ୍ତରାୟ, ଟିଟନ ସାହୁ ଓ ରାଜେନ୍ଦ୍ର କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଗତ ଅଗଷ୍ଟରେ ଥାଇଲାଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାର ୪୦ ବର୍ଷରୁ ଉର୍ଦ୍ଧ୍ୱ ବର୍ଗରେ ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିଥିବାରୁ ବିକାଶ ଚନ୍ଦ୍ର ପଟ୍ଟନାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।




ଜାତୀୟ କ୍ରୀଡ଼ାସ୍ଥଳକୁ ଯିବା ପୂର୍ବରୁ ୪ ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

CLASSIFIED DISPLAY
MORE SPACE • SAME PRICE

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ। ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଷୋଡ଼ଶତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ନିର୍ମଳା ମହାପାତ୍ର
ପ୍ଲଟ୍ ନଂ.-୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୦।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଠକି ଦେବ ଦିନେ ବୋଲି, ଏତେ ଲୀଳା ଲଗାଇଲ
ଜାଣିଶୁଣି, ମିଛି ମିଛି ଆମକୁ ଲୁହରେ ଘାଣ୍ଟି,
ଅଫେରା ରାଇଜକୁ ଅଦିନରେ ନେଲ ବାଛି।
ଶ୍ରଦ୍ଧାଞ୍ଜଳି ସହ: ସ୍ୱାମୀ: ଇଂ ଯଦୁନାଥ ମହାପାତ୍ର, ପୁଅ, ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୬୩୧

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ॥



୰କୁମୁଦ କୁମାର ନାଥ
(ପୂର୍ବତନ ଅତିରିକ୍ତ ଆୟୁକ୍ତ, ଆୟକର ବିଭାଗ ଏବଂ ବିଶିଷ୍ଟ ଚେସ୍ କ୍ରୀଡ଼ାବିତ୍ ଓ ଓଡ଼ିଶା ରାଜ୍ୟ ଚେସ୍ ସେକ୍ରେଟାରୀ)
ପ୍ଲଟ୍ ନଂ.ଏ/୯୨, ସହିଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୮.୦୮.୧୯୫୬
ତିରୋଧାନ : ୦୮.୧୦.୨୦୨୧
ଚାହୁଁ ଚାହୁଁ ବର୍ଷେ ବିତିଗଲା.... କାଳର କରାଳ ଗତିରେ ଆପଣ ଆମମାନଙ୍କୁ ଚିରଦିନ ପାଇଁ ଶୋକ ସାଗରରେ ଭସାଇଦେଇ ଚାଲିଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୦୪୨

# ପୁଣେରେ ନୂଆଁଖାଇ ଭେଟଘାଟ

ବଡ଼ଗାଁ,୨୭।୯(ଡି.ଏନ.ଏ.)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଆସିଲେ ଯିଏ ଯେଉଁଠି ଥାଉ ନା କାହିଁକି ମନେପଡେ ଗାଁ ପରିବେଶ ଓ ପରିବାର ପରିଜନଙ୍କ କଥା। ଆଉ ଏହି ପର୍ବକୁ ଧୁମଧାମରେ ପାଳନ ପାଇଁ ଆଗେଇ ଆସନ୍ତି ବାହାରେ ରହୁଥିବା ଓଡ଼ିଆମାନେ। ଗତ ୨୫ ତାରିଖ ଦିନ ପୁଣେସ୍ଥିତ କଲଚରାଲ ଆସୋସିଏଶନ ପକ୍ଷରୁ ସେଠାରେ ରହୁଥିବା ପଶ୍ଚିମ ଓଡିଶାର ପରିବାରଙ୍କୁ ନେଇ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯକ୍ରମରେ ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ସମେତ ପଶ୍ଚିଓଡିଶାର ବିଭିନ୍ନ ଜିଲାର ୫୦୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଯୋଗ ଦେଇଥିଲେ। ଚଳିତବର୍ଷ ନୂଆଁଖାଇର ଉଦ୍ଦେଶ୍ୟ ଥିଲା 'ଆମର ପରବ ଆମର ଗରବ' । ମହାରାଷ୍ଟ୍ରର ପୁନେଠାରେ ଥିବା ଅଙ୍କୁଶ ରାଓ ଲଙ୍ଗଡେ ନାଟ୍ୟଗୃହରେ ୨୦୦୫ ମସିହାରୁ ଓଡ଼ିଆମାନେ ପାଳନ କରିଆସୁଛନ୍ତି ନୂଆଁଖାଇ ଭେଟଘାଟ। ଏବର୍ଷ ଏହି କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ହୋଇଥିଲା । ସକାଳ ଚା ପାନ ଠାରୁ ଆରମ୍ଭ କରି ସ୍ୱାଦିଷ୍ଟ ବ୍ୟଞ୍ଜନ ଭାତ, ଡାଲି, କରଡ଼ି ଆମ୍ବିଳ, ଘାଣ୍ଟ ତରକାରୀ, କ୍ଷୀରି ଆଦି


ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଭୋଜନ କରି ମଉଜ ମଜଲିସ କରିଥିଲେ ଓଡ଼ିଆ ପରିବାର। ଏହି ଅବସରରେ ଆସୋସିଏଶନର ଅଧ୍ୟକ୍ଷ ସଞ୍ଜୟ ମହାନ୍ତି ଭବିଷ୍ୟତରେ ନୂଆଁଖାଇ ପର୍ବକୁ ନିଆରା ଢଙ୍ଗରେ ପାଳନ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏଥିସହିତ ଚଳିତବର୍ଷ ସମସ୍ତେ ଖୁବ ସୁନ୍ଦର ଭାବେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିବାରୁ ଆସୋସିଏଶନର ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କାର୍ଯକ୍ରମରେ ଯୋଗ ଦେଇଥିବା ସମସ୍ତ ଓଡ଼ିଆ ସମ୍ବଲପୁରୀ ବସ୍ତ୍ର ପରିଧାନ କରିଥିଲେ। ପୂର୍ବାହ୍ନରେ ମା' ସମଲେଇଙ୍କ ପୂଜା ଅର୍ଚ୍ଚନା ପରେ ସାଂସ୍କୃତିକ କାର୍ଯକ୍ରମ ହୋଇଥିଲା। ଚଳିତବର୍ଷ ଲୋଇସିଂହାର ପ୍ରସିଦ୍ଧ 'ସଙ୍ଗୀତ ସାଧନା' ଲୋକନୃତ୍ୟ ଦଳକୁ ଆମନ୍ତ୍ରଣ କରାଯାଇଥିଲା। ଏହି ଦଳର ଶଙ୍କର ବେହେରାଙ୍କ ନେତୃତ୍ୱରେ କଳାକାରମାନେ ନୃତ୍ୟ ପରିବେଷଣ କରିଥିବା ବେଳେ ସେମାନଙ୍କ ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ । ଏହି ଅବସରରେ ଆସୋସିଏଶନ ପକ୍ଷରୁ ନୂଆଁଖାଇ ଭେଟଘାଟ ପତ୍ରିକା ଉନ୍ମୋଚନ ହୋଇଥିଲା। ବଡଗାଁ ବରପାଲି ଗାଁର ସ୍ୱସ୍ତିକ ବିଶିଙ୍କ ସମେତ ଅନୁପମ ମିଶ୍ର, ସୁବ୍ରତ ସାହୁ, ଜୟନ୍ତ ଦୀପ, ଝସକେତନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଲୁହାଏଙ୍ଗଲ ଚୋରି ଘଟଣାରେ ପୁଣି ଜଣେ ଗିରଫ

କୁତ୍ରା,୨୭।୯(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ପୋଲିସ କ୍ରଶରରୁ ଲୁହାଏଙ୍ଗଲ ଚୋରି ଘଟଣାରେ ପୁଣି ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଲମଲୋଇ ମଝାପଡା ଗ୍ରାମର ଦେଉଲାଲ ମିଞ୍ଜ(୩୦)। ସୂଚନାଯୋଗ୍ୟ, ଗତ ଅଗଷ୍ଟ ମାସ ୨୦ ତାରିଖ ମଧ ରାତ୍ରିରେ କୁତ୍ରା ଥାନା ଅନ୍ତର୍ଗତ ଲିଟିବେଡା ଠାରେ ବହୁ ବର୍ଷରୁ ବନ୍ଦ ହୋଇ ରହିଥିବା କପୁର କ୍ରଶରରୁ ଚୋରମାନେ ଗ୍ୟାସ କଟର ସାହାଯ୍ୟରେ ଲୁହାଏଙ୍ଗଲଗୁଡିକୁ କାଟି ଏକ ଭ୍ୟାନରେ ଲୋଡ଼ କରି ନେବା ପାଇଁ ଉଦ୍ୟମ କରିବା ସମୟରେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ। ଗ୍ରାମବାସୀ ଚୋରମାନଙ୍କୁ ଅଟକାଇ ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ । ପରେ ପୋଲିସ ପହଞ୍ଚି ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଦେଉଲାଲଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା ।

### ଭାଜପା ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଶିବିର

ସୁନ୍ଦରଗଡ,୨୭।୯(ଡି.ଏନ.ଏ.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୨ତମ ଜୟନ୍ତୀ ଅବସରରେ ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଗତ ୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ସେବା ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦର ଗଡ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସ୍ଥାନୀୟ ଆରଆରଆଇଟି କଲୋନୀ କଲ୍ୟାଣମଣ୍ଡପ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ଇ.ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ଶିବିରକୁ ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଓ ପୌର ଅଧକ୍ଷା ତନ୍ୟା ମିଶ୍ର ଉଦ୍‌ଘାଟନ କରିଥିଲେ। ଶିବିରକୁ ସୁନ୍ଦରଗଡ ଜିଲା ରକ୍ତଭଣ୍ଡାରର ରତ୍ନପ୍ରଭା ନାୟକ ଓ ଜ୍ୟୋତ୍ସ୍ନାରାଣୀ ଦିଉରିଆ, ସୁରତ ସାହୁ, ଦୁଷ୍ମନ୍ତ ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ଯୁବମୋର୍ଚ୍ଚା କାଉନସିଲର ଡି. ନନ୍ଦ, ମୀନତି ପୁରୋହିତ,କାର୍ଯ୍ୟକର୍ତ୍ତା ଧିରଜ ମିତ୍ତଲ, ଦେବବ୍ରତ ପାଢ଼ୀ, ଚନ୍ଦ୍ରଭାନୁ ହୁରା, ରିତୁ ଦାସ,ଅନୁଜ ପାତ୍ର , ଅଶୋକ ସାହୁ, ମାନସ ଦାସ, ଆଶିଷ ପଟେଲ, ଶ୍ରୀକାନ୍ତ ଭଞ୍ଜ,ରୂପେଷ ପଟେଲ, ଅରବିନ୍ଦ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଔଷଧୀୟ ଉଦ୍ୟାନ ଓ ବନ ମହୋତ୍ସବ

ସୁନ୍ଦରଗଡ,୨୭।୯(ଡି.ଏନ.ଏ.)

ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦିଆମୁଣ୍ଡାସ୍ଥିତ ସରକାରୀ ଆୟୁର୍ବେଦ ଚିକିତ୍ସାଳୟଠାରେ ଔଷଧୀୟ ଉଦ୍ୟାନ ଓ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଏବଂ ଉଜ୍ୱଳପୁର ବନାଞ୍ଚଳ କାର୍ଯ୍ୟାଳୟର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆସନ୍ତା ମାସ ୨୩ତାରିଖରେ ପାଳିତ ହେବାକୁ ଥିବା ଜାତୀୟ ଧନ୍ୱନ୍ତରୀ ଜୟନ୍ତୀ ପାଳନର ଅବ୍ୟବହିତ ପୂର୍ବରୁ ଚଳିତ ମାସ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଆୟୁର୍ବେଦ ସପ୍ତାହ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଗ୍ରାମର ବୟୋଜ୍ୟେଷ୍ଠ ନାଗରିକ ପାଣ୍ଡୁ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଅନନ୍ତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦିଆମୁଣ୍ଡା


କାର୍ଯ୍ୟକ୍ରମରେ ଚିକିତ୍ସା ଅଧିକାରୀ ଓ ଅନ୍ୟମାନେ।

ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ଅଧିକାରୀ ଡା. ନୀରଜ କୁମାର ମିର୍ଦ୍ଧା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଜ୍ୱଳପୁର ବନାଞ୍ଚଳ ଅଧିକାରୀ ସଂଗ୍ରାମ କେଶରୀ ମଣିହୀରା ବନ ସୁରକ୍ଷା ଓ ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତି କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ବନ ବିଭାଗର ସବ୍ୟସାଚୀ ରଥ, ନିତୀନ କଛାରିଆ, ସନ୍ତୋଷିନୀ ସାହାଣୀ, ମନୋରଞ୍ଜନ ମଲ୍ଲିକ, ଅନୁସୂୟା ସେଠ ଏବଂ ଦିଆମୁଣ୍ଡା ବନ ସୁରକ୍ଷା ସମିତିର ଜିତେନ୍ଦ୍ର ପଟେଲ ଜଙ୍ଗଲର ଉପକାରିତା ଓ ଏହାର ସୁରକ୍ଷା ଉପରେ ଆଲୋଚନା କରିଥିଲେ। ଉଜ୍ୱଳପୁର ଆୟୁର୍ବେଦ ଚିକିତ୍ସା ଅଧିକାରୀ ରିଣ୍ଟି ପଟେଲ, ଡା. ରୀତୁ ମାଳତୀ ମୁଖୀ, ଡା.ସୁମନ କୁଲୁ, ଡା.ରମ୍ୟଶୀଳା ସୁରେଶ୍ୱରୀ, ଡା.ଅମିତ ର୍ତିକୀ ପ୍ରମୁଖ ଔଷଧୀୟ ଗଛଲତା ଓ ପ୍ରାଥମିକ ଚିକିତ୍ସା ଉପରେ ଆଲୋଚନା କରିଥିଲେ। ପରେ ୩୦ ପ୍ରକାର ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା।

## ବେକରେ ଶାଢ଼ୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଲାଞ୍ଜିଗଡ଼,୨୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗାଁରେ ଜଣେ ବିବାହିତ ମହିଳା ଗଛରେ ନିଜେ ପିନ୍ଧିଥିବା ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ବନ୍ଧଗୁଡ଼ା ଗାଁର ରତନୀ ମାଝି। ପୋଲିସ ସୂଚନାନୁଯାୟୀ, ବନ୍ଧଗୁଡ଼ା ଗାଁର ରାଶି ମାଝିଙ୍କ ୨ୟ ସ୍ତ୍ରୀ ରତନୀ ବେକରେ ପିନ୍ଧିଥିବା ଶାଢ଼ିରେ ଆତ୍ମହତ୍ୟା କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଲାଞ୍ଜିଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଉଭୟ ରାଶି ଓ ରତନୀ ପୂର୍ବରୁ ଅଲଗା ଅଲଗା ବାହା ହୋଇଥିଲେ। ତେବେ ରାଶି, ରତନୀଙ୍କୁ ୨ୟ ବିବାହ କରିଥିବାବେଳେ କୌଣସି କାରଣରୁ ରତନୀ ବେକରେ ପିନ୍ଧା ଶାଢ଼ିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

## ବୋନସ ଅବହେଳା, ଆଜି ବୈଠକ

ରାଉରକେଲା ଅଫିସ,୨୭।୯

ରାଉରକେଲା ସେକ୍ଟର-୧୬ ସ୍ଥିତ ସିଆଇଟିୟୁ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟା ୬ଟାରେ ମିଳିତ ଟ୍ରେଡ ୟୁନିୟନମାନଙ୍କର ଏକ ବୈଠକ ଅନୁଷ୍ଠିତ ହେବ। ସେଲ୍ କର୍ତ୍ତୃପକ୍ଷଙ୍କ ବୋନସ ପ୍ରଦାନରେ ଚରମ ଅବହେଳା ନୀତି ଓ ଏନ୍‌ଜେସିଏସ୍ ଚୁକ୍ତିନାମାରେ ଅହେତୁକ ବିଳମ୍ବ ପ୍ରତିବାଦରେ ମିଳିତ ଟ୍ରେଡ ୟୁନିୟନ ଉକ୍ତ ବୈଠକରେ ଆଗାମୀ ଦିନରେ କିଭଳି ପନ୍ଥା ଅବଲମ୍ବନ କରିବ ସେ ନେଇ ଆଲୋଚନା କରାଯିବ ବୋଲି ସାଧାରଣ ସମ୍ପାଦକ ବସନ୍ତ ନାୟକ ସୂଚନା ଦେଇଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କଲେ ସ୍ୱେଚ୍ଛାସେବୀ

କୁତ୍ରା,୨୭।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୁରକାପାଲି ସ୍ୱାସ୍ଥ୍ୟକେନ୍ଦ୍ର ପରିସର ଅଳିଆ ଆବର୍ଜନାରେ ଭରପୁର ହୋଇଥିଲା। ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଥିଲା । ଏହାକୁ ଦେଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାନ ଷ୍ଟେପ ଡାର୍କ ଟୁ ଲାଇଟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ପକ୍ଷରୁ ମିଳିତ ଭାବେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଗତ ଦୁଇ ଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫା କରାଯାଉଥିବା ବେଳେ ଆଗକୁ ସମ୍ପୂର୍ଣ୍ଣ ସଫେଇ କରାଯିବ ବୋଲି ଏହି କାର୍ଯ୍ୟ ହାତକୁ ନେଇଥିବା ସ୍ୱେଚ୍ଛାସେବୀମାନେ ପ୍ରକାଶ କରିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନର ବିଦ୍ୟାଧର


ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଫେଇ କରାଯାଉଛି ।

ଲାକଡା, ସୁନାରାମ ଭୈସାଲ,ସୁନିଲ ଟିଗ୍ଗା, ନନ୍ଦ ମାହରଙ୍କ ସମେତ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ସଫେଇ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ଜୟପାଲ ମୁର୍ମୁ ମଧ ଉପସ୍ଥିତ ରହି ସଫେଇ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗ କରିଥିଲେ।

# ୭ ଘଣ୍ଟା କୋଇଲା ପରିବହନ ବନ୍ଦ କରି ରାସ୍ତାରୋକୋ

## ସଡ଼କ ଦୁର୍ଘଟଣାରେ ଡ୍ରାଇଭର ମୃତ

ହେମଗିର,୨୭।୯(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ହେମଗିର-କନିକା ରାସ୍ତାର ବ୍ରାହ୍ମଣୀ ଗ୍ରାମ ନିକଟରେ ମଙ୍ଗଳବାର ଏକ ସଡକ ଦୁର୍ଘଟଣାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ।ମିଳିଥିବା ସୂଚନା ଅନୁସାରେ, ଭୋର ୪ଟା ସମୟରେ ବ୍ରାହ୍ମଣୀ ଗ୍ରାମ ନିକଟରେ ଆଗରେ ଯାଉଥିବା ଏକ ଟ୍ରେଲରକୁ ପଛ ପଟୁ ଅନ୍ୟ ଏକ ଟ୍ରେଲର ଧକ୍କା ଦେଇଥିଲା। ଫଳରେ ପଛପଟେ ଧକ୍କା ଦେଇଥିବା ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା । ମୃତ ଡ୍ରାଇଭର ଜଣକ ହେଲେ ଝାଡ଼ଖଣ୍ଡ ରାଜ୍ୟର ଯୁଗଲ କିଶୋର ମହାତୋ(୪୨)। ଏହି ଦୁର୍ଘଟଣାକୁ ନେଇ କୋଇଲା ଟ୍ରକ ଡ୍ରାଇଭରମାନେ ପୂର୍ବାହ୍ନ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ଫଳରେ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା । ଅଧିକ ଟ୍ରିପ କରିବା ପାଇଁ ଡ୍ରାଇଭରଙ୍କ ଉପରେ ଚାପ ପକାଯାଉଥିବାରୁ ଏହି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଡ୍ରାଇଭରମାନେ ରାସ୍ତାରୋକୋ କରିବା ସହିତ ଧାରଣାରେ ବସିଥିଲେ। ମୃତକଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ସେମାନେ ଦାବି କରିଥିଲ । ପରେ ହେମଗିର ଥାନା ପୋଲିସ ଉପସ୍ଥିତିରେ ମୃତ ଡ୍ରାଇଭରଙ୍କ ପରିବାରଙ୍କୁ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

### ମଦ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୨୭।୯: ରାଉରକେଲା ଅବକାରୀ ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେବୁ ସାହୁ। ତାଙ୍କଠାରୁ ପ୍ରାୟ ୪୫ ଲିଟର ନକଲି ମଦ ଜବତ ହୋଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେକ୍ଟର-୭ ଥାନା ଅନ୍ତର୍ଗତ ମହିମା ଆଶ୍ରମ ବସ୍ତିର ଦେବୁ ଉକ୍ତ ବସ୍ତିରେ ବହୁଦିନ ଧରି ବିଦେଶୀ ମଦ କାରବାର କରୁଥିଲେ। ଦେବୁ ମଦ ଧରି ଯାଉଥିବାବେଳେ ଧରାପଡିଥିଲେ।

### ଗରମପାଣି ପଡ଼ି ଶିଶୁ ଗୁରୁତର

ଭବାନୀପାଟଣା,୨୭।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ସାନକୁଟ୍ରୁ ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ସାମନାକୁ ଆସିଛି। ପରିବାରର ଅସାବଧାନତା ଯୋଗୁ ଗରମ ଭାତ ପାଣି ପଡି ଜଣେ ଶିଶୁର ଜୀବନ ବିପନ୍ନ ହୋଇପଡିଛି। ଗୁରୁତର ଅବସ୍ଥାରେ ଶିଶୁକୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, କିଞ୍ଜିରିକେଲା ବିଜୟୀ

ସୁନ୍ଦରଗଡ଼,୨୭।୯(ଡି.ଏନ.ଏ.)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ କିର୍ଜ୍ଞିମା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ଫାଓ ଖେଲୋ ଇଣ୍ଡିଆ ୧୭ ବର୍ଷରୁ କମ୍ ବାଳିକା ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର କିଞ୍ଜିରିକେଲା ଓ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ସେମାନଙ୍କ ମ୍ୟାଚରେ ବିଜୟୀ ହୋଇଛନ୍ତି। ସୁନ୍ଦରଗଡ ଜିଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଫୁଟ୍‌ବଲ ଲିଗ୍‌ର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ପୂର୍ବତନ ଖେଳାଳି ମିତ୍ରଭାନୁ ନାଏକ ଓ ତ୍ରିଲୋଚନ ଡନସେନା ଅତିଥି ଭାବେ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ। ଅନୁଷ୍ଠିତ ପ୍ରଥମ ମ୍ୟାଚରେ କିଞ୍ଜିରିକେଲା ଦଳ ୧-୦ ଗୋଲରେ ସେଣ୍ଟ୍ ମେରୀ ସ୍କୁଲକୁ ପରାସ୍ତ କରିଛି। ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବରେ ଗୀତା ନାଏକଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳ ୫-୦ ଗୋଲରେ କିର୍ଜ୍ଞିମାକୁ ହରାଇ ଦେଇଛି। ଏଥିରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଦଳର କୀର୍ତ୍ତି କିସାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଦିନର ତୃତୀୟ ତଥା ଶେଷ ମ୍ୟାଚ ରାଜଗାଙ୍ଗପୁର ଫୁଟବଲ କ୍ଲବ ଏବଂ କୁଆଁରମୁଣ୍ଡା ଦଳ ମଧ୍ୟରେ ଗୋଲ୍ ଶୂନ୍ୟ ଡ୍ର ରହିଥିଲା। ରାଜଗାଙ୍ଗପୁର ଦଳର ରଶ୍ମିତା ବଡାଇକଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରି ରୀନା ତିର୍କୀ, ସୁମତୀ ଲାକ୍ରା, ବାସନ୍ତୀ କିସାନ, ଫୁଲାନ୍ତି ଟପ୍ପୋ,ବାଲମତି ଓରାମ ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗା ମାଧବ ନାଏକ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ, ସୂରଜ ଭୈଷାଁଲ,ରୋମାଞ୍ଚ ଭୈଷାଁଲ, ପ୍ରଶାନ୍ତ ପଟେଲ, କୀର୍ଜ୍ଞିମା କଲେଜର ଆଦିତ୍ୟ ନାଏକ, ସମୀର ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଥିଲା।

**୧୭ ବର୍ଷରୁ କମ୍ ବାଳିକା ଫୁଟବଲ ଲିଗ୍**


ମ୍ୟାଚର ଜଣେ ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି ।

UTKAL UNIVERSITY
M.TECH. (IT)
CENTRE FOR IT EDUCATION
Department of Statistics, Utkal University.
UTKAL UNIVERSITY NAAC-A+ Accreditation
ADMISSION 2022-23
Applications are invited against a few vacant seats for admission for the 2 Year Full time Program on M. Tech in Information Technology in the department under PPP mode for the academic session 2022-23 through an Eligibility Test to be held on 13.10.2022
ELIGIBILITY FOR ADMISSION
(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(ii) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level). Candidates those who have appeared the final examination/waiting for result are also eligible to apply.
How to Apply: Eligible candidates are required to apply through the website: http://www.citeutkal.com. The downloaded application forms are also available in the department.
Important Dates:
Last date of issue and submission of the application form :12.10.2022
Date of Admission : 17.10.2022
CONTACT: Course Director, Centre for IT Education, M.TECH.(IT) Department of Statistics, Utkal University, Vani Vihar, Bhubaneswar-751004,
Tel : 0674-2567711,MOB: +91-9438014469/ +91-6371615706
e-mail : centreforiteducation@gmail.com/citeutkal@gmail.com
Chairman, P.G. Council

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB VACANCY
IMMEDIATE HIRING IN JHARSUGUDA, ANGUL & BARBIL FOR THE POSITION OF HYDRAULIC SERVICE TECHNICIAN.
QUALIFICATION: ITI, DIPLOMA, BE/B.TECH
Interested candidates may send their resume to
sales.se@mencor.in or Whatsapp- 08305110851

Ori-Pipes Pvt. Ltd. at 152, New Industrial Estate, Jagatpur, Cuttack-754021 needs 10 Nos. of Graduates to work as Sales and Marketing Executive in certain districts of Odisha. Only experienced candidates may apply to above address or email at- oripipes@yahoo.co.in within 10 days of this publication.
Contact No. - 9853205500

See Career Appointment on every Wednesday & Saturday

Agi Greenpac Limited, Unit-Agi Glaspac a dominant & fast growing player in Container Glass Industry with a turnover in excess of 1500 Crores requires for its Factories at Hyderabad & Bhongir, Telangana.
Graduate/Diploma Trainee Engineers
Candidates passed BE/B.Tech/Diploma in Mechanical, Electronics and Instrumentation Engineering in first class throughout their academics may apply. Salary for BE/B.Tech is Rs.20000/- per month. Salary for Diploma is Rs.18000/- per month.
ITI FITTERS
Candidates passed ITI in Fitter Trade may apply. Starting Salary is Rs.12000/- pm. After 6 months it revised to Rs.13000/- pm. After one year it is revised to Rs.14000/- pm.
Interested candidates with relevant qualification may mail their Biodata to careers@agi-glaspac.com.

JOB VACANCY
CELEX TECHNOLOGIES PVT. LTD. is hiring hardworking and honest people in the following cities: Bhubaneswar, Brahmapur, Cuttack, Sambalpur, Balangir, Jeypore, Jajpur and Rourkela. Candidates should be comfortable in Rotational Shift.
Positions available:
A. Simple Machine Operator Earn upto Rs.15,000/- | B. Delivery Boy with Two-Wheeler Earn upto Rs.24,000/-
Walk in interview only in Bhubaneswar city.
Address: Plot No: 137, Chandrasekharpur Near Katos Gym Monday to Saturday - 10 A.M. to 3 P.M.
Other cities call in number given below:
Contact Person : SAMUEL PRADHAN
Contact number: 9874799124 / 6292266575
Email Id : sailee@celex.co.in

OHPC ISO 9001, 14001 & 45000
ODISHA HYDRO POWER CORPORATION LIMITED
(A Government of Odisha Undertaking)
Regd. Office- Odisha State Police Housing & Welfare Corporation Building, Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
ADVERTISEMENT NO.OHPC:HQ:HRD: RECTT: 02/2022 Dated: 27.09.2022
CAREER OPPORTUNITIES FOR YOUNG PROFESSIONALS
The Corporation intends to recruit young, bright and energetic Professionals as Management Trainees (MTs) & Diploma Engineer Trainees (DETs) in various disciplines.
Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of 2099.80 MW) having 6 (six) projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as & Management Trainees (MTs) & Diploma Engineer Trainees (DETs) in various disciplines as per the following for their placement at various Units and Project sites:

| MT (Fin) | MT (HR) | MT (Estate) | MT (PR) | DET (Electrical) | DET (Civil) | DET (Mechanical) |
|---|---|---|---|---|---|---|
| 10 | 07 | 02 | 01 | 09 | 04 | 04 |

Important Dates:-
The Commencement of Online registration & payment of application fee - 12.10.2022
Last date for payment of online application fee - 11.11.2022
The last date for submission of Online application in complete shape - 11.11.2022
The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions will be available shortly on the company's website - www.ohpcltd.com
Director(HR)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ସେପ୍ଟେମ୍ବର ୨୮/୨୦୨୨ Sambalpur, Wednesday, September 28/ 2022

# ଡେଥ୍ ବୋଲିଂ ଉପରେ ଭାରତର ନଜର

**ଥିରୁଭାନନ୍ତପୁରମ, ୨୭।୯ (ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବୁଧବାରଠାରୁ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ଆରମ୍ଭ ହେବ। ଆଗକୁ ଟି୨୦ ବିଶ୍ୱକପ ରହିଥିବାରୁ ପ୍ରସ୍ତୁତି ଦୃଷ୍ଟିରୁ ଏହି ସିରିଜ ଗୁରୁତ୍ୱପୂର୍ଣ୍ଣ। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ବିଜୟ ଲାଭ କରିଥିଲେ ମଧ୍ୟ ଡେଥ୍ ବୋଲିଂରେ ଉନ୍ନତି ଆଣିବାକୁ ପଡ଼ିବ ବୋଲି ଅଧିନାୟକ ରୋହିତ ଶର୍ମା କହିଛନ୍ତି। ଆୟୋଜକ ଦଳ ଏହାର ଦୁଇ ପ୍ରମୁଖ ବୋଲର ହାର୍ଦ୍ଦିକ ପାଣ୍ଡ୍ୟା ଓ ଭୁବନେଶ୍ୱର କୁମାରଙ୍କ ବିନା ପଡ଼ିଆକୁ ଓହ୍ଲାଇବ। ଆସନ୍ତା ମାସରେ ଆଇସିସି ଇଭେଣ୍ଟ ରହିଥିବାରୁ ସେମାନଙ୍କୁ ବିଶ୍ରାମ ଦିଆଯାଇଛି। ବିଶ୍ୱକପ୍ ପାଇଁ ରିଜର୍ଭ ଖେଳାଳି ରହିଥିବା ମହମ୍ମଦ ଶାମି ଏ ପର୍ଯ୍ୟନ୍ତ କୋଭିଡ୍‌ରୁ ସୁସ୍ଥ ହୋଇନାହାନ୍ତି। ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ପାଇଁ ଉପଲବ୍ଧ ହେବେ ନାହିଁ। ତାଙ୍କ କ୍ୟାରିୟର ଇକୋନୋମି ରେଟ୍ ୯.୦୫ ରହିଛି। ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଆଭରେଜ ଓଭର ପିଛା ୧୨ରନ ରହିଥିଲା। ଦୀପକ ଚହର ମଧ୍ୟ ବିଶ୍ୱକପ୍ ପାଇଁ ଷ୍ଟାଣ୍ଡବାଇ ରହିଛନ୍ତି। ପୂର୍ବ ସିରିଜରେ ତାଙ୍କୁ ଗୋଟିଏ ହେଲେ ଗେମ୍‌ରେ ଖେଳିବା ଲାଗି ସୁଯୋଗ ମିଳି ନ ଥିଲା। ଦଳ ଯଦି ଏହାର ପେସ୍ ବୋଲରଙ୍କୁ ରୋଟେଟ କରିବାକୁ ଚାହିଁବ ତା'ହେଲେ ହୁଏତ ତାଙ୍କୁ ଗୋଟିଏ ଗେମ୍‌ରେ ସୁଯୋଗ ମିଳିପାରେ। ସ୍ଲଗ ଓଭରରେ ଅର୍ଶଦୀପ ସିଂ ଓ ଯଶପ୍ରୀତ ବୁମ୍‌ରାଙ୍କ ଯୋଡ଼ି ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା। ଇଞ୍ଜୁରିରୁ ଫେରିଥିବା ଯଶପ୍ରୀତ ବୁମ୍‌ରା ସମ୍ପୂର୍ଣ୍ଣ ରିଦିମ ଫେରିପାଇବା ଲାଗି ଉଦ୍ୟମ କରିବେ। ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ନିର୍ଣ୍ଣାୟକ ମ୍ୟାଚ୍‌ରେ ଯୁଜବେନ୍ଦ୍ର ଚହଲ ଦେଖାଇଦେଲେ ଯେ, ଯଦି ବଲ୍ ଟର୍ନ କରେ ତାଙ୍କ ବୋଲିଂ ପ୍ରଭାବୀ ହେବ। ବିରାଟ କୋହଲି ଓ ରୋହିତ ଫର୍ମରେ ଥିବାଭଳି ମନେ ହେଉଛନ୍ତି। ବିଶ୍ୱକପ୍ ପାଇଁ ମନୋନୀତ ହୋଇଥିବା ଦୀପକ ହୁଡା ପିଠିରେ ସମସ୍ୟା ଯୋଗୁ ମଧ୍ୟ ଏହି ସିରିଜରେ ଖେଳିପାରୁନାହାନ୍ତି। ହୁଡାଙ୍କ ସ୍ଥାନରେ ଶ୍ରେୟସ ଆୟାରଙ୍କୁ ସ୍ଥାନ ମିଳିପାରେ। ଅଷ୍ଟ୍ରେଲିଆରେ ଖେଳାଯିବାକୁଥିବା ବିଶ୍ୱକପ୍‌ରେ ଏକ ଗ୍ରୁପ୍ ଗେମ୍‌ରେ ଦକ୍ଷିଣ ଆଫ୍ରିକା ଓ ଭାରତ ପରସ୍ପରକୁ ଭେଟିବେ। 'ଅଷ୍ଟ୍ରେଲିଆର ପିଚ୍‌ଗୁଡ଼ିକ ହେଉଛି ଭିନ୍ନ ଏବଂ ଗ୍ରାଉଣ୍ଡ ଆକାର ମଧ୍ୟ ବହୁତ ବଡ଼। ଜଣେ ବୋଲରଙ୍କୁ ସ୍ଥାନୀୟ କଣ୍ଡିଶନକୁ ଦୃଷ୍ଟିରେ ରଖି ବୋଲିଂ କରିବାକୁ ପଡ଼ିବ। ଭାରତୀୟ ବ୍ୟାଟରମାନଙ୍କୁ ବୋଲିଂ କରିବା ଏକ ବଡ଼ ସୁଯୋଗ ବୋଲି ଦକ୍ଷିଣ ଆଫ୍ରିକା ବୋଲର ଟାବ୍ରେଜ୍ ଶାମ୍‌ସି ପ୍ରକାଶ କରିଛନ୍ତି। ଯୁବ ଖେଳାଳି ଟ୍ରିଷ୍ଟିଆନ୍ ଷ୍ଟବ୍ସଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଫ୍ରାଞ୍ଚାଇଜ୍ କ୍ରିକେଟରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ତାଙ୍କୁ ବିଶ୍ୱକପ୍ ଦଳରେ ସ୍ଥାନ ମିଳିଛି।


ଆଲୋଚନାରତ ଅଧିନାୟକ ରୋହିତ ଶର୍ମା ଓ କୋଚ୍ ରାହୁଲ ଦ୍ରାବିଡ।

**ଦକ୍ଷିଣ ଆଫ୍ରିକା ଦଳ:** ଟେମ୍ବା ବାଭୁମା (ଅଧିନାୟକ), କ୍ୱିଣ୍ଟନ ଡି'କକ୍, ବ୍ୟର୍ନ ଫୋର୍ଟୁଇନ୍, ରିଜା ହେଣ୍ଡ୍ରିକ୍ସ, ହେନ୍‌ରିକ୍ କ୍ଲାସେନ, ମାର୍କୋ ଜାନ୍‌ସେନ୍, କେଶବ ମହାରାଜ, ଏଡେନ ମାରକ୍ରମ, ଡେଭିଡ୍ ମିଲର, ଲୁନ୍‌ଗି ଏନ୍‌ଗିଡି, ଏନ୍‌ରିଚ୍ ନୋର୍ଜେ, ୱେନ ପାର୍ନେଲ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିଅସ, କାଗିସୋ ରାବାଡ଼ା, ରିଲି ରୋସୋ, ଟାବ୍ରେଜ୍ ଶାମ୍‌ସି ଓ ଟ୍ରିଷ୍ଟାନ ଷ୍ଟବ୍ସ।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), କେ.ଏଲ୍. ରାହୁଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟକିପର), ଦୀନେଶ କାର୍ତ୍ତିକ (ଉଇକେଟକିପର), ଆର୍. ଅଶ୍ୱିନ, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ହର୍ଷଲ ପଟେଲ, ଦୀପକ ଚହର ଓ ଯଶପ୍ରୀତ୍ ବୁମ୍‌ରା।

**ମ୍ୟାଚ ଆରମ୍ଭ : ସନ୍ଧ୍ୟା ୭ଟା**

# ଗାଭାସ୍କରଙ୍କୁ ଏସ୍‌ଜେଏଫ୍‌ଆଇ ପଦକ, ଶାସ୍ତ୍ରୀ ସମ୍ମାନିତ

**ଥିରୁଭାନନ୍ତପୁରମ, ୨୭।୯ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟର ଦୁଇ କିମ୍ବଦନ୍ତୀ ସୁନୀଲ ଗାଭାସ୍କର ଓ ରବି ଶାସ୍ତ୍ରୀ ମଙ୍ଗଳବାର ଏଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏସଜେଏଫ୍‌ଆଇ)ର ବିଶେଷ ସମ୍ମାନ ଗ୍ରହଣ କରିଛନ୍ତି। ଏସ୍‌ଜେଏଫ୍‌ଆଇ ପକ୍ଷରୁ ପ୍ରତିବର୍ଷ କିଛି କିମ୍ବଦନ୍ତୀ ଖେଳାଳିଙ୍କୁ ସମ୍ମାନିତ କରାଯାଇଥାଏ। ମାତ୍ର ପୂର୍ବରୁ ଘୋଷଣା ହୋଇଥିଲେ ମଧ୍ୟ ସୁନୀଲ ଗାଭାସ୍କର ଓ ରବି ଶାସ୍ତ୍ରୀଙ୍କୁ କରୋନା ମହାମାରୀ କାରଣରୁ ଏହି ସମ୍ମାନ ପ୍ରଦାନ ପାଇଁ ଉତ୍ସବର ଆୟୋଜନ କରାଯାଇ ପାରି ନ ଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଟି୨୦ ମ୍ୟାଚ ପାଇଁ ଟେଲିଭିଜନ ଭାଷ୍ୟକାର ଭାବରେ ଦୁହେଁ ଏଠାରେ ଉପସ୍ଥିତ ଥିବାରୁ ଅଳ୍ପ ସମୟର ପ୍ରସ୍ତୁତିରେ ଏହି ଉତ୍ସବ ଆୟୋଜନ ହୋଇଥିଲା। ରବି ଶାସ୍ତ୍ରୀଙ୍କୁ ତାଙ୍କ ମିଡିଆରେ ଅବଦାନ ସକାଶେ ଏସ୍‌ଜେଏଫ୍‌ଆଇର ଆଜୀବନ ସଦସ୍ୟ ଭାବେ ଗ୍ରହଣ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗତ ୩ ବର୍ଷ ଧରି ଏସ୍‌ଜେଏଫ୍‌ଆଇ ଦେଶର ପ୍ରମୁଖ ଖେଳାଳିଙ୍କୁ ଏକ ସ୍ୱତନ୍ତ୍ର ସ୍ୱର୍ଣ୍ଣ ପଦକ ପ୍ରଦାନ କରୁଛି। ପୂର୍ବରୁ ବିଜୟ ଅମୃତରାଜ ଓ ପ୍ରକାଶ ପାଦୁକୋନଙ୍କୁ ଏହା ପଦକ ପ୍ରଦାନ କରାଯାଇଥିବା ବେଳେ ମଙ୍ଗଳବାର ଏହାକୁ ଗ୍ରହଣ କରିଥିଲେ ସୁନୀଲ ଗାଭାସ୍କର। ଏଥିସହ ଏସ୍‌ଜେଏଫ୍‌ଆଇର ଆଜୀବନ ସଦସ୍ୟ ଭାବେ ମଧ୍ୟ ତାଙ୍କୁ ଗ୍ରହଣ କରାଯିବା ବିଷୟ ଘୋଷଣା ହୋଇଥିଲା। ଏସ୍‌ଜେଏଫ୍‌ଆଇର ସଭାପତି ଏ. ବିନୋଦ, ଉପ ସଭାପତି ସମ୍ବିତ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ କେନି, ଆର କୌଶିକ, ଏସ. ସବାନାୟକନ, ଜି. ବିଶ୍ୱନାଥ, ଦେବେନ୍ଦ୍ର ପାଣ୍ଡେ, ନିଲେଶ ଦେଶପାଣ୍ଡେ ଏବଂ ସୁପ୍ରଭାତ ଆଦିଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭାରତୀୟ କ୍ରିକେଟ ବୋର୍ଡର ପୂର୍ବତନ ସମ୍ପାଦକ ଏସ.କେ. ନାୟାର ଗାଭାସ୍କର ଓ ଶାସ୍ତ୍ରୀଙ୍କୁ ସମ୍ମାନ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ ଉଭୟ ଗାଭାସ୍କର ଓ ଶାସ୍ତ୍ରୀ ସେମାନଙ୍କ ଜୀବନରେ କ୍ରୀଡ଼ା ସାମ୍ବାଦିକଙ୍କର ରହିଥିବା ବିଶେଷ ଭୂମିକା ବାବଦରେ ପ୍ରକାଶ କରିଥିଲେ। କ୍ରୀଡ଼ା ସାମ୍ବାଦିକ ଓ ଖେଳାଳିଙ୍କ ମଧ୍ୟରେ ପୂର୍ବରୁ ପ୍ରଚଣ୍ଡ ବିଶ୍ୱାସ ଥିଲା। ହେଲେ ବର୍ତ୍ତମାନ ସେହି ବିଶ୍ୱାସ କମୁଛି ବୋଲି ଗାଭାସ୍କର କହିବା ସହ ଦେଶରେ ଖେଳର ପ୍ରକୃତ ବିକାଶ ପାଇଁ ଖେଳାଳି, କ୍ରୀଡ଼ା ପ୍ରଶାସକ ଏବଂ କ୍ରୀଡ଼ା ସାମ୍ବାଦିକ ଏକାଠି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।


ସମ୍ମାନିତ ହେବା ଅବସରରେ ସୁନୀଲ ଗାଭାସ୍କର ଓ ରବି ଶାସ୍ତ୍ରୀ।

# ଭାରତ ଏ'ର କ୍ଲିନ୍ ସୁଇପ୍

**ଚେନ୍ନାଇ, ୨୭।୯ (ପି.ଟି.):** ଶାର୍ଦ୍ଦୂଳ ଠାକୁରଙ୍କ ଦ୍ରୁତ ୫୧ (୩୩ ବଲ୍) ଏବଂ ପଦାର୍ପଣକାରୀ ରାଜ୍ ଅଙ୍ଗଦ ବାୱା(୪/୧୧)ଙ୍କ ଚମତ୍କାର ବୋଲିଂ ଯୋଗୁ ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ତୃତୀୟ ଅନ୍ ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ଭାରତ ଏ' ୧୦୬ ରନରେ ଜିତିନେଇଛି। ଏଥିସହିତ ଦଳ ୩ ମ୍ୟାଚ ବିଶିଷ୍ଟ ସିରିଜ ୩-୦ କ୍ଲିନ୍ ସୁଇପ୍ ବିଜୟ ହାସଲ କରିଛି। ଟସ୍ ଜିତି ଭାରତ ବ୍ୟାଟିଂ ନେବା ପରେ ଅଧିନାୟକ ସଞ୍ଜୁ ସାମ୍‌ସନ (୬୮ବଲ୍‌ରୁ ୫୪ରନ) ଓ ତିଳକ ବର୍ମା (୬୨ବଲ୍‌ରୁ ୫୦) ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ମାତ୍ର ଲୋୟର ଅର୍ଡରରେ ଠାକୁରଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ଭାରତ ୪୯.୩ ଓଭରରେ ଅଲଆଉଟ ହୋଇଯାଇଥିଲା। ଠାକୁର ତାଙ୍କ ଆମୋଦଦାୟକ ୩୩ ବଲ୍‌ର ଇନିଂସରେ ୪ ଚୌକା ଓ ୩ ଛକା ଲଗାଇଥିଲେ। ବିଜୟ ପାଇଁ ୨୮୫ ରନ ପିଛା କରୁଥିବା ଚାଦ୍ ବାଓଜ୍ (୨୦) ଓ ଡେନ୍ କ୍ଲିଭର (୮୯ବଲ୍‌ରୁ ୮୩) ଭଲ ଆରମ୍ଭ ଦେଇଥିଲେ ମଧ୍ୟ ଭ୍ରମଣକାରୀ ଦଳ ୩୮.୩ ଓଭରରେ ଅଲ୍‌ଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର:** ଭାରତ 'ଏ': ୪୯.୩ ଓଭରରେ ୨୮୪ ଅଲଆଉଟ (ସଞ୍ଜୁ ସାମ୍‌ସନ-୫୪, ଶାର୍ଦ୍ଦୂଳ ଠାକୁର-୫୧, ତିଳକ ବର୍ମା-୫୦, ମିଚେଲ ରିପନ-୨/୪୩, ଜାକବ ଡୁଫି-୨/୪୫)। ନ୍ୟୁଜିଲାଣ୍ଡ 'ଏ': ୩୮.୩ ଓଭରରେ ୧୭୮/ଅଲଆଉଟ (ଡେନ୍ କ୍ଲିଭର-୮୩, ରାଜ ଅଙ୍ଗଦ ବାୱା-୪/୧୧, କୁଳଦୀପ ଯାଦବ-୨/୨୯, ରାହୁଲ ଚହର-୨/୩୯)।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ବାଲ୍ୟ ବିବାହ ସଚେତନତା ଶିବିର**

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ବିରେଶକେଲାଠାରେ ବାଲ୍ୟ ବିବାହ ନିୟନ୍ତ୍ରଣ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବୋଡେନ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମହିଳା ପରିଦର୍ଶିକା ଜୟଶ୍ରୀ ପ୍ରଧାନ, ବିରେଶକେଲା ଅଙ୍ଗନୱାଡି କର୍ମୀ ଚଞ୍ଚଳା ମହାନନ୍ଦ ଓ ନର୍ମଦା ତାଣ୍ଡି, ଆଶା କର୍ମୀ କାନ୍ତି ନାଏକ ଓ ତାରାଦୀପ ପାଣ୍ଡେ, ଯାଞ୍ଚ କମିଟି ଓ ମାତୃ କମିଟି ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, କିଶୋରୀ ବାଳିକା, ସ୍କୁଲ ଛାତ୍ରୀଙ୍କ ସହ ଭଇଁସାଦାନୀ ପଞ୍ଚାୟତ ଅଧୀନ ଅଙ୍ଗନୱାଡି କର୍ମୀମାନେ ଯୋଗଦେଇଥିଲେ। ବାଲ୍ୟ ବିବାହ ଯୋଗୁ ଉପୁଜୁଥିବା ସମସ୍ୟା ତଥା ବାଲ୍ୟ ବିବାହ ନିରୋଧ ଆଇନ ଉପରେ ଆଲୋଚନା କରାଯାଇଥିଲା।

## ସଂକ୍ଷେପରେ

### କରୁଆଁଝର-ଚୋରମରା ରାସ୍ତା ଶୋଚନୀୟ



ଦେଓଗାଁ,୨୭।୯(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ କରୁଆଁଝରରୁ ଚୋରମରା ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତାଟି ପୂର୍ତ୍ତ ବିଭାଗ ଅଧିନରେ ରହିଛି। ପାଞ୍ଚ ବର୍ଷ ତଳେ ଏହି ରାସ୍ତା ପିଚୁ କାମ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତାରୁ ପିଚୁ ଉଠି ଯାଇ ଯିବାଆସିବାରେ ସମସ୍ୟା ସୃଷ୍ଟି କରୁଛି। ଚୋରମରା, ଅଫାମରା, କନକପୁର ଗ୍ରାମର ଛାତ୍ରୀଛାତ୍ରକରୁଆଁଝର ହାଇସ୍କୁଲକୁ ପଢିବାକୁ ଗଲାବେଳେ ହଟହଟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି ।

### ମେଘା ଲିଫ୍ଟ ପ୍ରକଳ୍ପ ପାଇଁ ୭୮.୨୬ କୋଟି ମଞ୍ଜୁରି

କେସିଙ୍ଗା,୨୭।୯(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ଓ ନର୍ଲା ବ୍ଲକର ବିଭିନ୍ନ ଅଞ୍ଚଳରେ ଜଳସେଚନ ସୁବିଧା ନାହିଁ। ଫଳରେ ଚାଷୀମାନେ ରାଜ୍ୟ ବାହାରକୁ ଦାଦନ ଖଟି ଯାଇ ମୃତ୍ୟୁ ମୁଖରେ ପଡୁଥିଲେ। ଏହି ସବୁ ସମସ୍ୟା ନେଇ ନର୍ଲା ବିଧାୟକ ବିଧାୟକ ଭୁପିନ୍ଦର ସିଂହ ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ସବୁକୁ ବିଚାରି କରି କେସିଙ୍ଗା ବ୍ଲକ ସାଲେଭଟା ଗ୍ରାମରେ ଏକ 'ମେଘା ଲିଫ୍ଟ' ପ୍ରକଳ୍ପ ମଞ୍ଜୁରି କରି ୭୮.୨୬ କୋଟି ଦେଇଛନ୍ତି। ଏହି ମେଘା ଲିଫ୍ଟ ପ୍ରକଳ୍ପ ଦ୍ୱାରା କେସିଙ୍ଗା, କର୍ଲାମୁଣ୍ଡା ଏବଂ ନର୍ଲା ବ୍ଲକର ବିଭିନ୍ନ ଅଞ୍ଚଳର ୧୫୦୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରିବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜଳସମ୍ପଦ ମନ୍ତ୍ରୀ ଓ ନର୍ଲା ବିଧାୟକଙ୍କୁ କେସିଙ୍ଗା ତଥା ନର୍ଲା ବ୍ଲକର କୃଷକ ସମୂହ ଓ ଜନସାଧାରଣଙ୍କ ପକ୍ଷରୁ ଧନ୍ୟବାଦ ଜଣାଇଛନ୍ତି।

### ସ୍ୱଚ୍ଛତାରେ ବଲାଙ୍ଗୀର ରେଳଷ୍ଟେଶନ ପୁରସ୍କୃତ

ବଲାଙ୍ଗୀର ଅଫିସ, ୨୭।୯: ରାଜ୍ୟର ବୃହତ୍ ରେଳଷ୍ଟେଶନ ବର୍ଗର ସ୍ୱଚ୍ଛତା ବିଭାଗରେ ବଲାଙ୍ଗୀର ରେଳଷ୍ଟେଶନକୁ ରାଜ୍ୟସ୍ତରରେ ପ୍ରଥମ ପୁରସ୍କାର ମିଳିଛି। ବଲାଙ୍ଗୀର ରେଳଷ୍ଟେଶନ ଏବେ ରାଜ୍ୟର ସବୁଠୁ ପରିଷ୍କାର ଏବଂ ସ୍ୱଚ୍ଛ ଷ୍ଟେଶନ ମାନ୍ୟତା ପାଇଛି। ପୂର୍ବତଟ ରେଳବିଭାଗ ଜେନେରାଲ ମ୍ୟାନେଜର ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଖବର ଜଣାପଡିବା ପରେ ଷ୍ଟେଶନ ପ୍ରବନ୍ଧକ ସୁରେଶ ଚନ୍ଦ୍ର ଦାସ, ସ୍ୱାସ୍ଥ୍ୟ ନିରୀକ୍ଷକ ଅମର ସିଂ ଓ ବାଣିଜ୍ୟ ନିରୀକ୍ଷକ ଭାସ୍କର ଚନ୍ଦ୍ର ମାର୍ଥାଙ୍କ ସହ ଅନ୍ୟ ରେଲୱେ କର୍ମଚାରୀଙ୍କୁ ଡିଆର୍‌ୟୁସିସି ସଭ୍ୟ ମନୋରଞ୍ଜନ ସାହୁ ଅଭିନନ୍ଦନ ଜଣାଇଛନ୍ତି। ଭୁବନେଶ୍ୱରଠାରେ ୬୭ତମ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି।

# ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘର୍ଷ ସମିତି

**ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ**

- ମନ୍ତ୍ରୀ ପ୍ରଦୀପ ଅମାତ, ଟୁକୁନୀ ସାହୁଙ୍କୁ ଦାବିପତ୍ର ପ୍ରଦାନ
- ଅଧିଗୃହୀତ ଜମିରେ କାମ କରିବା ଉପରେ ଗୁରୁତ୍ୱ
- ମନ୍ତ୍ରୀ କହିଲେ ଚାରିଛକ ପର୍ଯ୍ୟନ୍ତ ସରିଛି ଜମି ଅଧିଗ୍ରହଣ

ବଲାଙ୍ଗୀର ଅଫିସ,୨୭।୯

ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ କାମ ତ୍ୱରାନ୍ୱିତ ହୋଇପାରୁନାହିଁ। ବର୍ଷ ବର୍ଷ ହେଲା ଏହି ପ୍ରକଳ୍ପ ପାଇଁ ଅନୁଦାନ ଘୋଷଣା କରାଯାଉଥିଲେ ମଧ୍ୟ ପ୍ରକଳ୍ପ କାମ ଆଗଉ ନାହିଁ। ବିଭିନ୍ନ ବାହାନାବାଜି କରାଯାଇ ରେଳପ୍ରକଳ୍ପ କାମକୁ ଘୋର ଅବହେଳା କରାଯାଉଛି। ଏହି ପ୍ରକଳ୍ପ ତ୍ୱରାନ୍ୱିତ କରିବା ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦିଅନ୍ତୁ ବୋଲି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ପକ୍ଷରୁ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସଠାରେ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ର ଦିଆଯିବା ସମୟରେ ଜଳସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ପାଟଣାଗଡ ବିଧାୟକ ସରୋଜ କୁମାର ମେହେର, ଜିଲା ପରିଷଦ ସଭାପତି ଦେବକୀ ସାହୁ ଉପସ୍ଥିତ ଥିଲେ।

ସଂଘର୍ଷ ସମିତି ଆବାହକ ଗୋପାଳଜୀ ପାଣିଗ୍ରାହୀ ଓ ସଂଯୋଜକ ଭବାନୀ ଶଙ୍କର ଶତପଥୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମନ୍ତ୍ରୀ ଅମାତଙ୍କୁ ଭେଟି ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ବିଭିନ୍ନ ସମସ୍ୟା କିଭଳି ଦୂର ହୋଇ କାମ ତ୍ୱରାନ୍ୱିତ ହେବ ସେ ଉପରେ ଆଲୋଚନା କରିଥିଲେ। ପ୍ରତିନିଧିମାନେ କହିଥିଲେ ଯେ, ଯେତିକି ଅନୁଦାନ ଆସୁଛି ତାହା ଖର୍ଚ୍ଚ ହୋଇପାରୁନାହିଁ। ଜଙ୍ଗଲ ଜମି ଅନୁମତି ନ ମିଳିବାର ନାଁରେ ପ୍ରକଳ୍ପ କାମ ବନ୍ଦ ପଡିଛି। ଆନୁସଙ୍ଗିକ କାମ ବି କରାଯାଉନାହିଁ। ଯେତିକି ଜମି ଅଧିଗ୍ରହଣ ସରିଛି ବୋଲି କୁହାଯାଉଛି ସେହି ଜମିରେ ରେଳପଥ ନିର୍ମାଣ ହେଉନାହିଁ। କାମ କରିବା ଦିଗରେ ରେଳବିଭାଗର ଆନ୍ତରିକତା ନାହିଁ ବୋଲି କହିଥିଲେ। ଜମି ଅଧିଗ୍ରହଣ ସମସ୍ୟା ଦୂର କରିବାରେ ସରକାରଙ୍କ ଆନ୍ତରିକତା ନାହିଁ ବୋଲି କହିଥିଲେ। ତୁରନ୍ତ ରେଳବିଭାଗ ଜେନେରାଲ ମ୍ୟାନେଜରଙ୍କୁ ଡାକି ଏଦିଗରେ ସମୀକ୍ଷା କରିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମନ୍ତ୍ରୀ ଅମାତ ବଲାଙ୍ଗୀର ପଟରୁ ବୌଦ୍ଧ ଜିଲା ଚାରିଛକ ଯାଏ ଜମି ଅଧିଗ୍ରହଣ ସରିଛି ବୋଲି କହିଥିଲେ। ତେବେ କାମ କାହିଁକି ହେଉନାହିଁ ବୋଲି ପ୍ରତିନିଧି ମଣ୍ଡଳୀ ପ୍ରଶ୍ନ କରିଥିଲେ। ଖୁବ୍ ଶୀଘ୍ର ରେଳବିଭାଗର ଏକ ଏକ ସମୀକ୍ଷା ବୈଠକ ଡାକିବେ ବୋଲି କହିଥିଲେ। ଜଙ୍ଗଲ ଜମି ଉପରେ ମଧ୍ୟ ଶୀଘ୍ର ଅନୁମତି ମିଳିଯିବ ଓ କାମ ତ୍ୱରାନ୍ୱିତ ହେବ ବୋଲି ମନ୍ତ୍ରୀ ଅମାତ କହିଥିଲେ। ସଂଘର୍ଷ ସମିତି ପ୍ରତିନିଧି ମଣ୍ଡଳୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଭାକର ମିଶ୍ର, ମନୋରଞ୍ଜନ ମିଶ୍ର, ଆକ୍ସନ କମିଟି ସଭାପତି ମୁନା ପଟ୍ଟନାୟକ, ରବି ଖମାରୀ, ପ୍ରମୋଦ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସଂଘର୍ଷ ସମିତି ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ମିର୍ଦ୍ଧାପଡ଼ାବାସୀ

ଦେଓଗାଁ, ୨୭।୯(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଲଣ୍ଡାପଥର ପଞ୍ଚାୟତ ଝିକେରମାଲ ମିର୍ଦ୍ଧପଡାବାସୀ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ବର୍ତ୍ତମାନ ଏହି ପଡାରେ ଗୋଟିଏ ବି ଆବାସ ଘର ଦେଖିବାକୁ ମିଳୁନାହିଁ। ସତେ ଯେପରି ମୌଳିକ ସୁବିଧାରୁ ବଞ୍ଚିତ ଓ ଅବହେଳିତ ଏହି ପଡାବାସୀ। ଆଜି ବି ପିଇବା ପାଣିପାଇଁ ଏହି ପଡାବାସୀ ଡହକବିକଳ ହେଉଛନ୍ତି। ଗୋଟିଏ ନଳକୂପ ହିଁ ଏମାନଙ୍କ ଭରସା ପାଲଟିଛି। ଏହି ଗାଁକୁ ଯିବାପାଇଁ ସ୍ଥାୟୀ ରାସ୍ତା ନାହିଁ। ପଡାବାସୀ ରାସ୍ତା ପାଇଁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ଯାଏ ଦୀର୍ଘବର୍ଷ ଧରି ଅଭିଯୋଗ କରିଆସୁଥିଲେ ମଧ୍ୟ କୌଣସି ସୁଫଳ ପାଇପାରୁ ନ ଥିବା ପଡାବାସୀ ଅଭିଯୋଗ କରିଛନ୍ତି। ୨୦୧୮ ମସିହାରେ ତତ୍କାଳୀନ ଜିଲାପାଳ ଅରିନ୍ଦମ ଡାକୁଆ ପଡାବାସୀଙ୍କୁ ରାସ୍ତା ଓ ପକ୍କାଘରର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇ ବ୍ଲକ ପ୍ରଶାସନକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପ୍ରତିଶ୍ରୁତି ଏଯାଏ ପୂରଣ ହୋଇପାରିଲା ନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ପଡାବାସୀ ଦାବି କରିଛନ୍ତି।

# ମିଳିତ ଶିକ୍ଷକ ସଂଘ ବୈଠକ



ବିଇଓଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଉଛି ।

**ବିଇଓଙ୍କୁ ୫ଦଫା ଦାବିପତ୍ର ପ୍ରଦାନ**

ଲୋଇସିଂହା,୨୭।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନରେ ବ୍ଲକ ମିଳିତ ଶିକ୍ଷକ ସଂଘର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି କରୁଣାକର ପଟେଲ ଅଧ୍ୟକ୍ଷତା କରିଥିଲେ । ଅକ୍ଟୋବରୁ ୨୮ରୁ ୩୦ତାରିଖ ପର୍ଯ୍ୟନ୍ତ ୩ୟରୁ ୯ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବେସଲାଇନ ଟେଷ୍ଟ ପରୀକ୍ଷା କରିବାକୁ ଓସେପାର ନିର୍ଦ୍ଦେଶ ରହିଛି। ସରକାରଙ୍କ ପତ୍ର ଅନୁସାରେ କ୍ଲଷ୍ଟରସ୍ତରରେ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ। ମାତ୍ର ଅଦ୍ୟାବଧି ବ୍ଲକଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ କୌଣସି ପତ୍ର ବିନିମୟ ହୋଇନାହିଁ । ଫଳରେ ବେଇଲାଇନ ଟେଷ୍ଟ ନେଇ ଅନିଶ୍ଚିତତା ଦେଖା ଦେଇଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ଗତ ୧୩ ଜୁନରେ ମିଳିତ ଶିକ୍ଷକ ସଂଘ ବିଇଓଙ୍କୁ ସାକ୍ଷାତ କରି ଆଲୋଚନା କରିବାକୁ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେହିଦିନ ବିଇଓ ଅନୁପସ୍ଥିତ ଥିବାରୁ ଏବିଓ ରାଏ ଭୋଇ ଏବଂ ମୁଖ୍ୟ କିରାଣୀଙ୍କୁ ଭେଟି ଆଲୋଚନା କରିଥିଲେ। ବିଇଓଙ୍କ ସହ ଆଲୋଚନା ପାଇଁ ଏକ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ପାଇଁ ଅନୁରୋଧ କରାଯାଇଥିଲା। ଇତିମଧ୍ୟରେ ୩ ମାସ ପରେ ମଧ୍ୟ ବିଇଓ ସମୟ ଦେଇ ପାରି ନ ଥିବରୁ ମିଳିତ ସଂଘ କ୍ଷୋଭ ପ୍ରକାଶ କରିଛି। ମିଳିତ ସଂଘ ପକ୍ଷରୁ ସମସ୍ତ ବର୍ଗର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଆଲୋଚନା ପାଇଁ ବିଇଓଙ୍କୁ ଆହ୍ୱାନ ଦିଆଯାଇଛି। ଶିକ୍ଷକମାନଙ୍କ ଏନଓସି, ଏମଏସିପି ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ଏନଡିସି କାର୍ଯ୍ୟରେ ଅହେତୁକ ବିଳମ୍ବ କରାଯାଉଛି। ବିଭାଗ ଜାଣିଶୁଣି ଏପରି କରୁଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରାଥମିକ ବିଦ୍ୟାଳୟରୁ ଉଚ୍ଚ ବିଦ୍ୟାଳୟକୁ ଶିକ୍ଷକ ଡେପୁଟେଶନ ବନ୍ଦ କରିବା ଉପରେ ଆଲୋଚନା କରାଯାଇଥିଲା। ବୈଠକ ପରେ ସଭାପତି ପଟେଲଙ୍କ ନେତୃତ୍ୱରେ ସଂଘର ପର୍ଶୁରାମ ସୁନା, ଲଳିତମୋହନ ପୁଟା, ସତ୍ୟନାରାୟଣ ପଧାନ, ସୁଖିଶ୍ୟାମ ମୁଦୁଲି, ସନ୍ତୋଷ କୁମାର ପୁଟେଲ, ଚିନ୍ତାମଣୀ ବାରିକ ପ୍ରମୁଖ ବିଇଓ ରୀନା ବେହେରାଙ୍କୁ ଭେଟି ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଗୁରୁ ଘାସିଦାସ ବାବାଙ୍କ ଅବତରଣ ଦିବସ, ଧ୍ୱଜାରୋହଣ

କୋକସରା,୨୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଧନସରାଠାରେ ସତନାମୀ ସମାଜ ପକ୍ଷରୁ ଗୁରୁ ଘାସିଦାସ ବାବାଙ୍କ ୨୬୫ତମ ଅବତରଣ ଦିବସ ଓ ସତନାମ ବାର୍ଷିକ ଦଶହରା, ଜୈତ ସ୍ତମ୍ଭରେ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ ଓ ଘୁମୁରା ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ ବିଧାୟକ ମୌଷଧି ବାଗ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ସତନାମୀ ସେବା ସଂଘ ସଭାପତି ପଦ୍ମଲାଲ ସତନାମୀ, କଳାହାଣ୍ଡି ସତନାମୀ ସେବା ସଂଘ କୁଳପତି ଧରମ ସାଗର, କାଶିବାହାଲ ସରପଞ୍ଚ ପୁଷ୍ପାଞ୍ଜଳୀ ନାଏକ, ସମିତି ସଭ୍ୟ ଗଜାନନ ନିଆଲ, ଚିନ୍ତାମଣି ସତନାମୀ ପ୍ରମୁଖ ଯୋଗଦେଇଥିଲେ। ଘୁମୁରା ପ୍ରତିଯୋଗୀତାରେ ୯ଟି ଦଳ ଭାଗ ନେଇଥିଲେ । ଏଥିରେ ମା' ଲଙ୍କେଶ୍ୱରୀ କଳା ପରିଷଦ ଅନ୍ତର୍ଲା ଘୁମରା ଦଳ ପ୍ରଥମ, ମା' ଠାକୁରାଣୀ କଳାପରିଷଦ ପଦ୍ମପୁର ୨ୟ ଓ ମା' ଠାକୁରାଣୀ କଳାପରିଷଦ ବାନେର ଘୁମୁରା ଦଳ ୩ୟ ପୁରସ୍କାର ପାଇଥିଲେ। କର୍ଯ୍ୟକ୍ରମ ଅଧାପକ ଶଙ୍କର ସତନାମୀ ଓ ଜଗତରାମ ସତନାମୀ ପରିଚାଳନା କରିଥିଲେ। ପୂଜା କମିଟି ସଭାପତି କେଶରୀ ସତନାମୀ, ସମ୍ପାଦକ ମୋତିଲାଲ ସତନାମୀ, ବଳରାମ ସତନାମୀ, ଲିଙ୍ଗରାଜ ସତନାମୀ, ପଦ୍ମ କିଶୋର ସତନାମୀ, ଆତ୍ମାରାମ ସତନାମୀ, ପ୍ରମାନନ୍ଦ ସତନାମୀ, ରାଜ କୁମାର ସତନାମୀଙ୍କ ସମେତ ଧନସରା ଗ୍ରାମବାସୀ ସହଯୋଗ କରିଥିଲେ।

## ଅଭିକର୍ତ୍ତା ସଂଘର ଧାରଣା

ଟିଟିଲାଗଡ, ୨୭।୯(ଡି.ଏନ.ଏ.)

ଭାରତୀୟ ଜୀବନ ବୀମା ନିଗମ ଅଭିକର୍ତ୍ତା ସଂଘ ତରଫରୁ ବୀମା ନିୟାମକ ପ୍ରବନ୍ଧକ ତଥା ଆଇଆରଡିଏର ପ୍ରସ୍ତାବିତ ଅଭିକର୍ତ୍ତାମାରଣ ନୀତି ବିରୋଧରେ ସର୍ବଭାରତୀୟସ୍ତରରେ ସମସ୍ତ ବୀମା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇଛି। ଟିଟିଲାଗଡ ଜୀବନ ବୀମା କାର୍ଯ୍ୟାଳୟ ଏବଂ କଣ୍ଟାବାଞ୍ଜି ଏସଓଠାରେ ସଂଘ ତରଫରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘ ସଭାପତି ବୁଲବୁଲ ମେହେରଙ୍କ ନେତୃତ୍ୱରେ ଟିଟିଲାଗଡ, ସଇଁତଳା, ବେଲଗାଁ, ସିନ୍ଧେକେଲା ଅଞ୍ଚଳର ଅଭିକର୍ତ୍ତାମାନେ କଳାବ୍ୟାଚ ପରିଧାନ କରି ପ୍ରତିବାଦ କରିଥିଲେ। ବୀମା କ୍ଷେତ୍ରରେ ସଂସ୍କାର ଆଣିବା ଆଳରେ ଅଭିକର୍ତ୍ତା ଓ ବୀମାଧାରୀଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ତଥା ବୀମାଶିଳ୍ପକୁ ଧ୍ୱଂସ କଲାଭଳି ବିଭିନ୍ନ ପ୍ରସ୍ତାବ ପାରିତ ହେବାକୁ ଥିବାବେଳେ ଏହାକୁ ସର୍ବଭାରତୀୟସ୍ତରରେ ୧୩ ଲକ୍ଷ ଅଭିକର୍ତ୍ତା ବିରୋଧ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ସଂଘର ପୁଷ୍କର ଖର୍ସେଲ, ନରେନ୍ଦ୍ର ରଣା, ନାରାୟଣ ରଣା, ସୁନ୍ଦର ମନ ସା, ମନୋଜ ଶତପଥୀ, ଜଗଦୀଶ ବେହେରା, ଶେଷଦେବ ପ୍ରଧାନ, ରମେଶ ଅଗ୍ରୱାଲ, କ୍ଷୀରୋଦ ଚନ୍ଦ୍ର ସାହୁ, ଉତ୍ତମ ଦେ ପ୍ରମୁଖଙ୍କ ସହ ବହୁ ଅଭିକର୍ତ୍ତା ସାମିଲ ଥିଲେ।

## ସହରରେ ଅପରାଧ ବୃଦ୍ଧିକୁ ନେଇ ଉଦ୍‌ବେଗ

**ଏସ୍‌ପିଙ୍କୁ ସାକ୍ଷାତ କଲା ନାଗରିକ କମିଟି**

ବଲାଙ୍ଗୀର ଅଫିସ, ୨୭।୯

ବଲାଙ୍ଗୀର ନାଗରିକ କମିଟିର ଏକ ପ୍ରତିନିଧି ଦଳ ମଙ୍ଗଳବାର ଏସ୍‌ପି ନୀତିନ କୁଶଲକରଙ୍କୁ ସାକ୍ଷାତ୍ କରି ସହରରେ ବୃଦ୍ଧି ପାଉଥିବା ଅସାମାଜିକ କାର୍ଯ୍ୟକଳାପ, ଅପରାଧ, ନିଶା କାରବାର ଓ ଟ୍ରାଫିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ପଡାରେ ହତ୍ୟାକାଣ୍ଡ, ଲୁଟ୍‌ପାଟ, ଗଣ୍ଡଗୋଳ ଘଟୁଥିବାରୁ କମିଟି ପ୍ରତିନିଧିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପୋଲିସକୁ ଅପରାଧିମାନେ ଚ୍ୟାଲେଞ୍ଜ କରୁଥିବାରୁ ପୋଲିସ ଅଧିକ କ୍ରିୟାଶୀଳ ହେବାକୁ କହିଥିଲେ। ପାର୍ବଣ ସମୟରେ ଜନଗହଳି ଯୋଗୁଁ ଉପୁଜୁଥିବା ଟ୍ରାଫିକ ଅବ୍ୟବସ୍ଥା ସୁଧାରିବାକୁ ଅନୁରୋଧ କରିଥିଲେ। ପୋଲିସ ପକ୍ଷରୁ ପଟ୍ରୋଲିଂ କରାଯିବା ଏବଂ ଅଧିକ ସଂଖ୍ୟକ ପୋଲିସ ମୁତୟନ କରି ସହରର ଟ୍ରାଫିକ ସମସ୍ୟା ସମାଧାନ କରିବାକୁ କମିଟି ସଦସ୍ୟ ଏସ୍‌ପି ଦୃଷ୍ଟି ଆକର୍ଷଣ କରିଥିଲେ। ଉପରୋକ୍ତ ସମସ୍ୟା ସମାଧାନ କରିବା ଦିଗରେ ପୋଲିସ ଲାଗିଛି ବୋଲି ଏସ୍‌ପି କହିଥିଲେ। ସମସ୍ତ ପୂଜା କମିଟିକୁ ନେଇ ଏକ ଗାଇଡଲାଇନ୍ ପ୍ରସ୍ତୁତ କରିବା ପାଇଁ ମଧ୍ୟ ସେ କହିଥିଲେ। ନାଗରିକ କମିଟି ପକ୍ଷରୁ ସଭାପତି ବେଲାରସିଂଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ରବୀନ୍ଦ୍ର କୁମାର ପଧାନ ଓ ରଘୁନନ୍ଦନ ସିଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କାମ କରି ମଜୁରି ପାଇନାହାନ୍ତି ଶ୍ରମିକ

**ପଞ୍ଚାୟତ କାର୍ଯ୍ୟାଳୟରେ ପକାଇଲେ ତାଲା**

ଖପ୍ରାଖୋଲ, ୨୭।୯(ଡି.ଏନ.ଏ.)

ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଟିଆଭଟା ପଞ୍ଚାୟତ ସାଲେପାଲି ଗାଁର ଶ୍ରମିକମାନେ ମଜୁରି ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ମାଟିଆଭଟା ପଞ୍ଚାୟତ ଅଫିସରେ ସେମାନେ ତାଲା ପକାଇ ଧାରଣରେ ବସିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକ ପଞ୍ଚାୟତରେ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ଶ୍ରମିକମାନେ କାମ ମାଗି ପାରୁ ନାହାନ୍ତି। ଏଥିସହ କାମ କରି ମଧ୍ୟ ପାଉଣା ପାଇବାରେ ଅସୁବିଧା ହେଉଥିବା ଶ୍ରମିକାମାନେ ଅଭିଯୋଗ କରିଥିଲେ। ସାଗାଁର ୩୩ ଜଣ ଶ୍ରମିକ ଟ୍ରେଗର ଟ୍ରେଞ୍ଚ ଖନନ କାମରେ ନିୟୋଜିତ ହୋଇଥିଲେ। ମଷ୍ଟରରୋଲରେ ହାଜିରା ପଡିଛି। ହେଲେ ସେମାନେ ପାଉଣା ପାଇନାହାନ୍ତି। ଆନ୍ଦୋଳନକାରୀ ଶ୍ରମିକଙ୍କୁ ସ୍ଥାନୀୟ ସରପଞ୍ଚ ସନ୍ତୋଷିନୀ ବରିହା ବୁଝାଶୁଝା କଲା ପରେ ଆନ୍ଦୋଳନ ବନ୍ଦ ରହିଥିଲା। ସରପଞ୍ଚ ବରିହାଙ୍କୁ ପଚାରିବାରୁ ପିଇଓ ଓ ଜିଆରଏସ ମୋ ଅଗୋଚରରେ ଫାଇଲ ଖୋଲି କାମ କରୁଥିବାରୁ ଏହି ସମସ୍ୟା ହୋଇଥିବ କହିଛନ୍ତି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।



ଶ୍ରମିକମାନେ କୋଡି, ଛୁଟି ଧରି ପଞ୍ଚାୟତ ଅଫିସ ସମ୍ମୁଖରେ ଧାରଣରେ ବସିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା

**ଯୋଗୀସର୍ଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ**

ଲୋଇସିଂହା,୨୭।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ସଦର ଗ୍ରାମରେ ରହିଛି ସର୍ବପୁରାତନ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ। ବିଦ୍ୟାଳୟରେ ଶିକ୍ଷକ ଅଭାବ ସାଙ୍ଗକୁ ଆବଶ୍ୟକ ଭିତ୍ତିଭୂମି ନାହିଁ। ସେପ୍ଟେମ୍ବର ୨୨ରେ ବିଦ୍ୟାଳୟ ପରିଚାଳନା କମିଟି ବ୍ଲକ ଶିକ୍ଷା ବିଭାଗର ଦ୍ୱାରସ୍ଥ ହେବାରୁ ସୋମବାର ସୁଦ୍ଧା ସ୍କୁଲରେ ଆଉ ଜଣେ ଶିକ୍ଷକଙ୍କୁ ଅବସ୍ଥାପିତ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ବିଭାଗ ପ୍ରତିଶ୍ରୁତି ରଖି ନ ଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ମଙ୍ଗଳବାର ବିଇଓ ଅଫିସରେ ଶିକ୍ଷକ ନିଯୁକ୍ତି ଓ ଭିତ୍ତିଭୂମି ଦାବିରେ ଧାରଣା ଦିଆଯାଇଥିଲା। ପରିଚାଳନା କମିଟି ସଦସ୍ୟ ସାବିତ୍ରୀ କର୍ମୀ, ସବିତା ମହାଲିଙ୍ଗ, ବୀରବର ପଧାନ, ଦୁଃଖି ପଧାନ, ରାଜକିଶୋର ପଧାନ, ସାନନ୍ଦ ସାହୁ, ସୁନୀଲ କରନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଧାରଣା ଦେଇଥିଲେ । ବିଇଓ ରୀନା କୁମାରୀ ବେହେରା ଧାରଣାରତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ ଆଲୋଚନା କରିଥିଲେ । ଦଶହରା ଛୁଟି ପରେ ଏନେଇ ବିଚାର କରାଯିବ ବୋଲି ବିଇଓ ବେହେରା କହିଥିଲେ। ଖୁବ୍‌ଶୀଘ୍ର ବିଦ୍ୟାଳୟରେ ପରିଚାଳନା କମିଟି, ଅଭିଭାବକ, ସରପଞ୍ଚ, ଜିଲା ପରିଷଦ ସଭ୍ୟଙ୍କୁ ନେଇ ଏକ ମିଳିତ ବୈଠକ ବସି ଭିତ୍ତିଭୂମି ସମସ୍ୟା ସମାଧନ ବାଟ ବାହାର କରାଯିବ ବୋଲି କହିବା ପରେ ଧାରଣାରୁ ଓହରିଥିଲେ ଛାତ୍ରୀଛାତ୍ର ଓ ଅଭିଭାବକ ।

୧୮୮୯ରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ୮୨ ଛାତ୍ରୀଛାତ୍ର ପଢୁଛନ୍ତି। ବିଦ୍ୟାଳୟରେ ଜଣେ ମାତ୍ର ପ୍ରଧାନଶିକ୍ଷକ ରହିଛନ୍ତି। ଅନ୍ୟଜଣେ ସହକାରୀ ଶିକ୍ଷକ ଡେପୁଟେଶନରେ ଆସିଛନ୍ତି। ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ସମେତ ବିବିଧ କାମ ସମ୍ପାଦନ କରୁଥିବାବେଳେ ଜଣେ ମାତ୍ର ସହକାରୀ ଶିକ୍ଷକ ୫ଶ୍ରେଣୀର ପିଲାଙ୍କୁ ପାଠ ପଢାଇବା ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷବର୍ଷ ହେଲା ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇ ପଡିଛି। ବିଦ୍ୟାଳୟରେ କେବଳ ଶିକ୍ଷକ ସମସ୍ୟା ଲାଗି ରହିନାହିଁ । ଶ୍ରେଣୀ କୋଠରି ଅଭାବ ରହିଛି। ପାଚେରି ନଥିବାରୁ ବୁଲା ଗୋରୁ ଏବଂ ଅସମାଜିକ ବ୍ୟକ୍ତିଙ୍କ ଅବାଧ ବିଚରଣ ହେଉଥିବା ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ କ୍ଷୋଭର ସହ କହିଛନ୍ତି। ବିଇଓ ଅଫିସକୁ ଆସିଥିବା ପଞ୍ଚମ ଶ୍ରେଣୀ ଛାତ୍ରୀ ପ୍ରତିକ୍ଷା ମିଶ୍ର କହିଛନ୍ତି, ୫ଟି ଶ୍ରେଣୀ ଥିବା ବେଳେ ଜଣେ ମାତ୍ର ଶିକ୍ଷକ ଠିକ୍ ଭାବରେ ପଢାଇ ପାରୁ ନାହାନ୍ତି। ପରିଚାଳନା କମିଟି ସଦସ୍ୟା ସାବିତ୍ରୀ କର୍ମୀ କହିଛନ୍ତି ବହୁତ ପରୁଣା ସ୍କୁଲ । ଏଠି ଶିକ୍ଷକ ଅଭାବ ପାଠପଢାରେ ବ୍ୟାଘାତ ସୃଷ୍ଟି କଲାଣି। ପ୍ରଶାସନକୁ ସମସ୍ୟା ନେଇ ଜଣାଇଛୁ । ହେଲେ କେହି ଶୁଣୁ ନାହାନ୍ତି। ଅବିଳମ୍ବେ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।



ବିଇଓ ଅଫିସରେ ପିଲାମାନେ ଧାରଣାରେ ବସିଛନ୍ତି।

## ବାଲି ଚୋରା ଚାଲାଣ ବେଳେ ୨ ଟ୍ରାକ୍ଟର ଜବତ

ବରପାଲି( ଡି.ଏନ୍.ଏ.): ବାଲି ଚୋରା ଚାଲାଣ ବେଳେ ବରପାଲି ତହସିଲଦାର ୨ଟି ଟ୍ରାକ୍ଟରକୁ ଜବତ କରିଛନ୍ତି। ବରପାଲି ଥାନା ଅଧୀନ କୁମ୍ଭାରୀ ଗ୍ରାମପଞ୍ଚାୟତର ଲାମସରା ବାଲିଘାଟରୁ ଟ୍ରାକ୍ଟରରେ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ତହସିଲଦାର ଅକ୍ଷୟ କୁମାର ବାଗ ଘଟଣାସ୍ଥଳରେ ପହଞ୍ଚି ବାଲି ବୋଝେଇ ୨ଟି ଟ୍ରାକ୍ଟର (ନଂ.ଓଡ଼ି୧୭ଜି/୫୯୯୩ ଓ ଓଡ଼ି୧୭ଭି/୬୭୩୨)ର ଆବଶ୍ୟକ କାଗଜପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କାଗଜପତ୍ର ନ ଥିବା ଏବଂ ବାଲି ଚୋରା ଚାଲାଣ କରୁଥିବାରୁ ସେ ଟ୍ରାକ୍ଟରକୁ ଜବତ କରି ବରପାଲି ଥାନା ଜିମା ଦେଇଥିଲେ।

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ ବ୍ରହ୍ମଚାରିଣୀ ବେଶ



**ବରଗଡ଼ ଅଫିସ୍,୨୭।୯:** ବରଗଡ଼ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ମଙ୍ଗଳବାର ମାଁ ସମଲେଶ୍ୱରୀ ବ୍ରହ୍ମଚାରିଣୀ ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ପୂଜା ସାମଗ୍ରୀ ଧରି ମନ୍ଦିର ଆଗରେ ଲମ୍ବାଧାଡ଼ିରେ ରହିଥିଲେ। ଦେବୀଙ୍କୁ ଦର୍ଶନ କରି ଶ୍ରଦ୍ଧାଳୁମାନେ ନିଜକୁ ଧନ୍ୟ ମଣିଥିଲେ। ପଣ୍ଡିତ ଶିବ ପ୍ରସାଦ ଦାଶ, ଚୂଡ଼ାମଣି ରଥ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ।

### ଦିନ ଦ୍ୱିପ୍ରହରରେ ଲୁଟ୍

**ବରଗଡ଼ ଅଫିସ୍,୨୭।୯:** ବରଗଡ଼ ସହରରେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ମଙ୍ଗଳବାର ଦିନ ଦ୍ୱିପ୍ରହରରେ ୨ଜଣ ଦୁର୍ବୃତ୍ତ ସ୍ଥାନୀୟ ୱାର୍ଡ ନଂ-୧ ଅଧୀନ କେଶବ ନଗରରେ ଲୁଟ୍‌ପାଟ୍ କରିଛନ୍ତି। ସ୍ଥାନୀୟ ସସ୍ମିତା ବେହେରାଙ୍କ ଘରକୁ ଲୁଟେରାମାନେ ପଶି ଭୁଜାଲି ମୁନରେ ସୁନା ଗହଣା, ନଗଦ ଟଙ୍କା ଆଦି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟ୍ ସାମଗ୍ରୀର ପରିମାଣ ୨ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ପରିବାର ଲୋକେ କହିଛନ୍ତି। ଏ ନେଇ ବରଗଡ଼ ଟାଉନ ଥାନାରେ ଏତଲା ହେବା ପରେ ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଛି।

### ଖଣ୍ଡିଝରଣ ଡ୍ୟାମ୍‌ରୁ ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

**ପାଇକମାଳ,୨୭।୯(ଡି.ଏନ୍.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ଖଣ୍ଡିଝରଣ ଡ୍ୟାମ୍‌ରେ ଭାସୁଥିବା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ପୂର୍ବାହ୍ନ ୧୦ଟା ବେଳେ ଜବତ କରିଛି। ମୃତକ ହେଲେ ଶକ୍ତିନଗର କଟାପଡ଼ାର ମହମ୍ମଦ ମୁସ୍ତାକ। ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୧।୨୨) ରୁଜୁ କରି ତଦନ୍ତ କରୁଛି। ଗତ ଦୁଇଦିନ ତଳେ ମୁସ୍ତାକ ଖଣ୍ଡିଝରଣ ଡ୍ୟାମ୍‌କୁ ମାଛ ଧରିବାକୁ ଯାଇ ନିଖୋଜ ଥିଲେ। ଫାୟାର ଟିମ୍, ପୋଲିସ, ସ୍ଥାନୀୟ ଲୋକେ ଏବଂ ଅନୁସନ୍ଧାନୀ କୁକୁର ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ମଙ୍ଗଳବାର ସକାଳେ ଡ୍ୟାମ୍‌ରେ ଏକ ମଅତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପାଇକମାଳ ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣିରୁ ମୃତଦେହ କବତ କରିଥିଲେ।

# ବସ୍‌ରେ କଫ୍ ସିରପ୍ ଚାଲାଣ, କଣ୍ଡକ୍ଟର ଗିରଫ

**ସୋହେଲା,୨୭।୯(ଡି.ଏନ.ଏ)**



ଜବତ କଫ ସିରପ୍, ଯାତ୍ରୀବାହୀ ବସ୍ ଏବଂ ଗିରଫ ଅଭିଯୁକ୍ତ ।

ବରଗଡ଼ ଜିଲାରେ କଫ୍ ସିରପ୍ କାରବାର ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏକ ଯାତ୍ରୀବାହୀ ବସ୍ (ନଂ.ଓଡ଼ି୧୭ସି/୨୫୫୫) ଯୋଗ କଫ୍ ସିରପ୍ ଚାଲାଣ ହେବାବେଳେ ସୋହେଲା ଥାନା ପୋଲିସ ହାତରେ ଧରାପଡ଼ିଛି। ଉକ୍ତ ବସ୍‌ରେ ୭ପେଟିରେ ରହିଥିବା ୭୯୮ବୋତଲ କଫ ସିରପକୁ ପୋଲିସ ଜବତ କରିଛି। ଏହି ଘଟଣାରେ ବସ୍‌ର କଣ୍ଡକ୍ଟର ତଥା ବରଗଡ଼ ଜିଲା ପଦ୍ମପୁର ଥାନା ଗୌଡ଼ପାଲି ଗ୍ରାମର ସରୋଜ କୁମାର ସାହୁ(୪୧)ଙ୍କୁ ଗିରଫ କରାଯାଇଛି। ଏହାସହିତ ସମ୍ପୃକ୍ତ ବସ୍, ୨ଟି ମୋବାଇଲ ଏବଂ ନଗଦ ୨ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୧୯୫/୨୨) ରୁଜୁ ହୋଇଛି। ମଙ୍ଗଳବାର ସୋହେଲା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଦ୍ମପୁର ଏସ୍‌ଡ଼ିପିଓ ବିଭୁତି ଭୂଷଣ ଭୋଇ ଏ ନେଇ ସୂଚନା ଦେଇଛନ୍ତି।

ଏସ୍‌ଡ଼ିପିଓ ଭୋଇ କହିଥିଲେ, ସୋମବାର ସକାଳେ ଭୁବନେଶ୍ୱରରୁ ପଦ୍ମପୁର ଅଭିମୁଖେ ସମ୍ପୃକ୍ତ ଯାତ୍ରୀବାହୀ ବସ୍ ଆସୁଥିଲା। ସେହି ବସ୍ ଯୋଗେ କଫ ସିରପ୍ ଚାଲାଣ ହେଉଥିବା ନେଇ ସୂଚନା ମିଳିଥିଲା। ଏସ୍‌ପି ସ୍ମିଥ୍ ପି. ପରମାରଙ୍କ ନିର୍ଦ୍ଦେଶକ୍ରମେ ସୋହେଲାରେ ପୋଲିସ ଉକ୍ତ ବସ୍‌କୁ ଯାଞ୍ଚ କରିଥିଲା ଏବଂ କଫ୍ ସିରପ୍ ଜବତ କରିଥିଲା। ଗିରଫ ବସ୍ କଣ୍ଡକ୍ଟର ସରୋଜ ସେହି କଫ୍ ସିରପ୍‌କୁ ଭୁବନେଶ୍ୱରରୁ ପଦ୍ମପୁର ଆଣୁଥିଲେ। ପଦ୍ମପୁରର ଫକୀର ଖାନ୍ ଉକ୍ତ କଫ୍ ସିରପ୍‌କୁ ବସ୍‌ରେ ଲୋଡ଼ କରିଥିଲେ ଏବଂ ତାହା ପଦ୍ମପୁରର ସରୋଜ ବାଗଙ୍କ ନାମକ ଜଣେ ଲୋକଙ୍କ ପାଖକୁ ଆସୁଥିବା ଜଣାପଡ଼ିଥିଲା। ଏଥିରେ ବସ୍ କଣ୍ଡକ୍ଟରଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ଡ଼ିପିଓ ଭୋଇ କହିଥିଲେ। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତନାଘନା ଚାଲିଛି। ଆଗକୁ ମଧ୍ୟ ଏଭଳି ଯାଞ୍ଚ ଜାରି ରହିବ ବୋଲି ସେ କହିଥିଲେ। ଏହାସହିତ କଣ୍ଡକ୍ଟରଙ୍କୁ ବସ୍ ମାଲିକମାନେ ସେଥିପ୍ରତି ତାଗିଦ କରିବାକୁ ଏସ୍‌ଡ଼ିପିଓ ଭୋଇ ପରାମର୍ଶ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସୋହେଲା ଥାନା ଆଇଆଇସି ଏଚ୍. ବି ଗଡ଼ତିଆ ଉପସ୍ଥିତ ଥିଲେ ।

# କଲେଜ ଉନ୍ନତି ପାଇଁ ସହଯୋଗ କରାଯିବ



ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ଅଧାପିକାଅଧାପକଙ୍କ ଗହଣରେ ସହବନ୍ଧନ କମିଟି ସଦସ୍ୟମାନେ।

**ଡୁଙ୍ଗୁରିପାଲି, ୨୭।୯ (ଡି.ଏନ୍.ଏ.)**

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହବନ୍ଧନ କମିଟିର ଶ୍ରୀରାମ ମହାବିଦ୍ୟାଳୟ ପରିଦର୍ଶନ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟକୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହବନ୍ଧନ କମିଟିର ଏକ ଟିମ୍ ମଙ୍ଗଳବାର ପରିଦର୍ଶନ କରିଥିଲା। ପ୍ରଫେସର ଡ଼. ବିଘ୍ନେଶ ପ୍ରସାଦ ମିଶ୍ର, ଡ଼. ଜିତେନ୍ଦ୍ର କୁମାର ପ୍ରଧାନ, ଗଣେଶ ଚନ୍ଦ୍ର ପାଢ଼ୀ ମହାବିଦ୍ୟାଳୟର ପ୍ରଶାସନିକ ବିଭାଗ, ହିସାବ ବିଭାଗ, ପରୀକ୍ଷା ବିଭାଗ, ଶୈକ୍ଷିକ ଦିଗ, ବିଜ୍ଞାନ ପ୍ରୟୋଗଶାଳା, ସିଲଭର ଜୁବିଲି ହଲ୍, ଲାଇବ୍ରେରୀ, ଛାତ୍ରାବାସ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟ ପାଇଁ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରିବାକୁ କମିଟି ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ। ଅଧକ୍ଷ ତରଣୀସେନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ କିରାଣି ମାର୍କଣ୍ଡ ପୁଟେଲ ଆବଶ୍ୟକ ନଥିପତ୍ର କମିଟିକୁ ହସ୍ତଗତ କରାଇଥିଲେ। ଏଥିରେ ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର, ଶୈକ୍ଷିକ ମୁଖ୍ୟ ଅଧ୍ୟାପକ ମଧୁସୂଦନ ରଥ, ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ, ଡ଼. ଗୁଣନିଧି ବାରିକ, ଡ଼. ଯୋଗେଶ ରାଉତ, ହିସାବ ରକ୍ଷକ ଈଶ୍ୱର ବାଗ, ପରୀକ୍ଷା ସହାୟକ ଅରୁଣ ଯୁଆଡ଼ି, ଗ୍ରନ୍ଥାଗାରିକ ଆନନ୍ଦ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ପୋଷଣ ଦିବସରେ ଖାଦ୍ୟ ପ୍ରଦର୍ଶନୀ



ମୁଖ୍ୟ ଅତିଥି ଖାଦ୍ୟ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ରାଣାପ୍ରତାପ ସ୍କୁଲରେ ମଙ୍ଗଳବାର ପୋଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶରୀର ପାଇଁ ଆବଶ୍ୟକ ଥିବା ବିଭିନ୍ନ ପୋଷଣଯୁକ୍ତ ପରିବା, ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏଡିଇଓ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ଏବଂ ପ୍ରଦର୍ଶନୀ ବୁଲି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁନିତା ମିଶ୍ର, ବବିତା ନାଏକ, ତପସ୍ୱିନୀ ତ୍ରିପାଠୀ, ଗୀତା ଜାଲ, ଜ୍ୟୋତ୍ସ୍ନା ତ୍ରିପାଠୀ, ଭାବନା ସାହୁ, ନନ୍ଦିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମଦ ବାର୍ ବିରୋଧରେ ବାହାରିଲେ ଶିଶୁ

**ବରଗଡ଼ ଅଫିସ୍,୨୭।୯**



ମଦ ବାର୍ ବିରୋଧରେ ଏନ୍‌ଏସି ଅଧ୍ୟକ୍ଷାଙ୍କୁ ଶିଶୁମାନେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲା ଅତାବିରା ବ୍ଲକ ରେଙ୍ଗାଲିକ୍ୟାମ୍ପ ଛକରେ ସ୍ଥାନୀୟ ଲୋକଙ୍କ ବିରୋଧ ସତ୍ତ୍ୱେ ମଦ ବାର୍ ଖୋଲିବାକୁ ଉଦ୍ୟମ ଚାଲିଛି। ଏହାକୁ ବିରୋଧ କରି ରେଙ୍ଗାଲିକ୍ୟାମ୍ପରେ ବନ୍ଦ ପାଳନ କରାଯାଇ ଥିବାବେଳେ ସ୍ଥାନୀୟ ଲୋକେ ଜିଲାପାଳଙ୍କଠାରୁ ଆରମ୍ଭ କରି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆରସି)ରେ ପିଟିଶନ ଦାଖଲ କରିଛନ୍ତି। ତାହା ବିଚାରାଧୀନ ଥିବାବେଳେ ମଦ ବାର୍ ଖୋଲିବାକୁ ଚାଲିଥିବା ମସୁଧା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ସୋମବାର ସ୍ଥାନୀୟ ଲୋକେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତାବିରା ଏନ୍‌ଏସି ଅଧ୍ୟକ୍ଷା ଦୀପାଞ୍ଜଳି କୁମ୍ଭାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମଦ ବାର୍ ବିରୋଧରେ ସ୍ଥାନୀୟ ଛାତ୍ରୀଛାତ୍ର ମଧ୍ୟ ଆଗେଇ ଆସିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଅତାବିରାରେ ମଦ ବାର୍ ଖୋଲିବାରେ ବିଫଳ ହେବା ପରେ ଜଣେ ବ୍ୟବସାୟୀ ଅବକାରୀ ବିଭାଗ ଅଧିକାରୀ ଏବଂ ସ୍ଥାନୀୟ କିଛି ନେତାଙ୍କୁ ହାତ କରି ରେଙ୍ଗାଲିକ୍ୟାମ୍ପରେ ତାହା ଖୋଲିବାକୁ ଗତବର୍ଷଠାରୁ ଲାଇସେନ୍ସ ହାତେଇଥିବା ଅଭିଯୋଗ ହୋଇଛି। ରେଙ୍ଗାଲିକ୍ୟାମ୍ପବାସୀ ତାହା ଜାଣିବା ପରେ ଦୃଢ଼ ବିରୋଧ କରି ଜିଲାପାଳ, ଏସ୍‌ପି, ଅବକାରୀ କମିଶନର ଏବଂ ଓଏଚ୍‌ଆରସିଙ୍କୁ ଫେରାଦ ହୋଇଥିଲେ। ଓଏଚ୍‌ଆରସିଙ୍କ ନିକଟରେ ତାହା ବିଚାରାଧୀନ ଥିବାବେଳେ ଗତ କିଛିଦିନ ତଳେ ପୋଲିସ ଲଗାଇ ସମ୍ପୃକ୍ତ ବ୍ୟବସାୟୀ ମଦ ବାର୍ ଖୋଲିଥିଲେ। କିନ୍ତୁ ସ୍ଥାନୀୟ ଲୋକଙ୍କ ଦୃଢ଼ ପ୍ରତିବାଦ ପରେ ଅବକାରୀ ଅଧିକାରୀମାନେ ସେଠାକୁ ପହଞ୍ଚି ସମ୍ପୃକ୍ତ ମଦ ବାର୍‌କୁ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ଅନ୍ୟପଟେ ଅତାବିରା ପୋଲିସ ମଦ ବାର୍ ବିରୋଧରେ ଓହ୍ଲାଇଥିବା ଲୋକଙ୍କ ମଧ୍ୟରୁ ୧୧ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା।

ପୋଲିସର ସେଭଳି କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଫେରାଦ ହେବା ସହିତ ଗତ ୨୨ତାରିଖରେ ରେଙ୍ଗାଲିକ୍ୟାମ୍ପ ବନ୍ଦ କରିଥିଲେ। ଏହାସତ୍ତ୍ୱେ ସମ୍ପୃକ୍ତ ମଦ ବାର୍ ଖୋଲିବାକୁ ଉଦ୍ୟମ ଚାଲିଥିବା ଏବଂ ଏକ ନିର୍ଦ୍ଦିଷ୍ଟ ଦଳର କିଛି ନେତା ସେଥିରେ ସହଯୋଗ କରୁଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷେ ସୋମବାର ରେଙ୍ଗାଲିକ୍ୟାମ୍ପ ଅଞ୍ଚଳର ସବିତା ରଥ, ମୈଥିଳୀ ମିର୍ଦ୍ଧାଙ୍କ ସମେତ ଅନେକ ମହିଳା ପୁରୁଷ, ଶିଶୁ ଅତାବିରା ଏନ୍‌ଏସିକୁ ପହଞ୍ଚି ମଦ ବାର୍ ପାଇଁ ଦିଆଯାଇଥିବା ଲାଇସେନ୍ସ ରଦ୍ଦ କରିବାକୁ ଦାବି କରିଛନ୍ତି।

# ଫୁଟ୍‌ବଲ: ନୂଆଁ ବାଟିମୁଣ୍ଡା ଚାମ୍ପିୟନ

**ବରଗଡ଼ ଅଫିସ୍,୨୭।୯**



ମୁଖ୍ୟ ଅତିଥି କୃତୀଦଳକୁ ପୁରସ୍କୃତ କରୁଛନ୍ତି ।

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଧୀନ ସୁନାଲରମ୍ଭା ପଞ୍ଚାୟତର କୁଦୋପାଲି ଗ୍ରାମରେ ଦ୍ୱିଦିବସୀୟ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଜୟ ଗୋପାଳଜୀ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ନୂଆଁ ବାଟିମୁଣ୍ଡା ଗ୍ରାମର ଜେଜେଏଫ୍‌ସି ଏବଂ ବାଘପାଲିର ଏଭରଗ୍ରୀନ ସ୍ପୋର୍ଟିଂ ଫାଇନାଲକୁ ଉନ୍ନୀତ ହୋଇଥିଲେ। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ନୂଆଁବାଟିମୁଣ୍ଡା ୫-୩ରେ ବିଜୟ ହେବା ସହିତ ଚାମ୍ପିୟନ ହୋଇଥିଲା। ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। ଭେଡ଼େନ ବ୍ଲକ ଉପାଧ୍ୟକ୍ଷ ଡୋଲାମଣି କ୍ଷେତି, ସ୍ଥାନୀୟ ସରପଞ୍ଚ ସ୍ୱାଗତିକା ସୁନା, ବିଜେଡ଼ି ବ୍ଲକ ସଭାପତି ହରିଶଙ୍କର ବେହେରା, ପୂର୍ବତନ ସରପଞ୍ଚ ପବିତ୍ର ସରାଫ, ମଙ୍ଗଳୁ ରଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଲରମ୍ଭା ଦଳର ଶିବାନନ୍ଦ ଶ୍ରେଷ୍ଠ ସ୍କୋରର୍, ନୂଆଁ ବାଟିମୁଣ୍ଡା ଦଳର ଅମିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। କିଶୋର ଭୋଇ, ଅଭି ମହାନନ୍ଦ, ଆନନ୍ଦ ମିର୍ଦ୍ଧା, ଅଭି ମିର୍ଦ୍ଧା ମ୍ୟାଚ୍ ପରିଚାଳନା କରିଥିଲେ। ସତ୍ୟ ନାରାୟଣ ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ବୁଲୁ ବଗର୍ତ୍ତୀ, ମୁକୁଳ ପଶାୟତ, ପିଣ୍ଟୁ ଧରେଇ, ହୁତାଶନ ଦେହେରୀ, ସୋମନାଥ ଖମାରୀ ସହଯୋଗ କରିଥିଲେ।

## ମାରୱାଡ଼ି ସମାଜର ଅଗ୍ରସେନ ଜୟନ୍ତୀ

**ବରପାଲି,୨୭।୯(ଡି.ଏନ.ଏ.)**

ମାରୱାଡ଼ି ସମାଜ ପକ୍ଷରୁ ବରପାଲିରେ ମଙ୍ଗଳବାର ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ନରେଶ ଅଗ୍ରୱାଲ, ସମ୍ମାନିତ ଅତିଥି ଏବଂ ସି.ଏ. ଦୀପକ ଛପଡିଆ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଯୁବାମଞ୍ଚ ସଭାପତି କିଶନ ଅଗ୍ରୱାଲ ଏଥିରେ ଅଧକ୍ଷତା କରିଥିଲେ। ଅଗ୍ରସେନ ଭବନ ସଭାପତି ନରେଶ ଅଗ୍ରୱାଲ ସମାଜ କଲ୍ୟାଣ, ଉନ୍ନୟନମୂଳକ କାମ ଉପରେ ବକ୍ତବ୍ୟ ରଖିଥିଲେ। ସଞ୍ଜୟ ବରେଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମାରୱାଡ଼ି ସମାଜର ସଦସ୍ୟ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ଅଗ୍ରସେନ ମହାରାଜଙ୍କ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

# ଶିକ୍ଷଣ ପରିପୂରକ ଯୋଜନାର ତାଲିମ ଶିବିର

**ଡୁଙ୍ଗୁରିପାଲି, ୨୭।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ଗଜବନ୍ଧଠାରେ ସୁଭଦ୍ରା ଫାଉଣ୍ଡେସନ ତରଫରୁ ରାମପୁର, ଗଜବନ୍ଧ ଓ ଅନ୍ଧାରିବାଞ୍ଜି କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷଣ ପରିପୂରକ ଯୋଜନାର ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗଜବନ୍ଧ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଡୁଙ୍ଗୁରିପାଲି ସହ ଗୋଷ୍ଠୀ ଶିକ୍ଷାଧିକାରୀ ଦିଲିପ ମେହେର ଉଦ୍‌ଘାଟନ କରିଥିଲେ। ଗଜବନ୍ଧ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପ ଓ ରାମପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ହସିଆ ଛତ୍ରିଆ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁଭଦ୍ରା ଫାଉଣ୍ଡେସନ ତରଫରୁ ଅବସରପ୍ରାପ୍ତ ଶିକ୍ଷକ ନିରାକାର ଦଣ୍ଡସେନା ଓ ବଳରାମ ମିଶ୍ର ତାଲିମ ପ୍ରଦାନ କରିଥିଲେ। କୋଭିଡ କଟକଣା ଯୋଗୁଁ ବିଦ୍ୟାଳୟ ବନ୍ଦ ରହିଥିବା ଶିକ୍ଷାବର୍ଷରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷଣ ଅଗ୍ରଗତିରେ କ୍ଷତି ଭରଣା କରିବା ପାଇଁ ଶିକ୍ଷଣ କୌଶଳ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ବ୍ୟବହାର ପାଇଁ କାର୍ଯ୍ୟ ପୁସ୍ତିକା ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ୯୮ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଟାଙ୍ଗରକର୍ଲେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗଙ୍ଗାଧର ପାଣିଗ୍ରାହୀ, ବିଜ୍ଞାନ ଶିକ୍ଷକ ଯୁଧିଷ୍ଠିର ରଣା,ଉମାକାନ୍ତ ତ୍ରିପାଠୀ,ଶିକ୍ଷକ ସୁଧୀର ଗଡତିଆ, ଶିକ୍ଷୟିତ୍ରୀ ରୀନା ବାଗ, ଶଙ୍କର ପ୍ରସାଦ ଭୋଇ କାର୍ଯ୍ୟକ୍ରମର ସଫଳତା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ ।

# ଦୁର୍ଗାପୂଜାରେ ରାମଲୀଳା ଆରମ୍ଭ

**ସୋହେଲା,୨୭।୯(ଡି.,ନ.ଏ.)**

ସାର୍ବଜନୀନ ଦୁର୍ଗାପୂଜା ଉପଲକ୍ଷେ ବରଗଡ଼ ଜିଲା ସୋହେଲାରେ ସୋମବାର ରାତିରେ ରାମଲୀଳା ମଞ୍ଚ ନାଟକ ଆରମ୍ଭ ହୋଇଛି। ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଦେବତା ଶ୍ରୀଫଳ ଭାଙ୍ଗି ରାମଲୀଳା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଉପସଭାପତି ମହମ୍ମଦ ରଫିକ, ସଦସ୍ୟ ନଥୁରାମ ଅଗ୍ରୱାଲ, ଟଙ୍କଧର ଝାଙ୍କର, ଗୋବିନ୍ଦ ସାହୁ, ସମ୍ପାଦକ ଦିଲ୍ଲୀପ ଖମାରୀ ମଞ୍ଚାସୀନ ଥିଲେ। ଇକବାଲ ଖେରାନି ସଭା ପରିଚାଳନା କରିଥିଲେ। ପ୍ରଥମ ରଜନୀରେ ରାବଣର ବରପ୍ରାପ୍ତି ଓ ଲଙ୍କା ଅଧିକାର, ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞ ଓ ପୁତ୍ରପ୍ରାପ୍ତି , ରାବଣ ଅତ୍ୟାଚାରରୁ ରକ୍ଷା ପାଇଁ ଦେବଗଣଙ୍କ ବିଷ୍ଣୁ ଆରାଧନା, ଶ୍ରବଣ କୁମାର ଉପାଖ୍ୟାନ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ସେହିପରି ମଙ୍ଗଳବାର ଅପରାହ୍ନରେ ପୂର୍ଣ୍ଣବନ୍ଧ ଓ ମହାଦେବ ମନ୍ଦିର ପରିସରରେ ଅହଲ୍ୟା ଉଦ୍ଧାର ଦୃଶ୍ୟ ଅଭିନୀତ ହୋଇଥିଲା।



ମହାରାଜ ରାବଣ ନଗର ପରିକ୍ରମାରେ ବାହାରିଛନ୍ତି।

# ରାବଣ ଦରବାର ମୁଖ୍ୟ ଆକର୍ଷଣ

**ବିନିକା, ୨୭।୯(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିରରେ ହୋଇ ଆସୁଥିବା ଶାରଦୀୟ ଦୁର୍ଗାପୂଜା ଚଳିତ ବର୍ଷ ୫୧ବର୍ଷରେ ପଦାର୍ପଣ କରିଛି। ପୂଜା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ନବରାତ୍ର ପୂଜା ପାଇଁ ପ୍ରତିଦିନ ଜଣେ ଲେଖାଏ କର୍ତ୍ତା ହୋଇଛନ୍ତି। ଯଜ୍ଞ, ସନ୍ଧ୍ୟା ଆଳତି, ଭଜନ ସନ୍ଧ୍ୟା, ସମ୍ବଲପୁରୀ ଡ୍ୟାନ୍ସ, ରାବଣ ଦରବାର, ମୀନାବଜାର ପୂଜାର ବିଶେଷ ଆକର୍ଷଣ। ଗତ ଦୁଇବର୍ଷ କରୋନା ପାଇଁ ମା'ଙ୍କ ପୂଜା ରୀତିନୀତିରେ ହୋଇଥିଲେ ମଧ ସମାରୋହ ହୋଇ ନ ଥିଲା। କଟକଣାମୁକ୍ତ ହେବା ପରେ ଚଳିତବର୍ଷ ପୂଜା ଧୁମଧାମରେ ପାଳନ କରିବାକୁ କମିଟି ନିଷ୍ପତ୍ତି ନେଇଛି।




### କମିଟି କର୍ମକର୍ତ୍ତା ଯାହା କୁହନ୍ତି...



"ଦୁଇବର୍ଷ ପରେ ମା'ଙ୍କ ପୂଜା ଆଡମ୍ବର ସହକାରରେ କରିବାକୁ ସବୁମତେ ଉଦ୍ୟମ ଜାରି ରହିଛି। ପୂଜା ମଣ୍ଡପ ସାଜସଜା, ସୁଉଚ୍ଚ ତୋରଣ, ସାଂସ୍କୃତି କାର୍ଯ୍ୟକ୍ରମ ସାଙ୍ଗକୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନାକୁ ଅଗ୍ରାଧିକାର ଦିଆଯାଉଛି। ମା'ଙ୍କ ଦର୍ଶନ ଭକ୍ତମାନେ ଯେପରି ସୁରଖୁରରେ କରି ପାରିବେ ସେଥିପ୍ରତି ଯଥୋଚିତ ଧ୍ୟାନ ଦିଆଯାଇଛି।

**–ସନ୍ତୋଷ କୁମାର ପଣ୍ଡା, ସଭାପତି, ପୂଜା କମିଟି**



"୨ବର୍ଷର ବ୍ୟବଧାନ ପରେ ମା'ଙ୍କ ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପ୍ରସ୍ତୁତିକୁ ଚୂଡାନ୍ତ କରିଛି। ଚଳିତ ବର୍ଷ ୮ଲକ୍ଷ ଟଙ୍କାର ବଜେଟ ରହିଛି। ପୂଜା ସମୟରେ ସୁରଖୁର ଭକ୍ତଙ୍କ ଦର୍ଶନର ସବୁମତେ ବ୍ୟବସ୍ଥା କରାଯାଇଛି। ନୀତିନିଷ୍ଠାର ସହ ପୂଜାକୁ ଅଗ୍ରାଧିକାର ଦିଆଯାଉଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭସାଣିକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବାକୁ କମିଟି ନିଷ୍ପତ୍ତି ନେଇଛି।

**–ଗନ୍ଧର୍ବ ମାହାର ସମ୍ପାଦକ, ପୂଜା କମିଟି, ବିନିକା**



"ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିବାପାଇଁ ପ୍ରତ୍ୟହ ଭଜନ ସନ୍ଧ୍ୟା, ସମ୍ବଲପୁରୀ ଆକ୍ରେଷ୍ଟା, ରାବଣ ଦରବାର କାର୍ଯ୍ୟକ୍ରମ ରହିଛି। କଳାକାରମାନଙ୍କୁ ଉତ୍ସାହିତ ପାଇଁ ସମ୍ବର୍ଦ୍ଧିତ କରାଯିବାକୁ କମିଟି ନିଷ୍ପତ୍ତି ନେଇଛି।

**–ହିମାଂଶୁ ଶେଖର ପଣ୍ଡା ସମ୍ପାଦକ, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି**



"ମହାମାରୀ କରୋନା ଯୋଗୁ ଗତ ଦୁଇବର୍ଷ ପୂଜାକୁ କେବଳ ରୀତିନୀତି ଅନୁସାରେ କରାଯାଇଥିଲା। ହେଲେ ଚଳିତ ବର୍ଷ ଭକ୍ତ ମା'ଙ୍କୁ ମଣ୍ଡପରେ ଦର୍ଶନ କରି ପାରିବେ। ଏଥିପାଇଁ ଭକ୍ତ ଆଗ୍ରହର ସହ ଅପେକ୍ଷା କରି ରହିଛନ୍ତି। ପାଗ ଅନୁକୂଳ ରହିଲେ ଭକ୍ତ ପୂଜାର ମଜା ଉଠାଇ ପାରିବେ।

**– ସୁଜାତା ମେହେର, ପୂଜା କମିଟି ସଦସ୍ୟା**

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୮ ସେପ୍ଟେମ୍ବର, ୨୦୨୨

## ଧନ୍ଦାମୂଳକ ଶିକ୍ଷା ପାଇଁ ହୋଟେଲ ବୁଲିଲେ ଛାତ୍ରୀଛାତ୍ର

ଦେଓଗାଁ,(ଡି.ଏନ.ଏ.): ଦେଓଗାଁ ବ୍ଲକ କରୁଆଁଝର ଶ୍ରୀରାମ ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଧନ୍ଦାମୂଳକ ଶିକ୍ଷା ପାଇଁ ମଙ୍ଗଳବାର ବଙ୍ଗଳା ଛକ ନିକଟ ରେଣୁ ଏଣ୍ଡ ରେଣୁ ଫ୍ୟାମିଲି ରେଷ୍ଟୁରାଣ୍ଟ ପରିଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଲୋକେଶ୍ୱର ପଧାନଙ୍କ ତତ୍ତ୍ୱାବଧାନରେ ନବମ ଓ ଦଶମ ଶ୍ରେଣୀର ପିଲାମାନେ ହୋଟେଲ ପରିଚାଳନା, ବ୍ୟବହାର ଓ ଆତିଥ୍ୟ ପ୍ରଦାନ ଦିଗରେ ହୋଟେଲ ମାଲିକ ବିଶ୍ୱଜିତ ପାତ୍ର ବୁଝାଇଥିଲେ। ପ୍ରଶିକ୍ଷିକା ବିଶ୍ୱରୂପା ମଲ୍ଲିକ, ଶଙ୍କ ସହ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅନୁଭୂତି ହାସଲ କରିଥିଲେ।



## ସଂକ୍ଷେପରେ

### ଗରମପାଣି ପଡ଼ି ଶିଶୁ ଗୁରୁତର

ଭବାନୀପାଟଣା,୨୭।୯(ସ୍ୱ.ପ୍ର.): କଳାହାଣ୍ଡି ଜିଲା କଲମପୁର ବ୍ଲକ ସାନକୁଟ୍ଟ ଗ୍ରାମରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ସାମନାକୁ ଆସିଛି। ପରିବାରର ଅସାବଧାନତା ଯୋଗୁ ଗରମ ଭାତ ପାଣି ପଡି ଜଣେ ଶିଶୁର ଜୀବନ ବିପନ୍ନ ହୋଇପଡିଛି। ଗୁରୁତର ଅବସ୍ଥାରେ ଶିଶୁକୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ସାନକୁଟ୍ଟ ଗ୍ରାମର ଗୋପାଳ ନାଏକଙ୍କ ଏକ ବର୍ଷର ପୁଅ ନିଖିଲ ଘର ଭିତରେ ରହିଥିବାବେଳେ ଏହି ସମୟରେ ଗୋପାଳଙ୍କ ମା' ତଥା ଶିଶୁର ଜେଜେମା ଚୁଲିରେ ବସିଥିବା ଭାତ ପାଣିରେ ଚାଉଳ ପକାଉଥିଲେ। ଶିଶୁ ବୃଦ୍ଧା ଜେଜେମାର ଅଜାଣତରେ ଗୁରୁଣ୍ଡି ଗୁରୁଣ୍ଡି ଯାଇ ଚୁଲିରେ ବସି ପାଣି ଫୁଟୁଥିବା ଡେକଚିକୁ ଟାଣି ଦେଇଥିଲା। ଫଳରେ ଫୁଟା ପାଣି ସବୁ ଶିଶୁ ଉପରେ ପଡିଥିଲା। ଫଳରେ ଶିଶୁର ମୁହଁ ଏବଂ ପେଟରେ ଗରମ ପାଣି ପଡି ଫୋଟକା ହେଇଯିବା ସହ ଗୁରୁତର ହୋଇପଡିଥିଲେ।

### ବେକରେ ଶାଢ଼ୀ ଲଗାଇ ମହିଳାଙ୍କ ଆତ୍ମହତ୍ୟା

ଲାଞ୍ଜିଗଡ଼,୨୭।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବନ୍ଧଗୁଡ଼ା ଗାଁରେ ଜଣେ ବିବାହିତ ମହିଳା ଗଛରେ ନିଜେ ପିନ୍ଧିଥିବା ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ ବନ୍ଧଗୁଡ଼ା ଗାଁର ରତନୀ ମାଝି। ପୋଲିସ ସୂଚନାନୁଯାୟୀ, ବନ୍ଧଗୁଡ଼ା ଗାଁର ରାଶି ମାଝିଙ୍କ ୨ୟ ସ୍ତ୍ରୀ ରତନୀ ବେକରେ ପିନ୍ଧିଥିବା ଶାଢ଼ିରେ ଆତ୍ମହତ୍ୟା କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଲାଞ୍ଜିଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଉଭୟ ରାଶି ଓ ରତନୀ ପୂର୍ବରୁ ଅଲଗା ଅଲଗା ବାହା ହୋଇଥିଲେ। ତେବେ ରାଶି, ରତନୀଙ୍କୁ ୨ୟ ବିବାହ କରିଥିବାବେଳେ କୌଣସି କାରଣରୁ ରତନୀ ବେକରେ ପିନ୍ଧା ଶାଢ଼ିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଏ ନେଇ ଥାନାରେ ୟୁଡି କେସ (ନଂ. ୦୭/୨୦୨୨) ରୁଜୁ ହୋଇଛି।

### ମାରୱାଡି ମହିଳା ସମିତି ପକ୍ଷରୁ ଅଗ୍ରସେନ ଜୟନ୍ତୀ

ବେହେରା,୨୭।୯(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ମାରୱାଡି ମହିଳା ସମିତି ପକ୍ଷରୁ ସୋମବାର ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ସାମାଜିକ କର୍ମୀ ତୁଳସୀରାମ ଅଗ୍ରୱାଲ, ବେହେରା ମାରୱାଡି ମହିଳା ସମିତି ଅଧ୍ୟକ୍ଷା ସୁଶୀଳା ଅଗ୍ରୱାଲ ଏବଂ ଯୁବାମଞ୍ଚ ଅଧ୍ୟକ୍ଷ ବିକାଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ରାଲି କରାଯାଇଥିଲା। ଗଣେଶ ବନ୍ଦନା ଏବଂ ଅଗ୍ରସେନଙ୍କ ମହାନତା ଗୀତରେ ଛୋଟଛୋଟ ବାଳିକାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ୮ଦିବସ ବ୍ୟାପି ଚାଲିଥିବା କ୍ରୀଡା ପ୍ରତିଯୋଗିତା ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନବରାତ୍ର ପ୍ରାରମ୍ଭ ହେତୁ ମହିଳାମାନଙ୍କ ଦ୍ୱାରା ଗରବା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସମିତି ସଚିବ ବନ୍ଦନା ଅଗ୍ରୱାଲ, କୋଷାଧ୍ୟକ୍ଷା ସୁମିତ୍ରା ଅଗ୍ରୱାଲ, ପୂଜା ଅଗ୍ରୱାଲ, ରେଣୁକା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

### ସିନାପାଲି ଗାୟତ୍ରୀ ଶକ୍ତିପୀଠରେ ନବରାତ୍ର ପୂଜା ଆରମ୍ଭ

ସିନାପାଲି,୨୭।୯(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ଗାୟତ୍ରୀ ଶକ୍ତିପୀଠରେ ସୋମବାରଠାରୁ ବିଧି ଅନୁଯାୟୀ ନବରାତ୍ର ପୂଜା ଆରମ୍ଭ ହୋଇଛି। ଶକ୍ତିପୀଠ ଚଳଞ୍ଚଳ ହୋଇଉଠିଥିବା ବେଳେ ପ୍ରାୟ ୨୦୧ଟି ଅଗଣ୍ଡ ଦୀପ ୯ ଦିନ ପାଇଁ ପ୍ରଜ୍ୱଳନ କରାଯାଇଛି। ଏଥିସହ ପ୍ରତିଦିନ ଗାୟତ୍ରୀ ଯଜ୍ଞ ଆୟୋଜନ ସହ ୧୦୧ଜଣ ଶ୍ରଦ୍ଧାଳୁ ଯଜ୍ଞରେ ବସି ଅହରହ ଗାୟତ୍ରୀ ମନ୍ତ୍ର ଜପ କରୁଛନ୍ତି। ଏହି ନବରାତ୍ର ପୂଜା ଆଗାମୀ ନବମୀରେ ଉଦ୍ୟାପିତ ହେବାକୁ ଥିବା ବେଳେ ଏହି ଦିନ ନଅ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ କରାଯାଇ ବିଭିନ୍ନ ସଂସ୍କାର କାର୍ଯ୍ୟ କରାଯିବ ବୋଲି ଶକ୍ତିପୀଠ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଆଗାମୀ ଜାନୁୟାରୀରେ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞକୁ ନେଇ ସିନାପାଲି ଶକ୍ତିପୀଠ ମାଧମରେ ପ୍ରସ୍ତୁତି ଚାଲିଥିବା ବେଳେ ଅଞ୍ଚଳରେ ବେଶ ଉତ୍ସାହର ବାତାବରଣ ପରିଲକ୍ଷିତ ହେଉଛି। ବର୍ତ୍ତମାନ ନବରାତ୍ର ପୂଜା କାର୍ଯ୍ୟକ୍ରମ ସିନାପାଲି ଗାୟତ୍ରୀ ଶକ୍ତିପୀଠର କର୍ମକର୍ତ୍ତା ପରିଚାଳନା କରୁଛନ୍ତି।

# ବଳିମୁକ୍ତ ସମାଜ ଅସଲ ସଂସ୍କାର

ବଲାଙ୍ଗୀର ଅଫିସ,୨୭।୯



କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ସ୍ୱତନ୍ତ୍ର ସାରସ୍ୱତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

- କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ
- ଉନ୍ମୋଚିତ ହେଲା ତିନୋଟି ବହି
- ସଭାରେ ଯୋଗଦେଲେ ତିନିଜଣ ପଦ୍ମଶ୍ରୀ

କୋସଲ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକାଡେମୀ ସଭାପତି ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦ୍‌ଗାତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋସଲୀ ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷକ ପଦ୍ମଶ୍ରୀ ନରସିଂହ ପ୍ରସାଦ ଗୁରୁ, ସମ୍ମାନିତ ଅତିଥି ପଦ୍ମଶ୍ରୀ ଲୋକକବିରତ୍ନ ହଳଧର ନାଗ ଯୋଗଦାନ କରିଥିଲେ। ସଭାରେ ପଦ୍ମଶ୍ରୀ ଉଦ୍‌ଗାତାଙ୍କ ଦ୍ୱାରା ହିନ୍ଦୀ ଅନୁବାଦ ପୁସ୍ତକ ଅଦ୍ୱୟସିଦ୍ଧି, ଗୋରେଖନାଥ ସାହୁଙ୍କ ରଚିତ ପ୍ରଜ୍ଞାଲୋକ ଏବଂ ଅଧ୍ୟାପିକା ମୀନା ମହାରଣାଙ୍କ ରଚିତ ପୁସ୍ତକ ମନଗହନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୁସ୍ତକ ସମୀକ୍ଷକ ଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ଗୋପବନ୍ଧୁ ରଥ, ବୀରେନ୍ଦ୍ର କୁମାର ଝାଙ୍କର ଓ ବିଭୂକଲ୍ୟାଣ ଗଡତ୍ୟା ପୁସ୍ତକର ସମୀକ୍ଷା କରିଥିଲେ। ସଭାକୁ ଏକାଡେମୀ ସାଧାରଣ ସମ୍ପାଦକ ସାହୁ ସଂଯୋଜନା କରି ପ୍ରାରମ୍ଭରେ ଆଭିମୁଖ୍ୟ ଓ ତିନି ବହିର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ମଞ୍ଚରେ ସୁଲେଖିକା ମୀନା ମହାରଣା ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ପଦ୍ମଶ୍ରୀ ଗୁରୁ ତାଙ୍କ ବକ୍ତବ୍ୟରେ କୋସଲାଞ୍ଚଳର ବରୁଆ ତତ୍ତ୍ୱ ଏବଂ ଯୋଗତତ୍ତ୍ୱର ସମ୍ପର୍କ, ଜନକଲ୍ୟାଣ ଉଦ୍ଦେଶ୍ୟରେ ଏହାର ସୁଫଳ ସମ୍ପର୍କରେ କହିଥିଲେ। ସେ କହିଥିଲେ ଯେ, ବଳିମୁକ୍ତ ସମାଜ ହିଁ ଅସଲ ସଂସ୍କାର। ନିଜ ସ୍ୱାର୍ଥ ପାଇଁ କାହାର ଜୀବନ ହେବା ଠିକ୍ କଥା ନୁହେଁ। ବଳି ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ସମସ୍ତ ସଚେତନ ବ୍ୟକ୍ତି ଉଦ୍ୟମ ଆରମ୍ଭ କରିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ପଦ୍ମଶ୍ରୀ ନାଗ ତାଙ୍କ ବକ୍ତବ୍ୟରେ କୋଶଳାଞ୍ଚଳର ମହାନ ସଂସ୍କୃତିକୁ କିଭଳି ଜାଣିଶୁଣି ବିକୃତ କରାଯାଉଛି ତାହା କହିବା ସହ କେଉଁ ଧାରାରେ ଆମେ ଆମର ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପରମ୍ପରାକୁ ସୁରକ୍ଷିତ ରଖିପାରିବା କହିଥିଲେ। ଏହି ଅବସରରେ ସେ କୋସଲୀ ଭାଷା ଓ ସଂସ୍କୃତି ସୁରକ୍ଷାରେ ଗଣ୍ଡାବଜାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସଭାପତୀୟ ଅଭିଭାଷଣରେ ପଦ୍ମଶ୍ରୀ ଉଦ୍‌ଗାତା ନିଜ ମା'ର ଭାଷା, ସଂସ୍କୃତିକୁ ଗୁରୁତ୍ୱ ନଦେଲେ ଅସ୍ତିତ୍ୱ ହରାଇବାକୁ ପଡିବ ବୋଲି କହିଥିଲେ। ସମୀକ୍ଷକ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ପ୍ରଜ୍ଞାଲୋକ ପୁସ୍ତକର ସମୀକ୍ଷା କରି ବରୁଆ ତତ୍ତ୍ୱରେ ଯୋଗତତ୍ତ୍ୱରେ ଲେଖକ ଗୋରେଖନାଥଙ୍କ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଆଲୋଚକ ଡ ରଥ ପ୍ରଜ୍ଞାଲୋକ ଉପରେ ଆଲୋଚନା କରିଥିଲେ। ଆଲୋଚକ ଝାଙ୍କର ପୁସ୍ତକ ଅଦ୍ୱୟସିଦ୍ଧି ଉପରେ ସମୀକ୍ଷା କରି ସୁବର୍ଣ୍ଣପୁର ଓ ତିବ୍ବତର ମହାନ ସଂସ୍କୃତି ଏବଂ ସମ୍ପର୍କ ଉପରେ ଆଲୋଚନା କରିବା ସହ ପଦ୍ମଶ୍ରୀ ଉଦ୍‌ଗାତାଙ୍କ ହିନ୍ଦୀ ଅନୁବାଦ ଜାତୀୟ ସ୍ତରର ପାଠକଙ୍କ ପାଇଁ ଉପାଦେୟ ବୋଲି କହିଥିଲେ। ଆଲୋଚକ ଗଡତ୍ୟା ମନଗହନ ପୁସ୍ତକ ଉପରେ ସମୀକ୍ଷା କରି ଲେଖିକା ମହାରଣାଙ୍କ ସତ୍ୟନିଷ୍ଠ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସର୍ବପ୍ରଥମେ ଅତିଥି, ସମୀକ୍ଷକ ଓ ଲେଖକଙ୍କୁ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଗବେଷିକା ସୀମାରାଣୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ବୁଦ୍ଧିଜୀବୀ, ସାହିତ୍ୟିକ ଓ ଜନସାଧାରଣ ଯୋଗଦାନ କରିଥିଲେ।

## ମହୁମାଛି ଆକ୍ରମଣରେ ବାପପୁଅ ଗୁରୁତର

ଭବାନୀପାଟଣା,୨୭।୯(ସ୍ୱ.ପ୍ର.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଖଣ୍ଡିଡଙ୍ଗରୀଗୁଡାରେ ମହୁମାଛି ଆକ୍ରମଣରେ ବାପପୁଅ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଆହତ ବାପା ହେଲେ ଗର୍ଣ୍ଣ ମାଝି ଏବଂ ପୁଅ କ୍ଷିର ମୋହନ। ସୂଚନା ଯେ, ଗର୍ଣ୍ଣ ତାଙ୍କର ୧୩ ବର୍ଷର ପୁଅ କ୍ଷିରଙ୍କ ସହ ଜମିକୁ ଯାଇଥିଲେ। ଅନ୍ୟ ଏକ ଜମିରେ ପାଣି ମଡାଇବା ପାଇଁ କିରୋସିନ ମଟର ଚଳାଇଥିଲେ। ମଟର ଶବ୍ଦ ଓ କିରୋସିନ ଧୂଆଁ ଯୋଗୁ ନିକଟସ୍ଥ ମହୁମାଛି ଆସି ବାପପୁଅଙ୍କୁ କାମୁଡି ଦେଇଥିଲା।

UTKAL UNIVERSITY
M.TECH. (IT)
UTKAL UNIVERSITY
NAAC-A+ Accreditation
CENTRE FOR IT EDUCATION
Department of Statistics, Utkal University.
ADMISSION 2022-23
Applications are invited against a few vacant seats for admission for the 2 Year Full time Program on M. Tech in Information Technology in the department under PPP mode for the academic session **2022-23** through an Eligibility Test to be held on **13.10.2022**
ELIGIBILITY FOR ADMISSION
(I) Master's degree in Computer Science / Information Technology / Computer Applications / Statistics / Mathematics / Physics / Electronic Sciences or any other qualification considered equivalent.
(ii) Bachelor's degree in Engineering / Technology or any other qualification considered equivalent (such as AMIEE or DOEACC 'B' Level). **Candidates those who have appeared the final examination/waiting for result are also eligible to apply.**
**How to Apply:** Eligible candidates are required to apply through the website: **http://www.citeutkal.com**. The downloaded application forms are also available in the department.
**Important Dates:**
Last date of issue and submission of the application form :12.10.2022
Date of Admission : 17.10.2022
CONTACT: Course Director, Centre for IT Education, M.TECH.(IT)
Department of Statistics, Utkal University,
Vani Vihar, Bhubaneswar-751004,
Tel : 0674-2567711,MOB: +91-9438014469/ +91-6371615706
e-mail : centreforiteducation@gmail.com/citeutkal@gmail.com
**Chairman, P.G. Council**

# ଲଡୁଗାଁ ଦୁର୍ଗାପୂଜା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ


ଲଡୁଗାଁ ଦୁର୍ଗାପୂଜା ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

କୋକସରା,୨୭।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସାର୍ବଜନୀନ ଦୁର୍ଗାପୂଜା କମିଟି ଚଳିତବର୍ଷ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳନ କରୁଛି। ଏଥର ସୁସଜ୍ଜିତ ତୋରଣ ସହ ଲାଇଟ ସାଜସଜ୍ଜା ମୁଖ୍ୟ ଆକର୍ଷଣ ରହିଥିବା ଜଣାପଡ଼ିଛି। ଏହି ଅବସରରେ ସୋମବାରଠାରୁ ଦଶଦିନାତ୍ମକ ପୂଜା ଆରମ୍ଭ ହୋଇଛି। ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସୁବର୍ଣ୍ଣ ଜୟନ୍ତୀ ଦୁର୍ଗାପୂଜା କମିଟି ସଭାପତି ପ୍ରଫୁଲ୍ଲ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ବିଜେଡିର ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯୋଗଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ସୁବର୍ଣ୍ଣ ଜୟନ୍ତୀ କମିଟି ଉପଦେଷ୍ଟା ବନମାଳୀ ମାଝି, ଲଡୁଗାଁ ସରପଞ୍ଚ ନକୁଳ ନାଏକ, ମୁଖ୍ୟବକ୍ତା ଶିକ୍ଷାବିଦ ଅଶୋକ କୁମାର ଦାସ, ଉପସଭାପତି ଅଶୋକ ଅଗ୍ରୱାଲ, ସମ୍ପାଦକ କହ୍ନେଇ ଚରଣ ଦାସ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ସାଂସ୍କୃତିକ ସମ୍ପାଦକ ମୋହନ ଦାସ, କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ଦାଶ, ଉପସଭାପତି କିଶୋର ଚନ୍ଦ୍ର ଦାସ, ନାଏବ ସରପଞ୍ଚ ଶୋଭାଗିନୀ ଚଣ୍ଡି ଉପସ୍ଥିତ ରହି ୫୦ ବର୍ଷ ପୂର୍ତ୍ତିର ପୂର୍ବାବଲୋକନ ସ୍ମୃତି ଉପସ୍ଥାପନ କରିବା ସହ ସୁବର୍ଣ୍ଣ ଜୟନ୍ତୀ ଶାରଦୀୟ ଦୁର୍ଗାପୂଜାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଘୁମୁରା, ଲୋକନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ, ରାୟଗଡ଼ାର ଢେମସା, କେସିଙ୍ଗାର ବଜାଶାଳ ପରିବେଷିତ ହୋଇଥିଲା। କଳାକାରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନମୋହିଥିଲା। ରବି ନାରାୟଣ ଦାସ, ସୁରଞ୍ଜନ ଦାସ, ସନ୍ତୋଷ ଦାସ, କିରଣ ସାହୁ, ସଞ୍ଜୟ ସିଙ୍ଗଲ, ଅରୁଣ ଅଗ୍ରୱାଲ, ଶ୍ରୀକାନ୍ତ ଶର୍ମା, ବାବୁଲି ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏବିଭିପିର କ୍ୟାମ୍ପସ ଶାଖା ଘୋଷଣା

**କଳାହାଣ୍ଡି ଜିଲା**

ଭବାନୀପାଟଣା,୨୭।୯(ସ୍ୱ.ପ୍ର.)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) କଳାହାଣ୍ଡି ପକ୍ଷରୁ ମଙ୍ଗଳବାର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ କ୍ୟାମ୍ପସ ଶାଖା ବା କାର୍ଯ୍ୟ ସମିତି ଘୋଷଣା କରାଯାଇଛି। ଏବିଭିପିର ଅମୃତ ମହୋତ୍ସବ ପାଳନ ଅବସରରେ ଜିଲାରେ ୫୦ରୁ ଊର୍ଦ୍ଧ୍ୱ କ୍ୟାମ୍ପସରେ ଏବିଭିପି ଶାଖା ଘୋଷଣା କରିବ ବୋଲି ଜଣାପଡିଛି। ଜୁନାଗଡ଼ସ୍ଥିତ ପ୍ରିୟଦର୍ଶିନୀ ଇନ୍ଦିରା ଡିଗ୍ରୀ ମହାବିଦ୍ୟାଳୟର ଶାଖା ସଭାପତି ଭାବେ ଶୋଭିତା କୈବର୍ତ୍ତ, ଶାଖା ସମ୍ପାଦକ ଭାବେ ତନିଶା ଦୀପଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ନର୍ଲା ଡିଗ୍ରୀ ମହାବିଦ୍ୟାଳୟ ଶାଖା ସଭାପତି ଭାବେ ରତ୍ନାକର ଓ ସମ୍ପାଦକ ଭାବେ ଦୀପକ ସାହୁ, ମ. ରାମପୁର ଡିଗ୍ରୀ ମହାବିଦ୍ୟାଳୟ ଶାଖା ସଭାପତି ଭାବେ ଅରବିନ୍ଦ ସାହୁଙ୍କୁ ପ୍ରମୁଖ ଦାୟିତ୍ୱ ଦିଆଯାଇଛି। ନର୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶାଖା ସଭାପତି ଭାବେ ଆକାଶ ତାଣ୍ଡି, ଚମେଲି ଦେବୀ ମହିଳା ମହାବିଦ୍ୟାଳୟ ଶାଖା ସଭାପତି ଭାବେ ବିନ୍ଦୁ ମାଝି ଓ ସମ୍ପାଦକ ଭାବେ ବନ୍ଦିତାଙ୍କୁ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ଘୋଷଣା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୌରଭ ମିଶ୍ର, ଏବିଭିପିର ବିଭାଗ ସଂଯୋଜକ ନୃପମଣି ବାହୁକ, ଏବିଭିପି କଳାହାଣ୍ଡି ଜିଲା ସଂଯୋଜକ ତନ୍ମୟ ବିଶିଙ୍କ ଉପସ୍ଥିତିରେ ଆୟୋଜନ ହୋଇଛି। ସମସ୍ତ କ୍ୟାମ୍ପସରେ ଏବିଭିପିର ଶାଖା ଘୋଷଣା ହେବା ସହିତ ଏବିଭିପିର କାର୍ଯ୍ୟ ତୃଣମୂଳସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଓ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ରାଷ୍ଟ୍ର ପ୍ରେମ ଜାଗ୍ରତ କରିବା ପାଇଁ ଜିଲା ସଂଯୋଜକ ତନ୍ମୟ ବିଶି ସୂଚନା ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

JOB VACANCY
IMMEDIATE HIRING IN JHARSUGUDA, ANGUL & BARBIL FOR THE POSITION OF HYDRAULIC SERVICE TECHNICIAN.
QUALIFICATION: ITI, DIPLOMA, BE/B.TECH
Interested candidates may send their resume to
sales.se@mencor.in or Whatsapp- 08305110851

**Ori-Pipes Pvt. Ltd. at 152, New Industrial Estate, Jagatpur, Cuttack-754021** needs 10 Nos. of Graduates to work as **Sales and Marketing Executive** in certain districts of Odisha. Only experienced candidates may apply to above address or email at- oripipes@yahoo.co.in within 10 days of this publication.
**Contact No. - 9853205500**

See Career Appointment on every Wednesday & Saturday

Agi Greenpac Limited, Unit-Agi Glaspac a dominant & fast growing player in Container Glass Industry with a turnover in excess of 1500 Crores requires for its Factories at Hyderabad & Bhongir, Telangana.
**Graduate/Diploma Trainee Engineers**
Candidates passed BE/B.Tech/Diploma in Mechanical, Electronics and Instrumentation Engineering in first class throughout their academics may apply. Salary for BE/B.Tech is Rs.20000/- per month. Salary for Diploma is Rs.18000/- per month.
**ITI FITTERS**
Candidates passed ITI in Fitter Trade may apply. Starting Salary is Rs.12000/- pm. After 6 months it revised to Rs.13000/- pm. After one year it is revised to Rs.14000/- pm.
**Interested candidates with relevant qualification may mail their Biodata to careers@agi-glaspac.com.**

JOB VACANCY
CELEX TECHNOLOGIES PVT. LTD. is hiring hardworking and honest people in the following cities: Bhubaneswar, Brahmapur, Cuttack, Sambalpur, Balangir, Jeypore, Jajpur and Rourkela. Candidates should be comfortable in Rotational Shift.
*Positions available:*
A. Simple Machine Operator — Earn upto Rs.15,000/-
B. Delivery Boy with Two-Wheeler — Earn upto Rs.24,000/-
Walk in interview only in Bhubaneswar city.
Address: Plot No: 137, Chandrasekharpur Near Katos Gym
Monday to Saturday - 10 A.M. to 3 P.M.
Other cities call in number given below:
Contact Person : SAMUEL PRADHAN
Contact number: 9874799124 / 6292266575
Email Id : sailee@celex.co.in

# ପାନୀୟ ଜଳ ପାଇଁ ବିଭାଗୀୟ ଏସ୍‌ଡିଓ, ଜେଇଙ୍କ ଅନୁଧ୍ୟାନ

କେସିଙ୍ଗା,୨୭।୯(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

- ଶିରୋଲ ଗ୍ରାମରେ ଝାଡ଼ାବାନ୍ତି ପ୍ରଭାବ ଘଟଣା

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ ଗ୍ରାମରେ ଗତ ୭ ଦିନ ମଧ୍ୟରେ ଝାଡ଼ାବାନ୍ତି ପ୍ରକୋପ ବିଶେଷ ଭାବେ ଦେଖାଦେଇଛି। ଦୂଷିତଜଳ ପିଇ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଥିଲା। ଏହି ଖବର ଧରିତ୍ରୀରେ ପ୍ରକାଶ ପରେ ମଙ୍ଗଳବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏସ୍‌ଡିଓ ରାଜେଶ କୁମାର ଗଡ଼ତିଆ, ଯନ୍ତ୍ରୀ ଧର୍ମେନ୍ଦ୍ର କୁମାର ସେଠୀ ଶିରୋଲ ଗ୍ରାମ ପରିଦର୍ଶନ କରିଥିଲେ। ପାନୀୟଜଳ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପାଇପ ଲାଇନ ମରାମତି କରାଯାଇଛି। ପାଇପ ଲାଇନ କେତେକ ସ୍ଥାନରେ ଫାଟି ଯାଇଥିବାରୁ ତାହା ମରାମତି କରାଯାଉଛି। ଏଣୁ ମଙ୍ଗଳବାର ଦିନକ ପାଇଁ ଜଳ ଯୋଗାଣ ବନ୍ଦ ରହିବ। ଶିରୋଲ ଗ୍ରାମବାସୀଙ୍କ ପାଇଁ ବିଭାଗୀୟ ପକ୍ଷରୁ ୪୫ଟି ନଳକୂପ ଖୋଲା ଯାଇଛି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଆକ୍ରାନ୍ତମାନେ ଧୀରେ ଧୀରେ ସୁସ୍ଥ ହେଉଥିବା ମେଡ଼ିକାଲ ଅଫିସର ଡା. ସୁବାଷ ଚନ୍ଦ୍ର ବେହେରା ପ୍ରକାଶ କରିଛନ୍ତି।

# ବିଦ୍ୟୁତ୍ ସଂଯୋଗ ପାଇଁ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ମଝାଗାଁବାସୀ।

ନୂଆପଡ଼ା ଅଫିସ,୨୭।୯

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ସୁନାବେଡା ଅଭୟାରଣ୍ୟ ଭିତରେ ଅବସ୍ଥିତ ମିଛାପାଲି ପଞ୍ଚାୟତ ମଝାଗାଁରେ ବିଦ୍ୟୁତ ସଂଯୋଗ ପାଇଁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ ସୁନାବେଡା ଅଭୟାରଣ୍ୟ ଭିତରେ ଛୋଟବଡ ୫୨ଟି ଗାଁ ରହିଛି। ସୁନାବେଡା ଅଞ୍ଚଳ ଡେଭଲପ ଏଜେନ୍ସି (ସାଡା) ଯୋଜନା ମାଧ୍ୟମରେ ପ୍ରତ୍ୟେକ ଗାଁକୁ ବିଦ୍ୟୁତ ସଂଯୋଗ କରାଯାଉଥିବା ବେଳେ ମଝାଗାଁରେ ୨ ଶହରୁ ଊର୍ଦ୍ଧ୍ୱ ପରିବାର ବିପିଏଲ ତାଲିକାଭୁକ୍ତଙ୍କୁ ବିଦ୍ୟୁତ ସଂଯୋଗ ହୋଇନାହିଁ। ହେଲେ ମିଛାପାଲି ପଞ୍ଚାୟତ ଅଧୀନ ମଝାଗାଁ, ସାଲେପଡା, ପୁଟକୁଲପଡା, ଖଲିଆପଡା, ଘୁଚାପଡା, ଉପରପଡା, ବରଗଛପଡା ଗାଁକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବାରୁ ଅନ୍ଧକାରରେ ରହୁଛନ୍ତି। ଗ୍ରାମବାସୀ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ମଝାଗାଁ ଦେଇ ବିଦ୍ୟୁତ ତାର ଅନ୍ୟ ଗାଁକୁ ଯାଇଛି, କିନ୍ତୁ ଏଠାରେ ବିଦ୍ୟୁତ ସଂଯୋଗିକରଣ ହୋଇନାହିଁ। ବଣପାହାଡ ଘେରା ଗାଁରେ ଲୋକେ ଅନ୍ଧାରରେ ରହୁଥିବାରୁ ହିଂସ୍ରଜନ୍ତୁଙ୍କ ଭୟ ରହିଛି। ସମୟ ସମୟେ ହିଂସ୍ରଜନ୍ତୁଙ୍କ ଶିକାର ମଧ୍ୟ ହେଉଛନ୍ତି। ଅନେକ ଲୋକ ଭାଲୁ ଆକ୍ରମଣର ଶିକାର ମଧ୍ୟ ହୋଇଛନ୍ତି। ପିଲାମାନଙ୍କ ପାଠପଢା ପ୍ରତି ମଧ୍ୟ ଅସୁବିଧା ହେଉଛି। ବର୍ତ୍ତମାନ ଡିଲରରେ କିରୋସିନ ମିଳୁନାହିଁ। ଲୋକେ ଡିବିରି ମଧ୍ୟ ଜାଳୁନାହାନ୍ତି। ଖାଇବା ତେଲରେ ସଳିତା କରି ବଇଠା ଜଳାଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ମଝାଗାଁ ଅଞ୍ଚଳରେ ଶୀଘ୍ର ବିଦ୍ୟୁତ ସଂଯୋଗ କରିବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଆଦିବାସୀ ନେତା ଭକ୍ତବନ୍ଧୁ ଧରୁଆ, ୱାର୍ଡମେମ୍ବର ଜମନ କୁମାର ସୁନାନୀ, ନାରାୟଣ ସିଂ ମାଝି, ନରସିଂ ମାଝି, ରୁପା ମାଝି, ରଶମିତା ମାଝି, ପୂର୍ଣ୍ଣ ମାଝି, ପୀତାମ୍ବର ମାଝି, ଝଗରୁ ମାଝି, ସୁକଲ ମାଝି, ଲକ୍ଷ୍ମୀକାନ୍ତ ମାଝି, ଖଗେଶ୍ୱର ମାଝି, ବିଶ୍ୱମ୍ବର ମାଝି, ରାମ ମାଝି, ଲାଲମନ ମାଝି, ଗଣେଶ ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ।

ODISHA HYDRO POWER CORPORATION LIMITED
(A Government of Odisha Undertaking)
OHPC
ISO 9001, 14001 & 45000
Regd. Office- Odisha State Police Housing & Welfare Corporation Building,
Vanivihar Chowk, Janpath, Bhubaneswar-22,
Ph: 2542983,2542802,2545526,2542826, Fax: (0674) 2542102.Website: www.ohpcltd.com
CIN- U40101OR1995SGC003963
**ADVERTISEMENT NO.OHPC:HQ:HRD: RECTT: 02/2022 Dated: 27.09.2022**
**CAREER OPPORTUNITIES FOR YOUNG PROFESSIONALS**
**The Corporation intends to recruit young, bright and energetic Professionals as Management Trainees (MTs) & Diploma Engineer Trainees (DETs) in various disciplines.**
Odisha Hydro Power Corporation Limited (OHPC) is an ISO 9001:2008 certified Gold rated State Public Sector Undertaking (with installed capacity of **2099.80 MW**) having **6 (six)** projects within the state and one inter-State Project. OHPC is also promoting investment in renewable energy projects and various green energy sources through GEDCOL (a wholly owned subsidiary of OHPC).
OHPC intends to recruit bright, qualified and energetic professionals to be inducted as & **Management Trainees (MTs) & Diploma Engineer Trainees (DETs)** in various disciplines as per the following for their placement at various Units and Project sites:

| MT (Fin) | MT (HR) | MT (Estate) | MT (PR) | DET (Electrical) | DET (Civil) | DET (Mechanical) |
|---|---|---|---|---|---|---|
| 10 | 07 | 02 | 01 | 09 | 04 | 04 |

**Important Dates:-**
The Commencement of Online registration & payment of application fee - 12.10.2022
Last date for payment of online application fee - 11.11.2022
The last date for submission of Online application in complete shape - 11.11.2022
**The detailed advertisement containing the category wise vacancy position, eligibility criteria, remuneration, procedure for online application and all other terms & conditions will be available shortly on the company's website - www.ohpcltd.com**
**Director(HR)**

